ପାରସ୍ୟ ଉପନ୍ୟାସ

ଦ୍ୱିତୀୟ ଖଣ୍ଡ

ଉତ୍କଳେ ଏ ଉପନ୍ୟାସ ଅଟଇ ନୂତନ,
ଅବସରେ ପଢ଼ି ଭୁଞ୍ଜ ଚିତ୍ତ ବିନୋଦନ ।

କର୍ମୀଳବ ସମ୍ରାଟ୍ ଅବଦୁଲ୍ ଜଲିଲଙ୍କ ଦ୍ୱାରା
ଲିଖିତ
ଓ
ଶ୍ରୀରାଧାକୃଷ୍ଣ ବସୁ ଏମ୍, ଏ, ଙ୍କ ଦ୍ୱାରା
ପ୍ରକାଶିତ ।

ଦ୍ୱିତୀୟ ସଂସ୍କରଣ — [illegible]

ପ୍ରାପ୍ତିସ୍ଥାନ
ଶ୍ରୀରାଧାରମଣ-ପୁସ୍ତକାଳୟ
ବାଲୁବଜାର, କଟକ ।
ପୋ: ଚାନ୍ଦନୀଚୌକ ।

ମୂଲ୍ୟ ॥୰ ଦଶ ଅଣା ମାତ୍ର ।

Digitized by PPRACHIN, SOA

ଉର୍ଦ୍ଦୁ ଉତ୍କଳ ମିଶ୍ରିତ ସ୍ତବ ।

ଖୋଦବନ୍ଦା ସନାୟେ ତୋହର ଅଛଇ ଅପାର,
ଜନ୍ମ ମୁଝମେଁ କାହାଁ ତାକତ୍ ଲେଖିବି ଅଂଶ ତାହାର ।

ତୁ ଖାଲକ ଅଓରେ ମାଲକ୍ ହେ ତୁ ଅଛ ଜଗତ୍ ନାଥ,
ତେରେ ଅଓସାଫେ ବର୍ତ୍ତର୍କୁ ଲେଖିବ ମୁହିଁ କ ଷ୍ଟର ।

ତେର୍ ଅହେସାନେ ହମପର୍ ଅନନ୍ତ ଓ ଅଗଣନ,
ଅମର ତାଯୀସ୍ତେ ମେଁ ଲଖୋ ନ ହେବ ଶେଷ ତାହାର ।

ଅଦମସେ ତୁ କୟା ପଏଦା ନରରୂପେ ମହେଶ୍ୱର,
କୟାଫେର ଅସରଫ ଅଲମଖଲୁକେ ଦେଇ ବୁଦ୍ଧି ପ୍ରଖର ।

ଦଅ ଅପ୍ନେ କରମ୍ସେ ନିଆମତେଁ ଯାହା ଅନୁକ୍ଷଣ,
ଲଗାତେ ଅପ୍ନେ କାମୋମେଁ ସୁମର ଦୟା କ୍ଷୁମ୍ବର

କୟା ଉମ୍ମତ୍ ମହମ୍ମଦକା ଶ୍ରେଷ୍ଠ ଯେଉଁ ଅବତାର,
ନହିଁ ଅବ୍ନାରେ ଦୋଜଖ୍ସେ କଛୁମାତ୍ର ଭୟ ମୋର ।

ଏ ଅଯିଜ୍ କମତରଁ ବନ୍ଦା ଜଲଲ ଅଛଇ ତୋର,
ତୁଫୟେଲେ ସଲ୍ଲିବରେ ଆଲମ ଦୋଷ ଯମାକର ତାର ।

Digitized by PPRACHIN, SOA

ଉତ୍ସର୍ଗ ପତ୍ର ।

ସଦ୍‌ଗୁଣାଳଂକୃତ ସାଗସାର ବନ୍ଦରଶ୍ରେଷ୍ଠ ଦୟାବତୀର ମୌଦା ଭୂସ୍ୱାମୀ ଶ୍ରୀଲ ଶ୍ରୀଯୁକ୍ତ ବାବୁ ଅର୍ତ୍ତତ୍ରାଣ ମିଶ୍ର ମହୋଦୟ ଶ୍ରୀକର-

ସରସିଜେଷୁ

ଶ୍ରୀମନ୍ ମହାଭାଗ,

ଆପଣ ବଦାନ୍ୟତା ଓ ନ୍ୟାୟନିଷ୍ଠା ପ୍ରଭୃତି ସଦ୍‌ଗୁଣାବଳୀ ଦ୍ୱାରା ଉତ୍କଳଖଣ୍ଡରେ ସମଧିକ ପ୍ରତିଷ୍ଠା ଅର୍ଜ୍ଜନ କରିଥିବାରୁ ବିଶେଷତଃ ମାତୃଭାଷାର ଉନ୍ନତି କଳ୍ପରେ ସତତ ମୁକ୍ତହସ୍ତ ଥିବାରୁ ଆପଣଙ୍କର ଯଶଃ ପ୍ରସୂନର ସୌରଭ ଦିଙ୍ମଣ୍ଡଳକୁ ଆମୋଦିତ କରୁଅଛି । ଅଧୀନ ଉକ୍ତ ସୌରଭରେ ଆକୃଷ୍ଟ ହୋଇ ସ୍ୱପ୍ରଣୀତ ଏହି ପୁସ୍ତକର ଆଦ୍ୟ ଖଣ୍ଡରୁ ଖଣ୍ଡିଏ ଶ୍ରୀକରରେ ଉପହାର ଦେଇ ଅଯାଚିତ ଉତ୍ସାହିତ ଓ ପୁରସ୍କୃତ ହୋଇ ଆପଣଙ୍କଠାରେ ଚିରଋଣୀ ଅଟେ ।

ଉକ୍ତ ଋଣଭାରର ପରିଶୋଧ ନିମିତ୍ତ ଉପଯୁକ୍ତ ଦ୍ରବ୍ୟ ପାଇବା ମାଦୃଶ ବ୍ୟକ୍ତି ପକ୍ଷରେ ଅସମ୍ଭବ ହେବାରୁ ଆଜ ଏହି କ୍ଷୁଦ୍ର ଗ୍ରନ୍ଥଟି ଉପହାର ସ୍ୱରୂପ ଶ୍ରୀକର କମଳରେ ଅର୍ପଣ କରୁଅଛି, ସ୍ୱୀୟ ଉଦାରତା ଦ୍ୱାରା ଏହା ଗ୍ରହଣ କଲେ ଯତ୍‌ପରୋନାସ୍ତି ଆପ୍ୟାୟିତ ଓ ଉପକୃତ ହେବି । ଇତି ।

ମହାସିଂହ ପୁର ମୌଳବିବସ୍ତୀ } ଅନୁଗ୍ରହ ପ୍ରାର୍ଥୀ

୧—୯—୧୯୧୫ } ଜଲିଲ ମିଆଁ

ସ୍ତବ ।

ହେ ଅନନ୍ତ ମହାପ୍ରଭୋ ! ଜଗତ ଗୋସାଇଁ,
କେତେ ଦ୍ରବ୍ୟ ସୃଜିଅଛ ଆମ୍ଭ ସୁଖ ପାଇଁ ।
ଜୀବର ପ୍ରଧାନ ସାହା ବହୁଛି ପବନ,
ବିନା ଯତ୍ନେ ପାଉଅଛୁ ଯାହା ଅନୁକ୍ଷଣ ।
ସୃଜିଛ ସୂର୍ଯ୍ୟଙ୍କୁ ନିତ୍ୟ ଜ୍ୟୋତି ଦେଉଛନ୍ତି,
ତାପେ ମେଘ ଜାତକରି ଜଗତ ପୋଷନ୍ତି ।
ରାତ୍ରେ ଅନ୍ଧକାର ଦୂର କରିବା ସକାଶେ,
ରତ୍ନଦୀପ ସମ ତାରା ଜଳୁଛି ଆକାଶେ ।
ତବାଦେଶେ ମାସ ମଧ୍ୟେ କେତେ ଦିନ ରହି,
ବିଧୁ ସୁଧାମୟ ଜ୍ୟୋତ୍ସ୍ନା ଭବେ ବରଷଇ ।
ଧରା ପ୍ରକମ୍ପନ ନିବାରଣର କାରଣ,
ତଥିପରେ ଗିରିମାଳା କରିଛ ସ୍ଥାପନ ।
ଶୈଳ ପଦତଳୁଁ ଜାତ କରି ତରଙ୍ଗିଣୀ
ସ୍ୱଚ୍ଛ ଜଳେ ପୂର୍ଣ୍ଣ କରିଅଛ ଏ ଧରଣୀ ।
ନଦୀ, ଜଳନିଧି ଯୋଗେ ଧରାବାସୀଙ୍କର
କେତେ ଉପକାର ହେଉଅଛି ନିରନ୍ତର ।
ଏହା ଯୋଗେ ନାନାଶସ୍ୟ ହେଉଅଛି ଜାତ,
ଏହା ମଧ୍ୟେ ଦୂରେ ଯାଏ ବାଣିଜ୍ୟର ପୋତ ।
ସୁମଧୁର ଫଳ, ମୂଳ, ଶସ୍ୟ ଯେ ବହୁଳ,
ଆମ୍ଭ ସୁଖପାଇଁ କଲ ମନୋହର ଫୁଲ ।
ତୁମ୍ଭେ ଦୟାର୍ଣ୍ଣବ ପ୍ରଭୋ ! ଦୟାର ଭଣ୍ଡାର,
ନରେ କେତେ ଦୟାକର ସଂଖ୍ୟା ନାହିଁ ତାର ।
ଅସଂଖ୍ୟ ପ୍ରକାର ପ୍ରଭୋ ! ଜୀବ ସୃଷ୍ଟି କରି,
ମାନବଙ୍କୁ ଜାତକଲ ଶ୍ରେଷ୍ଠ ସର୍ବୋପରି ।

Digitized by PPRACHIN, SOA

'ମାନବଙ୍କ ହିତପାଇଁ ଅନ୍ୟ ଜୀବମାନେ,
ସୃଜିଅଛ ପ୍ରଭୋ ! ଏହା ଦୃଢ଼ରୂପେ ଜାଣେ ।
ସୁଧାଂଶୁ, ତପନ, ଇନ୍ଦ୍ର, ବରୁଣ ପର୍ଯ୍ୟନ୍ତ,
ଦେବେ ମଧ୍ୟ ନର କାର୍ଯ୍ୟେ ଲିପ୍ତ ଅନୁବ୍ରତ ।
ମହମ୍ମଦ, ଯୀଶୁ, ବୁଦ୍ଧ କେତେ ମହାଜନ,
ଜାତହେଲ ଦେବାପାଇଁ ନରେ ଧର୍ମଜ୍ଞାନ ।
କିଏ ଜନ୍ମଦାତା, ରକ୍ଷା, ପାଳନକରତା !
ତୁମ୍ଭ ବିନା କିଏ ସଖା ସର୍ବ କଷ୍ଟତ୍ରାତା ।
କିଏ ରୋଗେ, ଶୋକେ ପୁଣି ମରଣ କାଳରେ,
ତୁମ୍ଭ ବିନା ସଙ୍ଗେ ଥାଇ ଦୁଃଖୁ ପାର କରେ !
କିନ୍ତୁ ସ୍ଥିର ନରହି କି କୃତଘ୍ନ ବର୍ବର,
ତୋତେ ଛାଡ଼ି କେତେ ପ୍ରଭୁ ଗଢ଼ିନିଏ ତାର ।
କେହି ପିର ପୟଗମ୍ବର କେହି ମହେଶ୍ୱର,
କେହି ଜୈନ ବୁଦ୍ଧଙ୍କୁ ଯେ କହନ୍ତି ଈଶ୍ୱର ।
ଯେ ଈଶ୍ୱର ସେ ଈଶ୍ୱର ସର୍ବେ ଦାସ ତାର,
ରାଜା ଛାଡ଼ି ଦାସେ ସେବା କରୁଁ କି ପ୍ରକାର !
ମହାଜନେ ଅବଶ୍ୟ ଯେ ଭକ୍ତିର ଭାଜନ,
ତାହା ବୋଲି ନ କରିବୁଁ ମହାବ୍ରହ୍ମଜ୍ଞାନ ।
ତାଙ୍କ ପ୍ରଚରିତ ହିତ କଥା ଅନୁସରି,
ପୂଜିବୁଁ ପରମବ୍ରହ୍ମ ଦିବସ ଶର୍ବରୀ ।
ଅୟି ମହାପ୍ରଭୋ ! ତବ ପଦ ପଙ୍କଜରେ,
'ଦୀନ ହୀନ ଦାସ ଏହି ନିବେଦନ କରେ ।
ଏ ବର ପ୍ରଦାନ କର ହୋଇ ସୁପ୍ରସନ୍ନ,
ମହମ୍ମଦ ଉପଦେଶ ନ ଭୁଲେଁ ଯେସନ ।
ଜଗତର ଏକମାତ୍ର କର୍ତ୍ତା ମନେ ଧ୍ୟାୟି,
ଏକା ତୋତେ ପୂଜାକରେଁ ମସ୍ତକ ନୁଆଁଇ ।

Digitized by PPRACHIN, SOA

(ମହାତ୍ମା ମହମ୍ମଦଙ୍କ ପ୍ରଙ୍ଗ ।)

ଈଶ୍ୱରଙ୍କ ପ୍ରିୟପାତ୍ର ତ୍ରାଣକାରୀ ଜନ
ତବ ଆବିର୍ଭାବ ନର ଉଦ୍ଧାର କାରଣ ।
ଘୋର ପାପେ ଭରା ଯେବେ ହୋଇଥିଲା ଧରା,
ପେଷିଲେ ତୁମ୍ଭଙ୍କୁ ପ୍ରଭୁ ପରାତ୍ପର ପରା ।
ତବ ଜନ୍ମକାଳେ ମକ୍କା ନିବାସୀ ସକଳେ,
ନିଷ୍ଠୁରତା ପାଇଁ ଖ୍ୟାତ ଥିଲେ ମହୀତଳେ ।
କ୍ରୂର ପୁଣି କଳି-ପ୍ରିୟ ଥିଲେ ସେହୁମାନେ,
ଏକତା କରିବା ବୃଥା ଭାବୁଥିଲେ ମନେ ।
ଧନରତ୍ନ ମରାମର କଟାକଟି କର୍ମ,
ଜୀବନ-ନାଶନ ଥିଲା ତାଙ୍କ ଶ୍ରେଷ୍ଠ ଧର୍ମ ।
ଅଳ୍ପ କଥା ପାଇଁ କରି ଆରମ୍ଭ କଳହ,
ରକ୍ତସିନ୍ଧୁ ଜାତ କରୁଥିଲେ ଅହରହ ।
ଈଶ୍ୱରଙ୍କ ନାମ ମାତ୍ର ଜଣାଥିଲା ନାହିଁ,
କେତେ ପୂଜା କରୁଥିଲେ ପିତୁଳାଙ୍କ ପାଇଁ ।
ମକ୍କାପରି ପାପେ ପୂର୍ଣ୍ଣ ଅନ୍ୟ କେତେ ଦେଶ,
ଦେଖି ଈଶ ମନେ କଷ୍ଟ ହୋଇଲା ଅଶେଷ ।
କରି ନୀତ ଧର୍ମ ଶିକ୍ଷା ଦେବାର ହୁକୁମ,
ନରରୂପେ ଏବେ କଲେ ତୁମ୍ଭର ଜନମ ।
ଲଭି ଈଶାଦେଶ ହେଲ ଭବେ ଆବିର୍ଭୂତ,
ଶୈଶବରୁ ଦୃଢ଼ ତପେ ହୋଇଲ ନିବିଷ୍ଟ ।
କଠୋର ତପସ୍ୟା ବଳେ ଲଭି ଦିବ୍ୟଜ୍ଞାନ,
ଇଚ୍ଛା କଲ ସମସ୍ତଙ୍କୁ କରିବ ପ୍ରଦାନ ।
ଏହା ଭାବି ନାନାସ୍ଥାନେ ବୁଲି ଦିନରାତି,
ଡାକୁଥିଲ "ସତ୍ୟଧର୍ମେ" ଆସ ସର୍ବେ ମାତି ।
କେବଳ ଆଲ୍ଲାଙ୍କୁ ଭଜ—ସେହି ଜଗତ୍କର୍ତ୍ତା,

Digitized by PPRACHIN, SOA

ରକ୍ଷକ ପାଳକ ସଖା ଦୁଃଖହାରୀ ତ୍ରାତା ।
ଅଲ୍ଲା ଭିନ୍ନ ଅନ୍ୟ କେହି ସତ୍ୟ ନିତ୍ୟ ନାହିଁ,
ସଦା ଅଛି ଥିବ ସଦା ସର୍ବସ୍ଥାନେ ଥାଇ ।
ପଗ୍ମ୍ବରନ୍ତେ ହିତବାଣୀ ଶୁଣି ମକ୍କାବାସୀ,
ବିବିଧ ଯାତନା ଦେଲେ କ୍ରୋଧ ପରକାଶି ।
କିନ୍ତୁ ଧନ୍ୟ ତବ ଧୈର୍ଯ୍ୟ ଅଟଳ ସଂକଳ୍ପ,
ସହି କଷ୍ଟ ହେଲ ନାହିଁ ଲକ୍ଷ୍ୟଭ୍ରଷ୍ଟ ଅଳ୍ପ ।
ଯେ ଯାହା ଯାତନା ଦେଲେ ସହିଲ ମଉନେ,
ଶେଷେ ସମସ୍ତଙ୍କୁ ବଶ କଲ ଏହି ଗୁଣେ ।
ଭଲ କାର୍ଯ୍ୟ ଶିଷ୍ୟ ଅନୁକରଣ କାରଣ,
ଏକାଗ୍ରତା ସହକାରେ କରିଲ ଆପଣ ।
ଲକ୍ଷାଧିକ ପୟଗମ୍ବର ଜନ୍ମିଥିଲେ ସତ,
କିନ୍ତୁ କଏ ଶିଷ୍ୟ ପ୍ରିୟ ଥିଲେ ? ତୁମ୍ଭ ମତ ।
କେବଳ ଶିଷ୍ୟଙ୍କ ଚିନ୍ତା ତାଙ୍କର ଭାବନା,
ତାଙ୍କ ତ୍ରାଣ ପାଇଁ କେତେ ସହିଲ ଯାତନା ।
କ୍ଷୁଧା ତୃଷ୍ଣା ସହି ରାତଯାକ ଛିଡ଼ା ହୋଇ,
ଭଜୁଥିଲ ଈଶ୍ୱରଙ୍କୁ ଶିଷ୍ୟ ତ୍ରାଣ ପାଇଁ ।
ସହି କଷ୍ଟ ମୁକ୍ତିପଥ କରି ଉଦ୍‌ଘାଟନ,
ଆଦେଶିଲ ଏହି ପଥେ ଚଲ ଶିଷ୍ୟଗଣ ।
ମୁକ୍ତି ଉପଦେଶ ଦେଇ ସାରିଲ ଯେ କ୍ଷଣ,
ସ୍ୱର୍ଗେ ଗଲ ଛାଡ଼ି ଦୁଃଖପୂର୍ଣ୍ଣ ଏ ଭୁବନ ।
ସହିଲ କଷଣ ଯେତେ ଆମ୍ଭର ନିମିତ୍ତ,
ତାହା ପରିଶୋଧ କରି ଆମ୍ଭର ଉଚିତ ।
କିନ୍ତୁ ଅଜ୍ଞ ଅକିଞ୍ଚନ ତବ ଶିଷ୍ୟଗଣ,
ତାହା ଶୁଝି ପାରିବୁଁ କି ଅଟେ ମହାମନ ।
କେବଳ ସଲାମ ପେଶି ପୁଣ୍ୟ ଆତ୍ମାପରେ,
ସୁହୃଦ ହେବାର ଆଶା କରୁଛୁ ମନରେ ।

Digitized by PPRACHIN, SOA

ତବ ବାତ୍ସଲ୍ୟ ଗୁଣରେ ହେଉଛି ଭରସା,
ଘୁଞ୍ଚିଶିସେ ପାପ ଫେଡ଼ି ନାଶିବ ଦୁର୍ଦ୍ଦଶା ।

ଭାରତବିଖ୍ୟାତ ଓଡ଼ିଶାର ହିନ୍ଦୁ ଓ ମୁସଲମାନଙ୍କର ତୁଲ୍ୟ ପୂଜିତ
ଶ୍ରୀ ଶ୍ରୀ ବୋଖାରୀସାହେବ ଜଣାଣ ।

କାଇପଦା ଅଧୀଶ୍ୱର, ପୀର ବୋଖାରୀ ସାହେବ,
ଭାରତେ ଖ୍ୟାତ ତୁମ୍ଭର ପୀର ବୋଖାରୀ ସାହେବ ।
ଓଡ଼ିଶା ବାସିନ୍ଦାଗଣ ତୁମ୍ଭର ନାମ ସ୍ମରଣ
କରୁଛନ୍ତି ପ୍ରତିଦିନ ପୀର ବୋଖାରୀ ସାହେବ ।
ଦକ୍ଷିଣ ଉତ୍କଳବାସୀ ହିନ୍ଦୁ ମୁସଲମାନ ମିଶି
ଚଢ଼ାନ୍ତି ଶିରନୀ ଆସି ପୀର ବୋଖାରୀ ସାହେବ ।
ଥିଲା ହିନ୍ଦୁଙ୍କ ଶାସନ କଲ ଶୁଭ ଆଗମନ
ହୁଇଲେ ଯେବେ ଆପଣ ପୀର ବୋଖାରୀ ସାହେବ ।
ଆସିଲ ଶୂନ୍ୟ ହସ୍ତରେ ଆଶାବାଡ଼ି ମାତ୍ର କରେ
ଶିଷ୍ୟ ଥିଲା ସଙ୍ଗତରେ ପୀର ବୋଖାରୀ ସାହେବ ।
ଘୋର ଅରଣ୍ୟ ଏ ସ୍ଥଳ ଭଲ୍ଲୁକ ବ୍ୟାଘ୍ରସଙ୍କୁଳ
ମାତ୍ର ଥିବାରୁ ନଡ଼ରିଲ ପୀର ବୋଖାରୀ ସାହେବ ।
ନିଃଶଙ୍କେ ନିର୍ଜ୍ଜନ ସ୍ଥାନ ପସନ୍ଦ କଲ ଆପଣ
କରିବାକୁ ବିଭୁଧାନ ପୀର ବୋଖାରୀ ସାହେବ ।
ବସି ବୀର ଆସନରେ ମଜ୍ଜିଲ ତପଃ ସାଗରେ
ନିର୍ବାଣ ଲାଭ ଆଶାରେ ପୀର ବୋଖାରୀ ସାହେବ ।
ଅନ୍ନ ଜଳ ଛାଡ଼ିଦେଲ କଠୋର ବ୍ରତେ ମାତିଲ
ଆତ୍ମ ସଂଯମ ସାଧିଲ ପୀର ବୋଖାରୀ ସାହେବ ।
ପ୍ରବୃତ୍ତିକୁ କଲ ଜୟ ମରଣ ଜାଣି ନିଶ୍ଚୟ
ନ ତୋଷିଲ ମରକାୟ ପୀର ବୋଖାରୀ ସାହେବ ।
ନିମଗ୍ନ ହେଲ ଧ୍ୟାନରେ ଧ୍ୟାନ ନ ହେଲ ଆନରେ
ଲୟ କଲ ପ୍ରଭୁଠାରେ ପୀର ବୋଖାରୀ ସାହେବ ।

Digitized by PPRACHIN, SOA

ଜଡ଼ ଥିଲ ଉପରେଲେ   ଜୀବଥିଲ ପିଣ୍ଡସ୍ଥଳେ
ବଲ୍ମୀକ ହୁଙ୍କା ଗଢ଼ିଲେ ପୀର ବୋଖାସ୍ୱୀ ସାହେବ ।
ସଶରୀରେ ସ୍ୱର୍ଗ ଯାଇ   ପ୍ରବେଶିଲ ପ୍ରଭୂଠାଇଁ
ଏକ ହେଲ ମିଶି ହୁଇ ପୀର ବୋଖାସ୍ୱୀ ସାହେବ ।
ଉଦବଧି ରୋଗୀ ଶୋକୀ,   ଅସୁଛନ୍ତି ବହୁ ଦୁଃଖୀ
ହୋଇ ହୁଆର (୧) ଅପେକ୍ଷୀ ପୀର ବୋଖାସ୍ୱୀ ସାହେବ ।
ଛନଶ ଷାଠିଏ ଦନ,   ବେଢ଼ି ଭୁମୃର ଅସ୍ଥାନ
ପଡ଼ିଛନ୍ତି ଅର୍ତ୍ତିଜନ ପୀର ବୋଖାସ୍ୱୀ ସାହେବ ।
କେ କହେ ବାବା ମୋହନ୍ତ;   ରୋଗ କଷ୍ଟ ଦୂରକର
କେ କହେ ଦଅ ସୁପୁତ୍ର ପୀର ବୋଖାସ୍ୱୀ ସାହେବ ।
କେ କହେ ମୋ ପରବାର,   କ୍ଷୁଧାଅଭୁର ଅପାର
ଷସେ୍ୟ ପୂରୁ ମୋ ଭଣ୍ଡାର ପୀର ବୋଖାସ୍ୱୀ ସାହେବ ।
ହୁଆ କର, କେ ବୋଲଇ,   ଋଣୁ ମୁକ୍ତ ହେବାପାଇଁ
ଅସିଛୁ ତାଡ଼ନା ସହି ପୀର ବୋଖାସ୍ୱୀ ସାହେବ ।
ଅର୍ତ୍ତିଜନଙ୍କ ଗୁହାରୀ   ବରକ୍ତ ନ ହୋଇକର
ଶୁଣୁଛ ଦବା ୧ ବସି ପୀର ବୋଖାସ୍ୱୀ ସାହେବ ।
ଦେବାକୁ ଯେ ଯା ମାଗଇ,   ଅଳକର ପରପାଇଁ
ଅଲ୍ଲାଠାରେ (୨) ସଦାଯାଇ ପୀର ବୋଖାସ୍ୱୀ ସାହେବ ।
କେତେ କୋଷ୍ଟ ଯକ୍ଷ୍ମାଗ୍ରସ୍ତ,   ହୋଇ ଅଶୀର୍ବାଦ ପ୍ରାପ୍ତ
ରୋଗୁଁ ହୁଅନ୍ତି ମୁକତ ପୀର ବୋଖାସ୍ୱୀ ସାହେବ ।
ପେଟବନ୍ଧା ରୋଗୀଙ୍କର,   ଆଶା ରୋଗ ହେବ ଦୂର
ଆଶ୍ରୟ ନେଲେ ଭୁମୃର ପୀର ବୋଖାସ୍ୱୀ ସାହେବ ।
ଅଜୀର୍ଣ୍ଣ ଜ୍ୱର ପୀଡ଼ିତ,   ହୁଅନ୍ତି ରୋଗୁଁ ମୁକତ
ଖାଇ ଭୁମୃର ଭବୁତ (୩) ପୀର ବୋଖାସ୍ୱୀ ସାହେବ ।

(୧) ହୁଆ—ଅଶୀର୍ବାଦ । (୨) ଅଲ୍ଲା—ପରମ ବ୍ରହ୍ମ । (୩) ଭବୁତ—ବଭୁତି । ପୀରଙ୍କ ଅସ୍ଥାନ ନକଟସ୍ଥ କୁଅରୁ ବାହାରୁଥିବା କୋମଳ ଓ ସୁସ୍ୱାଦ ପ୍ରସ୍ତରଖଣ୍ଡ ।

Digitized by PPRACHIN, SOA

ତବ ସୁଆଶିଷବଳେ, ବନ୍ଧ୍ୟାଙ୍କୁ ସୁପୁତ୍ର ମିଳେ
ଦୁଃଖୀ ଦୁଃଖରାଶି ଟଳେ ପୀର ବୋଖାରି ସାହେବ ।
ଅଜୀର୍ଣ୍ଣ ଶ୍ୱାସ ଅର୍ଶ, ପାଣ୍ଡୁ ବହୁମୂତ୍ର କ୍ଲେଶ
ଦେଇଛନ୍ତି ମୋତେ ଅଶେଷ ପୀର ବୋଖାରି ସାହେବ ।
ହୋଇ ନାନା ରୋଗାକ୍ରାନ୍ତ, ନ ଦେଖି ଅରୋଗ୍ୟ ପଥ
ଆସିଛି ତୁଅ ନିମିତ୍ତ ପୀର ବୋଖାରି ସାହେବ ।
ହେଲେ ତବ ସୁଆଶିଷ, ରୋଗ ହେବ ମୁକ୍ତ ନାଶ
ଏ ମୋର ଦୃଢ଼ ବିଶ୍ୱାସ ପୀର ବୋଖାରି ସାହେବ ।
ମନେ ଧରି ଦୃଢ଼ ଆଶା, ଆସିଛନ୍ତି କରି ଭରସା
ମେଣ୍ଟାଅ ମୋର ଦୁର୍ଦ୍ଦଶା ପୀର ବୋଖାରି ସାହେବ ।
ଜଲିଲର ନିବେଦନ, ଅଟେ ଏହି ଅନୁକ୍ଷଣ
ତବଦ୍ୱାରେ ମହାମୂନ ପୀର ବୋଖାରି ସାହେବ ।
ଜଣାଣ କରି ବିଶ୍ୱାସ, ପଢ଼ିବ ଯେ ତାର ଆଶ
ପୂରୁ ଲଭି ତବାଶିଷ ପୀର ବୋଖାରି ସାହେବ ।
ଯେତେ ତୁମ୍ଭ ଭକ୍ତାଶ୍ରିତ, ତାଙ୍କ ପ୍ରତି କରି ଦୟା
ତୋଷ କର ଦେଇ ତୁଅ ପୀର ବୋଖାରି ସାହେବ ।
ତୁଅ କରି ଦୟାକର, କଷ୍ଟ ମୋର ଯାଉ ସରି
ପାଦ ତଳୁ ପୂର୍ବପରି ପୀର ବୋଖାରି ସାହେବ ।
ମାନସ ହେଲେ ସଫଳ ଆସିବି ଏ ପୁଣ୍ୟସ୍ଥଳ
ଚଢ଼ାଇବି ଫୁଲମାଳ ପୀର ବୋଖାରି ସାହେବ ।

Digitized by PPRACHIN, SOA

ପାରସ୍ୟ ଉପନ୍ୟାସ ।

ଦ୍ୱିତୀୟ ଖଣ୍ଡ ।

ରାଜା ଫଏଜୁଲ୍ଲାଙ୍କ କଥା

ପୁନରାରମ୍ଭ ।

ବୃଦ୍ଧ କହୁଅଛନ୍ତି, ଏହି କାମିନୀକୁ ଦେଖି ପ୍ରେମୋନ୍ମତ୍ତ ଏବଂ ଜ୍ଞାନରହିତ ପ୍ରଯୁକ୍ତ ଚାଲିବାକୁ ଅଶକ୍ତ ହୋଇ ସେହିଠାରେ ଛିଡ଼ା ହୋଇ ରହିଲି, ବିଶେଷତଃ ଅନୁକୂଳ ପବନ ପ୍ରବାହିତ ହୋଇ ଯବନିକା ଅପସାରିତ ହେଲେ ଉକ୍ତ ମନୋହାରିଣୀ ରମଣୀକୁ ଆଉଥରେ ଦେଖି ପାରିବି ଆଶାକରି ସେଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ଟଳିଲି ନାହିଁ, ମାତ୍ର ଆଉ ଆଶାପୂର୍ଣ୍ଣ ହେଲା ନାହିଁ । ସନ୍ଧ୍ୟାବେଳେ ଏହିସ୍ଥାନରେ ଜଣେ ବୃଦ୍ଧଙ୍କୁ ଦେଖି ଏ ଅଟ୍ଟାଳିକା କାହାର ବୋଲି ପଚାରିବାରୁ ସେ କହିଲେ, "ମଉୟୁଫେକ୍ ନାମକ ଜଣେ ସମ୍ଭ୍ରାନ୍ତ ଧନୀଙ୍କର ଏହି ଆବାସ । ସେ ପୂର୍ବେ ଏହି ନଗରର ପ୍ରଧାନଥିଲେ, ମାତ୍ର ଖଳ ପ୍ରକୃତି କାଜୀ ତାଙ୍କର ପ୍ରତିବାଦୀ ହୋଇ ମିଥ୍ୟା ଅପବାଦ ରଚନା କରିବାରୁ ନୃପତି ତାଙ୍କର କଥାରେ ମାତି ଏହାଙ୍କୁ ରହିତ କରିଅଛନ୍ତି ।" ଏହାଶୁଣି ମୁଁ ସେଠାରୁ ବାହାରି ଚିନ୍ତିତମନରେ ଅନ୍ୟସ୍ଥାନକୁ ଗମନ କରିବାକୁ ଲାଗିଲି; ମାତ୍ର ଅନ୍ୟମନସ୍କଭାବଶତଃ ନଗର ପ୍ରାନ୍ତସ୍ଥ ଏକ ଗୋର ସ୍ଥାନରେ ଉପସ୍ଥିତ ହେଲି । ବର୍ତ୍ତମାନ ଅନେକ ରାତି ହୋଇଥିବାରୁ ନଗରକୁ ଫେରିଯିବା କଷ୍ଟକର ମଣି ଏହିଠାରେ ରାତି କଟାଇବାକୁ ଇଚ୍ଛାକରି ଅଟ୍ଟାଳିକାଦ୍ୱାରରୁ ପାଇଥିବା ରୋଟିକାଖଣ୍ଡ ଖାଇ ଗୋଟିଏ କବର ପାଖରେ ଶୋଇପଡ଼ିଲି, ମାତ୍ର ଭୟ ଓ ଚିନ୍ତାରେ ନିଦ୍ରା ହେଲା ନାହିଁ ଅନୁକ୍ଷଣ ଉକ୍ତ ଚନ୍ଦ୍ରାନନାର ଭାବନା ମନରେ ଯାତନା ଦେଉଥିବା ସମୟେ ନିକଟରେ ମନୁଷ୍ୟଙ୍କର ସ୍ୱର ଶୁଣି ଭୟରେ ପଳାଇବାକୁ ଉଦ୍ୟତ ହୁଅନ୍ତେ

Digitized by PPRACHIN, SOA

ଶ୍ଚିରଜଣ ଲୋକ ମୋ ପାଖରେ ପହୁଞ୍ଚିଗଲେ । ସେମାନଙ୍କ ମଧ୍ୟରୁ ଜଣେ ମୋହର ହାତଧରି କହିଲା, "ତୁ କିଏ ? କାହିଁକି ଏତେ ରାତିରେ ଏଠାକୁ ଆସିଥିଲୁ ଏବଂ ଆମ୍ଭମାନଙ୍କୁ ଦେଖି ପଳାଉଛୁ ବା କାହିଁକି ?" ମୁଁ କହିଲି; "ଭାଇ, ମୁଁ ଜଣେ ଭଦ୍ରସନ୍ତାନ ବିଦେଶୀ, ଈଶ୍ୱରଙ୍କର କୋପକଟାକ୍ଷରେ ପଡି ଭିକ୍ଷୁକ ହୋଇଅଛି । ଆଜି ସନ୍ଧ୍ୟାକୁ ଏଠାରେ ପହୁଞ୍ଚି ଅପରିଚିତତା ବଶତଃ ଅନ୍ୟତ୍ର ଯାଇ ନ ପାରି ଏହିଠାରେ ରାତ୍ରିଯାପନ ଇଚ୍ଛାରେ ଅବସ୍ଥାନ କରିଥିଲି, ମାତ୍ର ତୁମ୍ଭମାନଙ୍କ କଥା ଶୁଣି ଭୟରେ ପଳାଉଥିଲି । ସେ କହିଲା, "ଯଦି ତୁ ଭିକ୍ଷୁକ ତେବେ ଏହିଠାରେ ରହି ପେଟ ପୂର୍ତ୍ତିକରି ଖାଇବୁ ।" ଏହା କହି ସେମାନେ ସେଠାରେ ବସି ମୋତେ ନିକଟରେ ବସାଇଲେ ଏବଂ ସଙ୍ଗେ ଆଣିଥିବା ଖାଦ୍ୟଦ୍ରବ୍ୟ ବାହାରକରି ଖାଇ-ବାକୁ ଲାଗିଲେ, ମୁଁ ମଧ୍ୟ ତାଙ୍କ ଆଦେଶମତେ ତାଙ୍କ ସହିତ ଖାଉଥିଲି ସତ୍ୟ, ମାତ୍ର ସେମାନଙ୍କର ଚେହେରାରୁ ଦସ୍ୟୁ ମନେକରି ଭୟ ପାଉଥିଲି ଏହି ସମୟରେ ସେମାନଙ୍କ ବର୍ତ୍ତମାନ କରିଥିବା ଦସ୍ୟୁତା ବିଷୟରେ କଥୋପକଥନରୁ ମୋହର ଅନୁମାନ ଆହୁରି ଠିକ ହେଲା । ପରେ, ଉକ୍ତ ବୃତ୍ତିରେ ସେମାନଙ୍କର ସଙ୍ଗୀ ହେବା ନିମିତ୍ତ ମୋତେ କହିଲେ, ଏହି ପ୍ରସ୍ତାବ ମୋତେ ବିଷମ ଚିନ୍ତାରେ ପକାଇଲା । କାରଣ ଦସ୍ୟୁ ବୃତ୍ତି ଅତିଶୟ ହେୟ,ଜୀବନ ଗଲେ ମଧ୍ୟ ଏହି ବ୍ୟବସାୟ ଆଶ୍ରୟକରିବି ନାହିଁ, ମାତ୍ର ବର୍ତ୍ତମାନ ଅସ୍ୱୀକୃତ ହେଲେ ଏମାନଙ୍କଦ୍ୱାରା କ୍ଷତିଗ୍ରସ୍ତ ହେବାରଭୟ ଅଥୟ କରୁଥିଲା, ଏମନ୍ତ ସମୟେ ଈଶ୍ୱରଙ୍କ ଅନୁଗ୍ରହରୁ କେତେକଜଣ ଅସ୍ତ୍ରଧାରୀ ମନ୍ତ୍ରୀଙ୍କ ସହିତ କୋଟୁଆଲ ଉପସ୍ଥିତ ହୋଇ ସମସ୍ତଙ୍କୁ ବନ୍ଧନ କରି ନେଇ ଜେଲଖାନାରେ ରଖିବାରୁ ଉକ୍ତଚିନ୍ତାରୁ ଉଦ୍ଧାର ପାଇଲି ।

ସକାଳେ କାଜୀଠାରେ ବିଚାର ସମୟେ ମୁଁ ରାତିର ସମସ୍ତ ବୃତ୍ତାନ୍ତ ସତ୍ୟ ସତ୍ୟ କହିଦେଲି । ଦସ୍ୟୁମାନେ ମଧ୍ୟ ମୋହର କଥା ସତ୍ୟ ଥିବାର ସ୍ୱୀକାର କଲେ । କାଜୀ ସେମାନଙ୍କୁ ଜେଲ ଦେଇ, ମୋତେ ମୁକ୍ତ ଦେବା ଇଚ୍ଛାରେ ନିକଟକୁ ଡାକି ମୋହର ଅନ୍ୟାନ୍ୟ ବିବରଣ ପଚାରିଲେ, ମୁଁ ପିତୃପରିଚୟ ବ୍ୟତୀତ ଅନ୍ୟ ସମସ୍ତ ବିବରଣ ଅକପଟ ମନରେ ଅଶ୍ରୁପୂର୍ଣ୍ଣ ଭାବରେ ଶୁଣାଇଲି । ପୂର୍ବଦିନର ମଓପ୍ୟାପେକଙ୍କର ଘରର ଘଟଣା ମଧ୍ୟ

Digitized by PPRACHIN, SOA

ଶୁଣାଇଲ । ମର୍ଓ୍ୟାଫେକର ନାମ ଶୁଣି କାଜୀ ଇଷଦ୍ଧାସ୍ୟ କରି କହିଲେ, ତୁମ୍ଭେ ଯେଉଁ ରୂପବତୀ ଯୁବତୀଙ୍କୁ ଦେଖିଥିଲ ସେ ନିଶ୍ଚୟ ମର୍ଓ୍ୟାଫେକର ଦୁହିତା, ତୁମ୍ଭେ ତାହାର ବର ହେବାର ଯୋଗ୍ୟ ସୁତରାଂ ଯେପରି ତୁମ୍ଭ ସଙ୍ଗେ ତାହାର ପାଣିଗ୍ରହଣ ହୁଏ ସେପରି ଯତ୍ନ କରିବି, ଏଥିରେ ଯଦି ସଫଳ ମାନସ ନ ହୁଅ ତେବେ ନିଜର ଭାଗ୍ୟଦୋଷ ମନେ କରିବ । ମୁଁ କାଜୀଙ୍କର ଅନୁକୂଳ ବଚନ ଶୁଣି, ତାହାଙ୍କର ମନର ଭାବ ନ ଜାଣି ମୋହର ପ୍ରକୃତ ଉପକାରୀ ମଣି ଶତ୨ ଧନ୍ୟବାଦ ଦେଲି, ଅନନ୍ତର କାଜୀଙ୍କ ଆଦେଶମତେ ଜଣେ ଚାକର ମୋତେ ସ୍ନାନ କରାଇ ଉତ୍କୃଷ୍ଟ ବସ୍ତ୍ର ପିନ୍ଧାଇବା ନିମନ୍ତେ ଘେନି ଗଲେ ଆଉ ଦୁଇଜଣ ମର୍ଓ୍ୟାଫେକଙ୍କୁ ଡାକିବାକୁ ଗଲେ । ମର୍ଓ୍ୟାଫେକ ପହଞ୍ଚିଲନ୍ତେ କାଜୀ ଅତି ଆଦର ସହିତ ଆଲିଙ୍ଗନ କରି ଉତ୍ତମ ଆସନରେ ବସାଇଲେ । ମର୍ଓ୍ୟାଫେକ ସମାଦରର କାରଣ ବୁଝି ନ ପାରି ମନେ୨ ଭାବିଲେ,"ଯେ ଚିର ବୈରି,ତାହାର ଅଜ୍ଞ ଏତେ ସମାଦର କରିବାର କାରଣ କଣ ?" ଏହି ସମୟରେ ଛଳନା ସହିତ କାଜୀ କହିଲେ ଭାଇ ବିସ୍ମିତ ହେବ ନାହିଁ ଆଜିର ଗୋଟିଏ ଘଟଣାରୁ ମୁଁ ମନେକରେ ଦୟାମୟ ପରମେଶ୍ୱର ଏତେଦିନେ ଆମ୍ଭମାନଙ୍କର ଶତ୍ରୁତା ଦୂରର ଉପାୟ କରିଅଛନ୍ତି । ବଶୋରା ରାଜସୁତ କାଲି ସନ୍ଧ୍ୟାରୁ ଆମ୍ଭଘରେ ଉପସ୍ଥିତ ଏବଂ ତୁମ୍ଭର ଗୋଟିଏ ରୂପବତୀ ଯୁବତୀ କନ୍ୟା ଥିବାର ଶୁଣି ତାକୁ ବିବାହ କରିବାକୁ ମନସ୍ଥ କରିଅଛନ୍ତି । ଏହି ଶୁଭକର୍ମ ମୋହର ମଧ୍ୟସ୍ଥତାରେ ହେଉ, ମୋହର ଏକାନ୍ତ ଇଚ୍ଛା । ସରଳ ପ୍ରକୃତି ମର୍ଓ୍ୟାଫେକ କହିଲେ ଯୁବରାଜ ଜାମାତା ହେବେ ଏଥିରୁ ବଳି ଶୁଭବାର୍ତ୍ତା ଆଉ କଣ ହୋଇପାରେ, ମାତ୍ର ଆମ୍ଭର ଅନିଷ୍ଟ ଯାହାର ଇଷ୍ଟ ଓ ଅଭୀଷ୍ଟ ତାହାଙ୍କର ମୁଖରୁ ଏହି ସ୍ୱପ୍ନାଦୃଷ୍ଟ ସୁବୃତ୍ତାନ୍ତ ଶ୍ରବଣରେ ଆଶ୍ଚର୍ଯ୍ୟାନ୍ୱିତ ହେଉଅଛୁଁ । କାଜୀ କହିଲେ ବନ୍ଧୋ ! ଅତୀତର କଥା ପରିତ୍ୟାଗ କର, ବର୍ତ୍ତମାନ ଆମ୍ଭର ମଧ୍ୟସ୍ଥତାରେ ତୁମ୍ଭର ଦୁହିତା ଯୁବରାଜ ବନିତା ହେବେ, ଏହା ଭାବି ଆମ୍ଭର ଆନନ୍ଦର ସୀମା ନାହିଁ । କାଜୀ ଯେପରି ଅସତ୍ ଓ ଖଳ ମର୍ଓ୍ୟାଫେକ୍ ସେହିପରି ସତ ଓ ସୁଶୀଳ ଲୋକ ଥିଲେ ସୁତରାଂ କାଜୀର ପ୍ରବଞ୍ଚନାରେ

Digitized by PPRACHIN, SOA

ବିଶ୍ୱାସଙ୍କର କନ୍ୟାଦାନରେ ସମ୍ମତି ପ୍ରଦାନ କଲେ ।

ଏହି ସମୟରେ ଭୃତ୍ୟ ଆମ୍ଭମାନଙ୍କୁ ରାଜୋଚିତ ପରିଚ୍ଛଦ ପରିଧାନ କରାଇ ସେଠାରେ ଉପସ୍ଥିତ କଲା । ଆମ୍ଭଙ୍କୁ ଦେଖନ୍ତେ କାଜୀ ପ୍ରତାରଣା ଭାବେ ସମ୍ମାନ ନିମିତ୍ତ ଗାତ୍ରୋତ୍ଥାନ କରି କହିଲେ "ହେ ରାଜକୁମାର ଏହି ବ୍ୟକ୍ତି ମର୍ଓ୍ୟାଫେକ୍, ଏହାଙ୍କ ଅପଣଙ୍କର ଅଭିପ୍ରାୟ ଜଣାଇବାରୁ ଏ ଦୁଃଖପାଶୋରା ଅପ୍ସରା ସଦୃଶୀ କନ୍ୟାକୁ ତୁମ୍ଭର ମହିଷୀ କରିବାକୁ ଅଙ୍ଗୀକୃତ ଅଛନ୍ତି ।" ଏହି ସମୟେ ମର୍ଓ୍ୟାଫେକ ସସମ୍ଭ୍ରମେ ଦଣ୍ଡାୟମାନ ହୋଇ ସାଦର ସମ୍ଭାଷଣ ପୂର୍ବକ କହିଲେ, "ହେ ରାଜପୁତ୍ର ମୋହର କନ୍ୟାର ସୌଭାଗ୍ୟ ପ୍ରଯୁକ୍ତ ଭବାଦୃଶ ଉପଯୁକ୍ତ ପାତ୍ର ଆସକ୍ତ ହୋଇ-ଅଛନ୍ତି ସୁତରାଂ ମହିଷୀର ପ୍ରତ୍ୟାଶୀ ହେବା ସାହସର କଥା, ସେ ତୁମ୍ଭର ଦାସୀ ହେଲେ ମଧ୍ୟ ଆମ୍ଭର ଆପତ୍ତି ନାହିଁ ।

ମୁଁ ସେମାନଙ୍କର କଥୋପକଥନ ଓ ଅଶ୍ରାଜିତ ସୌଜନ୍ୟ ବିଶେଷତଃ ମର୍ଓ୍ୟାଫେକଙ୍କର ବିନୀତ ବ୍ୟବହାର ଦେଖି ବିସ୍ମିତ ହେଲି, କାଲେ କୌଣସି ବିପରୀତ କଥା କହି କାର୍ଯ୍ୟରେ ବ୍ୟାଘାତ ଘଟାଇବି ଭାବି କାଜୀ ମୋତେ କୌଣସି କଥା କହିବାକୁ ନ ଦେଇ ମର୍ଓ୍ୟାଫେକଙ୍କୁ କହିଲେ "ଭାଇ ଶୁଭସ୍ୟ ଶୀଘ୍ରଂ, ଆଉ ବିଳମ୍ବ କାହିଁକି" ସମ୍ପ୍ରତି ଭଦ୍ରଲୋକଙ୍କର ସାକ୍ଷାତ ଓ ମୋହର ଇଚ୍ଛାତରେ ବିବାହ ପତ୍ର ନିର୍ମିତ ହେଉ, ଏହା କହି ମର୍ଓ୍ୟାଫେକଙ୍କ ଉତ୍ତରର ଅପେକ୍ଷା ନ କରି ନିଜେ ବିବାହ ପତ୍ର ଲେଖିଲେ, ସେଥିରେ ମୋହର, ମର୍ଓ୍ୟାଫେକ, କାଜୀ ଓ ସାକ୍ଷିମାନଙ୍କର ଦସ୍ତଖତ୍ ହେଲା । ପରେ କାଜୀ ବିବାହ ମନ୍ତ୍ର ପାଠଦ୍ୱାରା କାର୍ଯ୍ୟ ଶେଷ କରି କହିଲେ, "ବନ୍ଧୋ ମର୍ଓ୍ୟାଫେକ ! ଏବେ ଜାମାତାକୁ ନେଇ ନିଜ ଦୁହିତାର ସ୍ୱାମୀ କରାଇ ଚିରକାଳ ଆମ୍ଭଠାରେ କୃତଜ୍ଞ ହୁଅ ।" ସରଳପ୍ରକୃତି ମର୍ଓ୍ୟାଫେକ କାଜୀର ଅନ୍ତର୍ଭାବ ବୁଝି ନ ପାରି ସାନନ୍ଦରେ ଅଶ୍ରାପ୍ରହଣରେ ମେତେ ଗୃହକୁ ଘେନିଯାଇ ବହୁମୂଲ୍ୟ ପରିଚ୍ଛଦ ପରିହିତା ସୌନ୍ଦର୍ଯ୍ୟରେ ଅପ୍ସରାସମା ନିଜ ଦୁହିତାସଙ୍ଗେ ନିୟମାନୁସାରେ ଭେଟାଇ ଦେଲେ । ଯଦି ମୁଁ ପ୍ରକୃତ ରାଜପୁତ୍ର ମାତ୍ର ମୋହର ବର୍ତ୍ତମାନ ଅବସ୍ଥା ଯେପରି ଶୋଚନୀୟ ତାହା ଜାଣିଲେ ମର୍ଓ୍ୟାଫେକ କନ୍ୟା

Digitized by PPRACHIN, SOA

ଜମ୍ବୁରଦର ଅବସ୍ଥା କଣହୁଅନ୍ତା କହି ନପାରେଁ, ମାତ୍ର କାଜିର କଥାରେ ଦୃଢ଼ବିଶ୍ୱାସ ଓ ମୋହର ସୌନ୍ଦର୍ଯ୍ୟ ଏବଂ ପରିଚ୍ଛଦର ଚମତ୍କାରିତା ଦେଖି ଜମ୍ବୁରଦ ଆପଣାକୁ ମହିଷୀ ଭାବି, ଅତ୍ୟନ୍ତ ଖୁସି ହୋଇ ମୋତେ ଆନ୍ତରିକ ଭକ୍ତିସହ ଭଲପାଇବାକୁ ଲାଗିଲେ । ମୁଁ ମଧ୍ୟ ଯଥୋଚିତ ସ୍ନେହ କରୁଥିଲି । ଉଭୟେ ପରସ୍ପର ପ୍ରେମରେ ମୁଗ୍ଧଥାଇ ରତ୍ନଖଚିତ ମୂଲ୍ୟବାନ୍ ପଲ୍ୟଙ୍କରେ ମହାନନ୍ଦରେ ରାତ୍ରି ଯାପନ କଲୁଁ । ଏଣେ ମଓସ୍ନା-ଫେଲ୍ ବସୋରାସାଇଁ ଜୁଆଇଁ ହୋଇଅଛନ୍ତି ଭାବି, ସକାଳେ କୁଟୁମ୍ବମାନଙ୍କୁ ଏହି ସୁସମ୍ବାଦ ଜଣାଇ ସେମାନଙ୍କ ସଙ୍ଗେ ମହୋତ୍ସବ କରିବାପାଇଁ ଆନନ୍ଦରେ ଗୃହେ ୨ ରାତ୍ରି ଯାପନ କଲେ ଏବଂ ଅତିଭୋରରୁ ବନ୍ଧୁମାନଙ୍କୁ ଆମନ୍ତ୍ରଣ କରିବାକୁ ଲୋକ ପଠାଇ ଆପେ ବୃହତ୍ ଭୋଜର ଆୟୋଜନ କରିବାକୁ ଲାଗିଲେ । ଏହି ସମୟରେ ଆମ୍ଭ ଶୟନ ଗୃହର ଦ୍ୱାରଦେଶରେ କରାଘାତ ହେଲା । ମୁଁ ଦ୍ୱାର ଫିଟାଇ ଦେଖିଲି କାଜୀଙ୍କର ଜଣେ ଚାକର ପୋଟିଏ ପୋଟଲା ସହିତ ଛିଡ଼ା ହୋଇଅଛି । ମୁଁ ମନେକଲି, କାଜୀ ଅଧିକ ଅନୁଗ୍ରହକରି କିବାହ ବେଭାର ପଠାଇ ଅଛନ୍ତି କିନ୍ତୁ ଭୃତ୍ୟର ଉକ୍ତିରେ ମୋହର ଏହି ମଧୁର ଭ୍ରାନ୍ତି ଶୀଘ୍ର କିଦୂରିତ ହେଲା, ସେ ମୋତେ ଦେଖି ପରିହାସ ପୂର୍ବକ କହିଲା, ହେ ଭାଗ୍ୟେଶ୍ୱର, ନିଜର ଜୀର୍ଣ୍ଣ ମଳିନ ବସ୍ତ୍ର ପରିଧାନ କରି ରାଜସୂଅଙ୍ଗ ସାଜିଥିବା ରତ୍ନ, ବସ୍ତ୍ରାଳଙ୍କାର ପ୍ରତ୍ୟାର୍ପଣ କର, ମୁଁ ଏହା ଶୁଣି କିସ୍ମିତ ମାତ୍ର ଭାବିତ ନ ହୋଇ ନିଜର ଛିଣ୍ଡା କନା ପିନ୍ଧି ମୀର ପ୍ରକୃତି କାଜିର ବସ୍ତ୍ରାଭରଣ ଫେରାଇଦେଲି । ସେ ଚାକର ବସ୍ତ୍ରାଦି ନେଇ ବାହୁଡ଼ନ୍ତେ, ମୁଁ ଅଭୁତ ବେଶରେ ଜମ୍ବୁରଦ ପାଶେ ପହୁଞ୍ଚିଲି । ସେ ମୋତେ ମଳିନ ବସ୍ତ୍ର ପରିହିତ ଦେଖି କିସ୍ମିତ ହୋଇ ପଚାରିଲେ ନାଥ ଏ କି ସୁଅଙ୍ଗ ? କାଜିର ଚାକର ଏତେ ଭୋରରୁ ମଧ୍ୟ ଆସିଥିଲା କାହିଁକି ? ମୁଁ କହିଲି ପ୍ରିୟେ, କାଜୀ ଅତି ହିଂସ୍ରକପ୍ରକୃତି ଓ ଦୁର୍ମତି ଲୋକ ଅଟେ ।

ତାହାର କିବେଚନାରେ ମୁଁ ଅତି ସାମାନ୍ୟ ଲୋକ ଏବଂ ସେ ନିଜ କିବେକଦ୍ୱାରା ତୁମ୍ଭଙ୍କୁ ଅତି ଦୀନ ହୀନ ଅକିଞ୍ଚନ ହସ୍ତରେ ସମର୍ପଣ କରାଇ ସ୍ୱୀୟ ହିଂସା ଚିରକାଳ ପାଇଁ ମୀମାଂସିତ ହେଲା ଭାବି ତୁମ୍ଭମାନଙ୍କୁ

Digitized by PPRACHIN, SOA

ଦୁଃଖିତ ଓ ଅନୁତପ୍ତ କରାଇବା ଅନୁମାନରେ ମୋତେ ଏହି ବେଶ କରାଇ ଅଛନ୍ତି । ଗୋ ମିଷ୍ଟଭାଷିଣି ପ୍ରେୟସି ! ମୋତେ ଦୁର୍ଦ୍ଦଶାପନ୍ନ ଦେଖି ରାଗ ନ କର ଖୁସି ହୁଅ ତୁମ୍ଭେ ପ୍ରକୃତ ରାଜମହିଷୀ, କିନ୍ତୁ ବିଦ୍ୱେଷୀ କାଜୀ ପ୍ରତାରଣା ଦ୍ୱାରା ତୁମ୍ଭଙ୍କୁ ବିପନ୍ନା କରି ନିଜ ମନସ୍କାମନା ପୂର୍ଣ୍ଣ କଲା ବୋଲି ଯାହା ଧାରଣା କରିଅଛ ତାହା ଭୁଲ ଅଟେ । କାରଣ ତାହାର କଳ୍ପିତ ଲୋକ ଯାହାକୁ ପ୍ରକୃତ ଜ୍ଞାନକରି ମୋତେ ସମ୍ମାନ ସହିତ ବରଣ କରିଅଛ ସେ ମୋ ଅପେକ୍ଷା ଉତ୍କୃଷ୍ଟ ନୁହେ । ମୁଁ ପ୍ରକୃତ ବସୋରାର ରାଜସୁତ କିନ୍ତୁ କାଜୀଙ୍କ ପୂର୍ବପରିଚିତ ନୁହେଁ, ସେ ନିଜ ମନଃ ତୃପ୍ତି ନିମନ୍ତେ ମୋତେ କପୋଳକଳ୍ପିତ ବସୋରା ରାଜସୁତ କରିଥିଲେ । ମୋକେଲଶ୍ୱର ମୋହର ପ୍ରକୃତ ପିତା, ମୁଁ ତାଙ୍କର ଏକମାତ୍ର ପୁତ୍ର ଓ ସର୍ବସମ୍ପତ୍ତିର ଉତ୍ତରାଧିକାରୀ ଅଟେ, ଏହା କହି ମୋହର ସକଳ ବିବରଣ ଶୁଣାଇଲି । ଜମୁରଦ କହିଲେ ହେ ପ୍ରାଣେଶ୍ୱର ଦୟାସାଗର ଈଶ୍ୱର ନିରନ୍ତର ତୁମ୍ଭର ପାଦତଳେ ରହିବାର ବର ଦିଅନ୍ତୁ, ଏହି ଏକମାତ୍ର ଅଭିଳାଷ । ତୁମ୍ଭେ ପ୍ରକୃତ ରାଜସୁତ ନ ଥାଇ ଦରିଦ୍ର ପୁତ୍ର ହୋଇଥିଲେହେଁ ମୋହର ହୃଦୟ ନିହିତ ଦେବତା ସଦୃଶ ଆଦୃତ ଓ ନିତ୍ୟ ପୂଜିତ ହୋଇଥାନ୍ତ । ପିତାଙ୍କର ସୁଖ୍ୟାତପ୍ରତି ମତ ଥାଏ ବୋଲି ମୁଁ ତୁମ୍ଭର ଉଚ୍ଚବଂଶରେ ଉତ୍ପତ୍ତି ଶୁଣି ଆହ୍ଲାଦିତ ହେଲି, ନଚେତ୍ ମୁଁ କେବଳ ପତିପ୍ରିୟା ହୋଇ, ପତି ପଦସେବାରେ ନିଯୁକ୍ତା ଥାଇ ପତି ବିଦ୍ୟମାନରେ ସମନ ସଦନକୁ ଗମନ କରେ ଏହାହିଁ ଏକାନ୍ତ ବାସନା । ମୁଁ ଜମୁରଦର ପ୍ରଗାଢ଼ ପ୍ରେମମୟ କଥାରେ ଅତିଶୟ ମୁଗ୍ଧ ହୋଇ ତାହାର ପ୍ରତ୍ୟୁକ୍ତିର ଯଥେଷ୍ଟ ପ୍ରଶଂସା କରି କହିଲି "ପ୍ରେୟସି, ତୁମ୍ଭେ ମୋହର ଏହି ଦୈନ୍ୟାବସ୍ଥାରେ ଯେଉଁ ଦୟା ପ୍ରକାଶ କଲ ସେଥିନିମନ୍ତେ ଅତି ଖୁସି ହୋଇ, ଈଶ୍ୱରଙ୍କୁ ସାକ୍ଷୀ ରଖି ସତ୍ୟ କରୁଅଛି ଯେ, ଏକମାତ୍ର ତୁମ୍ଭେ ମୋହର ଇହ ଓ ପର ଜନ୍ମର ସଙ୍ଗିନୀ ଅଟ, ତୁମ୍ଭ ଭିନ୍ନ କୌଣସି ରମଣୀ ମୋର ମନୋମୋହିନୀ କିମ୍ବା ତୁମ୍ଭର ସପତ୍ନୀ ହେବ ନାହିଁ । ମୋହର ପ୍ରତିଜ୍ଞାରେ ଜମୁରଦ ତୃପ୍ତ ହୋଇ ଦାସୀକୁ ତାଙ୍କ ବହୁମୂଲ୍ୟ ପରିଚ୍ଛଦପାଇଁ ବଜାରକୁ ପଠାଇଲେ । ଅବିଳମ୍ବେ ଜାମା ଯୋଡ଼ା, ପାଗ, ପଗଡ଼ି ପ୍ରଭୃତି

Digitized by PPRACHIN, SOA

ପୋଷାକ ଅସନ୍ତ୍ରେ ଛିଣ୍ଣାଲୁଗା ଛାଡ଼ି ଏହା ପରିଧାନ ନିମନ୍ତେ ଅନୁରୋଧ କଲେ । ମୁଁ ଉକ୍ତ ପୋଷାକ ପିନ୍ଧିବାରୁ ସୁନ୍ଦରୀ ହସିକରି କହିଲେ କାଜୀ ଆଜି କଣ କରିବ ? ସେ ତୁମ୍ଭ ସହିତ ମେତେ ବିବାହ କରାଇ ଆମ୍ଭମାନଙ୍କୁ ଅପମାନସାଗରେ ଭସାଇ ଦେଲା ଭାବି ଭାରି ଖୁସିଅଛି । କିନ୍ତୁ ମୂର୍ଖ ଜାଣେ ନାହିଁ ଯେ, ଈଶ୍ୱରଙ୍କର ସମସ୍ତ କାର୍ଯ୍ୟ ମଙ୍ଗଳକର ଅଟେ । ସେ ଆମ୍ଭମାନଙ୍କର ଅଶୁଭପାଇଁ ଆପଣଙ୍କୁ ଆଣି ଦେଇଥିଲା, ମାତ୍ର ଆପଣଙ୍କର କର ଗ୍ରହଣ ଆମ୍ଭମାନଙ୍କର ମଙ୍ଗଳର ନିଦାନ ଓ ସମ୍ମାନର ଉଚ୍ଚସୋପାନ ଆରୋହଣର କାରଣ ହେଲା ସେ ଦୁର୍ଜ୍ଜନ ଏହି ବିବରଣ ଜାଣିଲେ ଅନୁତାପରେ ବିଳାପ କରୁ କରୁ ମୃତ୍ୟୁ ଲଭିବ । ଆପଣ ଅନୁଗ୍ରହ କରି ଶୀଘ୍ର ତାଙ୍କୁ ପରିଚୟ ଦେବେ ନାହିଁ । ମୁଁ ନିଜ ଦକ୍ଷତା ଦ୍ୱାରା ତାଙ୍କୁ ଚକ୍ଷୁକତା ଓ ପରଶ୍ରୀକାତରତାର ଉପଯୁକ୍ତ ଶାସ୍ତିଦେବି ବୋଲି ଆଶା କରେ । ଜମୁରଦ ଏହା କହି ଉତ୍ତମ ବସ୍ତ୍ରାଲଙ୍କାର ଭୂଷିତ ହୋଇ ତ୍ୱରିତ କାଜି ସନ୍ନିଧାନରେ ଉପସ୍ଥିତ ହେଲେ । ବର୍ତ୍ତମାନ କାଜି ବିଚାରରତ ଥିଲେ, କିଛିକ୍ଷଣ ପରେ ଜମୁରଦଙ୍କୁ ଦେଖି ଆଗମନର କାରଣ ପଚାରିବାରୁ ସେ କହିଲେ, ବିଚାରକ ମହାଶୟ, ମୁଁ ଜଣେ ଶିଳ୍ପକାରର ଦୁହିତା, ପିତାଙ୍କ ବିରୁଦ୍ଧରେ କୌଣସି କଥା ନିର୍ଜ୍ଜନରେ ନିବେଦନର ପ୍ରାର୍ଥନା କରେ । କାଜୀ ପାର୍ଶ୍ୱସ୍ଥ କକ୍ଷରେ ଅପେକ୍ଷା ନିମିତ୍ତ ଆଦେଶ ଦେଲେ । ଜମୁରଡ କାଜିଙ୍କର ଆଦେଶ ପାଇ ନମସ୍କାର କରି ଉକ୍ତ କକ୍ଷକୁ ଯାଇ ମୁଖାବରଣ ଅର୍ଦ୍ଧୋନ୍ମୋଚନ ପୂର୍ବକ ଗୋଟିଏ ଆସନରେ ଉପବେଶନ କଲେ । ଅନତିବିଳମ୍ବେ କାଜି ସେଠାରେ ଉପସ୍ଥିତ ହୋଇ ଅଦୃଷ୍ଟପୂର୍ବ ସୌନ୍ଦର୍ଯ୍ୟସମ୍ପନ୍ନା ବିଧୁବଦନା ରମଣୀ ରତ୍ନର ସୌନ୍ଦର୍ଯ୍ୟ ପ୍ରଭାରେ ଘର ଦୁଇଗୁଣ ଶୋଭା ପାଉଥିବାର ଦେଖି ବିସ୍ମୟରେ ପିତୁଳାର ନ୍ୟାୟ . ହତଭମ୍ବ ହୋଇ ରହିଲେ । ପରେ ସଚେତ ହୋଇ ବିଚଳିତ ମନରେ ତାହାର ପାର୍ଶ୍ୱରେ ଉପବିଷ୍ଟ ହୋଇ କହିଲେ, "ଗୋ ସୁଲୋଚନେ ! କି କାରଣରୁ ଏ ସ୍ଥାନକୁ ଶୁଭାଗମନ, ଏହି ଅକିଞ୍ଚନ ଦାସ ଉପରେ କି କାର୍ଯ୍ୟର ଭାର ଅର୍ପଣ କରିବାକୁ ମନେ କରିଅଛ ଶୀଘ୍ର ଆଜ୍ଞା କରନ୍ତୁ, ଏହା ସମ୍ପାଦନ ନିମିତ୍ତ ମନ ଉଚ୍ଛନ୍ନ ହେଉଅଛି ।" ଜମୁରଦ ମିଷ୍ଟବଚନରେ କହିଲେ, "ଆପଣ ସାକ୍ଷାତ୍ ଧର୍ମଦେବତା, ଆର୍ତ୍ତଜନର

Digitized by PPRACHIN, SOA

ସ୍ୱାଣକର୍ତ୍ତା, ଦାସୀ ଦୁଃଖରାଶିରେ ଭାସି ଉଦ୍ଧାରପ୍ରତ୍ୟାଶିନୀ ହୋଇ ବହୁତର ଆଶାରେ ତବ ସନ୍ନିଧାନକୁ ଆଗମନରେ ସାହସିନୀ ହୋଇଅଛି ।” କାଜୀ କହିଲେ, “ସୁନ୍ଦରି ! ତୁମ୍ଭପରି ଅପସରୀର ଦୁଃଖ କଥା ଶୁଣି ମୋତେ ଭାରି ବାଧିଲାଣି, ଦୁଃଖଟା କଣ ? ଶୁଣିଲେ ତାହାର ଖଣ୍ଡନ ନିମିତ୍ତ ଯଥା ସାଧ୍ୟ ଯତ୍ନ କରିବି ।”

ଏହା ଶୁଣି ରମଣୀ କାଜିର ମନର ଗତି ଜାଣିପାରି ତାକୁ ଅଧିକ ଉନ୍ମତ୍ତ କରିବା ନିମିତ୍ତ ମୁଖରୁ ଆବରଣ ସମ୍ପୂର୍ଣ୍ଣ ଉନ୍ମୋଚନ କଲା । କାଜୀ ତାହାର କୁଞ୍ଚିତକୁନ୍ତଳ ବେଷ୍ଟିତ ପୂର୍ଣ୍ଣେନ୍ଦୁନିନ୍ଦିତ ବଦନଶୋଭା ଆକର୍ଣ୍ଣବିସ୍ତୃତ ବିଦ୍ୟୁତ୍‌ପ୍ରଭା ନୟନାଭା ଦେଖି ଏକାବେଳକେ ଅବାକ୍ ହୋଇଗଲେ । ରମଣୀ କହିଲେ ବିଚାରପତେ, ବିଧାତା ମୋତେ ବଡ଼ ସ୍ୱାନମାନ ଜୀବନ ଦେଇ ଅଛନ୍ତି । ଆପଣ ତ ମୋହର ଆକାର ପ୍ରକାର ବଦନ ଗଠନ ଦେଖୁଅଛନ୍ତି, ଏଥି କେଉଁଠାରେ କୁତ୍ସିତ ବର୍ଣ୍ଣ ଦେଖା ଯାଉଅଛି କି ? କାଜି କହିଲେ, ଆହା ସୁନ୍ଦରି ! ଚନ୍ଦ୍ରରେ କଳଙ୍କ ଅଛି, ମାତ୍ର ତୁମ୍ଭ ରୂପ ନିଷ୍କଳଙ୍କ ଅଟେ, ଏଥିରେ ଦୋଷ ନାହିଁ । ତୁମ୍ଭର ଭ୍ରୂର କି ଭଙ୍ଗିମା ଠିକ୍ ମଦନକମାଣର ପ୍ରତିମା ଅଟେ । ତୁମ୍ଭର ନୟନ ଜ୍ୟୋତି ନକ୍ଷତ୍ର ଜିଣି ବିରାଜିତ, କପୋଳ ପ୍ରସ୍ଫୁଟିତ ଗୋଲାପଫୁଲକୁ ବଳି ମନୋହର, ଓଷ୍ଠାଧର ପ୍ରବାଳଠାରୁ ଅଧିକ ସୁନ୍ଦର ଏବଂ ଦନ୍ତ-ଗୁଡିକ ମୁକ୍ତାବଳି ବୋଲି ଅନୁମିତ ହୁଏ । କାମିନୀ କାଜୀର ବାଣୀ ଶୁଣି ଅଧିକ ମୁଗ୍ଧ ହେଲେଣି ଜାଣି, ଏଣେ ତେଣେ ପଦଚାରଣ କରି ପଚାରିଲେ, “ହେ ଧର୍ମାବତାର, ମୁଁ କି କୁତ୍ସିତା କାମିନୀ, ମୋହର ପଦ ସଞ୍ଚାରରେ କୌଣସି ବିକାର ଅଛି କି ?” କାଜୀ କହିଲେ, ଗୋ ହଂସଗାମିନି ତୁମ୍ଭର ଗମନ ଠାଣି ଦେବତାଙ୍କ ମନକୁ ତ ଟାଣି ନେଉଥିବ, ମୁଁ ଛାର ତାହାର ଶ୍ରୀ କଣ ବର୍ଣ୍ଣି ପାରିବି ? ତଦନନ୍ତର ରମଣୀ ଆପଣା ଭୁଜଦ୍ୱୟ ବିବସ୍ତ୍ର କରି ପଚାରିଲେ ମୋର ହସ୍ତ କି କ୍ଷୀଣ, ତାହା କି ଅଜାନୁଲମ୍ବିତ ସୁଶୋଭିତ ନୁହେ ? କାଜୀ କହିଲେ, ଗୋ ନିଷ୍ଠୁରେ, ତୁମ୍ଭେ ଅକାରଣେ ପ୍ରତିକ୍ଷଣ ବାଣୀବାଣରେ ମୋହର ଅନ୍ତଃକରଣ ଛେଦନ କରୁଛ କିଆଁ ? ମୁଁ ସତ୍ୟ କହୁଅଛି ତୁମ୍ଭର ଆକାର, ପ୍ରକାର, ସଞ୍ଚାର, ବିହାର, ଅତି ମନୋହର ଓ

Digitized by PPRACHIN, SOA

ପାର୍ଥିବ ଉପମା ରହିତ ଅଟେ । ମୁଁ ତୁମ୍ଭ ରୂପରେ ମୋହିତ, ତୁମ୍ଭର ଅଭିପ୍ରେତ ଆଦେଶ ଅବଗତ ମାତ୍ରକେ କରିବାକୁ ପ୍ରସ୍ତୁତ ହୋଇଅଛି ।

ଜମୁରଦ ନିଜ ରୂପରେ କାଜୀଙ୍କୁ ମୋହିତ କରି କହିଲେ, ଧର୍ମାବତାର! ଏବେ ମୋହର ଗୁହାରି ଶୁଣି ସୁବିଚାର କରନ୍ତୁ । ଆପଣଙ୍କର ସୁବିବେଚନାରେ ମୁଁ ରୂପଯୌବନସମ୍ପନ୍ନା ଅତଏବ ବର୍ତ୍ତମାନ ପତିବିନା ମୁଁ ଯେ କେତେ ଯାତନା ପାଉଅଛି ତାହା ସହଜରେ ଜଣାଯାଇ ପାରେ କିନ୍ତୁ ବିଧାତା ବାମ, ତେଣୁ ପିତା ଶତ୍ରୁତା କରି ଅବଧି ବିବାହସୁଖରୁ ବଞ୍ଚିତା ରଖି ବ୍ୟଭିଚାରିଣୀ ପରି ଘରେ ବନ୍ଧନୀ କରିଅଛନ୍ତି । ପୁରୁଷ ବଦନ ଦର୍ଶନ ମୋ ପକ୍ଷରେ ସ୍ୱପ୍ନ ଅଟେ । ଦୁଃସହ ମଦନବାଣ ଅନୁକ୍ଷଣ ଅନ୍ତଃକରଣ ବିଦାର୍ଣ୍ଣ କରୁଅଛି କିନ୍ତୁ ହୃଦବେଦନା ଅନ୍ୟଂଠାରେ ଜଣାଇବାକୁ ମନା ଅଛି । ଅନେକ ଯୁବକ ମୋହର ଗ୍ରାହକ ହୋଇଅଛନ୍ତି । ମାତ୍ର ନିଷ୍ଠୁର ପିତା ସମସ୍ତଙ୍କୁ କହନ୍ତି "ସେ କୁଷ୍ଠରୋଗଗ୍ରସ୍ତା, ହସ୍ତ ପଦ ଶୂନ୍ୟା, ଅଙ୍ଗହୀନା, ରୂପଯୌବନ ବିବର୍ଜିତା, ଉନ୍ମତ୍ତା ମାଂସପିଣ୍ଡ ମାତ୍ର, ତୁମ୍ଭର ଉପଯୁକ୍ତ ନୁହେଁ, ସୁତରାଂ ତାହା ସହିତ ବିବାହ କାମନା କରନା । ଏହି ଘୃଣାସ୍ପଦ ସମ୍ବାଦ ଶୁଣି ସମସ୍ତେ ବାହୁଡ଼ି ଗଲେ । ଏଣୁ ମୋତେ ଆଜୀବନ ପତିହୀନା, ଅବିବାହିତା ରହିବାକୁ ହେବ ।

ଏହା କହି ଲଲନା ଅଧିକ ମନବେଦନା ଜଣାଇବା ନିମିତ୍ତ ଛଳନାପୂର୍ବକ କ୍ରନ୍ଦନ କରିବାକୁ ଲାଗିଲେ । କାଜୀ ଏହି କ୍ରନ୍ଦନ ପ୍ରକୃତ ଦୁଃଖ ସମ୍ଭୂତ ଭାବି ବ୍ୟସ୍ତ ହୋଇ ଆଶ୍ୱସ୍ତ କରିବା କାରଣ ସାନ୍ତ୍ୱନା ବଚନେ କହିଲେ,"ସୁନ୍ଦରି, ତୁମ୍ଭ ତାତଙ୍କର ଏକ ଅଦ୍ଭୁତ ନିଷ୍ଠୁର ମତ, କନ୍ୟା ଜାତ କରି ତାହାକୁ ବିବାହ ସୁଖରୁ ବଞ୍ଚିତ ପୂର୍ବକ ଚିରକୁମାରୀ ବ୍ରତରେ ରଖି କାମାନଳରେ ଭସ୍ମସାତ୍ କରାଇଲେ ଲାଭଟା କଣ ?

ତୁମ୍ଭର ନବଯୌବନ ଯେପରି ଅକାରଣ ଯାପନ ନ ହୁଏ ମୁଁ ତାହାର ପ୍ରତିବିଧାନ କରିବି, ମାତ୍ର ତୁମ୍ଭଙ୍କୁ ବିବାହ ନ କରାଇବାରେ ତୁମ୍ଭର ପିତାଙ୍କର ସ୍ୱାର୍ଥ ଓ ଅଭିପ୍ରାୟ କଣ କହି ପାରିବ କି ?" ରମଣୀ କ୍ରନ୍ଦନ କରି କହିଲେ, "ତାଙ୍କର ଅଭିମତ ମୋହର ଅବିଦିତ ଅଟେ, ସମ୍ଭବତଃ ଏଥିରେ କୌଣସି ଗୂଢ଼ କାରଣ ଥାଇପାରେ । ସେ ଯାହା

Digitized by PPRACHIN, SOA

ହେଉ ମୁଁ ଆଉ ଏ ଯାତନା ସହି ପାରିବି ନାହିଁ, ଆପଣ ବିଚାରପତି, ନିଜ ଦୁର୍ଗତି ଆପଣଙ୍କୁ ଜଣାଇବା ନିମନ୍ତେ ଚନ୍ଦ୍ରକକ୍ଷରେ ଗୁପ୍ତଭାବରେ ଏଠାକୁ ଆସିଅଛି, ଏଣୁ ହେ କରୁଣାମୟ, ସଦୟ ହୋଇ ପରିତ୍ରାଣର ଉପାୟ କର, ଆପଣ ସୁବିଚାର ନ କଲେ ମୁଁ ଆତ୍ମହତ୍ୟାଦ୍ୱାରା ପ୍ରାଣ-ସଂହାର ପୂର୍ବକ ଯୌବନ ଯାତନାରୁ ଉଦ୍ଧାର ପାଇବି । ଏହା କହି ସୁନ୍ଦରୀ କୁରଙ୍ଗୀ ପ୍ରାୟ ବଡ଼ପାଟି କରି କାନ୍ଦିବାକୁ ଲାଗିଲେ । କାଜୀ ସ୍ୱହସ୍ତରେ ଅଶ୍ରୁମୋଚନ ପୂର୍ବକ କହିଲେ ଯୁବତି, ତୁମ୍ଭେ ଅତି ବିକଳ ହୋଇ ଅପମୃତ୍ୟୁର କଳ୍ପନା କରନା । ତୁମ୍ଭର ଏହି ରୂପ ଲାବଣ୍ୟ ସମ୍ପନ୍ନ ଯୌବନ କୌଣସି ଧନୀର ମନ ଆକର୍ଷଣ ପୂର୍ବକ ତୁମ୍ଭଙ୍କୁ ସମ୍ମାନର ଉଚ୍ଚାସନରେ ଉପବେଶନ କରାଇବ । ଇଚ୍ଛା ହେଲେ ଅଦ୍ୟ ଆମ୍ଭର ପାଣିଗ୍ରହଣ ଦ୍ୱାରା ପିତୃସଦନ ବର୍ଜନ କରି ଆମ୍ଭ ଭବନରେ ଅବସ୍ଥାନ କର । ସମ୍ମତି ପାଇଲେ ସମ୍ପ୍ରତି ତୁମ୍ଭର ପତି ହୋଇ ସର୍ବ ସମ୍ପତ୍ତିରେ ସତ୍ତ୍ୱବତୀ କରି-ଦେବି । ଯୁବତୀ କହିଲେ, ତୁମ୍ଭପରି ପତି ପାଇ ସୁଖ୍ୟାତି ଲଭିବି ଏଥିରେ ଆପତ୍ତି କଣ ? କିନ୍ତୁ ପିତା ଜନ୍ମକର୍ତ୍ତା ତାଙ୍କ ଅଜ୍ଞାତରେ ସ୍ୱାମୀ କଲେ ଲୋକେ ନାନା କଥା କହିବେ ଏଣୁ ଲୋକଙ୍କର ଅଖ୍ୟାତିରୁ ମୁକ୍ତି ପାଇ ପାରିବା ପାଇଁ ପିତାଙ୍କ ଅନୁମତି ନିମିତ୍ତ ଆପଣଙ୍କୁ ମିନତି କରୁଅଛି । ଆପଣ ଥରେ ପଚାରି ନେବେ କି ? କାଜୀ କହିଲେ ଆଉ ଚିନ୍ତା କରନା, ତୁମ୍ଭର ପିତା ଯେ ଉପାୟରେ ଆମ୍ଭଙ୍କୁ ଜାମାତା କରିବେ ସେଥିପାଇଁ ଯଥେଷ୍ଟ ଚେଷ୍ଟା କରିବୁଁ । ତୁମ୍ଭେ କେବଳ ତାହାଙ୍କ ନାମ ଧାମ କହି-ଥାଅ । ଯୁବତୀ କହିଲେ ପିତାଙ୍କ ନାମ ଓସ୍ତା ଉମର, ଜାତି ମଙ୍ଗଧରା, ପେଶା ରଙ୍ଗକରା, ଘର ମହଲ୍ଲାପଡ଼ାରେ ଅଟେ । କାଜୀ କହିଲେ ବର୍ତ୍ତ-ମାନ ନିଶ୍ଚିନ୍ତମନ ହୋଇ ଗୃହକୁ ଗମନ କର, ପରେ ସବୁ ବିବରଣ ଜ୍ଞାପନ କରାଇବୁଁ । ଜମୁରଦ କାଜୀଙ୍କୁ ଧନ୍ୟ ଧନ୍ୟ କହି ଅଭିବାଦନ ପୂର୍ବକ ବିଦାୟ ହୋଇ ପ୍ରଫୁଲ୍ଲମନରେ ଗୃହକୁ ଶୁଭାଗମନ କଲେ ଏବଂ ମୋ ପାର୍ଶ୍ୱରେ ବସି ହସି ହସି କହିଲେ କାଜୀ ଆମ୍ଭ ବେକରେ ଦେଇ-ଥିବା ଫାଶି ନିଜ ବେକରେ କଷି ନେଲାଣି । ସେ ନିଜ କର୍ତ୍ତୃହି ଦ୍ୱାରା ଆମ୍ଭମାନଙ୍କୁ ଅପମାନିତ କଲା ଭାବି ନିଶ୍ଚିନ୍ତ ଅଛି, ଈଶ୍ୱର ସହାୟ ହେଲେ, ସେ ଦୁରନ୍ତ ଉପଯୁକ୍ତ ରୂପେ ଅପ୍ରସ୍ତୁତ ହେବ ।

Digitized by PPRACHIN, SOA

ଏଣେ କାଜୀ କ୍ଷଣେ ବିଲମ୍ବ ନ କରି ଓସ୍ତାଉମରଙ୍କୁ ଡ଼ାକ ପଠାଇଲେ, ସେ ବିଚାରୀ ଦ୍ୱାରକର୍ତ୍ତାଠାରୁ କାଜୀଙ୍କ ଡକରା କଥା ଶୁଣି ଭୟରେ ଅଧ-ମରା ହେଲା । ମାତ୍ର କାଜୀଙ୍କର ଆଜ୍ଞା ଅବଜ୍ଞା କଲେ ଅଧିକ ଯାତନାର ସମ୍ଭାବନା ଭାବି ବ୍ୟସ୍ତଭାବରେ କାଜୀଠାରେ ଉପସ୍ଥିତ ହେଲା । କାଜୀ ତାଙ୍କୁ ସମାଗତ ଦେଖି ସମାଦର ସହିତ ପଲ୍ୟଙ୍କରେ ନିଜପାର୍ଶ୍ୱରେ ବସା-ଇଲେ । ଓସ୍ତାଉମରୀ କାଜୀ ପାର୍ଶ୍ୱରେ ଆସୀନ ହୋଇ ଓ ତାଙ୍କର ସମ୍ମାନ ଦେଖି ଭୟରେ ଓ ବିସ୍ମୟରେ ଥ[illegible] ହେବାକୁ ଲାଗିଲା କାଜୀ ଧୀରଭାବରେ କହିଲେ ଭାଇ ଭୟ କର ନାହିଁ । ତୁମ୍ଭଙ୍କୁ ଦେଖିବାପାଇଁ ମନ କେତେ ଦିନରୁ ଧାଇଁ ଥିଲା, ଅବସର ଅଭାବରେ ଯାଇ ନ ପାରି ତୁମ୍ଭଙ୍କୁ ଡକାଇ କଷ୍ଟରେ ପକାଇଲି, କ୍ଷମା କରିବ । ଧର୍ମପ୍ରତି ତୁମ୍ଭର ପ୍ରଗାଢ଼ଭକ୍ତିଥିବାର ଲୋକେ ସୁଖ୍ୟାତି କରନ୍ତି ଏବଂ କହନ୍ତି କି ତୁମ୍ଭେ ପ୍ରତ୍ୟହ ପାଞ୍ଚଥର ନେମାଜ କରି ଏବଂ ସମାଜକୁ ଯାଇ ଉଆଜ (୧) ଶ୍ରବଣକରି ଥାଅ ଏତଦ୍-ଭିନ୍ନ କୋରାଣର କିଦୃଂଶ ଅଧ୍ୟୟନ ନ କରି କର୍ମସ୍ଥାନକୁ ଗମନକରନାହିଁ ସୁରାପାନ କିମ୍ବା ଅନ୍ୟ କିଛି ମାଦକଦ୍ରବ୍ୟ ସେବନ କର ନାହିଁ ବୋଲି ଲୋକେ ପ୍ରଶଂସା କରନ୍ତି । କାଜୀମୁଖନିସୃତ, ଅଚିନ୍ତ୍ୟପୂର୍ବ, ଅମୃତବତ ଶୁଣି ଉମରୀ ବିସ୍ମିତ ଓ ଆନନ୍ଦିତ ହୋଇ ସଗର୍ବରେ କହିଲେ, ମହାଭାଗ ଏହି ସକଳ ବୃତ୍ତାନ୍ତ ସତ୍ୟ ଅଟେ ଏହା ବ୍ୟତୀତ ଅନେକ କବିତା ମଧ୍ୟ ଅଧୀନର ମୁଖସ୍ଥ ଅଛି । ପରେ ମୁଁ ଶୀଘ୍ର ମକାତୀର୍ଥକୁ ଯିବି ବୋଲି ମନସ୍ଥ କରିଅଛି । କାଜୀ କହିଲେ, "ଏହା ଶୁଣି ମୁଁ ଅତ୍ୟନ୍ତ ସନ୍ତୁଷ୍ଟ ହେଲି, ଏହି ପ୍ରକୃତିର ସ୍ୱଜାତି ଦେଖିଲେ ତାଙ୍କ ପ୍ରତି ମୋହର ବିଶେଷ ଭକ୍ତି ହୋଇ ଥାଏ, ସେ ଯାହା ହେଉ, ବର୍ତ୍ତମାନ ମୋହର ଗୋଟିଏ କଥା ଜିଜ୍ଞାସ୍ୟ, କଣ ତୁମ୍ଭର ଗୋଟିଏ ଷୋଡ଼ଶୀ,ରୂପସୀ କନ୍ୟା ଅଛି । ଉମରୀ ଦୁହିତାର କଥା ଶୁଣି ଭୟରେ ଧାବରା ହୋଇ କହିଲେ,ହେ ଧାନପାଳକ ଶ୍ରେଷ୍ଠ ବିଚାରକ ନ୍ୟାୟପତେ ମୋତେ ସେହି ରୋଗଗ୍ରସ୍ତା ଚିରଦୁଃଖ-ଜଡ଼ିତା ଦୁହିତାର କଥା ପଚାରଲେ କାହିଁକି ? ଗୋଟିଏ ବିଂଶବର୍ଷୀୟା

(୧) ଧର୍ମ ସମ୍ବନ୍ଧୀୟ ବକ୍ତୃତା ।

Digitized by PPRACHIN, SOA

କନ୍ୟା ଅଛି ସତ୍ୟ, କିନ୍ତୁ ସେହି ଅଭାଗିନୀ ଚିରରୁଗ୍ଣା ଏମନ୍ତ କୁରୂପ ଯେ ଧରଣୀରେ ତାହାପରି ରମଣୀ ନାହିଁ । ଡାଆଣି ମଧ୍ୟ ତାହାପରି ହେବ ନାହିଁ; ମର୍କଟୀ ମଧ୍ୟ ତାହା ଅପେକ୍ଷା ଅଧିକ ରୂପବତୀ ଅଟେ । ମହାଭାଗ ସେ କୁଷ୍ଠବ୍ୟାଧିଗ୍ରସ୍ତା, ପଙ୍ଗୁ ଓ ଜ୍ଞାନରହିତା, ପୁଣି ତାହାର ବୃହତ୍ ଦନ୍ତାବଳୀ ଅଗ୍ରବଳ ପର୍ବତ ଶ୍ରେଣୀପରି ଓଷ୍ଠାଧରର ବାହାରେ ବିରାଜିତ, ଅଙ୍ଗୁଳିବିହୀନ ହସ୍ତପାପୁଲି ଚଟୁ ପରି ଶୋଭିତ । ଘଡଯୁକ୍ତ ଅବନତ ମସ୍ତକ ପର୍ବତଗୁହାକୁ ପରାଜିତ କରୁଅଛି । ଅଧିକ କି ମୁଁ ତାହାର କୁତ୍ସିତ ରୂପରେ ଏପରି ଦୁଃଖିତ ଓ ଲଜ୍ଜିତ ଯେ କାହାରିକୁ ଦେଖାଇବାକୁ ଇଚ୍ଛୁକ ନୁହେଁ, ପ୍ରବଞ୍ଚିତ, ଜ୍ଞାନରହିତ କାଜୀ ଈଷଦ୍ଧାସ୍ୟ କରି କହିଲେ, ଭାଇ, ସେ କଥା ସବୁ ମୋତେ ଜଣାଅଛି, ପ୍ରତାରଣା ଦ୍ୱାରା ମୋତେ ବ୍ୟର୍ଥ ମନୋରଥ କରିବାକୁ ବାସନା କରନା, ମୁଁ ସେହି ରୁଗ୍ଣା, ହସ୍ତ ପଦବିହୀନା, ଜ୍ଞାନଶୂନ୍ୟା, ପିନସ୍ତନା, ଦନ୍ତୁରା ନାରୀକୁ ନିଜ ସହଚରୀ କରିବାକୁ ମନସ୍ଥ କରିଅଛି,ତୁମ୍ଭର ବାହାନା ଶୁଣାଯିବ ନାହିଁ । ଅଧିକକ୍ଷଣ ଏକତ୍ରେ ଉପବେଶନ ଓ କଥୋପକଥନଦ୍ୱାରା ଉଭୟଙ୍କର ଖାତିରୁତା ହ୍ରସହୋଇ ଥିଲା ସେ କେତେକ ସାହାସ କରି କହିଲେ ଧର୍ମାବତାର, ତବ ଦ୍ୱାରରେ ଭିକାରୀ, ସେବାକାରୀ ସଙ୍ଗେ ଏପରି ବିଦ୍ରୂପ କାହିଁକି ? କାଜୀ କହିଲେ ବିଦ୍ରୂପ ନୁହେଁ, ସ୍ୱରୂପ କହୁଅଛି, ମୋହର ହୃଦୟଗ୍ରାହିଣୀ ତବ ଦୁହିତା ମୋହର ବାକ୍‌ଦତ୍ତା ବନିତା ଅଟେ, କେବଳ ତୁମ୍ଭର ଅନୁମତି ହେଲେ ଶୁଭକର୍ମର ସମାପ୍ତି ହେବ । ଏହା ଶୁଣି ରଙ୍ଗକାର ଅଧିକତର ବିସ୍ମିତହୋଇ ଉଚ୍ଚହାସ୍ୟ ପୂର୍ବକ କହିଲେ"ଖୋଦାବନ୍ଦ ହଜୁର୍ ମା ବାପ ବନ୍ଦାର କସୁର ମାଫକର ଶୁଣନ୍ତୁ କେହି ଦୁସ୍‌ମନ ପ୍ରତିହିଂସା ଗ୍ରହଣ ନିମିତ୍ତ ମୋହନମନ୍ତ୍ରଦ୍ୱାରା ଆପଣଙ୍କ ମନକୁ ଉଚାଟନ କରିଅଛି, ନଚେତ୍ ଯେଉଁନାରୀକୁ ଦେଖିଲେ ଆପଣ ବାନ୍ତି କରିବେ ତାହାପାଇଁ ଏତେ ଧାରି ହୁଅନ୍ତେ କି ? ମୁଁ ଅଲ୍ଲାଙ୍କ ପଣକରି କହୁଛି ତାହାସମ୍ବନ୍ଧେ ଯାହା କହୁଅଛି ତାହା ପ୍ରକୃତ ଓ ସତ୍ୟ ଅଟେ, ଏଣୁ ଆପଣ ପ୍ରୀତିରୁ ଚିତ୍ତ ନିବୃତ୍ତ କରନ୍ତୁ । କାଜୀ କହିଲେ ତୁମ୍ଭର ସେହି ଘୃଣିତା ଦୁହିତା ମୋହର ମନୋହାରିଣୀ ଓ ମନୋନୀତା ଅଟେ, ତୁମ୍ଭେ ଯେ ତାହାର

Digitized by PPRACHIN, SOA

ଅଶେଷ ନିନ୍ଦା କରିବ, ତାହା ମୋତେ ପୂର୍ବରୁ ଜଣାଅଛି । ରଙ୍ଗକାର କରଯୋଡ଼ି ପୁନର୍ବାର କହିଲେ ବର୍ଗ୍ଗରପତେ, ମୋତେ କ୍ଷମାକରନ୍ତୁ, ମୋହର ଦୁହିତା ଆପଣଙ୍କର ବନିତା ହେବାର ଉପଯୁକ୍ତା ନୁହେ, ବର୍ତ୍ତମାନ ଆପଣଙ୍କ ଚକ୍ଷୁଲଜ୍ଜାରେ ପଡ଼ି କଥା ମାନ ପଛେ ହଟହଟା ହେବ ନାହିଁ । ପ୍ରେମାବଦ୍ଧ ଜ୍ଞାନାନ୍ଧ କାଜୀ ରାଗରେ ଉତ୍ତେଜିତ ହୋଇ କହିଲେ,"ତୁଇ ବାରବାର ବକ୍‌ସବଜାଉ କାହିଁକି ? ସେନାରୀ ଯେତେ ଅସୁନ୍ଦରୀ ହେଉ ନା କାହିଁକି, ଆମ୍ଭେ ତାହାକୁ ନିଜ ସହଚରୀ କରିବାକୁ ରାଜିଅଛୁ, ତୁମ୍ଭର ସେଥିରେ କ୍ଷତି କଣ ଯେ ଏତେ ଆପତ୍ତି କରୁଛ,ଯାଅ ମଙ୍ଗଳ କର୍ମରେ ଆଉ ଗୋଳମାଳ କର ନା ।

ଉମରୀ କାଜୀଙ୍କର ଏପରି ଦୃଢ଼ସଂକଳ୍ପ ଦେଖି ଭାବିଲେ, ନିଶ୍ଚୟ କୌଣସି ରସିକ, କୌତୁକ ଦେଖିବାପାଇଁ ମୋହିନୀବାଣୀଦ୍ୱାରା ବର୍ଗ୍ଗରକର ମନରେ ଛନକା ଜନ୍ମାଇଅଛି, ଅତଏବ କୌଣସି ଝାଣ ମନ୍ତ୍ର ପ୍ରୟୋଗ ନ କଲେ ଏ ରୋଗ ଉପଶମ ହେବ ନାହିଁ । ସମ୍ଭବତଃ ଅତ୍ୟଧିକ ଦେଣମେହେର ରୂପ ମନ୍ତ୍ରୋଚ୍ଚାରଣ ଦ୍ୱାରା କାଜୀର ଉନ୍ମାଦ ରୋଗର ବିନାଶ ହେଲେ ହୋଇପାରେ । ଏହା ଭାବି ରଙ୍ଗକାର କହିଲେ "ମହାଶୟ ଯଦି ଆପଣ ନିଶ୍ଚୟ ମୋହର ଝିଅକୁ ବିବାହ କରିବାକୁ ସ୍ଥିର କରିଅଛନ୍ତି, ତାହା ହେଲେ ତାହାର ନିର୍ଦ୍ଧାରିତ ଦେଣ-ମେହେର ଏକଲକ୍ଷ ଦରହମ ଅଗ୍ରୀମ ଦେବାକୁ ହେବ, ଏଥିରୁ ଏକ ଛଦାମ କମ ହେବ ନାହିଁ । ଆପଣ ରାଜି ହେଲେ ସବୁ ଗୋଳମାଳ ଭାଙ୍ଗିଯିବ । କାଜୀ କହିଲେ ତୁମ୍ଭର ପଣ ଅକ୍ଷୁର୍ଣ୍ଣ ରଖିଲେ ବହୁଧନ ପ୍ରଦାନ କରିବାକୁ ହେବ, ମା:ଏ ଧନ କି ଛାର, ତୁମ୍ଭର କୁମାରୀପାଇଁ ଜୀବନ ପର୍ଯ୍ୟନ୍ତ ଉତ୍ସର୍ଗ କରିପାରେଁ ଏହା କହି ଲୌହ ସିନ୍ଦୁକ ଫିଟାଇ ଗୁରୁ ତୋଡ଼ା ସ୍ୱର୍ଣ୍ଣମୁଦ୍ରା ଉମରଙ୍କ ପଦତଳେ ଥୋଇଦେଇ ବିବାହପତ୍ର ଲେଖିବାକୁ ଉଦ୍ୟତ ହେଲେ । ଓସ୍ତା ଉମରୀ ଓସ୍ତାଦ କରି କହିଲେ, କାବିନ୍‌ନାମା ମୋହର କହିବା ଅନୁସାରେ ଲେଖାଯିବ ଏବଂ ସେଥିରେ ଶଏଜଣ ଶାସ୍ତ୍ରଜ୍ଞ ମଉଲବି ଇସାଦ ହେବେ, ତେବେଯାଇଁ ମୁଁ ସ୍ୱାକ୍ଷର କରି ସାଦର ଅନୁମତ ଦେବି ।

Digitized by PPRACHIN, SOA

କାର୍ଣ୍ଣ କହିଲେ ଆମ୍ଭପ୍ରତି ଏତେ ଅବିଶ୍ୱାସ । ଯାହା ହେଉ ତୁମ୍ଭର ଅଭିଳାଷ ପୂର୍ଣ୍ଣ କରିବି । ଏହା କହି ଚପରାଶିମାନଙ୍କୁ ପଠାଇ ନଗରସ୍ଥ ଅଧ୍ୟାପକ, ଶାସ୍ତ୍ରଜ୍ଞ ପଣ୍ଡିତ ଏବଂ ଅନ୍ୟ କେତେକ ବିଖ୍ୟାତ ଲୋକଙ୍କୁ ଡାକି ପଠାଇଲେ । ନିମନ୍ତ୍ରିତମାନଙ୍କ ମଧ୍ୟରେ ମଓଦ୍ୟାପେଶ ମଧ୍ୟ ଜଣେ ଥିଲେ । ସମସ୍ତେ ଉପସ୍ଥିତ ହୁଅନ୍ତେ ରଙ୍ଗକାର ମଧ୍ୟସ୍ଥଳରେ ବିରାଜିତ ହୋଇ ଉଚ୍ଚ ଆବାଜରେ କାବିନ୍‌ନାମାର ମଜମୁନ କହିବାକୁ ଲାଗିଲେ, ଉମରିମୁଖନିଃସୃତ କାବିନନାମା ସରତ—ଲିଖିତଂ ଅମ୍ଭେ ବେଚଇଁନ ଗାଁ ସହରର କାଜୀ ପୁତ୍ର ଅମୁକ । ସା । ଅମୁକ, ପେଶା କଜାତି, ବ୍ୟବହାର ବକ୍ତାରି ପରିଷତ କରି ଆମ୍ଭ ପ୍ରକୃତ, ବୟସ ପଞ୍ଚାଶବର୍ଷ । ଏହିକି, ଅମ୍ଭେ ଆପଣ ବୁଦ୍ଧି ସାବୁଦ୍ ଓ ପଞ୍ଚଭୂତ ଆତ୍ମା ହୃଦକମଳ ହୋରସ୍ତିରେ ଥାଇ, ଅଜ୍ଞ ଆପଣା ରାଜି ଖୁସି ଓ ସ୍ୱଇଚ୍ଛାରେ ମହଲାପଡ଼ା ନିବାସୀ ଓସ୍ତା ଉମରି ପୁତ୍ର ଅବେସ୍ତା ଉମରି ଜାତି ମଙ୍ଗଧରି ଅର୍ଥାତ୍ ନାବ ପାରକରି ବେହେରାଙ୍କ ତ୍ରିଂଶବର୍ଷୀୟା ଅବିବାହିତା କନ୍ୟା ମୁସମାତ ବିବିଚୁନ୍ନିଆକ ଯେଉଁ ନାମରେ ତାଙ୍କର ଦ୍ୱିତୀୟାକନ୍ୟା ନାହିଁ, ଏକଲକ୍ଷ ଦରହମ ପଣରେ ନିଜ ଦାରାପଣରେ ବରଣ କରି ମେହେରମଆଜ୍ଜଲ ଓ ମଅଜ୍ଜଲ ସମସ୍ତଙ୍କ ଆଗରେ ପ୍ରଦାନ କରି ଏକରାରପୂର୍ବକ ଲେଖିଦେଉ ଅଛୁଁ କି ବିବି ମଜ-ସୁଫିଆ ଆମ୍ଭ ହାଥ ମୁଦ୍ରାରେ ଦଖଲକାର ହୋଇ ଆମ୍ଭର ଭାର୍ଯ୍ୟାପଣେ ଆଜୀବନ ଥାଇ ସୁଖ ଭୋଗ କରୁଥିବେ । ଅମ୍ଭେ ସର୍ବଦା ଉତ୍ତ୍ୟବତ୍ ଅନୁଗତ ଥାଇତାଙ୍କର ଆଜ୍ଞାମତ ସମସ୍ତକାର୍ଯ୍ୟ ସମାପ୍ତ କରି ସନ୍ତୁଷ୍ଟ ଓ ପ୍ରୀତ କରୁଥିବୁଁ । ଆମ୍ଭର ଅନ୍ୟନାରୀ ଅର୍ଥାତ୍ ପ୍ରଥମାସ୍ତ୍ରୀ ବିଗୃହୀ ପ୍ରତି ଦୃଷ୍ଟିପାତ କରିବୁଁ ନାହିଁ । କେବଳ ମୁଠାଏ ଅନ୍ନ ଓ ପରିଧାନ ନିମିତ୍ତ ଖଣ୍ଡେ ପୁରାତନ ଛିନ୍ନବସ୍ତ୍ର ଭିନ୍ନ ଅନ୍ୟ କିଛି ପ୍ରଦାନ କରିବୁ ନାହିଁ । ଈଶ୍ୱରଙ୍କର ଏପରି ଲୁବ୍ଧୀର ନ ହେଉ ଯଦି, ଦୈବାତ୍ କୌଣସି କାରଣ ବଶତଃ ନବ ପରିଣିତା ବନିତା ଆମ୍ଭକର୍ତ୍ତୃକ ପରିତ୍ୟକ୍ତା ହୁଏ,ତାହାହେଲେ ଆମ୍ଭଠାରୁ ପ୍ରାପ୍ତ ପଣଧନରେ ଆମ୍ଭର କୌଣସି ପ୍ରକାର ଦାବି ନାହିଁ । ଏତଦ୍ଭିନ୍ନ ବର୍ଜନ ସମୟେ ବୃଦ୍ଧାବନେ ବିବାହର ଗୁପ୍ତାଗାର ସ୍ୱରୂପ ସହସ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଦାନ ଓ ଯୁବତୀ ଅନ୍ୟପତି ଗ୍ରହଣ ପର୍ଯ୍ୟନ୍ତ ଭରଣପୋଷଣ ନିମିତ୍ତ ମାସିକ

Digitized by PPRACHIN, SOA

ପଞ୍ଚଶତଙ୍କା ହିସାବରେ ଦେଉଥିବି, ଏଥିରେ ଅନ୍ୟଥା ହେଲେ ବଧୂତାଙ୍କ ଠାରେ ଦ୍ରୋହୀ ଓ ରାଜାଙ୍କଠାରେ ମିଥ୍ୟାବାଦୀ ପ୍ରମାଣିତହୋଇ ଦଣ୍ଡଗ୍ରାହୀ ଓ ଅବ ଦସ୍ତାବଜ ଲିଖିତ ସମସ୍ତ ସର୍ତ୍ତ ପାଳନ କରିବାକୁ ଦାୟୀ ହେବି । ଏ ପ୍ରମାଣ ଏତଦର୍ଥେ ସର୍ବ ସମକ୍ଷେ ଏ କେତେକ କଥା ଅକ୍ଷରେ ଅକ୍ଷରେ ଏକରାର ଧିବକ ଲେଖି ଦେଉଅଛି କି ଦରକାରବେଳେ କର୍ମରେ ଆସିବ । କାବିଲନାମା ଲେଖା ଶେଷ ହେଲା । କାଜୀରୂପବତୀ ଯୁବତୀରପତି ହେବା କଳ୍ପନାରେ ଏପରି ମୋହିତ ଓ ଜ୍ଞାନରହିତ ହୋଇଥିଲେ ଯେ ଉପର ଲିଖିତ ଦସ୍ତାବଜର ଶୁଦ୍ଧାଶୁଦ୍ଧ ଓ କଠିନ ସରତ ପ୍ରତି କିଞ୍ଚିନ୍ମାତ୍ର ଦୃଷ୍ଟିପାତ କିମ୍ବା ମନ ଇତସ୍ତତଃ ନ କରି ଅବିସ୍ତୃତଭାବେ ଦସ୍ତଖତ କରି-ଦେଲେ । ପରେ ଉମର ଓ ଉପସ୍ଥିତ ଶତାଧିକ ଭଦ୍ରବ୍ୟକ୍ତିଙ୍କର ଦସ୍ତଖତ ହୋଇ ଉମରଙ୍କୁ ପ୍ରଦତ୍ତ ହେଲା । ଉମର ଉକ୍ତପତ୍ର ଓ କାଜିଠାରୁ ପ୍ରାପ୍ତ ସ୍ୱର୍ଣ୍ଣ ମୁଦ୍ରା ନେଇ ଆନନ୍ଦମନରେ କନ୍ୟା ପ୍ରେରଣ ନିମନ୍ତେ ଗୃହକୁ ଗମନ କଲେ । ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ମଧ୍ୟ ଆପଣା ଆପଣା ଘରକୁ ମୁଲିଗଲାପରେ ସେଠାରେ କେବଳ କାଜୀ ଏକାକୀ ରହିଲେ ।

ବର୍ତ୍ତମାନ ଅବବେଙ୍ଗୀ କାଜିର ଅଦୂର ଦର୍ଶିତା ମୂଢ଼ତାର ଆଉ ଗୋଟିଏ ବିବରଣ ଯାହା ତାହାର ସର୍ବନାଶ ଓ ଗୃହଭଙ୍ଗର କାରଣ ହେଲା ଶ୍ରବଣ କର । ସେ ଏଥିପୂର୍ବେ ବାଗଦାଦର ଏକ ଧନୀବଣିକର କନ୍ୟାକୁ ବିବାହ କରିଥିଲେ । ସେହି ବିବି ଆପଣା ପିତାଙ୍କର ସମ୍ପତ୍ତିରୁ ଅନେକ ଧନ ଯୌତୁକ ପାଇଥିଲେ । ଏହି ରମଣୀ ଅତି ରୂପବତୀ ପତିବ୍ରତା ଓ ସତୀ ଥିଲେ । ସେ କାଜିଙ୍କର ବୃଦ୍ଧକାଳରେ ହଠାତ ଦ୍ୱିତୀୟ ବିବାହର କଥା ଶୁଣି କୋପରେ ଅଗ୍ନିବତ ହୋଇ ତାଙ୍କୁ ଯାଇଁ ପଚାରିଲେ ନାଥ, ଏକ ଅଭିନବ କଥା ଶୁଣୁଅଛି ଯେ, କାଜି ପାକଲା ଦାଢ଼ୀରେ ଦାହା-ଘରକୁ ଯିବାକୁ ପ୍ରସ୍ତୁତ, ଏହା କି ପ୍ରକୃତ ଓ ସତ୍ୟ ଅଟେ ? ଯଦି ସତ୍ୟ ଥାଏ, ତେବେ ଯେପରି ଏକ କୋଷରେ ଦୁଇତରବାରୀ ରହି ନ ପାରେ ସେହିପରି ଏକ ପୁରୁଷଙ୍କର ଦୁଇ ସ୍ତ୍ରୀ ମହିଳାଙ୍କ ପରି ରହି ନ ପାରନ୍ତି । ତୁମ୍ଭେ ଅସାର ପୁରୁଷ, ପ୍ରେମ କି ଜିନସ ଜାଣ ନା । ମୋପରି ଗୃହିଣୀ ପାଇ ପୁଣି ଅନ୍ୟ ରମଣୀଠାରେ ଆସକ୍ତ ହେଲଣି, ସୁତରାଂ ତୁମ୍ଭ ପରି

Digitized by PPRACHIN, SOA

କୁପ୍ରବୃତ୍ତି ପତିର ମୁଖ ଦର୍ଶନ କରିବାକୁ ମୋହର ମତ ନାହିଁ । ତୁମ୍ଭେ ମୋତେ ମୋହର ଯୌତୁକ ଧନ ଓ ମେହେରର ଋଣ ଦେଇ ବର୍ଜ୍ଜନ ଓ ନବଯୁବତୀ ସଙ୍ଗେ ପ୍ରେମମଗ୍ନ ହୋଇ ବୁଢ଼ାଦିନ ଯାପନ କର । କାଜି କହିଲେ ଏହି ଖୁସି ଖବର ତୁମ୍ଭଙ୍କୁ କପରି ଶୁଣାଇବି ସେଥିପାଇଁ ବିଶେଷ ଭାବିତ ଥିଲି, କିନ୍ତୁ ଈଶ୍ୱରଙ୍କର କୃପାରୁ ତୁମ୍ଭେ ନିଜେ ତାହା ଜାଣି ଆମ୍ଭଠାରେ ପ୍ରକାଶ କଲଣି ଆଉ ଭାବନା ନାହିଁ, ନିଅ ତୁମ୍ଭର ମେହେର ଋଣ ଓ ଯୌତୁକ ଧନ, କେବଳ ଆମ୍ଭର ଅଳଙ୍କାରମାନ ଦେଇ ଚିର ବିଦାୟ ଗ୍ରହଣ କର । ହୀନବୁଦ୍ଧି ଅଦୂରଦର୍ଶୀ କାଜୀ ଭବିଷ୍ୟତକୁ ନ ଦେଖି ମେହେର ଋଣ ସହସ୍ର ମୁଦ୍ରା ଓ ଯୌତୁକ ଧନ ଦେଇ ତାହାଙ୍କୁ ଅମ୍ଳାନ ମନରେ ବର୍ଜ୍ଜନ କରି ତ୍ୟାଗପତ୍ର ଲେଖିଦେଇ ଅଳଙ୍କାର ଶୀଘ୍ର ବାହାର କରି ଦେବାକୁ ତାଡ଼ନା କଲେ । ସେ ଅଳଙ୍କାରମାନ ବାହାର କରୁ କରୁ କାଜୀ ନିଜେ କ୍ରୋଧଭରେ ତାହାର ନାକର ନଥ ଟାଣି ପକାଇବାରୁ ନାକ ଛିଣ୍ଡି ଝର ଝର ରକ୍ତ ପ୍ରବାହିତ ହେଲା ତଥାପି ନିଷ୍ଠୁର ଅନ୍ୟ ଅଳଙ୍କାର ବାହାର କରିବାନିମନ୍ତେ ତରତର କରୁଥିଲେ, ରମଣୀ ଦୁଃଖ ଓ କଷ୍ଟରେ ଅଳଙ୍କାରମାନ ବାହାର କରିଦେଇ ଆଘାତ ଯନ୍ତ୍ରଣା ଓ ବହୁକାଳର ସଙ୍ଗ ଛାଡ଼ିବାର ବେଦନାରେ କ୍ରନ୍ଦନ କରୁ କରୁ ଅର୍ଥ ସହିତ ସେଠାରୁ ପ୍ରସ୍ଥାନ କଲେ ।

ଅନନ୍ତର ରୂପବତୀ ଯୁବତୀ ଦାରପ୍ରାପ୍ତି ଆଶାରେ ଆତ୍ମବିସ୍ମୃତ ପଞ୍ଚାଶତ ବର୍ଷର ବୁଢ଼ା ବିଚାରପତି ନବଦମ୍ପତିଙ୍କର ବିଳାସ ବସତି ନିମିତ୍ତ ଘର ସୁସଜ୍ଜିତ କରିବାକୁ ଚାକରଙ୍କୁ ଅନୁମତି ଦେଲେ । ଦାସଗଣ ଘରର କାନ୍ଥମାନ ଛବିମୟ ପଟ୍ଟାମ୍ବର ଦ୍ୱାରା ଆଚ୍ଛାଦିତ କରି ମେଜିଆରେ ଗାଲିଚା ବିଛାଇ ତାହା ଉପରେ ସ୍ୱର୍ଣ୍ଣ କାରୁଖଚିତ ବିବିଧ ଚିତ୍ରଶୋଭିତ ଗଦିର ଏବଂ ତଦୁପରି ମନୋହର ଗିଲାଫଆବୃତ୍ତ ତକିଆମାନ ପକାଇ ତାହାର ବିଭିନ୍ନସ୍ଥାନରେ ଅତରଦାନ ଓ ଗୋଲାପ ଦାନ ମାନ ସଜାଇ ଦେଲେ । ଗୃହର ମଧ୍ୟସ୍ଥଳରେ ଗୋଟିଏ ହସ୍ତୀଦନ୍ତ ନିର୍ମିତ ପଲ୍ୟଙ୍କରେ ଦୁଗ୍ଧଫେନନିଭ କୋମଳ ସୁଶୋଭିତ ଓ ସୌରଭିତ ଶଯ୍ୟା ବିଛାଇଲେ । କାଜୀ ବିବିଧବର୍ଣ୍ଣ ରଞ୍ଜିତ ବହୁମୂଲ୍ୟ ବସ୍ତ୍ର ପରିଧାନ

Digitized by PPRACHIN, SOA

ପୂର୍ବୋକ୍ତ ବରବେଶ ସାଜ ସେଥିରେ ବସି ଆନନ୍ଦାକୁଳ ମନରେ ଅପୂର୍ବ ରୂପଲାବଣ୍ୟସମ୍ପନ୍ନା ମୃଗନୟନା ନବୀନା କନ୍ୟାର (୧) ଶୁଭାଗମନ ପ୍ରତୀକ୍ଷା କରି ଚିତ୍ତ ଅଧିକ ବିନୋଦନ ନିମିତ୍ତ ନମ୍ରଭାବବିଶିଷ୍ଟ ଚୌପଦୀ ଗାନ କରୁଥିଲେ । ଚୌପଦୀ ।

ଆଜ ମୋର ଶୁଭଦିନ ଉଦୟ ହେ ବନ୍ଧୁଗଣ,
ଅପସରୀ ପରି ପରୀ ପାଇବି ନାରୀରତନ ।
ଆସୁଛି ବଧୂବଦନା ନାଶିବ ମନବେଦନା,
ଲଭିବି ସୁଖ ଅଗଣା ତା ପାଶେ କରି ଶୟନ ।
ଅଟେ ସେ ଅତି ଛଇଲା ଆବର ଯେ ପ୍ରେମଶୀଳା,
ତାକୁ ବଳ ଗୃହବାଳା ଦେଖି ନଥିବ ଭୁବନ ।
ଧନ୍ୟ ଉଚ୍ଚ ଭାଗ୍ୟ ମୋର ବୃନ୍ଦାବନେ ମହେଶ୍ୱର,
କଲେ ଯୁବତୀର ବର ଯାକୁ ଦେବି ମନପ୍ରାଣ ।
ଆସ ମୋ କୋକିଳ ଭାଷି ପାଶେ ବସି ହସି ହସି,
ମନ ତୋଷି କଥା ଭାଷି ତୋଷୁଥିବ ମୋର ମନ ।
ପାଇ ଯତନ କରିବି ତା ପାଦ ସଦା ସେବିବି,
ହାତ ଯୋଡ଼ି ପାଖେ ଥିବି ଗୋଲାମ କରେ ଯେସନ ।
ଆଜ୍ଞା ଦେବ ଯେବେ ଯାହା ସାଦରେ ପାଳିବି ତାହା,
ହେଳା ନ କରିବି ଆହା ବଳମ୍ବେ ହେବି ବମନ ।
ସେତ ମୋର ପ୍ରାଣଧନ ହେବ ଜୀବର ଜୀବନ,
ନ ଦେଖିଲେ ଏକକ୍ଷଣ ଭାବିବି ଯୁଗ ସମାନ ।
ଜଲିଲ,ଗୀତରେ କହେ ବୁଢ଼ା ଯେବେ ବଭା ହୁଏ,
ନୂଆ ଭାର୍ଯ୍ୟା ପୂଜୁଥାଏ କରି ଇଷ୍ଟଦେବ ଜ୍ଞାନ ।

କାଜୀ ଚୌପଦୀ ଗାନରେ ମତ୍ତହୋଇ ଚିତ୍ତ ସନ୍ତୁଷ୍ଟ କରୁଥିଲେ ସତ ମାତ୍ର ବିଳମ୍ବରେ ଉତ୍କଣ୍ଠିତହୋଇ ସତେ ଯେପରି କେହି ବାହାରେ ଉପସ୍ଥିତ ଭାବି ବାରମ୍ବାର ବାହାରକୁ ଦୃଷ୍ଟିପାତ କରୁଥିଲେ, ଗାନ ଥରେ ଦୁଇଥର ତିନିଥର ଶେଷ ହେଲା, ତଥାପି ପ୍ରେୟସୀ ଆସିଲା ନାହିଁ ଦେଖି

(୧) କନ୍ୟା—ନୂଆବୋହୂ ।

Digitized by PPRACHIN, SOA

କାଜି ଅଧୀର ହୋଇ କହିଲେ, "କାହିଁ ମୋହର ସେହି ପ୍ରାଣମୟୀ, ସ୍ୱର୍ଣ୍ଣମୟୀ ସୁନ୍ଦରୀର ସୁଆସୀ କାହିଁ ? ଗଉଡ଼ିଙ୍କ ନୁଁ ମେରିବା ଇତ ଶୁଣାଯାଉ ନାହିଁ ! ତାହାର ଆସିବାର ବିଳମ୍ବ ହେଲା କାହିଁକି ? ତାହାର ଅଳକ୍ଷଣ ଅଦର୍ଶନ ମୋ ମନକୁ ଉଚ୍ଛନ୍ନ କରୁଅଛି । ହାୟ ନିଷ୍ଠୁରେ, ତୁମ୍ଭ ମନରେ ଦୟା ନାହିଁ ? ଆସିବାରେ ବିଳମ୍ବ କରି ଭକ୍ତପ୍ରେମିକକୁ ବୃଥା ଯାତନ ଦେଇ ତୁମ୍ଭର କି କାମନା ସିଦ୍ଧ ହେଉଅଛି ? ଶୀଘ୍ର ଆସ, ମୋହର ପାଶରେ ବସ, ତୁମ୍ଭର ଚନ୍ଦ୍ରସଦୃଶ ମୁଖ ଦେଖି ସର୍ବ ଦୁଃଖ ପାଶୋରି ସନ୍ତୋଷ ଲଭିବି । ହେ କରୁଣାନିଧାନ ଭଗବାନ, ଶୀଘ୍ର ସେହି ଜୀବଜୀବନ ପ୍ରାଣଧନର ଚନ୍ଦ୍ରାନନ ଦର୍ଶନ କରାଇ ମନର ଉତ୍କଣ୍ଠା ନିବାରଣ କରନ୍ତୁ ।

ବଗ୍ଦରପତି ବିଳମ୍ବ ଦର୍ଶନରେ ଏହିମତ ଅଧୀର ହୋଇ ଯୁବତୀ ଆନୟନାର୍ଥେ ଲୋକ ପଠାଇବାକୁ ଉଦ୍ୟତ ହେଉଅଛନ୍ତି ଏମନ୍ତ ସମୟେ ଜରିତ୍ ବସ୍ତ୍ରାବୃତ ଏକ ସିନ୍ଦୁକ ମୁଣ୍ଡରେ ଥୋଇ ଜଣେ ବାହକ ଉପସ୍ଥିତ ହେଲା । କାଜୀ ଅପରିଚିତ ଲୋକକୁ ସିନ୍ଦୁକ ସହିତ ଉପସ୍ଥିତ ଦେଖିବିସ୍ମିତ ହୋଇପଚାରିଲେ "ଭାଇ, ତୁମ୍ଭେ କିଏ, ଏ ସିନ୍ଦୁକଟି କଣ ? ଏଥିରେ ବା କି ଜିନିଷ ଅଛି ?" ବାହକ ସିନ୍ଦୁକ ତଳେରଖି ସସମ୍ମାନ ଅଭିବାଦନ ପୂର୍ବକ କହିଲା "ହଜୁର ଆପଣଙ୍କର ଶ୍ୱଶୁର ଏହି ସିନ୍ଦୁକ ପଠାଇ ଅଛନ୍ତି, ଯତ୍ନର ସହିତ ରଖନ୍ତୁ, ଏଥିରେ ଆପଣଙ୍କର ହୃଦୟରନ୍ନ ନୂତନ ଭାର୍ଯ୍ୟା ଅଛନ୍ତି।" ଏତେ ସାଧର ଭାର୍ଯ୍ୟା ସିନ୍ଦୁକରେ ଶୁଣି ଅବିବେକୀ ବଗ୍ଦରପତି ପାଗଳ ମତ ହୋଇ ତାହା କଡ଼କି ଯାଇ ସିନ୍ଦୁକ ଫିଟାଇ ଦିଅନ୍ତେ, ସେଥିରୁ ପୂତିଗନ୍ଧ ନିର୍ଗତ ହୋଇ ଚତୁର୍ଦ୍ଦିଗ ବ୍ୟାପ୍ତ ହେଲା । କାଜୀ ଏହି ଦୁର୍ବାସନାରେ ଘୃଣାପନ୍ନ ଓ ବିରକ୍ତ ହୋଇ ଅତିକଷ୍ଟରେ ସିନ୍ଦୁକଭିତରକୁ ଚାହିଁ ଦେଖିଲେ, ସେଥିରେ ଅଶୀତି ହସ୍ତ ପରିମିତା କୋଷ୍ଠରୋଗଗ୍ରସ୍ତା ଓ ହସ୍ତ ପଦାଙ୍ଗୁଳିରହିତା ଗୋଟିଏ କଦର୍ଯ୍ୟରୂପା ନାରୀ ନିହିତା । ତାହାର ସର୍ବ ଶରୀର ଘା' ମୟ, ନାସିକା କ୍ରମଶଃ ହ୍ରାସପାଇ ମୂର୍ଷିକଗର୍ତ୍ତବତ୍ ଗୋଟିଏ ରନ୍ଧ୍ର ବ୍ୟତୀତ ଆଉ ସମସ୍ତ ଚିହ୍ନ ବିନଷ୍ଟ ହୋଇଅଛି । ପଲକବିହୀନ

Digitized by PPRACHIN, SOA

ଚକ୍ଷୁ ଗୋଲକର ମଧ୍ୟରେ ତାର ଦୁଇଟି ଜୁଳୁଜୁଳିଆ ପୋକପରି ଜକଜକ ହେଉଅଛି । ଘଣ୍ଟା ଓଠରୁ ଅବିରତ ରକ୍ତ ନିର୍ଗତ ହୋଇ ପାନପିକର ଭ୍ରମ ଜାତ କରୁଅଛି । ସ୍ତନ ଦ୍ୱୟର ଲେଶମାତ୍ର ଚିହ୍ନ ନାହିଁ । ମସ୍ତକରେ କେଶ ବିଶେଷ ନ ଥିଲେହେଁ ଯତ୍‌କିଞ୍ଚିତ ଥାଇ ମୁଣ୍ଡର ଘା'କୁ ଘୋଡାଇ ରଖିଅଛି । ଏହି ଅସୁନ୍ଦରୀ ବାନରୀପରି ନାରୀ ଦେଖି କାଜୀ ପ୍ରେମମାଧୁରୀ ପାସୋରି ସିନ୍ଦୁକ ବନ୍ଦ କରି ଦୂରରେ ଛିଡ଼ାହୋଇ ବାହକଙ୍କୁ କହିଲେ "ଭାଇ ଏ ବିସ୍ନୃକର ଜାନୁଆରଟାକୁ ଏଠାକୁ କାହିଁକି ଆଣିଛ ? ଏହାକୁ ନେଇ ଏଠାରୁ ଶୀଘ୍ର ଦୂର ହୁଅ, ମଜୁର କହିଲା, "ହଜୁର, ଆପଣ ଯାହାକୁ ଦୂର ଦୂର କରୁଅଛନ୍ତି ସେ କୁକୁର ନୁହେ, ଉମରଙ୍କର ଦୁହିତା, ଆପଣଙ୍କ ମନୋନୀତା ବନିତା ଅଟେ । ଅଧୀନ ସେଠାରେ ଶୁଣିଲା ଯେ କାଜୀ ପ୍ରଣୟରେ ମଜ୍ଜି ଆପଣା ରାଜି ସହିତ ବହୁତ ଟଙ୍କା ଦେଇ ବିବାହ କରୁଅଛନ୍ତି । କାଜୀ କହିଲେ ତୋବା, ତୋବା, ଲାହୋଲ ଲାଅଲା ନାଉଜ ବିଲା, କେଉ ପାଗଲ ଏହି ଅଙ୍ଗହୀନ ଦୁର୍ଗନ୍ଧ ପୂର୍ଣ୍ଣ, ଜୀବଟାକୁ ଭଲା ବିବାହ କରିବ ?

ଏହି କଥୋପକଥନ ସମୟେ ସେଠାରେ ଉମରଙ୍କୁ ଉପସ୍ଥିତ ଦେଖି କାଜୀ କ୍ରୋଧ କମ୍ପିତ ଅଧରରେ କହିଲେ "ରେ ଦୁଷ୍ଟ ବାହାପିଆ, ତୋର ଏଡ଼େ ମୋଟ ହିଯ୍ୟା ! ମୋତେ କିଆ ବୁଝିଛୁ କିଆ ? ମୋର କ୍ଷମତା ତାହା ତୋତେ ଜଣା ନାହିଁ କି ? ତୋପରି ଶତ ଶତ ଶଠଙ୍କୁ ସତତ ଶାସିତ କରୁଅଛି । ତୁ ଖୁବ କାହାସଙ୍ଗେ ଠକାଇ ବ୍ୟବହାର କରୁଅଛୁ ଆମ୍ଭର କୋପାନଳରେ ପଡ଼ି ପୋଡ଼ିପାଡ଼ି ଛାରଖାର ହୋଇ ଯିବୁ ତା'ହାର କି ଡର ନାହିଁ । ଯାହା ହେଉ ନିଜର ମଙ୍ଗଳ ଇଚ୍ଛା ଥିଲେ ଅବିଳମ୍ବେ ତୁମ୍ଭର ପରମ ସୁନ୍ଦରୀ ଅନନ୍ୟ କୁମାରୀ ଯେକି ମୋହର ମନ ଚୋରି କରି ଅଛି ତାହାକୁ ଆଣି ଦିଅ, ନଚେତ୍ ଚଞ୍ଚକତାର ଉଚିତ ଦଣ୍ଡ ପାଇବ । ବର୍ତ୍ତମାନ ଉମର ଆଉ ସେ ରଙ୍ଗ କରି ଲୋକ ନୁହନ୍ତି, କାଜୀସାହେବ ସ୍ତ୍ରୀରତ୍ନ ଲାଭପାଇଁ ତାଙ୍କ ସଙ୍ଗେ ଭାବ ଉଥାଇ ଏକ ମୁହୂର୍ତ୍ତରେ କୁବେର ବନାଇ ଅଛନ୍ତି ସୁତରାଂ ସେ କାଜୀଙ୍କର କର୍କଶ ବଚନ ଶୁଣି ମୌନ ଥିବା କଠିନ । କାଜୀଙ୍କ କଥା ଶୁଣି ନିର୍ଭୀକଭାବେ

Digitized by PPRACHIN, SOA

କହିଲେ, "ମହାଭାଗ, ଏତେ ରାଗ କାହିଁକି ? ଆମ୍ଭର ରୋଗଗ୍ରସ୍ତା ମନ୍ଦ ଅବସ୍ଥାପ୍ରାପ୍ତା ଗୋଟିଏ ମାତ୍ର ଦୁହିତା ବ୍ୟତୀତ ଅନ୍ୟ କନ୍ୟା ନାହିଁ, ସେ ପୁଣି ଏରୂପକୁରୂପିଣୀ, ଯେ ଆପଣଙ୍କର ଗୃହିଣୀ ହେବା ଦୂରେ ଥାଉ କୁଅ ଖାଗୁଣାର ଯୋଗ୍ୟ ନୁହେଁ । ଏ କଥା ଆପଣଙ୍କୁ ବରମ୍ବାର କହିଲେ ସୁଦ୍ଧା ଆପଣ ଅସତ୍ୟ ବୁଝି ନିଜେ ଏହାକୁ ବିବାହ କଲେ ସମ୍ପ୍ରତି ଅନ୍ୟ ଯୁବତୀର ଆଗ୍ରହ କଲେ ମୁଁ କେଉଁଠାରୁ ଆଣିବି ? ଯାହାଙ୍କର ଇଚ୍ଛାରେ ଅନ୍ଧାର ଦୂର ହୋଇ ସଂସାର ଆଲୋକିତ ହେଉଅଛି ଯେ ସୃଷ୍ଟି ସ୍ଥିତି ଓ ପ୍ରଳୟର ଅଧିକାରୀ ଅଟନ୍ତି ସେହି ସର୍ବଶକ୍ତିମାନ୍ ରହେମାନଙ୍କର କୋରାଣର ରାଣ (୧) କରି କହୁଅଛି ଏହାଛଡ଼ା ମୋହର ବେହେଡ଼ା ଅବେହେଡ଼ା ଅନ୍ୟ ତନୟା ନାହିଁ । ଅତଏବ ଆପଣ ନିଜ ଭାଗ୍ୟ ଆଦରି ନିଜ ସହଚରୀ କରି ଏହାକୁ ଘେନି ଘର କରନ୍ତୁ, "ସଲାମ" ମୁଁ ବିଦାୟ ହେଉଛି ।

ବଗ୍ଦରକ ଶିଲ୍ପକାରକର ଦାମ୍ଭିକ କଥା ଶୁଣି ଧୀରସ୍ୱରେ କହିଲେ, "ଭାଇ ଆମ୍ଭ କଥାରେ ବିରକ୍ତ ହୁଅ ନାହିଁ । ସକଳ ବିବରଣ ମନ ଦିଠାଇ କହୁଅଛି ଶୁଣ, ଆଜି ଗୋଟିଏ ପରମ ରୂପବତୀ ଯୁବତୀ ମୋ କଡକୁ ଆସି ତୁମ୍ଭର କନ୍ୟା ବୋଲି କହିଲା ଏବଂ ତୁମ୍ଭେ ତାହାର ରୂପର ନିନ୍ଦା କରି କାହାର ସଙ୍ଗେ ବିବାହ କରି ଦେଉନା ବୋଲି ଗୁହାରି କଲା । ମୁଁ ତାହାର ସୌନ୍ଦର୍ଯ୍ୟରେ ମୋହିତ ଓ ମିଷ୍ଟ କଥାରେ ବଶୀଭୂତ ହୋଇ ତୁମ୍ଭର ଅନୁମତି ନେଇ ତାହାକୁ ନିଜେ ବିବାହ କରିବାକୁ ଅଙ୍ଗୀକୃତ ହେଲି ।" ଉମରୀ କହିଲେ, ନିଶ୍ଚୟ କୌଣସି ଲଲନା ପ୍ରତାରଣା ଦ୍ୱାରା ତୁମ୍ଭଙ୍କୁ ମୁଗ୍ଧ କରି ବିରହ ଯାତନା ଦେଇ ଛଳନା କରି ଚାଲିଗଲା । କାଜି ଉମରୀର କଥା ଶୁଣି ପାଜୀଗିର ଧାଶୋର କିଛିକ୍ଷଣ ମୌନଭାବରେ ଅବସ୍ଥାନ ପରେ କ୍ଷୀଣସ୍ୱରରେ କହିଲେ, "ଭ୍ରାତ, ଯାହା ହେବାର ଥିଲା ତାହା ତ ହେଲାଣି, ଆମ୍ଭର ପାପଧନ ବହୁତ ବଢ଼ି ଯିବା ବେଳେ ମୂଳ ସହିତ ଗଲାଣି, ତାହାପାଇଁ ଭାବନା ନାହିଁ । ବର୍ତ୍ତମାନ ତୁମ୍ଭେ ଦୟା କରି ତୁମ୍ଭର କନ୍ୟାରତ୍ନ ନିହିତ ଏହି ସିନ୍ଦୁକଟି ଘେନି

ରହେମାନଙ୍କର କୋରାନ — ଈଶ୍ୱର ପ୍ରଦତ୍ତ ମୁସଲମାନ ଧର୍ମଶାସ୍ତ୍ର ।

Digitized by PPRACHIN, SOA

ଯିବା ନିମିତ୍ତ ବାଦ୍ଧାକଙ୍କୁ ଆଜ୍ଞା ଦେଇ ଆମ୍ଭର କଷ୍ଟ ବଦୂରିତ କର । ଏ ଦିବା ଅମ୍ଭ ସଙ୍ଗେ ଚିର ବନ୍ଧୁତା ରଖିବାର ଇଚ୍ଛା ଥିଲେ କାବନନାମା ଲିଖିତ ଅନ୍ୟ ଦାବିରୁ ରହିତ ହୋଇ ଅମ୍ଭଠାରୁ ନଗଦ ପ୍ରାପ୍ତ ମୁଦ୍ରା ସ୍ୱଚ୍ଛନ୍ଦେ ଭୋଗକର, ସେଥିରେ ଅମ୍ଭର ଦାବୀ ନାହିଁ । ନିଜ କୃତ କର୍ମର ଉଚିତ ଫଳ ପାଇଲୁଁ !

କାବନନାମାରେ କାଜୀ ପତ୍ନୀ ତ୍ୟାଗ କଲେ ତ୍ୟାଗର ଦଣ୍ଡସ୍ୱରୂପ ଅନ୍ତୁର ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଏବଂ ଯୁବତୀ ଅନ୍ୟ ପତି ପାଇବା ପର୍ଯ୍ୟନ୍ତ ତାହାର ଭରଣ ପୋଷଣ ନିମନ୍ତେ ମାସିକ ପଞ୍ଚାଶ ଟଙ୍କା ଲେଖାଏ ଦେଉଥିବେ ବୋଲି ଅଙ୍ଗୀକାର କରି ଅଛନ୍ତି । ସୁତରାଂ ଯାହା ଦେଇ ଅଛନ୍ତି ତାହା ତ ଗଲାଣି, ନୂଆ ଭରସା କରିବା ସଜା ମିଳିଲାଣି ପୁଣି ଲାଭ ଫାଙ୍କି ସ୍ୱରୂପ ଗୁଡ଼ାଏ ଟଙ୍କା ଦେଇ ଆଜୀବନ ଦେଇ ଦେଇ ଦେବାର ଦକା ଯିବ ନାହିଁ ଭାବି ପ୍ରଣୟୀ ମାଧୁରୀ ପାଶୋର ଭୀତ ହୋଇ ଉମରାଙ୍କୁ ବିନୀତ ଭାବେ ତୋଷାମୋଦ କରିବାକୁ ଲାଗିଲେ । ଉମରା ବିନାକଷ୍ଟରେ ସ୍ୱପ୍ନାଦୃଷ୍ଟ ବହୁତ ଧନ ପାଇ ସନ୍ତୁଷ୍ଟ ଥିଲେ, ଆଉ ଦାବି କଲେ କାଜୀ ବିରକ୍ତ ହୋଇ କୌଣସି ଅନିଷ୍ଟ କରିବେ ଭାବି ଅନ୍ୟ ଦାବୀ ଛାଡ଼ି କାଜିଙ୍କଠାରୁ ପତ୍ନୀ ଓ ପ୍ରଦତ୍ତ ମୁଦ୍ରାର ନା ଦାବି ଲେଖାଇ ନେଇ କନ୍ୟାରୂପସ୍ୱର୍ଣ୍ଣମଣିକୁ ବାହିକରି ମୁଣ୍ଡରେ ଘେନି ଘରକୁ ଗମନ କଲେ ।

ଏହି ଅଦ୍ଭୁତ ବିବାହ ବୃତ୍ତାନ୍ତ ତୁରନ୍ତ ନଗରବ୍ୟାପ୍ତ ହୋଇ କାଜିଙ୍କୁ ଲଜ୍ଜିତ ଓ ନଗରବାସିଙ୍କୁ ଆନନ୍ଦିତ କରିଥିଲା । ଅନେକ ଦିନ ପର୍ଯ୍ୟନ୍ତ ନଗରର ପ୍ରତି ସ୍ଥାନରେ ଲୋକଗହଣରେ ପ୍ରହସନ ରୂପେ ଏହି ଚର୍ଚ୍ଚା ହେଉଥିଲା ।

ସେ ଯାହାହେଉ ବିଚାରପତି ଏତିକରେ ମୁକ୍ତି ନ ପାଇ ତାଙ୍କର ଦୁଷ୍କୃତିର ପ୍ରାୟଶ୍ଚିତ ରୂପେ ଅନ୍ତୁର ଅନେକ ଦୁର୍ଗତି ଲଭିଲେ ଅର୍ଥାତ୍ ଏହି ଘଟଣାର କେତେ ଦିନ ପରେ ମଓ୍ୟାଫେକ୍ ଦିନେ ରାଜାଙ୍କ ନିକଟକୁ ଯାଇ ନିଜ ପରିଚୟ ଦେବାକୁ ଲାଗିଲେ । ମୁଁ ତାଙ୍କର ଉପଦେଶ ମତେ ରାଜାଙ୍କ ନିକଟକୁ ଯାଇ ଆପଣା ପରିଚୟ ଦେଇ

Digitized by PPRACHIN, SOA

ନିଜ ଦୁର୍ଦ୍ଦଶା ଓ ଦୁର୍ଦ୍ଦାନ୍ତ କାଜୀର ମୋ ପ୍ରତି ନିଷ୍ଠୁରତାର ବୃତ୍ତାନ୍ତ ଶୁଣାଇଲି । ନୃପତି ମୋହର ଦୁର୍ଗତିର କାହାଣୀ ଶୁଣି ଅତି ଦୁଃଖିତ ହୋଇ କହିଲେ, ତବ ତାତ ମୋହର ମିତ୍ର ଅଟନ୍ତି, ତୁମ୍ଭେ ଅନେକ ଦିନରୁ ଏଠାରେ ରହି ଅନେକ କଷ୍ଟ ସହିଲ, ମାତ୍ର ମୋତେ ପୂର୍ବରୁ ଜଣାଇଲ ନାହିଁ, ସେଥିପାଇଁ ଅତି ଦୁଃଖିତ ହେଲି, ଦସ୍ୟୁଗଣ ତୁମ୍ଭର ସର୍ବସ୍ୱ ଅପହରଣ କରିଥିଲେ, ଏଣୁ ସାମାନ୍ୟ ବେଶରେ ଆମ୍ଭର ନିକଟକୁ ଆସିବାକୁ ଲଜ୍ଜା ବୋଧକଲ, କିନ୍ତୁ ମନୁଷ୍ୟର ଅବସ୍ଥା ସର୍ବଦା ସମାନ ଥାଏ ନାହିଁ, ଆଜି ଯେ ରାଜେନ୍ଦ୍ର କାଲି ସେ ଫକୀର । ରାଓଙ୍କର ଏହି ମହତ୍ଉକ୍ତି ପ୍ରତି ତୁମ୍ଭର କି ଧ୍ୟାନ ଥିଲା ନାହିଁ । ତୁମ୍ଭେ ଦୁଃଖୀରୂପେ ଆମ୍ଭ ସମୀପକୁ ଆସିଥିଲେ କି ଉଚିତ ସମ୍ମାନ ପାଇ ନ ଥାନ୍ତ ? ଆମ୍ଭ ସଦନ ତୁମ୍ଭର ପିତୃଭବନ ସ୍ୱରୂପ ଅଟେ, ନିଜଘର ଜ୍ଞାନ କରି ସେ ସମୟରେ ଆସିଥିଲେ ଆମ୍ଭଙ୍କୁ ଆହୁରି ଅଧିକ ସନ୍ତୁଷ୍ଟ କରିଥାନ୍ତ । ଯାହା ହେଉ ବର୍ତ୍ତମାନ ଯେ କେତେଦିନ ଏଠାରେ ଅଛ ଆମ୍ଭର ଅତିଥିରୂପେ ନିଜ ଶ୍ୱଶୁରାଳୟରେ ଅବସ୍ଥାନ କର । ତୁମ୍ଭର ଯାହା ପ୍ରୟୋଜନ ଆମ୍ଭ ଏଠାରୁ ପାଉଥିବ ଏବଂ କୌଣସି ବିଷୟରେ ଅଭାବ ହେଲେ ତାହା ଶୀଘ୍ର ଜଣାଇବ । ଏହା କହି ମୋତେ ରାଜୋଚିତ ପରିଚ୍ଛଦ ଓ ନିଜ ଅଙ୍ଗୁରୀୟ ପ୍ରଦାନ କରି ବିଦାୟ କଲେ । ମୁଁ ଆସିବା ପରେ ସ୍ୱର୍ଣ୍ଣ ତାରକାରୁ କୃତ ଛଅଖଣ୍ଡ ଅତ୍ୟୁତ୍କୃଷ୍ଟ ବସ୍ତ୍ର ଓ ଦୁଇ ଥାନ ମୂଲ୍ୟବାନ କମ୍ଖାପ, ଗୋଟିଏ ଦ୍ରୁତଗାମୀ ଆରବୀୟ ହୟ ଏବଂ ଅନେକ ରତ୍ନ ମୋ ନିକଟକୁ ପଠାଇଲେ । ତଦନନ୍ତର ସେ ମର୍ତ୍ତ୍ୟାଫେଙ୍କୁ ସରଳ ଓ ଭଦ୍ର ଜାଣି ତାଙ୍କ ପୂର୍ବ କର୍ମରେ ନିଯୁକ୍ତ ଏବଂ କାଜୀଙ୍କର ପାଜୀ ମିରର କଥା ଅନେକଙ୍କ ଠାରୁ ଶୁଣି ତାଙ୍କୁ କର୍ମରୁ ବରଖାସ୍ତ କରି ଜୁମରା କନ୍ୟା ଚୂନ୍ନାଆ ସହିତ ଚିରକାଳ କାରାଗାରରେ ରହିବାର ଆଦେଶ ଦେଲେ ।

କାଜୀ ନିଜ ଦୁଷ୍କର୍ମର ପ୍ରତିଫଳ କାରାଗାରରେ ପାଇବାକୁ ଲାଗିଲେ, ମର୍ତ୍ତ୍ୟାଫେ ସ୍ତ୍ରୀୟ ସୁମତି ଯୋଗେ ନଗରୀସ୍ଥ ହୋଇ ଅତି ସୁଖ୍ୟାତି ସହିତ ଦିନ ଯାପନ କରୁଥିଲେ । ଆମ୍ଭେ କେତେକ ଦିନ ପରମ ସୁଖରେ ସେଠାରେ ରହି ପରେ ନିଜ ରାଜ୍ୟକୁ ଫେରିଯିବା ନିମିତ୍ତ

Digitized by PPRACHIN, SOA

ପତ୍ର ଲେଖି ପିତାଙ୍କ ନିକଟକୁ ଦୂତ ପଠାଇଲି । ମାତ୍ର ଦୂତ ଫେରି ଆସି କହିଲା "ଦସ୍ୟୁଗଣ ଆପଣଙ୍କୁ ବାନ୍ଧି ଘେନି ଯାଉଥିବାର ଶୁଣି, ସେମାନେ ଆପଣଙ୍କୁ ସଂହାର କରିଥିବେ ଭାବି, ଆପଣଙ୍କର ପିତା ଦୁଃଖରେ ପ୍ରାଣତ୍ୟାଗ କଲେ । ତାଙ୍କପରେ ଆପଣଙ୍କର ପିତୃବ୍ୟସୁତ ରାଜ୍ୟପ୍ରାପ୍ତ ହୋଇ ଉତ୍ତମରୂପେ ଶାସନ କରୁଅଛନ୍ତି । ପ୍ରଜାମାନେ ତାଙ୍କର ଶାସନରେ ସୁଖରେ ଅଛନ୍ତି । ଆପଣ ଜୀବିତ ଅଛନ୍ତି ଶୁଣି ସମସ୍ତେ ଖୁସି ହେଲେ ଏବଂ ଆପଣଙ୍କର ପିତୃବ୍ୟସନ୍ତାନ ରାଜ୍ୟକୁ ଫେରିଯାଇ ରାଜ୍ୟଭାର ଗ୍ରହଣ ନିମିତ୍ତ ଅନୁରୋଧ କରି ପତ୍ର ଲେଖି ଅଛନ୍ତି, ମୁଁ ପତ୍ର ସିଂଠାଇ ଦୂତ କଥା ସହିତ ଏହା ସମ୍ପୂର୍ଣ୍ଣ ମିଳୁଥିବାର ଦେଖି ରାଜାଙ୍କୁ ଯାଇଁ ଦେଖାଇ ବିଦାୟ ପ୍ରାର୍ଥନା କଲି । ରାଜା ମୋ ସଙ୍ଗେ ଦୁଇ ସହସ୍ର ଅଶ୍ୱାରୋହୀ ଓ ପାଞ୍ଚ ସହସ୍ର ପଦାତିକ ସୈନ୍ୟ ଏବଂ ଅନେକ ଗୁଡ଼ଏ ସ୍ୱର୍ଣ୍ଣମୁଦ୍ରା ଦେଇ ବିଦାୟ କଲେ । ପରେ ଶ୍ୱଶୁର ଓ ଶ୍ୱଶ୍ରୂଙ୍କଠାରୁ ବିଦାୟ ନେଲି । ଜମୁରଦ ପତ୍ନୀ ମାତାଙ୍କଠାରୁ ବିଦାୟ କାଳରେ ଦୁଃଖେ ଅର୍ଦ୍ଧମୃତା ହେଲେ, କିନ୍ତୁ ପୃଥିବୀର ସମସ୍ତ ପରିଜନ ବର୍ଜିତ ହୋଇ ପାରନ୍ତି, ପତିବର୍ଜନ ସର୍ବାପକ୍ଷରେ କଠିନ ଭାବି ଶୋକ-ସମ୍ବରଣପୂର୍ବକ ବିଦାୟ ନେଇ ମୋ ସଙ୍ଗରେ ଆସିଲେ । ଅମ୍ଭେ ରାଜ-ଧାନୀର ନିକଟବର୍ତ୍ତୀ ହୁଅନ୍ତେ ପିତୃବ୍ୟସୁତ ଭଉତବଦ୍ ବହୁତ ସୈନ୍ୟ ସାମନ୍ତ ସହିତ ଉପସ୍ଥିତ ହୋଇ ଅମ୍ଭମାନଙ୍କୁ ସମାଦରପୂର୍ବକ ପାଛୋଟି ଘେନିଗଲେ । ପ୍ରଜାମାନେ ମୋତେ ଦେଖି ସୁଖୀ ହୋଇ ସିଂହାସନରେ ବସାଇ ତିନଦିନ ପର୍ଯ୍ୟନ୍ତ ମହା ମହୋତ୍ସବ କଲେ । ମୁଁ ବହୁ ଆଡ଼ମ୍ବର ସହିତ ସିଂହାସନାରୋହଣ କରି ଅତ୍ୟନ୍ତ ଆନନ୍ଦିତ ହୋଇ ଜମୁରଦର ଆନନ୍ଦ ବର୍ଦ୍ଧନ ନିମିତ୍ତ ଯତ୍ନ କରିବାକୁ ଲାଗିଲି । ତାଙ୍କର ବାସଭବନ ମୂଲ୍ୟବାନ୍ ନାନାପ୍ରକାର ଉପାଦାନରେ ସୁସଜ୍ଜିତ କରିଦେଲି, ପରେ ମନସନ୍ତୋଷ କାରିଣୀ କୋଡ଼ିଏଟି ରୂପବତୀ ଜର୍ଜିଆ ଦେଶୀୟ ଯୁବତୀ ସଖୀ ଓ ଗାନକାରିଣୀ ନିଯୁକ୍ତ କରିଦେଲି । ଏତଦ୍‌ଭିନ୍ନ ରାତିଦିନ ନାନା ଉପାୟରେ ତାହାର ସନ୍ତୋଷ ବର୍ଦ୍ଧନ ଏବଂ ତାହାର ସହବାସ ସୁଖରେ ଥାଇ ମିଷ୍ଟବଚନ ଶ୍ରବଣ ଓ ପ୍ରେମପୂର୍ଣ୍ଣ ବ୍ୟବହାର ଦ୍ୱାରା ସୁଖରେ

Digitized by PPRACHIN, SOA

କାଳଯାପନ କରିବାକୁ ଲାଗିଲୁ ଏହି ସୁଖ ବହୁକାଳ ଭୋଗ କରିବାକୁ ଆମ୍ଭ କପାଳରେ ଘଟିଲା ନାହିଁ । ଜଣେ କୁଲକ୍ଷଣ ଉଦାସୀନର ଆଗମନ ଆମ୍ଭର ସୁଖସଦନକୁ ବଜ୍ରପାତ ଦ୍ୱାରା ଦହନ କଲା ଏହି ଉଦାସୀନ ନବୀନ ଚତୁର ମିଷ୍ଟଭାଷୀ, ମୃଦୁହାସୀ ଏବଂ ଆଶ୍ଚର୍ଯ୍ୟ ମୋହନକାରୀ ଗୁଣଧାରୀ ଲୋକଥିଲା । ତାହାକୁ ଦେଖିଲେ ଲୋକେ ମୋହିତ ଓ ତାହାର ବଶୀଭୂତ ହେଉଥିଲେ । ଆମ୍ଭେ ଓ ସଦସ୍ୟମାନେ ସମସ୍ତେ ତାହାର ଆଚାର ବ୍ୟବହାର ଓ ମିଷ୍ଟାଳାପରେ ସନ୍ତୁଷ୍ଟ ହେଲୁ । ପୂର୍ବରୁ ମୋହର ମନରେ ଏହି ଭ୍ରମାତ୍ମକ ଧାରଣା ଥିଲା ଯେ, ଗୁଣୀ ଲୋକେ କେବଳ ରାଜସଭାରେ ଥାନ୍ତି ମାତ୍ର ଉଦାସୀନର ଦର୍ଶନାବଧି ତାହା ବିଦୂରିତ ହେଲା । ତାହାର ଅଦ୍ଭୁତ ରାଜନୀତିଜ୍ଞତା ଓ କର୍ମଦକ୍ଷତା ଦେଖି ଅଧିକ ସନ୍ତୁଷ୍ଟ ହୋଇ ମନ୍ତ୍ରୀତ୍ୱ ଗ୍ରହଣ ନିମିତ୍ତ ଦିନେ ଅନୁରୋଧ କଲି, ମୋହର ଅନୁରୋଧରେ ଉଦାସୀନ ଉପହାସ କରି କହିଲେ "ଏ କର୍ମ ସଂସାରମାୟା ମମତା ତ୍ୟାଗୀ ଯୋଗୀର ଉପଯୁକ୍ତ ନୁହେ । ଭୋଗ ବାସନା ତ୍ୟାଗ ଓ ଅନେକ ଯାତନାଦାୟକ ଯୋଗ ସାଧନା ଦ୍ୱାରା ଅନନ୍ଦୋପଭୋଗ ଯୋଗୀର ପ୍ରକୃତ ବ୍ୟବସାୟ ଅଟେ । ଯେ ଅନ୍ନଦାତା ବିଧାତା କୀଟ ପତଙ୍ଗ ପ୍ରଭୃତି ଇତର ଜୀବଙ୍କୁ ପୋଷଣ କରନ୍ତି ତାଙ୍କର ଅନୁଗ୍ରହରୁ ଏକମୁଷ୍ଟି ଅନ୍ନ ଭୋଜନ ନିମିତ୍ତ ଅବଶ୍ୟ ମିଳିବ, ତେବେ ଏ ଛାର ଶରୀରର ସୁଖ ନିମିତ୍ତ ସତତ ନିଯୁକ୍ତ ରହିବାର ଆବଶ୍ୟକ କଣ ? ରାଜ୍ୟ, ଧନ, ପରିଜନ ଦୁଃଖର କାରଣ ଅଟେ, ସୁତରାଂ ଏହାପାଇଁ ଯତ୍ନ ନ କରି ଈଶ୍ୱରଙ୍କ ଧ୍ୟାନରେ ନିମଗ୍ନ ହେଲେ ଇହଜନ୍ମ ସୁଖକର ଓ ପରଜନ୍ମରେ ଉଦ୍ଧାର ହେବ । ଯତିର ଏହିପରି ବିଷୟ ବୈରାଗ୍ୟ ଉକ୍ତି ଶୁଣି ତାହାପ୍ରତି ଅଧିକ ଭକ୍ତି ଜନ୍ମିଲା ଏବଂ ତାହାକୁ ଅଧିକତର ଆଦର କରିବାକୁ ଲାଗିଲି । ଦିନେ ମୃଗୟାକୁ ଯାଇ ଦୈବାତ୍ ସଙ୍ଗୀମାନଙ୍କଠାରୁ ବିଚ୍ଛିନ୍ନ ହୋଇ ମୁଁ ଓ ସନ୍ନ୍ୟାସୀ ଉଭୟେ ବହୁଦୂରକୁ ବାହାର ଯାଇ ଘୋର ଅରଣ୍ୟରେ ପହୁଞ୍ଚିଲୁ ଏବଂ ପଥଶ୍ରାନ୍ତ ହୋଇ ବିଶ୍ରାମ ନିମିତ୍ତ ଗୋଟିଏ ସ୍ୱଚ୍ଛଜଳା ନିର୍ଝରିଣୀ ତଟରେ ବୃକ୍ଷ ମୂଳରେ ଅବସ୍ଥାନ କଲୁ । ସେଠାରେ କଥୋପକଥନ ସମୟେ

Digitized by PPRACHIN, SOA

ଉଦାସୀନ ଆପଣା ଦେଶ ପର୍ଯ୍ୟଟନ ବିବରଣ ବର୍ଣ୍ଣନ କରୁ କରୁ କହିଲେ "ହିନ୍ଦୁସ୍ଥାନରେ ଅବସ୍ଥାନ କାଳରେ ଜଣେ ବ୍ରାହ୍ମଣ ସଙ୍ଗେ ମୋହର ସୌହୃଦ୍ୟ ହେଲା । ସେ ଅତିଶୟ ବିଦ୍ୱାନ ଧ୍ୟାନପରାୟଣ ବିଶେଷତଃ ମାୟାଶାସ୍ତ୍ରରେ ବିଶେଷ ଜ୍ଞାନାର୍ଜନ କରିଥିଲେ । କିଛିଦିନପରେ ସେ ପୀଡ଼ିତ ହୋଇ ଶଯ୍ୟାଶାୟୀ ହେଲେ ଏବଂ ଅନ୍ତିମକାଳ ଉପସ୍ଥିତ ଦେଖି ମୋତେ କହିଲେ "ମରଣ ମୋହର ନିକଟବର୍ତ୍ତୀ" ମୁଁ ବର୍ତ୍ତମାନ ମରିବି । ମୁଁ ଗୋଟିଏ ଚମତ୍କାର ମାୟା ମନ୍ତ୍ର ଜାଣେ, ତୁମ୍ଭେ ତାହା ପର କାହାଠାରେ ପ୍ରକାଶ ନ କରିବାର ଅଙ୍ଗୀକାର କଲେ ତୁମ୍ଭଙ୍କୁ ଶିଖାଇ-ଦେବି । ତୁମ୍ଭେ ତାହା ଜାଣିଲେ ଅଦ୍ଭୁତ କାର୍ଯ୍ୟ କରି ଚିରକାଳ ମୋତେ ମନେ କରୁଥିବ" । ମୁଁ କାହାରିଠାରେ ପ୍ରକାଶ କରିବି ନାହିଁ ବୋଲି ଅଙ୍ଗୀକାର କରିବାରୁ ବ୍ରାହ୍ମଣ ମନ୍ତ୍ରଟି ମୋତେ ଶିଖାଇଦେଇ ପ୍ରାଣତ୍ୟାଗ କଲେ । ଅଦ୍ଭୁତ ମନ୍ତ୍ରର କଥା ଶୁଣି ମୁଁ କହିଲି ସମ୍ଭବତଃ ମନ୍ତ୍ର ପ୍ରଭାବରେ ସୁନା ପ୍ରସ୍ତୁତ ହୋଇପାରେ । ଯୋଗୀ କହିଲା ମହାରାଜ ସୁବର୍ଣ୍ଣ ନିର୍ମାଣ ସାମାନ୍ୟ କର୍ମ ଅଟେ, ମାତ୍ର ମନ୍ତ୍ର ପ୍ରୟୋଗରେ ମୃତଜୀବଙ୍କୁ ସଂସାର ଦୁର୍ଲ୍ଲଭ ଅନ୍ୟ ଜୀବନ ଦିଆଯାଇପାରେ । ଦେଖିବାକୁ ଇଚ୍ଛା କଲେ ଦେଖାଇ ଦେବି । ମୁଁ କହିଲି "ବିଳମ୍ବ ନ କରି ଏହିକ୍ଷଣି ଦେଖାଇ ଦିଅ" । ଏହି ସମୟରେ ଗୋଟିଏ ହରିଣୀ ପାର୍ଶ୍ୱଦେଇ ପଳାୟନ କରୁଥିବାର ଦେଖି ଶରଦ୍ୱାରା ତାହାକୁ ବଧକରି ସନ୍ନ୍ୟାସୀକୁ କହିଲି ମନ୍ତ୍ରଦ୍ୱାରା ଏହାକୁ ଜୀବିତ କରିପାରିବ କି ? ଉଦାସୀନ କହିଲା "ଜୀବନଦାନରେ ଈଶ୍ୱରଙ୍କ ଭିନ୍ନ ଅନ୍ୟ କାହାର କ୍ଷମତା ନାହିଁ ମୁଁ କେବଳ ନିଜ ଆତ୍ମାକୁ ଚାଳିତ କରି ମୃତ ହରିଣକୁ ଜୀବିତ କରିବି" । ଏହା କହି ଉଦାସୀନ ମୃତବତ୍ ଭୂପତିତ ହେଲା ଏବଂ ମୃତ ହରିଣ ଜୀବିତ ହୋଇ ଏଣେ ତେଣେ କୁଦା କୁଦି କରି ମୋ ନିକଟକୁ ଆସିଲା । ମୁଁ ମୃତଶରୀର ଜୀବିତ ଦେଖି କେତେଦୂର ବିସ୍ମିତ ହେଲି ତାହା କଥନାତୀତ । ହରିଣୀ ମୋ ସମ୍ମୁଖରେ କେତେ କ୍ଷଣ ଏଣେ ତେଣେ ବିଚରଣ କରି ଧରାବଲୁଣ୍ଠିତ ଓ ଯୋଗୀ ଜୀବିତ ହେଲା ।

Digitized by PPRACHIN, SOA

ଏହି ଅଦ୍ଭୁତ ବ୍ୟାପାର ଦେଖି ମୁଁ ସ୍ତମ୍ଭୀଭୂତ ହୋଇ ଯୋଗୀଙ୍କୁ କହିଲି, "ପ୍ରଭୁ ଅନୁଗ୍ରହକରି ଏହି ମନ୍ତ୍ରଟି ମୋତେ ଶିଖାଇ ଦିଅନ୍ତୁ । ମୋ କଥା ଶୁଣି ସନ୍ନ୍ୟାସୀ ହସି ହସି କହିଲେ "ମହାଶୟ ଏ କି ଆଜ୍ଞା କରୁ ଅଛନ୍ତି, ମନ୍ତ୍ରଟି କାହାରିକି ଶିଖାଇବି ନାହିଁ ବୋଲି ବ୍ରାହ୍ମଣଠାରେ ଅଙ୍ଗୀକାର କରିଅଛି, ତାହା କିପରି ଭାଙ୍ଗିବି" ମୁଁ କହିଲି,"ଯାହାହେଉ ମୋତେ ଏଥିରୁ ବଞ୍ଚିତ କରନ୍ତୁ ନାହିଁ; ଅନୁଗ୍ରହକରି ମୋତେ ଶିଖାଇ ଦିଅନ୍ତୁ, ମୁଁ ଶପଥକରି କହୁଅଛି ଏହା ଦ୍ୱାରା ମୁଁ କାହାର ଅନିଷ୍ଟ କରିବି ନାହିଁ । ଏହିପରି ଅନେକ ଅନୁନୟ ବିନୟ, କରିବାରୁ ଯୋଗୀ ଦୟା କରି କହିଲେ "ମହାରାଜ ତୁମ୍ଭେ ମୋହର ପ୍ରାଣ ଅପେକ୍ଷା ଅଧିକ ପ୍ରିୟ, ତୁମ୍ଭ ଅନୁରୋଧ ଅଲଙ୍ଘନୀୟ, ମୁଁ ସତ୍ୟଭଙ୍ଗ କରି ନିଷ୍ଟୟ ମନ୍ତ୍ରଟି ତୁମ୍ଭଙ୍କୁ ଶିଖାଇବି ।" ଅନନ୍ତର ଉଦାସୀନ ମୋତେ ମନ୍ତ୍ର ପ୍ରଦାନ କଲେ । ମନ୍ତ୍ର ଶିଖିବା ମାତ୍ରକେ ମୁଁ ଆନନ୍ଦରେ ଜ୍ଞାନାନ୍ଧ ହୋଇ ତାହା ପରୀକ୍ଷା ନିମିତ୍ତ ଆତ୍ମାକୁ ମୃତ ହରିଣଠାରେ ପ୍ରବେଶ କରାଇ ବଚନାତୀତ ଆନନ୍ଦିତ ହେଲି, ମୋହର ଏହି ଆହ୍ଲାଦ ଶୀଘ୍ର ବିଷାଦରେ ପରିଣତ ହେଲା । ସେହି ଦୁର୍ବୃତ୍ତ ଭଣ୍ଡତପସ୍ୱୀ ସୁଯୋଗ ଦେଖି ମୋହର ଦେହରେ ପ୍ରବିଷ୍ଟ ହୋଇ ମୋହର ଧନୁଶର ନେଇ ମୋତେ ମାରିବାକୁ ଉଦ୍ୟତ ହେଲା ମୁଁ ସେହି ନିର୍ଦ୍ଦୟର ଅଭିପ୍ରାୟ ଜାଣି ପଳାୟନ କଲି ମାତ୍ର ପାପିଷ୍ଠ କ୍ଷାନ୍ତ ନ ହୋଇ ବହୁଦୂର ଅନୁଧାବନକରି ଶେଷରେ ବିଫଳ ପ୍ରଯତ୍ନ ହୋଇ ବିଷର୍ଣ୍ଣ ମନରେ ଫେରିଗଲା । ମୁଁ ସେହି ଦୁରନ୍ତ ହସ୍ତରୁ ଉଦ୍ଧାର ପାଇଲି ସତ୍ୟ, କିନ୍ତୁ ମନ କ୍ଷଣକ ସକାଶେ ସୁଦ୍ଧା ସ୍ଥିର ହେଲାନାହିଁ । ସର୍ବଦା ଜମୁରଦର ସହବାସ ଓ ଉଆସର ସୁଖ ସମ୍ଭୋଗ ବିଷୟ ଭାବି ଭାବି ବ୍ୟଥିତ ହେବାକୁ ଲାଗିଲି । ଏହି ଶୋକାକୁଳ ଜୀବନ ଧାରଣ ଅପେକ୍ଷା ମରଣ ସହସ୍ର ଗୁଣେ ଉତ୍ତମ ଥିଲା । ସେ ଯାହା ହେଉ ମୁଁ ଏହିପରି ହରିଣ ଜୀବନରେ ଦୁଃଖିତ ମନରେ ବନେ ବନେ ବୁଲିବାକୁ ଲାଗିଲି । ଏଣେ ଯୋଗୀ ନଗରରେ ପ୍ରବେଶ କରି ରାଜ୍ୟ ସୁଖ ଓ ଜମୁରଦ ସଙ୍ଗେ ସୁଖଭୋଗ କରିବାକୁ ଲାଗିଲା । ବର୍ତ୍ତିମାନ ତାହାର ଅନ୍ୟକୌଣସି ଚିନ୍ତାନାହିଁ, କେବଳ ତାହାର

Digitized by PPRACHIN, SOA

ଧନୁର୍ବାଣରୁ ମୋହର ପ୍ରାଣରକ୍ଷା ହୋଇ ଥିବାରୁ କଳେ, ଛଳେ, ବଳେ କୌଶଳେ କମ୍ବା ମନ୍ତ୍ରବଳେ କାଷ୍ଠପାଲଟି ଘରେ ପହୁଞ୍ଚି ତାହାର ଅନିଷ୍ଟ କରିବ ଭାବି ବ୍ୟସ୍ତ ହେଉଥିଲା ଏବଂ ଏହି ଅଶଙ୍କା ନିବାରଣ କାରଣ ବିଜ୍ଞାପନ ଜାରିକଲା ଯେ ବ୍ୟକ୍ତି ହରିଣ ବଧ କରି ତାହାର ମୁଣ୍ଡ ଭେଟି ଆଣିବ ପ୍ରତିମୁଣ୍ଡ ପାଇଁ ବିଂଶମୁଦ୍ରା ପୁରସ୍କାର ପାଇବ । ଏହି ବିଜ୍ଞାପନ ରାଜ୍ୟର ଶତ ଶତ ଜନେ ବନେ ବନେ ବୁଲି କୁରଙ୍ଗକୁଳ ନିର୍ମୂଳ କରିବାକୁ ଲାଗିଲେ । ହରିଣବଂଶର ଏହିପରି ଅଯଥା ବିନାଶ ଦେଖି ମୁଁ ନିଜ ଜୀବନରୁ ହତାଶ ହୋଇ ଏଣେ ତେଣେ ଲୁଚି ବୁଲିଲି । ଏହିପରି ବୁଲି ବୁଲି ଦିନେ ସୌଭାଗ୍ୟକ୍ରମେ ଗୋଟିଏ ବୁଲ୍‌ବୁଲ୍ ପକ୍ଷୀର ଶବ ଦେଖି ତହିଁରେ ଆତ୍ମାକୁ ପ୍ରବେଶ କରାଇ ଅଗ୍ରମୃତ୍ୟୁ ଅଶଙ୍କାରୁ ରକ୍ଷା ପାଇ ଶୂନ୍ୟେ ଶୂନ୍ୟେ ଉଡ଼ି ରାଜଧାନୀରେ ପହୁଞ୍ଚି ଅନ୍ତଃପୁରରେ ଜମୁରିତ ବାସ ଗୃହର ଅଦୂରରେ ଗୋଟିଏ ଉଚ୍ଚବୃକ୍ଷରେ ଅବସ୍ଥାନ କରି ମହାଦୁଃଖରେ ରାତ୍ରି ଯାପନ କଲି ।

ନିଶାବସାନରେ ପକ୍ଷୀମାନେ ସୂର୍ଯ୍ୟୋଦୟଦର୍ଶନେ ଆନନ୍ଦମନେ ଗାନ କରିବାକୁ ଲାଗିଲେ, ମୁଁ ମଧ୍ୟ ଏହି ସମୟେ ଆପଣା ପୂର୍ବାବସ୍ଥା ଚିନ୍ତା କରି ବିଳାପ ସୂଚକ ଗାନ କରିବାକୁ ଲାଗିଲି । ଜମୁରିଦ୍ ତାହା ଶୁଣି ଗବାକ୍ଷରେ ଦଣ୍ଡାୟମାନ ହେଲେ । ମୁଁ ପ୍ରେୟସୀଙ୍କୁ ଦେଖି ମୋହର ଆନ୍ତରିକଭାବ ବୁଝି ପାରିବେ ଭାବି ଆହୁରି ଅଧିକ ଖେଦ କରିବାକୁ ଲାଗିଲି । କିନ୍ତୁ ପ୍ରେୟସୀ ତାହାର ଭାବେ ନ ପ୍ରବେଶି କେବଳ ହସି ହସି ଚାଲିଗଲେ ।

ମୁଁ ସେହି ବୃକ୍ଷେ ବସାକରି ରହି ପ୍ରତିଦିନ ଉଷାବେଳେ ନିଜ ଦୁର୍ଦ୍ଦଶା ଜ୍ଞାପକ ଗାନକରେ । ମହିଷୀ କିଛିକ୍ଷଣ ଗବାକ୍ଷେ ବସି ତାହାଶୁଣି ଖୁସି ହୁଅନ୍ତି । ଏହିପରି କେତେଦିନ ଅତିବାହିତ ହେବା ପରେ ଦିନେ ସୁନ୍ଦରୀ ଜଣେ ସହଚରୀକୁ ଆହ୍ୱାନ କରି କହିଲେ, ସଖି ଏହି ପକ୍ଷୀଟି ନିଜ ମଧୁର ଗାନ ଦ୍ୱାରା ମୋହର ମନ ପ୍ରାଣ ହରଣ କରୁଅଛି, ମୁଁ ମୋହର ଏହି ପ୍ରାଣଧନକୁ ଏକକ୍ଷଣ ନୟନରୁ ଅନ୍ତର କରିବାକୁ ଚାହେଁ ନାହିଁ। ତୁମ୍ଭେ ବ୍ୟାଧକୁ ଡାକି ପକ୍ଷୀଟି ଧରାଇ ଦିଅ । ସହଚରୀ ଶିକାରୀ ଆଣି

ମୋତେ ଧରାଇ, ତୁମ୍ଭ ହୃଦ ଆନନ୍ଦକାରୀ ସୁନ୍ଦରୀ ହସ୍ତେ ଦେଲ । ପ୍ରେୟସୀ ମୋତେ ଯେନ ସୁବର୍ଣ୍ଣ କୁଷିରେ ବସି ହସି ହସି କହିଲେ "ରେ ପ୍ରାଣୋପମ ବିହଙ୍ଗମ, ତୋତେ ପାଇ ମୋହର ଜନ୍ମ ସାର୍ଥକ ହେଲା । ତୁ ଗୋଲାପବନରେ ବିଚରଣ କରି ପ୍ରଫୁଲ୍ଲମନେ ଗାନ କରୁଥିଲୁ, ଆଜଠାରୁ ମୁଁ ତୋର ଗୋଲାପ କୁସୁମ, ମୋଠାରେ ଅଟଳପ୍ରେମ ରଖି ଏଠାରେ ନିଃଶଙ୍କମନେ ବିହାର କର । ମୁଁ ତୋହର ମନୋହର ଗାନ ଶ୍ରବଣ ଓ ସୁନ୍ଦରବର୍ଣ୍ଣ ଦର୍ଶନ କରି ସୁଖେ ଦିନ ଯାପନ କରିବି । ରାଣୀ ଏହିପରି ପ୍ରେମପୂର୍ଣ୍ଣ ବାଣୀ କହି ସ୍ନେହ ସହକାରେ ମୋର ଶିରେ ଚୁମ୍ବନ ଦେଲେ । ମୁଁ ମଧ୍ୟ ପ୍ରତ୍ୟୁତ୍ତର ସ୍ୱରୂପ ତାହାଙ୍କର ବିମ୍ବାଧରେ ଚଞ୍ଚୁ ସ୍ପର୍ଶ କଲି । ପ୍ରେୟସୀ ହସି ସଖିଙ୍କୁ କହିଲେ, "ସଖି ଏପରି ଚତୁର ପକ୍ଷୀ ମୁଁ କେବେ ଦେଖି ନ ଥିଲି, ମୁଁ ଏହି ମନମୋହନ ହୃଦୟ ରତ୍ନକୁ ଅତି ଯତ୍ନରେ ରଖି ଦର୍ଶନେ ମନ ଶୀତଳ କରୁଥିବି । ଏହିପରି ସ୍ନେହପୂର୍ଣ୍ଣ ଅନେକ କଥା କହି ଗୋଟିଏ ସୁବର୍ଣ୍ଣ ପିଞ୍ଜରାରେ ନେଇ ନିଜ ଶୟନ ଘରେ ରଖିଲେ । ମୁଁ ସେଠାରେ ଅତି ସୁଖରେ ଥାଇ ପ୍ରତିଦିନ ସୁମଧୁର ଗୀତଗାଇ ରାଣୀଙ୍କୁ ମୋହିତ କରୁଥାଏ । ସେ ମଧ୍ୟ ମୋତେ ନିତାନ୍ତ ସ୍ନେହ କରି ଆଦର ସହିତ ନିଜେ ପ୍ରତିଦିନ ସୁମଧୁର ଫଳମାନ ଖୁଆଉଥିଲେ ଏବଂ ସୁଶୀତଳ ଜଳ ପିଆଉଥିଲେ ଏବଂ ପିଞ୍ଜରାରୁ ବାହାର କରି ଛାଡି ଦେଉଥିଲେ, ମୁଁ ଅନ୍ୟସ୍ଥାନକୁ ନଯାଇ ତାଙ୍କର କୁସୁମାଙ୍ଗେ ବସି ନାନାରଙ୍ଗେ ଗାନ କରି ମନ ତୋଷୁଥିଲି ।

ଏହିପରି କେତେକ ଦିନ ଗତ ହେବା ପରେ, ଦିନେ ରାଣୀର ଗୋଟିଏ ପୋଷା କୁକ୍କୁର ପ୍ରସବ କରି ହଠାତ୍ ମରିଗଲା । ମୁଁ ରାଣୀର ସ୍ନେହ ପରୀକ୍ଷା ନିମିତ୍ତ ପକ୍ଷୀ ଦେହରୁ କୁକ୍କୁର ଶବରେ ପ୍ରବିଷ୍ଟ ହେଲି, କୁକ୍କୁର ଜୀବଧାଇ ଏଣେ ତେଣେ ଧାଇଁବାକୁ ଲାଗିଲା ଏବଂ ମୃତପକ୍ଷୀ ପିଞ୍ଜରାରେ ପଡ଼ି ରହିଲା । କ୍ଷଣକପରେ ମହିଷୀ ଘରକୁ ଆସି ମୃତପକ୍ଷୀ ଦେଖି ଦୁଃଖ ପରକାଶି ଉଚ୍ଚୈଃସ୍ୱରେ କ୍ରନ୍ଦନ କଲେ । ସଖିଗଣ ରାଣୀର ଅକସ୍ମାତ କ୍ରନ୍ଦନ ଶୁଣି ବ୍ୟସ୍ତ ଭାବେ ଦୌଡ଼ିଆସି ରୋଦନର କାରଣ ପଚାରିଲେ । ରାଣୀ କହିଲେ, "ମୁଁ ହତଭାଗିନୀର ଦୁର୍ଦ୍ଦଶା କଣ

Digitized by PPRACHIN, SOA

ପଡ଼ିରୁଛ ? ଏହୁ ଦେଖ, ମୋହର ପ୍ରାଣୋପମ ବିହଙ୍ଗମଟି ମରିଯାଇ ମୋହର ଆଶା ଭରସା ସୁଖ ସ୍ୱଚ୍ଛନ୍ଦତା ସବୁ ଘେନିଗଲା ।" ପରେ ଶବକୁ ଚାହିଁ କହିଲେ ରେ ପ୍ରାଣହରି ଦୁଃଖପାଶୋରି ମୋହର ନୟନର ତାରା, ମୋତେ ଦୁଃଖସାଗରେ ଭସାଇ କେଉଁଠାକୁ ଚାଲିଗଲୁ । ତୋହର ମନୋହରରୂପ ଅଦର୍ଶନରେ ମୋହର ନୟନ ଜ୍ୟୋତିହୀନ ଓ ମଧୁମିଶ୍ରିତ ଗାନ ଶ୍ରବଣ ନ କରି ପ୍ରାଣ ବାହାରିଯିବ । ରେ ନିଦାରୁଣ ବିଧି ତୁ ମୋହର ସୁଖର ବିରୋଧି ହୋଇ ମୋର ପ୍ରାଣନାଥଙ୍କୁ ହରଣ କରି ଦାରୁଣ ଯନ୍ତ୍ରଣା ପ୍ରଦାନ କରିଅଛୁଁ ? ଯାହା ହେଉ ଦୟାକରି ମୋହର ପ୍ରାଣହରି ଅସହ୍ୟ ଯନ୍ତ୍ରଣା ଦୂରକର । ରାଣୀ ପକ୍ଷୀର ଗୁଣ ଗାନକରି ଅବୋଧ ପିଲାଙ୍କ ପରି ବ୍ୟାକୁଳଭାବେ ଅଧିକତର କ୍ରନ୍ଦନ କରିବାକୁ ଲାଗିଲେ । ସଖିଗଣ ସାନ୍ତ୍ୱନା ବଚନଦ୍ୱାରା ପ୍ରବୋଧ କରିବା ନିମିତ୍ତ ଅନେକ ଯତ୍ନକରି ସୁଦ୍ଧା ତାଙ୍କର ଶୋକ ନିବାରଣ କରିପାରିଲେ ନାହିଁ ।

ଦରବାରରେ ଉଦାସୀନ ଏହି ଖବର ଶୁଣି ହରବର ହୋଇ ଅନ୍ତଃପୁରକୁ ଆସି ରାଣୀଙ୍କୁ ଧୂଳିଧୂସରିତ ହୋଇ କ୍ରନ୍ଦନ କରୁଥିବାର ଦେଖି କହିଲେ "ପ୍ରେୟସୀ ତୁମ୍ଭେ ରାଜମହିଷୀ ହୋଇ ଗୋଟିଏ ସାମାନ୍ୟ ବୁଲ୍‌ବୁଲ୍ ପକ୍ଷୀପାଇଁ ପିଲାଙ୍କପରି କ୍ରନ୍ଦନ କରୁଅଛ, ଇଚ୍ଛାକଲେ ରାଶି ରାଶି ପକ୍ଷୀ କ୍ଷଣକେ ଆସି ମହଯୁଦ ହେବେ । ସ୍ଥିରହୁଅ ଏହିକ୍ଷଣି ଯେତେ ଇଚ୍ଛା ସେତେ ପକ୍ଷୀ ଅଣାଉଅଛି । ରାଣୀ କହିଲେ ରାଜନ ଆପଣଙ୍କ ପ୍ରବୋଧ ବଚନ ମୋହର ଶୋକାନଳ ଦ୍ୱିଗୁଣ କରୁଅଛି । ମୁଁ ଜାଣେ ମୃତ ଜୀବ ଶୋକଦ୍ୱାରା ପୁନର୍ଜୀବିତ ହୋଇ ନ ପାରେ, ବିଶେଷତଃ ସାମାନ୍ୟ ପକ୍ଷୀ ପାଇଁ ବିଳାପ କରି ନିର୍ବୋଧର କାର୍ଯ୍ୟ ଅଟେ, କିନ୍ତୁ ଅବୋଧ ମନ ପକ୍ଷୀର ଅପୂର୍ବ ଗୁଣ ସ୍ମରଣ କରି ପ୍ରବୋଧ ଶୁଣୁ ନାହିଁ । ଏହା କହି ପକ୍ଷୀର ଗୁଣଗାଇ ପୁଣି ଅଧୈର୍ଯ୍ୟ ଭାବେ ଉଚ୍ଚୈସ୍ୱରେ କ୍ରନ୍ଦନ କରିବାକୁ ଲାଗିଲେ । ସନ୍ନ୍ୟାସୀ ସାନ୍ତ୍ୱନା ବଚନେ ମହିଷୀର କ୍ରନ୍ଦନ ନିବାରଣରେ ଅକ୍ଷମ ହୋଇ ନିଜମାହାତ୍ମ୍ୟ ଦେଖାଇବା ଆଶାରେ ସଖିମାନଙ୍କୁ ବାହାରକୁ ବିଦାୟ କରି ଦେଇ କହିଲେ, "ସୁନ୍ଦରି ତୁଚ୍ଛ ଛାର ଖେଚରପାଇଁ ଏତେ ଅଧୀର, ଚକ୍ଷୁ ନୀର ଦୂର କରି ସ୍ଥିରହୁଅ, ଆମ୍ଭେ ତୁମ୍ଭର ପକ୍ଷୀକୁ ଜୀଆଇ

Digitized by PPRACHIN, SOA

ଦେବୁଁ ।" ରାଣୀ କହିଲେ, "ମୁଁ କି ଉନ୍ମାଦିନୀ ? ମୋତେ କଥାରେ ଭୁଲାଉଛ ? ମନ୍ତ୍ରଜାତ କି କେବେ ଜୀଇଁ ଥାଏ ଯେ ଅଜ୍ଞ ଜୀଇବ । ଉଦାସୀନ ରାଣୀର ମୁଖ ଚୁମ୍ବନ କରି, ସ୍ନେହ ବଚନରେ କହିଲି "ପ୍ରିୟେ ତୁମ୍ଭେ ମୋହ କଥାକୁ ପରିହାସ ବୁଝିଲ ନା କଣ ? ମୁଁ ମନ୍ତ୍ର ଜାଣେ, ତାହାର ପ୍ରଭାବରେ ନିଶ୍ଚୟ ତୁମ୍ଭର ଖେଚର ପୁନର୍ବାର ଜୀବନ ପ୍ରାପ୍ତ ହେବ ।" ଏହା କହିଲାପରେ ପକ୍ଷୀଙ୍କରେ ପଡ଼ିଯାଇ ମନେ ମନେ ମନ୍ତ୍ରପାଠ ଦ୍ୱାରା ଅମ୍ଭାକୁ ବିହଙ୍ଗଅଙ୍ଗରେ ଚାଳନ କଲି । ମୁଁ କୁକୁର ଦେହରେ ଥାଇ ଦାଉ ଖୋଜୁଥିଲି ନିଜ ଶରୀର ଶତ୍ରୁ ହସ୍ତରୁ ଉଦ୍ଧାର ପାଇଁ ଥିବାର ଦେଖି ଏହିସମୟ ଅତ୍ୟନ୍ତ ଉପଯୁକ୍ତ ମନେକରି ଅମ୍ଭାକୁ କ୍ଷିପ୍ରତା ସହିତ ସ୍ୱ ଶରୀରରେ ଚାଳିତ କରି ଲମ୍ଫୋଲ୍ଲାସେ ଉଠି ପିଞ୍ଜରାରେ ହାତ ପୁରାଇ ପକ୍ଷୀକୁ ବାହାରକୁ ଟାଣି ଆଣିଲି ଏବଂ ରାଣୀ ହାଁ ହାଁ କରୁ କରୁ କ୍ରୋଧ କମ୍ପିତ ଅଧର ଓ ଦାନ୍ତ କଡ଼ମଡ଼ କରି ପକ୍ଷୀର ବେକ ମୋଡ଼ି ତାହାର ହାଡ଼ଗୋଡ଼ ପର୍ଯ୍ୟନ୍ତ ଚୂର୍ଣ୍ଣ କରିଦେଲି । ମୋହର ଏହି ଅଦୃଷ୍ଟପୂର୍ବ ରାଗ ଦେଖି ମିଷ୍ଟଭାଷୀ ମହିଷୀ ମୃଦୁସ୍ୱରେ କହିଲେ, "ପ୍ରାଣେଶ୍ୱର, ଆଜି ତୁମ୍ଭର ଏ ପ୍ରକାର ଅଦ୍ଭୁତ ବର୍ବର ଓ ନିଷ୍ଠୁର ବ୍ୟବହାର କାହିଁକି ? ମୁଁ ତୁମ୍ଭର ଏମନ୍ତ ଅସମ୍ଭବିତ କ୍ରୋଧ ପୂର୍ବେତ କେବେ ଦେଖି ନ ଥିଲି ?" ମୁଁ ରାଣୀର କଥାର ଉତ୍ତର ନ ଦେଇ ପ୍ରଥମେ କୃତଜ୍ଞତା ଜଣାଇବା ଅଭିପ୍ରାୟରେ ମୁଣ୍ଡ ନୁଆଇଁ ଈଶ୍ୱରଙ୍କୁ କୋଟି କୋଟି ଧନ୍ୟବାଦ ପ୍ରଦାନ କଲି ।

ଏତଦ୍ଦର୍ଶନେ ମହିଷୀର ମନେ ଅଧିକତର ବିସ୍ମୟ ଜାତ ହେଲା ଏବଂ ସେ ଅନୁନୟ ବିନୟ କରି କହିଲେ "କାନ୍ତ, ସାମାନ୍ୟ ପକ୍ଷୀଠାରେ ଏଡ଼େ ରାଗାନ୍ତ ଏବଂ ତାହାର ନିଧନେ ସାତିଶୟ ଆନନ୍ଦିତ ହେବାର କାରଣ କଣ ?" ମୁଁ ଆମୂଳ ସକଳ ବୃତ୍ତାନ୍ତ ଶୁଣାଇଲି ପତିପରାୟଣା ସତୀ ଦୁର୍ମତିର କୁନୀତି କଥା ଶୁଣି ଅତିଶୟ ଦୁଃଖିତ ହୋଇ ଶୋକେ ମୁଣ୍ଡ କୋଡ଼ି କରାଘାତେ ମସ୍ତକ ତାଡି ଉଚ୍ଚୈସ୍ୱରେ କ୍ରନ୍ଦନ କରିବାକୁ ଲାଗିଲେ । ପ୍ରକୃତ ସେ ଏକାନ୍ତ ନିର୍ଦ୍ଦୋଷୀ ତଥାପି ଦୁର୍ଜ୍ଜନରମଣୀଚରଣ-ଦ୍ୱାରା କଳଙ୍କିନୀ ହୋଇଅଛନ୍ତି ଭାବି ଅତିଶୟ ବିଷର୍ଣ୍ଣ ହେଲେ । ମୁଁ ତାଙ୍କୁ

Digitized by PPRACHIN, SOA

କାତର ଦେଖି ବୃଦ୍ଧାଗ କହିଲ ଦେବ, ଯୋଗୀ ଏହି କୁକର୍ମର ଫଳ ଭୋଗୀ, ତୁମ୍ଭେ ଅଜ୍ଞାନ ଏଥିର କଷ୍ଟ ଜାଣ ନା, ଏଣୁ ସୁରାସୁର ନର ଓ ଈଶ୍ୱରଙ୍କ ଅଗ୍ରରେ ତୁମ୍ଭର ଦୋଷ ନାହିଁ ସୁତରାଂ ତୁମ୍ଭର ଶୋଚନା ଅନାବଶ୍ୟକ ଅଟେ । ମୋହର ପ୍ରବୋଧରେ ତାଙ୍କର ହୃଦ୍‌ବୋଧ ନାହିଁ, ସେ ନିଜକୁ ଦୋଷିଣୀ ଓ କଳଙ୍କିନୀ ମନେ କରି ଶୋକେ, ଭୋକେ, ଶୋଷେ ଓ ଅବଶେଷେ କ୍ଷୀଣ ଓ ଗତଶକ୍ତି ହୀନ ହୋଇ ଶଯ୍ୟାଗତା ଓ ମୃତ୍ୟୁର ସମୀପସ୍ଥା ହେଲେ । ମୃତ୍ୟୁକାଳେ ମୋହର ଚରଣଧରି ବିନୟ କରି କହିଲେ, "ନାଥ ! ଦାସୀର ଅଜ୍ଞାନ କୃତ ଦୋଷ ବିସ୍ମୃତ ହେବେ । ହାୟ ମୁଁ ପାପୀୟସୀ ଛଦ୍ମବେଶୀ ଭଣ୍ଡ ତପସ୍ୱୀର କପଟତା ବୁଝି ନ ପାରି ନିଜ ସତୀତ୍ୱ ବିନଷ୍ଟ କରିଅଛି, ମାତ୍ର ତୁମ୍ଭର ଅକପଟ ପ୍ରେମଉପରେ ନିର୍ଭର କରେ ଯେ, ତୁମ୍ଭେ ମୋର ସେହି ଅଜ୍ଞାତ କୁକର୍ମ କ୍ଷମା କରିବ । ସୁନ୍ଦରୀ ଏହିପରି କହି ମୋତେ କରାଳ ଶୋକାନଳରେ ପକାଇ ମୋହର କୋଳେ ଅକାଳେ କାଳକବଳରେ ପତିତା ହେଲେ ।

ପରମପ୍ରିୟା ଜାୟାର ବିନାଶରେ ମୋହର ସର୍ବନାଶ ଓ ମନ ଏପରି ଉଦାସ ହେଲା ଯେ, ରାଜ୍ୟ, ସିଂହାସନ, ଧନ, ଜନ ପ୍ରଭୃତି ସଂସାରର ସୁଖଜନକ ଦ୍ରବ୍ୟମାନ ଭୟଙ୍କର ବୋଧହେଲା ଏବଂ ଚକ୍ଷୁରେ ସଂସାରଶୂନ୍ୟ, ଘର କଣ୍ଟକ ପୂର୍ଣ୍ଣ ଜଣାଗଲା, କ୍ଷଣଭଙ୍ଗୁର ସଂସାର ମାୟାରୁ ମନ ଦୂର ହେଲା, ମନ କ୍ଷଣେ କ୍ଷଣେ ଉଚ୍ଛନ୍ନହୋଇ କ୍ଷଣକ ସକାଶେ ମଧ୍ୟ ଚଇନ ଧରିଲା ନାହିଁ । ଦିନେ ପିତୃବ୍ୟ ସନ୍ତାନଙ୍କୁ ଡାକି କହିଲି, ଭ୍ରାତଃ ! ବର୍ତ୍ତମାନ ମୁଁ ହୃତ ସର୍ବସ୍ୱ ଏବଂ ସଂସାର ପ୍ରତି ଏକାନ୍ତ ଉଦାସ, ସଂସାରସ୍ଥ କୌଣସି ବିଷୟରେ ମନର ଉଲ୍ଲାସ ନାହିଁ, ଏଣୁ ବୃଦ୍ଧବୟସ ବନବାସରେ ଅପ୍ରକାଶଭାବେ ଶେଷ କରିବାକୁ ମାନସ କରିଅଛି । ମୋହର ସନ୍ତାନ ସନ୍ତତି ନାହିଁ, କେବଳ ତୁମ୍ଭେ ଜଣେ ମାତ୍ର ପ୍ରିୟଜନ ଅଟ, ତୁମ୍ଭଙ୍କୁ ରାଜସିଂହାସନ ଅର୍ପଣ କରି ବନଗମନ କରୁଅଛି, ତୁମ୍ଭେ ଦୀର୍ଘଜୀବନ ଲାଭକରି ସୁଶାସନ ଓ ପ୍ରଜାପାଳନଦ୍ୱାରା ଯଶସ୍ୱାନ୍ ହୁଅ । ଲକ୍ଷ୍ମଣବତ୍ ଭ୍ରାତୃଭକ୍ତ ପିତୃବ୍ୟ ସୁତ ମୋହର ପ୍ରସ୍ତାବ ଶୁଣି ଅତ୍ୟନ୍ତ

Digitized by PPRACHIN, SOA

ଦୁଃଖିତହୋଇ କ୍ରନ୍ଦନ କରି ମୋତେ ନିବୃତ୍ତ କରିବା ନିମିତ୍ତ ଅନେକ ବୁଝାଇଲେ । ମୁଁ କହିଲି, ଭାଇ ରାଜକାର୍ଯ୍ୟେ ମନ ସତତ ଅସ୍ଥିର ଥାଏ, ନିବିଷ୍ଟ ମନେ ଈଶ୍ୱର ଧ୍ୟାନ କରିହୁଏ ନାହିଁ । ଏଣୁ ମୁଁ ନିଶ୍ଚୟ ଦୁଃଖମୟ ସାଂସାରିକ ସମସ୍ତଦ୍ରବ୍ୟ ଛାଡ଼ି ନିର୍ଜନ ବନଗମନପୂର୍ବକ ସ୍ଥିରମନେ ଈଶ୍ୱର-ଧ୍ୟାନ ଓ ପ୍ରିୟତମାକୁ ସ୍ମରଣ କରିବି । ତୁମ୍ଭେ ଥରେ ଏହି ରାଜ୍ୟ ସୁଶାସନ ଓ ପ୍ରଜାରଞ୍ଜନ କରିଅଛ, ପୁନର୍ବାର ସେହି ରାଜ୍ୟଭାର ଅର୍ପଣ କରୁଅଛି, ତୁମ୍ଭେ ପୂର୍ବବତ୍ ସଦ୍‌ବ୍ୟବହାରଦ୍ୱାରା ପ୍ରଜାଙ୍କୁ ବଶୀଭୂତ ଓ ଅନୁଗତ କରି ତାଙ୍କ ସହିତ ମିଳିତ ହୋଇ ସୁଖେ କାଳଯାପନ କର । ଏହିପରି ଅନେକ ବୁଝାଇ ଭାଇର ମନ ବୁଝାଇ ରାଜ୍ୟଭାର ଅର୍ପଣ କଲି । ପରେ କିଞ୍ଚିତ୍‌ଧନ ଓ କେତେକ ଜନ ପରିଜନ ସହିତ ରାଜ୍ୟରୁ ବାହାରି ପ୍ରଥମେ ବାଗ୍‌ଦାଦକୁ ଗଲି, ସେଠାରେ ମଓୟାଫେକ ଓ ତାଙ୍କର ବନିତା, ପ୍ରିୟତମା ଦୁହିତାର ବିୟୋଗ ବାର୍ତ୍ତା ଶୁଣି ମୂର୍ଚ୍ଛିତ ହେଲେ, ପରେ ସଂଜ୍ଞା ଲାଭକରି ମୋତେ ସମାଦର ସହିତ ରଖିଲେ । କେତେକ ଦିନପରେ ସେମାନଙ୍କର ଶୋକ କିଞ୍ଚିତ ହ୍ରାସହେବାରୁ ମୁଁ ସେମାନଙ୍କଠାରୁ ବିଦାୟ ହୋଇ ମକ୍କା ଗମନ କଲି, ସେଠାରେ ତୀର୍ଥ ଦର୍ଶନ ଓ ପୁଣ୍ୟ କର୍ମମାନ ସମାପନ କରି ତାତାର ସାମ୍ରାଜ୍ୟର ଏହି ନ୍ୟାକ ନାମକ ସ୍ଥାନକୁ ଆସି ବାଇଶ ବର୍ଷ ହେଲା ନିଶ୍ଚିନ୍ତରେ ଅବସ୍ଥାନପୂର୍ବକ ଏକାଗ୍ରତାସହକାରେ ଈଶ୍ୱର-ଧ୍ୟାନ ଓ ପ୍ରିୟତମାକୁ ସ୍ମରଣ କରି ସୁଖରେ କାଳ ଯାପନ କରୁଅଛି ।

ସାହାବାଦୀ କମରୁଜମାନ କଥା ପୁନରାରମ୍ଭ ।

ବନବାସୀ ରାଜର୍ଷି ଆପଣା ଦୁଃଖକାହାଣୀ କହି ଛଦ୍ମବେଶୀ ବିଦେଶୀଙ୍କୁ କହିଲେ, "ଭ୍ରାତଃ ମୋହର ଦୁଃଖପୂର୍ଣ୍ଣ ତାବତ୍ ବୃତ୍ତାନ୍ତ ଅବଗତ ହେଲ ମୋହର ଯେପରି ଦୁରବସ୍ଥା ଘଟିଥିଲା, ତୁମ୍ଭର ମଧ୍ୟ ସେହିପରି ହୀନାବସ୍ଥା ଅଟେ, ସେଥିରୁ ଉଦ୍ଧାରର ବ୍ୟବସ୍ଥା କର, ବୃଥା ବ୍ୟସ୍ତତାରେ ଲାଭ ନାହିଁ । ଏହି ସଂସାର ଅସାର, ଏଥିରେ କିଛିହିଁ ସ୍ଥିର ନୁହେଁ । ଜୀବନ, ଯୌବନ, ଧନ, ପଦ୍ମ ପତ୍ରଗତ ନୀର ସମାନ ଅଟେ । ଏଥିରେ ଲିପ୍ତ

Digitized by PPRACHIN, SOA

ସମସ୍ତଙ୍କ ମନ ଅତୃପ୍ତ ଓ ବ୍ୟତିବ୍ୟସ୍ତ, କାହାର ମନରେ ସୁଖଶାନ୍ତି ନାହିଁ । ପ୍ରଜାଙ୍କଠାରୁ ରାଜା ପର୍ଯ୍ୟନ୍ତ ଯାହାଙ୍କୁ ଦେଖ ସମସ୍ତେ ଭୀତ ? ବର୍ତ୍ତମାନ ଯାହାର ଯାହା ଅଛି ପଚ୍ଛକୁ ତାହା ଥିବ କି ନାହିଁ, ତାହା ଅନିଶ୍ଚିତ । ସଂସାରର ପଦେ ପଦେ ବିପଦ ସମ୍ଭାବନା । ଏମାନଙ୍କର ମନ ନିରନ୍ତର ଦୁଃଖ ପୂର୍ଣ୍ଣ, ଏଥିରୁ ପଳାୟନ କରି ବୁଦ୍ଧିମାନର କର୍ମ ଅଟେ । ଅନିତ୍ୟ ସଂସାର ସୁଖରୁ ବିମୁଖ ହୋଇ ଯେତେଦିନ ହେଲା ମୁଁ ଏଠାରେ ବାସ କରୁଅଛି, ଶୋକ ଚିନ୍ତା କଣ ତାହା ଥରେ ଜାଣି ନାହିଁ, ସର୍ବଦା ମନ ସୁପ୍ରସନ୍ନ, ଶାନ୍ତ ଓ ସ୍ଥିର ଅଛି ।" ତୈମୁର କହିଲେ, "ଆପଣ ଧନ୍ୟ, ସଂସାର ମାୟା ଛାଡ଼ି ଇହଜନ୍ମ ଓ ପରକାଳ ଚିନ୍ତାରୁ ନିସ୍ତାର ପାଇଅଛନ୍ତି । ଅସଙ୍ଖ୍ୟମନେ ଧନ, ଜନ, ସିଂହାସନ ପରହସ୍ତେ ଅର୍ପଣ କରି ଦୀନହୀନ ପରି ସାମାନ୍ୟ ବେଶେ ବନପ୍ରଦେଶେ ଦିନ ଯାପନ କରିବା କି ସହଜ କଥା ଅଟେ ? ଅସାର ସଂସାର ସୁଖ ଲୋଲୁପ କେତେଜଣ ଏପରି ବାହାଦୁରି କରି ପାରନ୍ତି ?" ତୈମୁର ପ୍ରିୟା କହିଲେ, "ତୁମ୍ଭେ ପ୍ରକୃତ ପ୍ରଣୟ ପରାୟଣ ଲୋକ; ପ୍ରଣୟର ମୂଲ୍ୟ ଭଲରୂପେ ଜାଣ ।" ରାଜପୁତ୍ର କହିଲେ, ଆପଣଙ୍କପରି ପରମାର୍ଥୀ ଜ୍ଞାନୀ ଲୋକ ଏ ଯୁଗରେ ବିରଳ । ଶଙ୍କଟାପନ୍ନ ଦେବାମାନଙ୍କେ ବିପଦପୂର୍ଣ୍ଣ ସଂସାର ବର୍ଜନ କରି ଇହ ଜନ୍ମ ରେମ ସୁଖେ ଯାପନ ଓ ପରଜନ୍ମ ନିମିତ୍ତ ଯଥେଷ୍ଟ ଆୟୋଜନ କରି ଅଛନ୍ତି । ସମସ୍ତ ବିପନ୍ନଙ୍କର ତବ ପଥ ଅନୁସରଣ କରିବା ନିତାନ୍ତ ପ୍ରୟୋଜନ ଅଟେ ।" ଏହିପରି କଥୋପକଥନରେ ଦିନ ଶେଷ ଓ ରଜନୀ ପ୍ରବେଶ ହେଲା । ସମସ୍ତେ ଏକତ୍ରେ ଭୋଜନ କରି ନିର୍ଦ୍ଦିଷ୍ଟ ଭିନ୍ନ ଭିନ୍ନ ସ୍ଥାନରେ ଶୟନ କଲେ । ପ୍ରଭାତ ସମୟେ ବୃଦ୍ଧ ତପସ୍ୱୀ ଆସି ତୈମୁରଙ୍କୁ କହିଲେ, "ଈଶ୍ୱର ଯାହାର ପ୍ରତିକୂଳ ତାହାର ଦୁଃଖାନଳ ଅନୁବେଳ ପ୍ରବଳ ହୁଏ । ଶୁଣିଲି ତୈମୁରି ନରପତି କାର୍ଜମଭୂପତିଙ୍କଦ୍ୱାରା ପରାଜିତ ହୋଇ ଦାରା ସୁତ ସହିତ ପଳାୟିତ ମାତ୍ର କାର୍ଜମପତି ସେ ଥିରେ ସନ୍ତୁଷ୍ଟ ନ ହୋଇ ତାଙ୍କର ନିଧନନିମିତ୍ତ ପଶ୍ଚାତ୍‌ଧାବନ କରି ନାନା ସ୍ଥାନରେ ଅନୁସନ୍ଧାନ କରୁଅଛନ୍ତି ଏବଂ ତୈମୁର ଦୈବାତ୍ ଏଠାକୁ ଆସିଲେ ତାଙ୍କୁ ବନ୍ଧନ କରି ତାଙ୍କଠାକୁ ପଠାଇବା ନିମିତ୍ତ ତାତାରେଶ୍ୱରଙ୍କୁ ପତ୍ର ଲେଖି-

Digitized by PPRACHIN, SOA

ଅଛନ୍ତି । ମ୍ବନଠାରୁ ଏହି ବାଣୀ ଶୁଣି ରାଣୀ ଭୟେ ମୂର୍ଚ୍ଛିତା ହୋଇ ଧରଣୀରେ ପଡ଼ିଗଲେ । ରାଜା ଓ ରାଜପୁତ୍ର ଚନ୍ତାକୁଳ ହୋଇ ଚିତ୍ରବତ୍ ନିଶ୍ଚଳ ହେଲେ ।

ଏତଦ୍ଦର୍ଶନରେ ଉଦାସୀନ ମନେ ମନେ ଭାବିଲେ, ଏହି ଖବର ଶୁଣି ଏମାନେ ଏତେ ହରବର ଓ ଶୋକାତୁର କାହିଁକି? ନିଶ୍ଚୟ କାର୍ଜମେଶର ଏମାନଙ୍କୁହିଁ ଅନୁସନ୍ଧାନ କରୁଅଛି, ପରେ ତୈମୁରଙ୍କୁ କହିଲେ, "ଭାଇ ତୁମ୍ଭମାନଙ୍କର ବର୍ତ୍ତମାନ ଅବସ୍ଥାରୁ ଅନୁମିତ କାର୍ଜମପତି ତୁମ୍ଭମାନଙ୍କର ଏହି ଦୁର୍ଗତି କରି ଅଧିକ ବୈରଭାବ ସାଧନନିମନ୍ତେ ନାନାସ୍ଥାନରେ ଅନୁସନ୍ଧାନ କରୁଅଛି ।" ତୈମୁର ଅଶ୍ରୁପୂର୍ଣ୍ଣ ଲୋଚନରେ କହିଲେ, "ଆପଣଙ୍କର ଅନୁମାନ ଅଣୁପ୍ରମାଣ ଭୁଲ ନୁହେଁ । ସେହି ଭାଗ୍ୟହୀନ ଦୁର୍ଦ୍ଦଶାପନ୍ନ ଜନ ଏହି ଅକିଞ୍ଚନ ଅଟେ, ସମଦଶାପନ୍ନ ଏ ଦୁହେଁ ମୋ'ର ପତ୍ନୀ ଓ ସନ୍ତାନ ଅଟନ୍ତି । ମୁଁ ଶତ୍ରୁଭୟେ ରାଜ୍ୟ ଛାଡ଼ି ପୁତ୍ର ଓ କଳତ୍ର-ସହିତ ନାନାସ୍ଥାନେ ଭ୍ରମଣ ଓ ଅନେକ କଷଣ ସହି ଶେଷେ ଆପଣଙ୍କ ଆଶ୍ରମରେ ଆଶ୍ରୟ ଗ୍ରହଣପୂର୍ବକ ବିଶ୍ରାମ ଲାଭ କରୁଅଛୁ—ଆପଣଙ୍କ ସହିତ ଅଳ୍ପକ୍ଷଣ ସହବାସରେ ଅନେକ ଉପଦେଶ ଲାଭ ଓ ଦୁଃଖ ହ୍ରାସ ହୋଇଥିଲା । ପୁଣି ନୂତନ ବିପଦ ଉପସ୍ଥିତ, ଏଥର ଆଉ ରକ୍ଷା ନାହିଁ ।" ବୃଦ୍ଧ କହିଲେ ବାସ୍ତବିକ ଏକ୍ଷଣେ ଆପଣମାନେ ଭୀଷଣ ଶଙ୍କଟାପନ୍ନ କାର୍ଜମେଶରଙ୍କର ସନ୍ତୋଷ କାରଣ ତାପର ପତି ସକଳ ସ୍ଥାନେ ତୁମ୍ଭମାନଙ୍କୁ ଅନୁସନ୍ଧାନ କରିବ । ତୁମ୍ଭମାନଙ୍କୁ ଲୁଚାଇ ରଖିବାକୁ କୌଣସି ଗୁପ୍ତସ୍ଥାନ ଦେଖୁନାହିଁ ସୁତରାଂ ତୁମ୍ଭେମାନେ ତୁରନ୍ତ ଏହିସ୍ଥାନ ତ୍ୟାଗକରି ଅଟକ ନଦୀ ପାରହୋଇ ତାହାର ଅପର ପାର୍ଶ୍ୱରେ ଥିବା ବାହ୍ଲୀକ ଦେଶକୁ ଗମନ କର ସେଠାରେ କେହି ତୁମ୍ଭମାନଙ୍କୁ ଧରି ପାରିବ ନାହିଁ ।"

ଉକ୍ତ ପରାମର୍ଶ ସ୍ଥିର ହେଲାରୁ ବୃଦ୍ଧ ଯତି ତିନିଜଣଙ୍କୁ ତିନୋଟି ଅଶ୍ୱ ଓ ପାଥେୟ ସ୍ୱରୂପ କେତେକ ମୁଦ୍ରା ପ୍ରଦାନ କଲେ । ତୈମୁର ଏହି ଦାନ-ନିମନ୍ତେ ତାଙ୍କୁ ଶତ ଶତ ଧନ୍ୟବାଦ ପ୍ରଦାନ ପୂର୍ବକ ବିଦାୟ ହୋଇ ଅଶ୍ୱା-ରୋହଣେ ଶୀଘ୍ର ଅଟକ ନଦୀପାର ହୋଇ ଅଳ୍ପଦିନରେ ବାହ୍ଲୀକ-

Digitized by PPRACHIN, SOA

ଦେଶରେ ଉପସ୍ଥିତ ହେଲେ । ସେଠାରେ ବୃଦ୍ଧଙ୍କଠାରୁ ପ୍ରାପ୍ତ ଟଙ୍କାରେ କେତେକ ଦିନ ଅତିବାହିତ କରି ତାହା ଶେଷ ହୁଅନ୍ତେ ଅଶ୍ୱମାନଙ୍କୁ ବିକ୍ରୟ କରି ସେଥିରେ କିଛୁଦିନ ସୁଖେ ଯାପନ କଲେ । ପରେ ତାହା ଶେଷ ହୁଅନ୍ତେ, ଭରଣ ପୋଷଣ କଠିନ ହେଲା ।

ରାଜା ପ୍ରାଣରକ୍ଷାର ଉପାୟ ନ ଦେଖି, ଶୋକ ପ୍ରକାଶପୂର୍ବକ କହିଲେ, "ହେ ଈଶ୍ୱର ! ତୁମ୍ଭେ, ଏ କି ବିଚାର । ରାଜ୍ୟ, ଧନ, ସିଂହାସନ ଶତ୍ରୁକୁ ପ୍ରଦାନ କରି ଏ ଛାର ଜୀବନ ବଞ୍ଚାଇଲ କାହିଁକି ? ଶତ୍ରୁ ହସ୍ତେ ନିଧନ ଏଥିରୁ ଶତଗୁଣ ଉତ୍ତମ ଥିଲା । ଅନାହାରେ ମରିବାଠାରୁ ବଳି ଆଉ ଯାତନା ନାହିଁ, ହେ, ଭଗବାନ୍ ! ଦାସପ୍ରତି ଏହି କଠିନ ଦଣ୍ଡ ବିଧାନ-କଲ କାହିଁକି ? ଯାହା ହେଉ ତବଦ୍ୱାରେ ଏହି ନିବେଦନ ଯେ, ସକଳ ଦୋଷ ମାର୍ଜ୍ଜନ କରି ଦୁରୁହ ଜୀବନ ଶୀଘ୍ର ହରଣ କରି ସକଳ ବେଦନା ଦୂରକର ।" ପୁତ୍ର କହିଲେ, "ହେ ନରେଶ ! ଏତେ ହତାଶ ହେଉଛ କାହିଁକି ? ସକଳ ସୁଖ ଦୁଃଖର ମୂଳ ଈଶ୍ୱର, ସେ ପ୍ରତିକୂଳ ହୋଇ ଏହି ଦୁଃଖ ଦେଉଅଛନ୍ତି, ପୁଣି ଅନୁକୂଳ ହେଲେ କ୍ଷଣକେ ସକଳ ଦୁଃଖ ଆମୂଳ ଦୂର ହେବ । ମୁଁ ଆଶାକଲେଁ ଗ୍ରାମ ଛାଡ଼ି ନଗରକୁ ଗଲେ ସେଠାରେ ଦୁଃଖ ନିବାରଣର କୌଣସି କାରଣ ହେବ ।

ପୁତ୍ରଙ୍କ ପରାମର୍ଶାନୁସାରେ ସମସ୍ତେ ନଗରକୁ ଯାଇ ସେଠାରେ ପାନ୍ଥ-ଶାଳାରେ ବାସ କଲେ । ମାତ୍ର ଭରଣ ପୋଷଣର କୌଣସି ଉପାୟ ନ ଦେଖି ଦୁଃଖିତ ଓ କ୍ଷୁଧାରେ ସନ୍ତାପିତ ହେବାକୁ ଲାଗିଲେ ।

ରାଜପୁତ୍ର ପିତା ମାତାଙ୍କର କଷ୍ଟ ସହି ନ ପାରି ବ୍ୟାକୁଳ ହୋଇ ଭିକ୍ଷାର୍ଥ ବହିର୍ଗତ ହୋଇ ସାରାଦିନ ଦ୍ୱାରେ ଦ୍ୱାରେ ବୁଲି ସନ୍ଧ୍ୟାବେଳେ ସାମାନ୍ୟ ଖାଦ୍ୟ ଦ୍ରବ୍ୟ ସହିତ ଫେରି ଆସିଲେ । ରାଜଦମ୍ପତି ଆପଣା ମନ୍ଦାଦୃଷ୍ଟବଶତଃ ଏହି ହୀନ ବ୍ୟବସାୟ ଅର୍ଜିତ ଜୀବିକା ଓ ପୁତ୍ରର ଦୁର୍ଗତି ଦେଖି ଅଶ୍ରୁ ବିସର୍ଜନ କଲେ ଏବଂ ଅତ୍ୟନ୍ତ ଦୁଃଖିତ ମନେ ତାହା ଭକ୍ଷଣ କଲେ । ଭୋଜନାନ୍ତେ ରାଜନନ୍ଦନ ପିତୃଚରଣଧାରଣ-କରି କହିଲେ, "ପିତଃ, ରାଜବଂଶେ ଜାତ ହୋଇ ଭିକ୍ଷୁକ ବେଶେ ପର-ପାଶେ ହସ୍ତ ପ୍ରସାରଣ କରି ଅତ୍ୟନ୍ତ କଷ୍ଟକର ଓ ଅପମାନ ଜନକ-

Digitized by PPRACHIN, SOA

କାର୍ଯ୍ୟ ଅଟେ । କେହି କର୍କଶ ବଚନସହିତ କଷ୍ଟ ପ୍ରଦାନ କରିବା-ସମୟେ ଦୁଃଖେ ହୃଦୟ ବିଦୀର୍ଣ୍ଣ ହୁଏ କିନ୍ତୁ ବର୍ତ୍ତମାନ ଆମ୍ଭମାନଙ୍କର ଯେପରି ସମୟ ଉପସ୍ଥିତ ଏ ଭୟା ଭିନ୍ନ ଜଠରାନଳ ନିବାରଣର ଅନ୍ୟ ଉପାୟ ନାହିଁ, ସୁତରାଂ ଅଗତ୍ୟା ତାହାହିଁ କରିବାକୁ ହେଉଅଛି । କ୍ଷୁଧାର୍ତ୍ତି-ଜନ ବୁଦ୍ଧିହୀନ ଓ ବିବେକଶୂନ୍ୟ ଅଟେ । କ୍ଷୁଧା ନିବାରଣ ପୂର୍ବେ ମନୁଷ୍ୟର ହିତାହିତ ଜ୍ଞାନ ଥାଏନାହିଁ । କେହି ଦୁଇକଥା କହି ପଛକେ ଖାଇବାକୁ ଦେଉ, ଏହାହିଁ ଏକାନ୍ତ ଇଚ୍ଛା ଥାଏ । କ୍ଷୁଧାନଳ ଶୀତଳ ହେଲେ କିଞ୍ଚିତ୍ ଜ୍ଞାନ ଜନ୍ମେ ଏବଂ ମନୁଷ୍ୟ ଭବିଷ୍ୟତର ଚିନ୍ତା କରିପାରେ । ବର୍ତ୍ତମାନ ଆମ୍ଭମାନଙ୍କର ପୋଡ଼ା ପେଟ ଶୀତଳ ହୋଇ ଅଛି, ସୁତରାଂ ଏହି ସମୟେ ଭବିଷ୍ୟତର ହିତନିମିତ୍ତ କିଛି ଭାବିବା ଉଚିତ । ମୁଁ ଅଶ୍ରୁଦୁଃଖ ନିବାରଣର ଗୋଟିଏ ଉପାୟ ଉଦ୍ଭାବନ କରି-ଅଛି ଆପଣ ନିଶ୍ଚିନ୍ତ ମନେ ମୋତେ ବିକ୍ରୟ କରନ୍ତୁ; ତାହା ହେଲେ ଆପଣଙ୍କର କେତେକ ଦିନ ସୁଖେ ଅତିବାହିତ ହେବ, ମୁଁ ମଧ୍ୟ ଆପଣଙ୍କର କଷ୍ଟଦର୍ଶନରୁ ମୁକ୍ତି ପାଇବି ।

ସୁତମୁଖ ନିଃସୃତ ବାଣୀ ଶୁଣି ରାଣୀ ମୂର୍ଚ୍ଛିତା ହୋଇ ଭୂପତିତା ହେଲେ । ରାଜା ଓ ଯୁବରାଜଙ୍କର ବହୁ ଯତ୍ନରେ ଚେତନା ଲଭିବାପରେ କହିଲେ, "ଧନ ଏପରି ପ୍ରାଣନାଶ ବଚନ ଆଉ ଥରେ କହିବ ନାହିଁ, ପିତା ମାତା ପୁତ୍ର ବିକ୍ରେତା ଏଥିରୁ ବଳି କଠୋର କଥା ପୃଥିବୀରେ ଅଛି କି ?, "ରାଜା କହିଲେ" ବତ୍ସ ! ତୁମ୍ଭେ ଆମ୍ଭମାନଙ୍କ ପ୍ରାଣଧନ ହୃଦୟ ରତନ, ଜୀବ ଜୀବନ ଅଟ, ତୁମ୍ଭର ଏକକ୍ଷଣ ଅଦର୍ଶନ ହୃଦୟ ବିଦୀର୍ଣ୍ଣ କରୁଅଛି । ତୁମ୍ଭଙ୍କୁ ବିକ୍ରୟ କରିବା ମାତ୍ରକେ ହୃଦୟ ଫାଟି ମରଣ ହେବ, ତବ ବିକ୍ରୟ ଲବ୍ଧ ଧନ କେଉଁ କାରଣକୁ ଆସିବ । ବିକ୍ରୟ ପ୍ରସ୍ତାବ ଠିକ ହେଲେ ଆମ୍ଭମାନଙ୍କ ମଧ୍ୟରେ ମୁଁ ବିକ୍ରୟର ଉପଯୁକ୍ତ ଅଟେ ଅତ· ଏବ ମୋତେ ବିକ୍ରୟ କରି ତୁମ୍ଭେ ମା, ପୁଅ କଷ୍ଟହୀନ ସୁଖରେ ରହ । ରାଜପୁତ୍ର ପିତା ମାତାଙ୍କର କଥା ଶୁଣି କୃତାଞ୍ଜଳି ହୋଇ କହିଲେ, "ତେବେ କାହାରି ବିକ୍ରୟ ଦରକାର ନାହିଁ । କାଲିଠାରୁ ମୁଁ ମୋଟ ବହନ କରିବି ଏବଂ ତଲ୍ଲବ୍ଧ ଧନରେ କୌଣସି ପ୍ରକାର ପ୍ରାଣ ଧାରଣ କରିବୁଁ ।

Digitized by PPRACHIN, SOA

ଏହିକଥା ସ୍ଥିର ହେବାରୁ ସକାଳୁ ନାନା ସ୍ନୁଶପାଳିତ ରାଜସୁତ ମୋଟ ବହନ ନିମନ୍ତେ କୁଳିଙ୍କର ଅଡ୍ଡାରେ ଉପସ୍ଥିତ ହେଲେ । ମାତ୍ର କ ଦୂର-ଦୃଷ୍ଟ, ଅର୍ଦ୍ଧ ଦିବସ ଗତ ହେଲା ତଥାପି ମୋଟ ବହନ ପାଇଁ କାହାର କତ୍ତୃକ ଆହୂତ ନ ହୋଇ ଦୁଃଖିତ ଭାବେ ନାନାପ୍ରକାର ଚିନ୍ତା କରି ମନେ ମନେ କହିଲେ, "ହାୟ, ମୁଁ ଅତ୍ୟନ୍ତ କୁଳାଙ୍ଗାର ଓ କୁପୁତ୍ର ଅଟେ, ଦୁଃଖବେଳେ ପିତା ମାତାଙ୍କର କିଛି ମାତ୍ର ଉପକାର କରି ପାରିଲି ନାହିଁ, ତେବେ ଏହି ହୀନ ଜୀବନ ଧାରଣରେ ଅତ୍ର ପ୍ରୟୋଜନ କଣ ? ମାଏ ମୋହର ନିର୍ଲ୍ଲିଜ୍ଞ ଜୀବନ ଅତ୍ୟନ୍ତ କଠିନ ଅଟେ, ଏହା ଦୈବ କର୍ତ୍ତୃକ ଶୀଘ୍ର ନିଧନ ହେବ ନାହିଁ ସୁତରାଂ ନଦୀରେ ଝାସଦେଇ ଏହାର ବିନାଶ ସାଧନ କରିବି । ଏହା ସ୍ଥିର କରି ଗଭୀର ଚିନ୍ତାମଗ୍ନ ରାଜନନ୍ଦନ ନଦୀ ଦିଗେ ଗମନ କଲେ । କିଛିଦୂର ଯାଇ କ୍ଷୁଧା ଓ ତୃଷ୍ଣାରେ କ୍ଳାନ୍ତ ଓ ଚଳିବାକୁ ଅଶକ୍ତ ହୋଇ ଗୋଟିଏ ବୃକ୍ଷ ମୂଳରେ ବସି କ୍ରନ୍ଦନ କରିବାକୁ ଲାଗିଲେ ଏବଂ କ୍ରମେ କ୍ରମେ ଅବସନ୍ନ ହୋଇ ସେହିଠାରେ ଶୋଇ ପଡ଼ିଲେ ।"

କିଛିକ୍ଷଣପରେ ନିଦ୍ରାଭଙ୍ଗ ହେବାରୁ ଦେଖିଲେ—ବୃକ୍ଷର ଡାଳରେ ଗୋଟିଏ ସୁନ୍ଦର ପକ୍ଷୀରାଜ ବସିଅଛି, ତାହାର ସର୍ବାଙ୍ଗର ଲୋମ ଅତ୍ୟନ୍ତ ମନୋରମ ଏବଂ ଚଞ୍ଚୁ ଓ ପାଦ ଗାଢ଼ ରକ୍ତବର୍ଣ୍ଣ ମନୋହର ଥିଲା । ରାଜସୁତ ଏହି ଅଦ୍ଭୁତ ପକ୍ଷୀଟି ଦେଖି ଲୋଭାଶକ୍ତ ହୋଇ ତାହାକୁ ଧରିବା ନିମନ୍ତେ ହସ୍ତ ପ୍ରସାରଣ କଲେ । ପକ୍ଷୀ ମହାନନ୍ଦରେ ଉଡ଼ି ଆସି ରାଜ ନନ୍ଦନଙ୍କର ହସ୍ତରେ ବସିଲା । ଏହି ଅମୂଲ୍ୟ ଖେଚର ପାଇ ରାଜ-କୁମାର ଅପାର ଆନନ୍ଦିତ ହୋଇ ମନେ ମନେ କହିଲେ, ଏହି ଅସାଧାରଣ ବିହଙ୍ଗ ବହୁ ଭାଗ୍ୟବାନ୍ ବ୍ୟକ୍ତିତ ସାମାନ୍ୟ ଲୋକଙ୍କ ହସ୍ତଗତ ହୁଅନ୍ତି ନାହିଁ ଏବଂ ବିନା ଯତ୍ନରେ ସ୍ୱଇଚ୍ଛାରେ ମୋହର ହସ୍ତରେ ବସି ଥିବାରୁ ଈଶ୍ୱର ଆମ୍ଭମାନଙ୍କର ଅନୁକୂଳ ହୋଇ କରୁଣା କଟାକ୍ଷ କଲେଣି ବୋଲି ମୋହର ଦୃଢ଼ ବିଶ୍ୱାସ ହେଉ ଅଛି । ଏହି ଖଗେଶ୍ୱରକୁ ନରେଶ୍ୱରଙ୍କ ଠାରେ ଦେଲେ ଯଥେଷ୍ଟ ପୁରସ୍କାର ପାଇ ମୋହର ଦୁର୍ଦ୍ଦଶା ଦୂର ହେବ । ଏହିପରି ଆଶାମଗ୍ନ ରାଜନନ୍ଦନ ବିହଙ୍ଗମକୁ ହସ୍ତରେ ଧାରଣ କରି ରାଜ-

Digitized by PPRACHIN, SOA

ଭବନ ଅଭିମୁଖେ ଗମନ କଲେ ।” ଏହି ପକ୍ଷୀରାଜ ରାଜାଙ୍କର ଥିଲା, ସେ ମୃଗୟାକୁ ଯାଇ ପ୍ରୟତମ ପକ୍ଷୀଟି ବନରେ ହରାଇ ଆସି ଅତ୍ୟନ୍ତ ଦୁଃଖିତ ଓ ବ୍ୟଥିତ ହୋଇ ବ୍ୟାଧଗଣଙ୍କୁ ଡ଼କାଇ କହିଲେ, “ତୁମ୍ଭେମାନେ ମୋହର ପକ୍ଷୀକୁ ଅନୁସନ୍ଧାନ କରି ଆଣିଥିଲେ, ଅଶେଷ ପୁରସ୍କାର ପାଇବ, ନଚେତ୍ ସମସ୍ତଙ୍କୁ ଉଚିତ ଦଣ୍ଡ ଦିଆଯିବ ।” ବ୍ୟାଧଗଣ ଧନଲୋଭ ଓ ଦଣ୍ଡ ଭୟରେ ନାନାସ୍ଥାନରେ ଅନ୍ୱେଷଣ କରୁ ଅଛନ୍ତି, ଏହି ସମୟରେ ଯୁବରାଜ ପକ୍ଷୀରାଜ ନେଇ ନଗରରେ ବିରାଜମାନ ହେଲେ । ନାଗରିକ-ଗଣ ତାଙ୍କୁ ଦେଖି ଆନନ୍ଦରବ କରି କହିଲେ, “ଧନ୍ୟ ଏ ଜନ, ଅତି ଭାଗ୍ୟବାନ୍ ନ ଜାଣି ପକ୍ଷୀଟି ଦେଇ କେତେ ସମ୍ମାନ ପାଇବ ।”

ଅନନ୍ତର ରାଜକୁମାର ରାଜ ଖେଚର ନେଇ ରାଜାଙ୍କର ଶ୍ରୀକରେ ଅର୍ପଣ କଲେ । ରାଜନ ହାର୍‌ଧନ ହସ୍ତରେ ପୁନର୍ଗ୍ରହଣକରି ହର୍ଷୋତ୍‌ଫୁଲ୍ଲ ନୟନରେ ତାହାର ମସ୍ତକ ଚୁମ୍ବନ କଲେ । ପରେ ରାଜନନ୍ଦନଙ୍କୁ ସମ୍ବୋଧନ କରି ମଧୁର ବଚନେ କହିଲେ, “ତୁମ୍ଭେ କଏ କେଉଁ ଠାରେ ଘର ? ମୋହର ପ୍ରାଣୋପମ ଏହି ବିହଙ୍ଗମଟି ବା କିପରି ପାଇଲ ? ରାଜ-କୁମାର ପକ୍ଷୀର ବିବରଣ ସତ୍ୟ ରାଜାଙ୍କୁ ଗୋଚର କରାଇଲେ, ମାତ୍ର ଆତ୍ମପରିଚୟ ସମ୍ବନ୍ଧେ କଥା ଗଢ଼ି କହିଲେ,“ମହାଶୟ ଏହି ନଗରୀଶ୍ୱର ଅଳୟ ବଲ୍ଲଖ ଅଟେ । ବାଣିଜ୍ୟ ନିମିତ୍ତ ପିତାମାତାଙ୍କ ସହିତ ନଗରକୁ ଯାଉଥିଲି,ପଥରେ ଦୁର୍ବୃତ୍ତ ତସ୍କରମାନେ ଆମ୍ଭର ସର୍ବସ୍ୱ ଲୁଣ୍ଠନ କରି ଛିନ୍ନବସ୍ତ୍ର ପରିଧାନ କରାଇ ଛାଡ଼ିଦେଲେ । ଆମ୍ଭେମାନେ ଏହି ଦୁରବସ୍ଥାରେ ଦ୍ୱାରେ ଦ୍ୱାରେ ବୂଲି ଭିକ୍ଷାଦ୍ୱାରା ଜୀବନ ଯାପନ କରି ଏପର୍ଯ୍ୟନ୍ତ ଆସିଅଛୁ । ରାଜା କହିଲେ, “ତୁମ୍ଭର ଦୁର୍ଦ୍ଦଶା ଶେଷହେଲା, ବର୍ତ୍ତମାନ ତୁମ୍ଭେ ନିଶ୍ଚିନ୍ତ, ଆଉ ଭାବନା କରିବା ଉଚିତ ନୁହେଁ । ଆମ୍ଭର ପ୍ରିୟ ଏହି ଖେଚରଟି ଯେ ଆଣିବ ତାହାର ତିନୋଟି ଉପଯୁକ୍ତ ଅଭିଳାଷ ପୂରଣ କରିବୁଁ ବୋଲି ଅଙ୍ଗୀକାର କରିଅଛୁଁ । ବର୍ତ୍ତମାନ ଆନନ୍ଦ ସହିତ ତୁମ୍ଭଙ୍କୁ ତିନୋଟି ବର ପ୍ରଦାନ କରୁଅଛୁଁ, ଅତଏବ ତୁମ୍ଭର ଯେ ତିନୋଟି ଦ୍ରବ୍ୟର ଅଭିଳାଷ ତାହା ନିର୍ଭୟେ ପ୍ରକାଶ କର ? ଆମ୍ଭେ ଅବିଳମ୍ବେ ତାହା ପୂରଣ କରିବୁଁ ।”

ରାଜନନ୍ଦନ ରାଜବଚନ ଶୁଣି ଆନନ୍ଦେ ନିମଗ୍ନ ହୋଇ କହିଲେ,

Digitized by PPRACHIN, SOA

ଭଗବାନ୍ ଦାସ ପ୍ରତି ଯଦି ସୁପ୍ରସନ୍ନ ହେଲେତେବେ ଅଧୀନର ନିବେଦନ ଶ୍ରବଣ କରନ୍ତୁ । ପ୍ରଥମ ନିବେଦନ ମୋର ପିତା ମାତା ପାନ୍ଥଶାଳାରେ ଅଛନ୍ତି, ତାହାଙ୍କୁ ଅଣାଇ ରାଜ ଭବନରେ ସ୍ଥାନ ପ୍ରଦାନ ଓ ଆମ୍ଭର ଭାଗ୍ୟ ପର ବର୍ତ୍ତନ ନ ହେବା ପର୍ଯ୍ୟନ୍ତ ପାଳନ କରନ୍ତୁ । ଦ୍ୱିତୀୟରେ ବହୁମୂଲ୍ୟ ସାଜ ସଜ୍ଜିତ ସ୍ୱର୍ଣାଙ୍କର ଅପେକ୍ଷାଶୀଳ ଉପଯୁକ୍ତ ଗୋଟିଏ ଦ୍ରୁତଗାମୀ ଅଶ୍ୱ ମୋତେ ପ୍ରଦାନ କରନ୍ତୁ । ତୃତୀୟ ନିବେଦନ-ଅଧୀନର ଦେଶପର୍ଯ୍ୟଟନରେ ଏକାନ୍ତ ଇଚ୍ଛା, ଶ୍ରୀମୁଖଙ୍କର ପରିଧେୟ ଅତି ମୂଲ୍ୟବାନ୍ ଏକ ସାଜ ବସନ, ଭୂଷଣ ଓ ପାଥେୟ ସ୍ୱରୂପ ସହସ୍ର ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରନ୍ତୁ ।” ରାଜା କହିଲେ “ତୁମ୍ଭର ଅଭିଳାଷ ନିଶ୍ଚୟ ସଫଳ ହେବ ବର୍ତ୍ତମାନ ପାନ୍ଥ-ନିବାସରୁ ନିଜ ପିତାମାତାଙ୍କୁ ଘେନି ଆସ ।”

ଯୁବରାଜ ରାଜାଙ୍କର ଅନୁଗ୍ରହ ବାଣୀ ଶୁଣି ପ୍ରଫୁଲ୍ଲମନେ ପାନ୍ଥଶାଳାକୁ ଗମନକଲେ । ବୃଦ୍ଧରାଜା ଓ ରାଣୀ ତାଙ୍କର ପ୍ରତ୍ୟାଗମନରେ ବିଳମ୍ବ ଦେଖି ଅଧୈର୍ଯ୍ୟଭାବେ ଛଟ ପଟ ହେଉଥିଲେ, ତାଙ୍କୁ ସମାଗତ ଓ ତାଙ୍କଠାରୁ ଆଶାତୀତ ସୁବୃତ୍ତାନ୍ତ ଅବଗତହୋଇ ଅତ୍ୟନ୍ତ ଆନନ୍ଦିତ ହୋଇ ତତ୍‌କ୍ଷଣାତ୍ ପୁତ୍ର ସହିତ ଯାଇ ରାଜଦରବାରରେ ଉପସ୍ଥିତ ହେଲେ, ରାଜା ଯଥୋଚିତ ସମାଦର ସହିତ ସେମାନଙ୍କୁ ରାଜଭବନେ ରଖି ସେବା ନିମିତ୍ତ ଦାସ ଦାସୀ ନିଯୁକ୍ତ କରି ଦେଲେ ।

ପରଦିନ ରାଜା ସ୍ୱୀୟ ଅଙ୍ଗୀକାରାନୁସାରେ ରାଜନନ୍ଦନଙ୍କୁ ନିଜ ପରି-ଧେୟ ବହୁମୂଲ୍ୟ ବସ୍ତ୍ରାଭରଣ ଓ ବାୟୁଗାମୀ ଗୋଟିଏ ତୁର୍କୀ ତୁରଙ୍ଗ ଏବଂ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କଲେ । ଏତଦ୍‌ବ୍ୟତୀତ ଆତ୍ମରକ୍ଷା-ନିମିତ୍ତ ନିଜର ଗୋଟିଏ ବହୁମୂଲ୍ୟ ଶାଣିତ ତରବାରି ଦେଲେ । ଯୁବରାଜ ରାଜଦତ୍ତ ପୋଷାକ୍ ପରିଧାନ ଓ ତରବାରି ହସ୍ତରେଧାରଣ କରି କୃତଜ୍ଞତା ଜ୍ଞାପକ ଅଭିବାଦନ ପୂର୍ବକ ବିଦାୟ ଗ୍ରହଣ କଲେ । ପରେ ପିତା ମାତାଙ୍କଠାରେ ଉପସ୍ଥିତ ହୋଇ କହିଲେ, “ଚୀନ ରାଜ୍ୟ ଦର୍ଶନ ନିମିତ୍ତ ମୋହର ଏକାନ୍ତ ଇଚ୍ଛା, ଆପଣମାନେ ଅନୁଗ୍ରହପୂର୍ବକ ମୋତେ ଚୀନ ଯିବାର ଅନୁମତି ପ୍ରଦାନ କରି ମୋହର ପୁନରାଗମନ-ପର୍ଯ୍ୟନ୍ତ ଏହିସଦାଶୟ ରାଜାଙ୍କ ଆଶ୍ରୟରେ ସୁଖରେ ବାସ କରନ୍ତୁ ।”

Digitized by PPRACHIN, SOA

ତୈମୁର କହିଲେ, "ମିତ ! ବନ୍ଧୁ ଦୃଷ୍ଟିପଥେ ବର୍ତ୍ତମାନ ତୁମ୍ଭର ସୁଖରବି ଉଦିତ, ତୁମ୍ଭେ ନିଜ ଗୁଣେ ପୃଥିବୀର ନାନାସ୍ଥାନରେ ଜୟକର ବିଜୟ-ପତାକା ଉଡ୍ଡୀନ କର । ଆମ୍ଭେମାନେ ଏ ସ୍ଥାନେ ଅବସ୍ଥାନ କରି ତୁମ୍ଭର ସୁଖ୍ୟାତି ନିମିତ୍ତ ଜଗତ୍‌ପତିଙ୍କଠାରେ ଦିନରାତି ପ୍ରାର୍ଥନା କରୁଥିବୁଁ; କିନ୍ତୁ ହେ ପ୍ରାଣଧନ ! ତୁମ୍ଭେ ଏକମାତ୍ର ଆମ୍ଭ ଦୁହିଙ୍କର ସୁଖ ସମ୍ପାଦନ ଓ ପ୍ରାଣ ଧାରଣର କାରଣ ଅଛ, ଏକଥା ସ୍ମରଣ ରଖି ଯେଉଁଠାରେ ଥିବ-ନା କାହିଁକି ଆପଣା କୁଶଳ ଜଣାଇ ସୁଖୀ କରୁଥିବ ।" ଯୁବରାଜ ପିତା-ଙ୍କର ଅନୁମତି ପାଇ ଅବନତ ମସ୍ତକରେ ପିତା ମାତାଙ୍କୁ ପ୍ରଣାମ କରି ବିହଙ୍ଗଗାମୀ ତୁରଙ୍ଗରେ ଆରୋହଣପୂର୍ବକ ଚନାଉମୁଖେ ଗମନ କଲେ ଏବଂ ପଥରେ କୌଣସି ବାଧା ବିଘ୍ନ ନ ପାଇ ଶୀଘ୍ର ରାଜଧାନୀ ନିକଟରେ ପହଞ୍ଚି ଗୋଟିଏ ବୃଦ୍ଧାର ଘରେ ଉପସ୍ଥିତ ହେଲେ । ପ୍ରାଚୀନା ଚନା ଏହାଙ୍କର ଚିହ୍ନା ପଚାରିବାରୁ ରାଜସୁତ କହିଲେ, ମାତଃ, ମୁଁ ବର୍ତ୍ତ-ମାନ ଅନ୍ୟଦେଶରୁ ଆଗତ, ଏଠାର ସମସ୍ତେ ମୋହର ଅପରିଚିତ ଅତ-ଏବ ତୁମ୍ଭେ ଅନୁଗ୍ରହ କରି କିଛି ସମୟ ନିମିତ୍ତ ତବ ଗୃହେ ସ୍ଥାନ ପ୍ରଦାନ କଲେ ଚିରବାଧିତ ହେବୁଁ ।" ପ୍ରାଚୀନା ରାଜକୁମାରଙ୍କର ଆକାର ପ୍ରକାର ବସନ ଭୂଷଣ ଓ କଥାବାର୍ତ୍ତାର ଛଣ୍ଡ ଦେଖି ଏ ଯୁବକ ସାମାନ୍ୟ ଲୋକ ନୁହେ ମନେକରି ଆଗ୍ରହ ସହିତ ଅବସ୍ଥାନର ଅନୁମତି ପ୍ରଦାନ କଲେ । ରାଜନନ୍ଦନ ଅଶ୍ୱରୁ ଅବତରଣ କରି ବୃଦ୍ଧାଙ୍କ ନିର୍ଦ୍ଦିଷ୍ଟ ସ୍ଥାନରେ ଡାକ ବନ୍ଧନ କଲେ । ପରେ ବଜାରରୁ ଖାଦ୍ୟ ଦ୍ରବ୍ୟ ଆନୟନାର୍ଥ ଲୋକ ଖୋଜିବାରୁ ବୃଦ୍ଧା ନିଜ ପୁତ୍ରଦ୍ୱାରା ତାହା ଅଣାଇ ଦେଲେ ।

ଆହାର ସମୟେ ରାଜସୁତ ବୃଦ୍ଧାଙ୍କୁ ପାଶେ ବସାଇ ଅବନ୍ତ୍ୟ ରୀତି ନୀତି ସମ୍ବନ୍ଧେ କଥୋପକଥନ କଲେ, କଥାପ୍ରସଙ୍ଗରେ ରାଜାଙ୍କର କଥା ପଡ଼ିବାରୁ ବୃଦ୍ଧା କହିଲେ, "ରାଜା ଅତି ସଜ୍ଜନ, ନ୍ୟାୟପରାୟଣ, ପ୍ରଜାମାନଙ୍କୁ ଅତ୍ୟନ୍ତ ଯତ୍ନସହିତ ଶାସନ କରୁ ଅଛନ୍ତି । ପ୍ରଜାଗଣ ସତତ ତାଙ୍କର ଅନୁରକ୍ତ । ତାଙ୍କର ସର୍ବଗୁଣେ ତାବତ୍ ଭୁବନ ମୋହିତ ଓ ଧରଣୀ ପବିତ୍ର ଅଛି । ତୁମ୍ଭେ କି ଏଥିପୂର୍ବେ ତାଙ୍କର ସୁଖ୍ୟାତି ଶୁଣ-

Digitized by PPRACHIN, SOA

ନ ଥିଲ ?" ରାଜନନ୍ଦନ କହିଲେ, "ତୁମ୍ଭ କଥାରୁ ଅନୁମାନ କରେଁ, ରାଜା ଅତି ସୁଖେ କାଳଯାପନ କରୁଅଛନ୍ତି । ବୃଦ୍ଧା ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, "ହାୟ, ସେ କଥା ପଚାର ନା । ଏତେ ଧନବାନ୍ ନ୍ୟାୟ-ପରାୟଣ ଓ ଅଶେଷ ଗୁଣସମ୍ପନ୍ନ ରାଜା ନିଜକନ୍ୟା କାରଣରୁ ଅଶେଷ ଦୁଃଖେ କାଳଯାପନ କରୁଅଛନ୍ତି ।" ରାଜକୁମାର କହିଲେ, "ଦୁହିତା ଦୁଃଖଦାତା ଏ କି ଅଦ୍ଭୁତ କଥା !" ବୃଦ୍ଧା କହିଲେ, "ସେ ବଡ଼ ଗହନ କଥା, ଯାହା ଶୁଣିଲେ ବିସ୍ମୟେ ତୁମ୍ଭ ମଥା ଘୂରିଯିବ । ଯାହାହେଉ ମୋହର କୁମାରୀ ରାଜକୁମାରୀର ସହଚରୀ ଅଟେ, ମୁଁ ତାହାଠାରୁ ଯାହା ଶୁଣିଅଛି ବିସ୍ତାର କହୁଅଛି ଶୁଣ । ରାଜକୁମାରୀର ନାମ ତୁରନ୍ଦର, ସେ ଏଡ଼େ ସୁନ୍ଦରୀ ଯେ ବ୍ରହ୍ମାଣ୍ଡରେ ତାହାର ରୂପର ଦୃଷ୍ଟାନ୍ତ ନାହିଁ । ଉମା କବା ରମା ରୂପେ ତାହାର ଉପମା ହୋଇପାରିବେ ନାହିଁ । ମଦନ ପ୍ରିୟା ରତି ସ୍ୱୀୟ ସୌନ୍ଦର୍ଯ୍ୟ ନିମିତ୍ତ ପୃଥିବୀରେ ସୁଖ୍ୟାତି ଲଭିଥିଲେହେଁ ଏହାର ସୌନ୍ଦର୍ଯ୍ୟ ତୁଳନାରେ ସେ କିଛି ନୁହେ । ଜ୍ୟୋତ୍ସ୍ନାମୟୀ ରାତ୍ରିରେ ସେ ପଦାରେ ବିହାର କଲେ ଶଶଧର ଲଜ୍ଜାରେ ଜ୍ୟୋତି ରହିତ ଓ ରାହୁଗ୍ରସ୍ତ ହୁଏ । ଦିବସରେ ରବି ତାହାର ମନୋହର ଛବି ଦେଖିଲେ ଆପଣାକୁ ହୀନକାନ୍ତି ଭାବି ଡୁବିଯାନ୍ତି । ରାଜକନ୍ୟାର ବିଚିତ୍ର ରୂପର ଚିତ୍ର କରିବାକୁ ପୃଥିବୀର ବିଭିନ୍ନ ସ୍ଥାନର ସୁନିପୁଣ ଶିଳ୍ପି ଗଣ ଆସି ତାହାର ପ୍ରତିବିମ୍ବ ଦେଖି ଆମ୍ଭ ବିସ୍ମିତ ଓ ସ୍ତମ୍ଭୀଭୂତ ହୋଇ ପ୍ରକୃତ ଚିତ୍ର ଅଙ୍କିତ କରିବାକୁ ଅଶକ୍ତ ହେଲେ । ସେମାନଙ୍କ ଅଙ୍କିତ ସେହି ଅସମ୍ପୂର୍ଣ୍ଣ ଚିତ୍ର ମଧ୍ୟ ପୃଥିବୀରେ ଉପମା ରହିତ ଅଟେ ।

ସେହି ଚିତ୍ରରେ ଶତବର୍ଷ ସଂଯମୀ ଯତିର ଦୃଷ୍ଟି ପତିତ ହେଲେ ତାହାର ତାପସ ବ୍ରତ ତିରୋହିତ ଓ ସଂଯତମନ ମଗ୍ନ ହୋଇ ତାହାର ଚରଣ ଦର୍ଶନ ନିମିତ୍ତ ଅନୁକ୍ଷଣ ଉଚ୍ଚାଟନ ହେଉଥିବ । ଏହି ରମଣୀର ବାହ୍ୟ-ରୂପ ଏଡ଼େ ରମଣୀୟ ହେଲେହେଁ, ଅନ୍ତଃକରଣ କୃତାନ୍ତ ସମାନ ଅଟେ । କେତେ ଯୁବକ ସେହି ଯୁବତୀଙ୍କର ଚିତ୍ରଫଳକ ଦେଖି ପ୍ରେମାସକ୍ତ ହୋଇ ଅକାଳେ କାଳକବଳରେ ପଡିଲେଣି । ସେହି ରମଣୀ ଚିତ୍ରନର ରୂପର ସଂକ୍ଷିପ୍ତ ବିବରଣ ଏହି—କିନ୍ତୁ ତାହାର ଗୁଣାବଳୀ ବର୍ଣ୍ଣନାକୁ

Digitized by PPRACHIN, SOA

ବଳି ଯାଉନ୍ତି । ସ୍ତ୍ରୀଜାତିର ଗୁଣାବଳୀ ତାହାଠାରେ ପୂର୍ଣ୍ଣ ରହିଛି । ଏତଦ୍ଭିନ୍ନ ଶିଳ୍ପ, ବିଜ୍ଞାନ, ନ୍ୟାୟ, ଦର୍ଶନ ପ୍ରଭୃତି ଶାସ୍ତ୍ରେ ମହାପଣ୍ଡିତା । ଖଗୋଳ, ଭୂଗୋଳ, ଗଣିତ, ଜ୍ୟୋତିଷ ପ୍ରଭୃତି ଶାସ୍ତ୍ରେ ସୁବେତ୍ତା ଅଟେ । ପୁଣି ଅଶ୍ୱାରୋହଣ, ଅସ୍ତ୍ରଚାଳନ ପ୍ରଭୃତି ତାହାଠାରେ ସାମାନ୍ୟ କର୍ମ ଅଟେ । ଦ୍ୟୂତ, କନ୍ଦୁକ, ତାସ ପ୍ରଭୃତି କ୍ରୀଡ଼ାରେ ମଧ୍ୟ ସେ ପାଶ କରି ଅଛି । ସ୍ଥୂଳତଃ ଏମନ୍ତ ସର୍ବଗୁଣପୂର୍ଣ୍ଣା ଲଳନା ଧରଣୀରେ ଦ୍ୱିତୀୟ ଥିବେ କି ନା ସନ୍ଦେହ । ହେ ଯାହାହେଉ ଏତେଗୁଡ଼ିଏ ଗୁଣ ଗୋଟିଏ ଦୋଷ ଭାରରେ ରସାତଳକୁ ଗମନ କରୁଅଛି । ତାହା ଏହି ଯେ ତଦାସକ୍ତ ରାଜସୁତଙ୍କପ୍ରତି ସେହି ଦୁର୍ମତିର ସଦା କଟୁଦୃଷ୍ଟି ଥାଏ । ପ୍ରେମିକଗଣ ତାହାର ବିବେଚନାରେ ପଶୁଠାରୁ ହୀନ ଅଟନ୍ତି । ଯୁକ୍ତି ପରାସ୍ତ ନିହତ ରାଜସୁତଙ୍କର ରକ୍ତ ଦର୍ଶନେ ସେ ଅତ୍ୟନ୍ତ ଆନନ୍ଦିତ ହୁଏ ।

ତାହାର ପ୍ରେମିକ ନିଧନ ଅଧିକାର ପ୍ରାପ୍ତ ବିବରଣ କହୁଅଛି ଶୁଣ । ଦୁଇବର୍ଷ ପୂର୍ବେ ତିବ୍ବତପତି ପ୍ରଣୟୀଘାତୀର ସୌନ୍ଦର୍ଯ୍ୟ ସୁଖ୍ୟାତି ଶୁଣି ନିଜ ପୁତ୍ର ସହିତ ତାହାର ବିବାହ ପ୍ରସ୍ତାବ କରି ଦୂତ ପଠାଇଲେ । ଚନ୍ଦେଶ୍ୱର ଯୁବରାଜର ଛବି ଦର୍ଶନ ଓ ଦୂତଠାରୁ ଗୁଣାବଳୀଶ୍ରବଣକରି ଆନନ୍ଦସହକାରେ ବିବାହର ସମ୍ମତି ପ୍ରଦାନରେ ଉଦ୍ୟତ ହେଲେ । କିନ୍ତୁ ଅମୃଗୁଣାଭିମାନୀ ରାଜନନ୍ଦିନୀ ଏହି ବାର୍ତ୍ତା ଶୁଣି ଅହଂକାର-ସହକାରେ ଅସ୍ୱୀକାର କଲେ । ଦୁହିତା ବିବାହରେ ଅସମ୍ମତ ଥିବାର ବାର୍ତ୍ତା ଶୁଣି ରାଜା ଦୁଃଖିତ ଓ କ୍ରୋଧାନ୍ୱିତ ହୋଇ ତାହାର ଇଚ୍ଛା-ବିରୁଦ୍ଧେ ବିବାହ କରିଦେବାକୁ ସଂକଳ୍ପ କଲେ । ନନ୍ଦିନୀ ଜନକର ଅଭି-ପ୍ରାୟ ଜାଣି କ୍ରନ୍ଦନଦ୍ୱାରା ତାହାଙ୍କୁ ନିବୃତ୍ତ କରିବାକୁ ମନସ୍ଥ କରି ଅନ୍ନ ଜଳ ଛାଡ଼ି ଦିବସ ରଜନୀ କ୍ରନ୍ଦନ କରି ରୋଗଗ୍ରସ୍ତା ହେଲେ । ବୈଦ୍ୟ-ଗଣ ଅମୋଘ ଔଷଧ ସେବନଦ୍ୱାରା ରୋଗର ଉପଶମ କରିବାକୁ ଅକ୍ଷମ ହୋଇ ବିବାହ ପ୍ରସ୍ତାବ ରହିତ ନ ହେଲେ ଜେମା ରୋଗମୁକ୍ତା ହେବେ ନାହିଁ ବୋଲି ମତ ବ୍ୟକ୍ତ କଲେ । ଏହି ଯୁକ୍ତି ଶୁଣି ନୃପତିଙ୍କ ମନେ ଭୀତି ହେଲା ଏବଂ ସେ ମମତା ଯୋଗେ ବ୍ୟସ୍ତତା ସହିତ ଦୁହିତାଠାରେ ଉପସ୍ଥିତ ହୋଇ ସ୍ନେହ ବଚନେ ସାନ୍ତ୍ୱନା ଦେଇ କହିଲେ,

Digitized by PPRACHIN, SOA

"ଦୂତ ବିଦାୟ ହୋଇଅଛି, ପ୍ରବୃଥା ଭାବନାରେ କୋମଳ ପ୍ରାଣକୁ ଆଉ ବେଦନା ଦିଅ ନା । ଛଳିଲା ରାଜବାଳା ପିତାଙ୍କୁ ମାୟା ବାତୁଳା ଦେଖି ବୃଦ୍ଧ ଜ୍ଞାନାନ୍ଧ ହୋଇ ତାହାର ପ୍ରତାରଣା ଫାନ୍ଦରେ ପଡ଼ିଲେଣି ଜାଣି, ବନ୍ଧନ ଅଧିକତର କଠିନ କରିବା ନିମିତ୍ତ ଛଳନାପୂର୍ବକ ଅଧିକତର କ୍ରନ୍ଦନ କରି କହିଲେ, "ଗୋଟାଏ ଦୂତ ସିନା ଫେରିଗଲା, ଏଣିକି ନିତି୨ ଦିନେ୨ ଦୂତ ଆସି ଆପଣଙ୍କ ନିକଟରେ ଯୁଟିବେ । ଆପଣ କୌଣସି ନା କୌଣସି ଦିନ ବିବାହର ବାଗ୍‌ଦାନ କରିଦେବେ । ମାତ୍ର ମୁଁ ବିବାହର ଏକାନ୍ତ ଅପକ୍ଷପାତ କାହାରିକୁ ପତିକରିବି ନାହିଁ ବୋଲି ମତ କରିଅଛି, ଏଣୁ ଆପଣ ବିବାହର ଅନୁମତି ଦେବା ପୂର୍ବେ ନିଶ୍ଚୟ କାହିଁ୨ ଦିନେ ଆତ୍ମଘାତୀ ହେବି । କିନ୍ତୁ ଆଉ ଗୋଟିଏ କଥା ଯଦି ଆପଣ ବଳାତ୍କାରରେ ମୋହର ବିବାହ ନ କରି ବର ନିର୍ବାଚନର ଭାର ମୋତେ ଦେବେ ଏବଂ ପ୍ରାର୍ଥୀମାନେ ମୋ ସଙ୍ଗରେ ନ୍ୟାୟ ଶାସ୍ତ୍ରରେ ଯୁକ୍ତି କରି ପରାଜିତ ହେଲେ ନିହତ ହେବେ ବୋଲି ନଗରରେ ମୁନାଦି ଦେବାର ଅଙ୍ଗୀକାର କରିବେ, ତାହାହେଲେ ମୁଁ କ୍ରନ୍ଦନରୁ ବିରତ ହୋଇ ଜୀବିତ ରହିବି ।"

ନୃପତି କହିଲେ, ଯଦି କେହି ଯୁକ୍ତିରେ ତୁମ୍ଭଙ୍କୁ ଜିତି ନେବ ତାହାହେଲେ ଆଉ ବିବାହରେ ଆପତ୍ତି କରିବ ନାହିଁ ବୋଲି ସମ୍ମତ ଦିଅ, ତାହାହେଲେ ଆମ୍ଭେ ତୁମ୍ଭ ପ୍ରସ୍ତାବରେ ରାଜି ହେବୁଁ । କନ୍ୟା ସେଥିରେ ସମ୍ମତା ହେବାରୁ ପିତା, ଦୁହିତାଙ୍କ ମଧ୍ୟରେ ଦୃଢ଼ ପ୍ରତିଜ୍ଞା ସ୍ଥିରୀକୃତ ହେଲା ଏବଂ ନରେନ୍ଦ୍ର ସ୍ୱୀୟ ଅଙ୍ଗୀକାର ଅନୁସାରେ ନଗରରେ ଉକ୍ତ ମର୍ମର ବିଜ୍ଞାପନ ପ୍ରଚାର କରାଇଲେ । ପିତାଙ୍କୁ ପ୍ରତିଜ୍ଞାବଦ୍ଧ କରାଇ ରାଜଦୁହିତା ପ୍ରଫୁଲ୍ଲଚିତ୍ତା ଓ ପୀଡ଼ା ମୁକ୍ତା ହେଲେ । ତଦବଧି କେତେ ମନ୍ଦାଦୃଷ୍ଟ ରାଜସୁତ ସେହି ଦୁର୍ବୃତ୍ତର ପ୍ରେମାସକ୍ତ ହୋଇ ଯୁକ୍ତିରେ ପରାଜିତ ଓ ନିହତ ହେଲେଣି । ରାଜା ସ୍ୱୀୟ ଅବିମୃଷ୍ୟକାରିତା ବଶତଃ ପ୍ରତିଜ୍ଞାବଦ୍ଧ ହୋଇ ଅନବରତ ନିର୍ଦ୍ଦୋଷଙ୍କର ରକ୍ତପାତ ଦେଖି ନିତାନ୍ତ ବିରକ୍ତ ହେଲେଣି ଏବଂ ତାହା ରହିତ କରିବା ନିମିତ୍ତ ଯଥେଷ୍ଟ ଚେଷ୍ଟା କରୁ

Digitized by PPRACHIN, SOA

ଅଛନ୍ତି, ମାତ୍ର ନିଜ ସତ୍ୟରୁ ବିଚଳିତ ହେବାକୁ ଅଶକ୍ତ ହୋଇ ପ୍ରଣୟାସକ୍ତ ନବାଗତ ପରୀକ୍ଷାର୍ଥୀ ରାଜପୁତ୍ରମାନଙ୍କ ପ୍ରଶ୍ନର କଠିନତ୍ୱ କଥା କହି ପରୀକ୍ଷାରୁ କ୍ଷାନ୍ତ ହେବା ନିମନ୍ତେ ବହୁତ ବୁଝାନ୍ତି, କିନ୍ତୁ ପ୍ରେମୋନ୍ମତ୍ତ ଯମସମୀପାଗତ ଯୁବକଗଣ ତାଙ୍କ କଥାରେ କର୍ଣ୍ଣପାତ ନ କରି ଜୟୀ ହେବା ଆଶାରେ ସେହି ଯମଦୂତ ସହିତ ଯୁକ୍ତି କରି ପରାସ୍ତ ଓ ନିହତ ହୋଇ ତାହାଙ୍କୁ ଅନନ୍ଦିତ ଏବଂ ରାଜାଙ୍କୁ ଶୋକାନ୍ୱିତ କରୁଅଛନ୍ତି । ହାୟ ! ଯୌବନୋନ୍ମତ୍ତ ବିବେକରହିତ ଯୁବକଙ୍କର କି ଅଦ୍ଭୁତ ମଙ୍ଗଳ ଜ୍ଞାନ ! ଏତେ ରାଜପୁତ୍ର ଅକାରଣେ ନିହତ ହେଉ ଥିଲେହେଁ ସେଥିପ୍ରତି ଦୃଷ୍ଟିପାତ ନ କରି ଯାହାଲୋକେ ଆକୃଷ୍ଟ ପତଙ୍ଗବତ୍ ରାଜସୁତାର ସୌନ୍ଦର୍ଯ୍ୟରେ ଆତ୍ମବିସ୍ମୃତ ଅନ୍ତର କେତେ ରାଜସୁତ ସନ୍ତତ ଆସି ତାହାର ପ୍ରେମେ ପତିତ ଓ ନିହତ ହେଉଅଛନ୍ତି, ବର୍ତ୍ତମାନ ମଧ୍ୟ ସେହି ପିଶାଚୀର ପ୍ରଣୟାଶକ୍ତ ନବଯୌବନ ପ୍ରାପ୍ତ ଗୋଟିଏ ରାଜସୁତ ଯୁକ୍ତିରେ ପରାଜିତ ହୋଇ ଥିବାରୁ ଅଦ୍ୟ ନିହତ ହେବ ।

ବୃଦ୍ଧାର କଥା ଶୁଣି କମରୁଜ୍ଜମାନ ତାହା କପୋଳକଳ୍ପିତ ମନେ-କରି କହିଲେ, "ମାତଃ ! ତୁମ୍ଭର ବର୍ଣ୍ଣନା ଅତିରଞ୍ଜିତ ବୋଲି ବୋଧ ହେଉଅଛି । ବିବାହର ଭୟଙ୍କର ପଣ ଜାଣିଶୁଣି କୌଣସି ଅଜ୍ଞାନ ଜନ ସେହି କାଳକୂଟଧାରୀ ନାରୀକୁ ନିଜ ସହଚରୀ କରିବାକୁ ଅଭିଳାଷ କରୁଥିବେ ଏହା ଆମ୍ଭର ବିଶ୍ୱାସ ହେଉନାହିଁ । ଆହୁରି ଗୋଟିଏ ବିଶେଷ ଅସମ୍ଭବ କଥା କହିଲ ଯେ, ଚିତ୍ରକରମାନେ ତାହାର ପ୍ରକୃତଚିତ୍ର କରିବାକୁ ଅସମର୍ଥ ହେଲେ ଏ କଥା ନିତାନ୍ତ ଅସତ୍ ବୋଧ ହେଉଅଛି । ବରଂ ସମ୍ଭବତଃ କୌଣସି ସୁଦକ୍ଷ ଚିତ୍ରକର ଅଧିକ ପୁରସ୍କାର ପାଇବା ଲୋଭରେ ଅପ୍ରକୃତ ସୌନ୍ଦର୍ଯ୍ୟଯୁକ୍ତ ଚିତ୍ର ଅଙ୍କିତ କରି ଅଜ୍ଞାତ ରାଜପୁତ୍ରମାନଙ୍କର ପ୍ରେମାସକ୍ତି ଓ ନିଧନ ପ୍ରାପ୍ତିର ସୂତ୍ରପାତ କରିଅଛି ।" ବର୍ଷୀୟସୀ ହସି କହିଲେ, "ସୁତ ତାହାର ସୌନ୍ଦର୍ଯ୍ୟ ଅଦ୍ଭୁତ ଅଟେ । ସୁନିପୁଣ ଚିତ୍ରକର ତାହାର ପ୍ରକୃତ ମୂର୍ତ୍ତି ଗଠନ କରିବା ଦୂରେ ଥାଉ, ସୁବିଖ୍ୟାତ ଲେଖକ ଯଦି କୌଣସି କାଳ୍ପନିକ ରମଣୀର ରମଣୀୟ ରୂପ ଅଯଥା ବାହୁଲ୍ୟ ରୂପେ ବର୍ଣ୍ଣନା କରନ୍ତି ତଥାପି ଏହାର ଅଲୋକସାମାନ୍ୟ ରୂପଲାବଣ୍ୟ

Digitized by PPRACHIN, SOA

କଳଙ୍କିତ ରମଣୀର ସୌନ୍ଦର୍ଯ୍ୟକୁ ବଳଯିବ ।” ବୃଦ୍ଧା ଏତେ ଚତୁରତା ଓ ବାକ୍‌ପଟୁତା ସହିତ ରାଜକନ୍ୟାର ସୌନ୍ଦର୍ଯ୍ୟ ବର୍ଣ୍ଣନା କଲେ ସତ୍ତ୍ୱା ଅସ୍ମମାନଙ୍କର ଯୁବକଙ୍କର ତାହାର କଥାରେ ପ୍ରତ୍ୟୟ ଜନ୍ମିଲା ନାହିଁ । ସେ ତାହାର ବର୍ଣ୍ଣନାକୁ ଅସାର ଗାଲଗଳ୍ପ ମଣି କେବଳ ଚିତ୍ତବିନୋଦନ ନିମିତ୍ତ ଅନ୍ୟମନସ୍କତା ସହିତ ଶୁଣୁଥିଲେ । ପୁଣି ପଚାରିଲେ, ରାଜ-କନ୍ୟାର ପ୍ରଶ୍ନ କପରି ? ତାହା କି ପ୍ରକୃତ କଠିନ ନା ସମାଗତ ଯୁବକ ମୂର୍ଖତାବଶତଃ ଉତ୍ତର ପ୍ରଦାନରେ ଅସମର୍ଥ ହୋଇ ନିହତ ହୁଅନ୍ତି । ବୃଦ୍ଧା କହିଲେ, ପକ୍ଷୋତ୍ତର ନିର୍ଜନ, ଅପର ଲୋକର ସେଠାକୁ ଗମନ ବାରଣ ଅଛି, ତଥାପି ମୁଁ ଶୁଣିଅଛି ଯେ, ପ୍ରଶ୍ନ ବୁଦ୍ଧିର ଅଗମ୍ୟ ଅତି କଠିନ ପ୍ରହେଳିକା ଅଟେ ।” ଏହିପରି କଥୋପକଥନରେ ଦିବାବସାନ ହେଲା । ଠିକ୍ ସନ୍ଧ୍ୟା ସମୟରେ ଘନ ଘନ ବାଦ୍ୟଧ୍ୱନି ଶୁଣାଗଲା । ଯୁବରାଜ ପଚାରିଲେ “ଏ କି ବାଦ୍ୟ ?” ବୃଦ୍ଧା କହିଲେ, “ମୁଁ ପରି ଏହିକ୍ଷଣି ତୁମ୍ଭଙ୍କୁ କହିଥିଲି ଜଣେ ରାଜସୁତ ସେହି ଯମଦୂତ ରାକ୍ଷସୀଠାରେ ଯୁଦ୍ଧରେ ପରାସ୍ତ ହୋଇଅଛି । ସେହି ମନାଦୃଷ୍ଟର ପ୍ରାଣଦଣ୍ଡ ହେବ । ଏହି ବାଦ୍ୟ ସେହି ପ୍ରାଣଦଣ୍ଡର ଆଦ୍ୟ କାଣ୍ଡ ।”

ଏହି କଥା ଶୁଣି କମରୁଜ୍ଜମାନ ତାହା ଦେଖିବାକୁ କୌତୁକାକ୍ରାନ୍ତ ହୋଇ ଗୃହରୁ ବହିର୍ଗତ ହେଲେ । ପଦାକୁ ବାହାରି ଦେଖିଲେ କୌତୁକ ଦର୍ଶନାଭିଳାଷୀ ଶତ ଶତ ନଗରବାସୀ ଊର୍ଦ୍ଧ୍ୱଶ୍ୱାସୀ ହୋଇ ରାଜପୁରୀ ଆଡ଼କୁ ଦୌଡ଼ୁଅଛନ୍ତି, ଏ ମଧ୍ୟ ସେମାନଙ୍କ ସହିତ ଯାଇ ଦେଖିଲେ, ରାଜଦରବାରର ସମ୍ମୁଖସ୍ଥ ଏକ ବିସ୍ତୃତ ପଡିଆରେ ଗୋଟିଏ ସୁବୃହତ୍ ଚନ୍ଦ୍ରାତପ ପ୍ରସାରିତ ଏବଂ କାଚ ନିର୍ମିତ ରତ୍ନଜଡ଼ିତ ମନୋହର କନ୍ଦିଲ, ଫାନସ ପ୍ରଭୃତି ପ୍ରଜ୍ୱଳିତ ହୋଇ ଚତୁର୍ଦ୍ଦିଗ ଆଲୋକିତ କରୁଅଛି । ଏହି ସୁରମ୍ୟ ସ୍ଥାନରେ ବହୁମୂଲ୍ୟ ଆସନମାନ ଧାଡ଼ି ଧାଡ଼ି ହୋଇ ରକ୍ଷିତ । ମଧ୍ୟସ୍ଥଳେ ହସ୍ତୀଦନ୍ତନିର୍ମିତ ରତ୍ନଖଚିତ ଗୋଟିଏ ଉଚ୍ଚସିଂହାସନ ସ୍ଥାପିତ ଏବଂ ଏହାର ନିକଟରେ ବଧମଞ୍ଚ ନିର୍ମିତ ହୋଇ ସୁବର୍ଣ୍ଣକାରୁଖଚିତ ବହୁମୂଲ୍ୟ ପଟ୍ଟବସ୍ତ୍ରେ ଆବୃତ ହୋଇଅଛି । ସର୍ବସାଧାରଣଙ୍କର ଆଗମନ ନିବାରଣ ନିମନ୍ତେ ଅସ୍ତ୍ରଧାରୀ ସହସ୍ର ପ୍ରହରୀ ଏହି ସ୍ଥାନରେ ଦଣ୍ଡାୟମାନ

ହୋଇ ଅଛନ୍ତି । ରାଜକୁମାର ଏହି ବ୍ୟାପାର ମନୋଯୋଗ ସହିତ ଦେଖୁଅଛନ୍ତି, ଏହି ସମୟେ ଘଣ୍ଟାଧ୍ୱନିସହିତ ରାଜପୁରୀର ଦ୍ୱାର ଉଦ୍‌ଘାଟିତ ହେଲା । ସେହିବାଟେ ଶ୍ୱେତ ପଟ୍ଟବସ୍ତ୍ର ପରିହିତ ଶତାଧିକ ସଦସ୍ୟ ଆସି ବଧମଞ୍ଚର ଚତୁର୍ଦ୍ଦିଗେ ରତ୍ନଖଚିତ ସ୍ୱର୍ଣ୍ଣ ସିଂହାସନକୁ ଅଭିବାଦନପୂର୍ବକ ଆସନରେ ଉପବିଷ୍ଟ ହେଲେ । ତଦନନ୍ତର କେତେକଜଣ ସମ୍ଭ୍ରାନ୍ତ-ସାମନ୍ତ ସହିତ ଲୋହିତବସ୍ତ୍ର ପରିହିତ ପୁଷ୍ପାଚ୍ଛାଦିତ ନବଯୌବନଶୋଭିତ ଦୂରଦୃଷ୍ଟ ରାଜସୁତ ଆନୀତ ହୋଇ ମଞ୍ଚ ନିକଟରେ ଦଣ୍ଡାୟମାନ ହେଲେ ଏହାର ଅଳ୍ପକ୍ଷଣପରେ ଆପାଦମସ୍ତକାଚ୍ଛାଦିତା ଦସ୍ୟାବବର୍ଜିତା କ୍ଲାନ୍ତ-ସମା ରାଜସୁତା ଆସି ସିଂହାସନରେ ଗମ୍ଭୀର ଭାବେ ଆସୀନା ହେଲେ । ତଦନନ୍ତର ଶ୍ରୀରାଜଓକିଲ ଦଣ୍ଡାୟମାନ ହୋଇ ଉଚ୍ଚୈଃସ୍ୱରେ କହିଲେ, "ହେ ଭାଗ୍ୟହୀନ ରାଜନନ୍ଦନ ! ତୁମ୍ଭେ ଜେମାଙ୍କର ପ୍ରଣୟାସକ୍ତ ହୋଇ ଆସିବା ସମୟେ ତାଙ୍କର କଠୋର ପଣର କଥା ନିଜେ ରାଜା ତୁମ୍ଭଙ୍କୁ ଜଣାଇ ଭୟଙ୍କର ପରୀକ୍ଷା ସ୍ଥଳରେ ଉପସ୍ଥିତ ହେବାକୁ ବାରଣ କରି-ଥିଲେ ତ ?"

ରାଜପୁତ୍ର କହିଲେ, "ଚନେଶ୍ୱର ସ୍ୱୀୟ କନ୍ୟାର କଠୋର ପଣ ଓ ନିଷ୍ଠୁରାଚରଣର କଥା ଆମ୍ଭଙ୍କୁ ଜଣାଇ ନିଜ କୁମ୍ଭବୃତ୍ତି ନିବୃତ୍ତି ନିମିତ୍ତ ଅନେକ ବୁଝାଇଥିଲେ, କିନ୍ତୁ ଆମ୍ଭେ ସୁନ୍ଦରୀର ମନୋହର ଚିତ୍ର ଦର୍ଶନେ ଦୃଢ଼ ପ୍ରେମବନ୍ଧନେ ଆବଦ୍ଧ ଏବଂ ହିତାହିତ ଜ୍ଞାନ ରହିତ ହୋଇ ତାଙ୍କର କଥାରେ କର୍ଣ୍ଣପାତ ନ କରି ସ୍ୱଇଚ୍ଛାରେ ଆତ୍ମୋତ୍ସର୍ଗ କରିବାକୁ ସମ୍ମତ ହୋଇଥିଲୁଁ, ଆମ୍ଭର ସେହି ଦୃଢ଼ବ୍ରତ ଅବଧି ତିରୋହିତ ହୋଇନାହିଁ । ବର୍ତ୍ତମାନ ଆମ୍ଭେ ଆନନ୍ଦ ସହିତ ସେହି ଦୁରନ୍ତର ସାକ୍ଷାତରେ ନିହତ ହେବା ନିମିତ୍ତ ମସ୍ତକ ପ୍ରସାରିତ କରୁଅଛୁଁ, ହେ ଘାତକ ! ତୁ ନିଃଶଙ୍କରେ ଆମ୍ଭର ମସ୍ତକ ଛେଦନ କର । ମୁଁ ରାଜତନୟାର ମାୟାରେ ପଡ଼ି ତାହାର ପ୍ରାପ୍ତିରୁ ବଞ୍ଚିତ ହୋଇ ଆନନ୍ଦିତ ଚିତ୍ତରେ ପ୍ରାଣ ପ୍ରଦାନ କରୁଅଛି । ଏଥିରେ ରାଜା ବା ରାଜକୁମାରୀ କିମ୍ବା ହତ୍ୟାକାରୀ କାହାରି କିଛି ଅପରାଧ ନାହିଁ । ରାଜସୁତ ଏହି କଥା ସମାପ୍ତ କରନ୍ତେ, ନିର୍ଦ୍ଦୟ ଘାତକର ତରବାରିରେ ଛିନ୍ନ ମସ୍ତକ ହୋଇ ଭୂତଳେ ପତିତ ଏବଂ

Digitized by PPRACHIN, SOA

ନିର୍ଦ୍ଦୟା ରାଜତନୟାର ବିକଟ ହାସ୍ୟରେ ବଧସ୍ଥଳ ପୂରିତ ହେଲା । ଏହି ନିଷ୍ଠୁର କାଣ୍ଡ ନିମିତ୍ତ ଦର୍ଶକଙ୍କ ମଧ୍ୟରୁ କେହି ରାଜାଙ୍କର କେହି ରାଜକନ୍ୟାଙ୍କର ଶତ ଶତ ନିନ୍ଦା ଓ ଧିକ୍କାର କରି ପ୍ରସ୍ଥାନ କଲେ ।

ସମସ୍ତେ ଚାଲି ଗଲେ ପରେ କମରୁଜ୍‌ମାନ ଦେଖିଲେ, ଜଣେ ଦୀର୍ଘନିଃଶ୍ୱାସ ପରିତ୍ୟାଗ କରୁ କରୁ ଲୋତକ ପୂର୍ଣ୍ଣନୟନରେ ଧୀରେ ଧୀରେ ଗମନ କରୁଅଛି । ବ୍ରଜନନ୍ଦନ ତାହାକୁ ଆହ୍ୱାନ କରି କହିଲେ, "ଭାଇ ତୁମ୍ଭର ଏତେ ଦୁଃଖର କାରଣ କଣ ? ସମ୍ଭବତଃ ନିହତ ରାଜସୁତ ତୁମ୍ଭର ସୁପରିଚିତ ହେବେ ।" ଏହା ଶୁଣି ସେହି ବ୍ୟକ୍ତି ଅତ୍ୟନ୍ତ ଦୁଃଖିତ ହୋଇ କହିଲେ, "ମହାଶୟ ! ଅରକ୍ଷିତ ସ୍ୱରୂପ ନିହତ ରାଜସୁତର ମୁଁ ରକ୍ଷକ, ବାଲ୍ୟାବଧି ମୁଁ ତାହାକୁ ଲାଳନ ପାଳନ କରିଅଛି । ହାୟ, ଏହି ଭାଗ୍ୟହୀନ ସମରକନ୍ଦ ରାଜାଙ୍କର ଏକମାତ୍ର ସନ୍ତାନ ଥିଲା । ନୃପତି ଏହାର ଦୁର୍ଗତିର ଖବର ଶୁଣି ନ ଜାଣି କେତେ ବ୍ୟଥିତ ହେବେ ।" ଯୁବରାଜ ପଚାରିଲେ "ଏ ରାଜସୁତ କପରି ସେହି ଯମଦୂତୀର ପ୍ରେମାସକ୍ତ ହେଲେ, କିଏ ବା ତାଙ୍କ ଗଳାରେ ଏହି ସର୍ପମାଳା ପକାଇଲା ?" ରକ୍ଷକ କହିଲେ, "ସେହି ବୃତ୍ତାନ୍ତ କହିବାକୁ ଗଲେ ତ ଅତ୍ୟନ୍ତ ଦୁଃଖ ଜାତ ହେଉଅଛି । ଏହି ରାଜସୁତ ସର୍ବଗୁଣାଳଙ୍କୃତ ଓ ପ୍ରଜାଙ୍କଦ୍ୱାରା ଦେବତାବତ୍ ପୂଜିତ ହେଉଥିଲେ । ଅଠର ବର୍ଷ ବୟସ ସମୟେ ହଠାତ୍ ଚିତ୍ରକର ଏହି ପିଶାଚୀର ଚିତ୍ର ଆଣି ଭେଟିକଲା । ଏହି ଚିତ୍ରରେ ଚିତ୍ରକାରୀ ରାଜକୁମାରୀର ଚିତ୍ର ଏପରି କୌଶଳରେ ଅଙ୍କିତ ହୋଇଥିଲା ଯେ, ଛାର ମନୁଷ୍ୟ କଣ, ଦେବତା ଦେଖିଲେ ମଧ୍ୟ ପ୍ରଣୟାସକ୍ତ ଓ ଜ୍ଞାନ ରହିତ ହୁଅନ୍ତେ ।

ରାଜନନ୍ଦନ ଚିତ୍ର ଦର୍ଶନେ ପ୍ରେମାବଦ୍ଧ ହୋଇ ଚିତ୍ରକରକୁ ବହୁ ପୁରସ୍କାର ଦେଇ ବିଦାୟ କଲେ ଏବଂ ଏହି ଯମ-ଭଗିନୀ କାଳସର୍ପିଣୀର ପ୍ରାପ୍ତି ଆଶାରେ ରାଜ୍ୟ ଧନ ଆତ୍ମୀୟ ସ୍ୱଜନ ପିତାମାତାଙ୍କୁ ଛାଡ଼ି ମୋତେ ସଙ୍ଗେ ଘେନି କାଳବେଳାରେ ଏ ଆଡ଼କୁ ଯାତ୍ରା କଲେ । ଆଗମନ ସମୟେ ପଥରେ ଏହି ଦୁଃଶୀଳା ରାଜବାଳାକୁ ପାଇବା ନିମିତ୍ତ ନାନାପ୍ରକାର ଉପାୟ ଚିନ୍ତା କରୁଥିଲେ । ଏଠାରେ ପହଞ୍ଚି ରାଜକନ୍ୟାର ପଣର କଥା ଶୁଣି ଆପଣାକୁ ଅତି ଜ୍ଞାନୀ ଓ ଉତ୍ତର ପ୍ରଦାନରେ ସକ୍ଷମ ମଣି

Digitized by PPRACHIN, SOA

ଯମାଳୟ ସଦୃଶ ପର୍ଣ୍ଣଶାଳୟରେ ପ୍ରବିଷ୍ଟ ହେଲେ । ତାହାପରେ ଯାହା ହେଲା, ତାହା ଆପଣ ସ୍ୱଚକ୍ଷୁରେ ଦେଖିଅଛନ୍ତି । ରାଜନନ୍ଦନ ବିଧିର କିଛିକ୍ଷଣ ପୂର୍ବେ ଚିତ୍ରପଟ୍ଟ ଆମ୍ଭଙ୍କୁ ଦେଇ କହିଲେ, "ମୁଁ ଏହି ଚିତ୍ର ଦର୍ଶନ କରି ଜ୍ଞାନହୀନ ଓ ବିବେକଶୂନ୍ୟ ହୋଇ ପ୍ରାଣଦାନ କରୁଅଛି । ତୁମ୍ଭେ ରାଜ୍ୟକୁ ଫେରିଯାଇ ଏ ଚିତ୍ର ପିତାଙ୍କୁ ଦେବ, ସେ ଏହା ଦେଖି ମୋହର ଅନାୟତ୍ତତ୍ୱବଶତଃ ମୃତ୍ୟୁ ହୃଦୟଙ୍ଗମ କରି ଦୋଷ କ୍ଷମା କରିବେ । ମୁଁ ଚିତ୍ରଟି ତାହାଠାରୁ ନେଇ ରଖିଅଛୁ ସତ୍ୟ କିନ୍ତୁ ଏହି ଅଲକ୍ଷଣ ଛବି କିଏ ରାଜାଙ୍କୁ ନେଇ ଦେବ ? ମୁଁ ନିଜ ଜଳଜଳା ମୁହଁ ତ ତାହାଙ୍କୁ ଦେଖାଇବି ନାହିଁ କିମ୍ବା ସମରକନ୍ଦକୁ ଫେରି ଯିବି ନାହିଁ । ତେବେ ମହା ସଙ୍କଟର ମୂଳଭୂତ ଏହି ଚିତ୍ରପଟ୍ଟ ରଖି ଆଉ ଲାଭ କଣ ? ଏହା କହି ଚିତ୍ର ନିଜ ପକେଟରୁ ବାହାର କରି ଫୋପାଡ଼ି ଦେଲେ ଏବଂ ସକ୍ରୋଧେ ରାଜପୁତ୍ରଙ୍କୁ ଥରେ ଚାହିଁ ପ୍ରସ୍ଥାନ କଲେ ।"

ଆମ୍ଭମାନଙ୍କର ବିପଦଗ୍ରସ୍ତ ରାଜସୁତଙ୍କର ଅପର ଏକ ନୂତନ ଆପଦ ସମୁପସ୍ଥିତ, ଦେଖାଯାଉ ଏଥିରେ ସେ ସମୃଦ୍ଧିମନ୍ତ ବା ଏକାବେଳକେ ନିଧନପ୍ରାପ୍ତ ହେଉଅଛନ୍ତି, ଅର୍ଥାତ୍ ରକ୍ଷକ ଚିତ୍ରଫଳକ ଫିଙ୍ଗି କିଛିଦୂର ବାହାର ଯାଆନ୍ତେ ଯୁବକ ତାହା ଉତ୍ତୋଳନ କରି ଆଲୋକରେ ଦେଖିବା ଆଶାରେ ଶୀଘ୍ର ବସାକୁ ଚାଲିଲେ । ମାତ୍ର ରାତ୍ରିର ଅନ୍ଧାର ଯୋଗେ ବାଟବଣା ହୋଇ ନଗରର ବାହାରେ ଗୋଟିଏ ବିସ୍ତୃତ ପଡ଼ିଆରେ ପହଞ୍ଚି ଶୀଘ୍ର ଚିତ୍ର ଦେଖିବାରୁ ବଞ୍ଚିତ ହୋଇ ବ୍ୟାକୁଳଭାବେ ରାତ୍ରିଯାପନ କଲେ । ସକାଳ ନ ହେଉଣୁ ଚୁଙ୍ଗାରୁ ଚିତ୍ର ବାହାର କରି ଦେଖିବାକୁ ଉଦ୍ୟତ ହୋଇ ମନେ ମନେ କହିଲେ—ହେ କମ ବୁଜ୍‌ମାନ ! ସାବଧାନ, ତୁମ୍ଭେ ସ୍ୱଇଚ୍ଛାରେ ଶମନକୁ ଆମନ୍ତ୍ରଣ କରୁଛ କାହିଁକି ? କାଳସର୍ପ ସିନା ନିଜେ ଦଂଶନ କଲେ ଜୀବର ବିନାଶ ସାଧନ ହୁଏ । କିନ୍ତୁ ଏ ସର୍ପିଣୀର ଅଦ୍ଭୁତ ଶକ୍ତି, ନିଜେ ଏକସ୍ଥାନରେ ବସିଛି ଏବଂ ତାହାର ଚିତ୍ରରେ ସଂକ୍ରମଣ ରୋଗ ସଦୃଶ ବିଷ ସଞ୍ଚାରିତ ହୋଇ ନାନାସ୍ଥାନରେ ବ୍ୟାପ୍ତ ହୋଇଅଛି । ଏହି ଚିତ୍ରରେ ଦୃଷ୍ଟିପାତ କଲେ ବିଷ ଶରୀରରେ ପ୍ରବେଶ କରି ଜୀବନ ନାଶ କରେ । ତୁମ୍ଭେ ଅଲକ୍ଷଣ ହେଲା ଏହି ଚିତ୍ରର ବିସ୍ମୟଜନକ ପ୍ରାଣନାଶ-

Digitized by PPRACHIN, SOA

କାହାରି ଶକ୍ତି ସ୍ୱଚକ୍ଷୁରେ ଦେଖିଅଛ । ସୁତରାଂ ଏହାର ଦର୍ଶନ ସୁଖରୁ ବିମୁଖ ହୁଅ । ପୁଣି ମନେ୨ କହିଲେ-ଚିତ୍ର ଦେଖିଲେ ବା ନ ଦେଖିଲେ କଣ ? ବିସୂଚିକାକ୍ରାନ୍ତ ସ୍ଥାନରେ ତ ଅଛି ଏଠାରୁ ନିଷ୍କ୍ରାନ୍ତ ନ ହେବା ପର୍ଯ୍ୟନ୍ତ କାଳମୁଖରୁ ବଞ୍ଚିତ ହେବାର ଆଶା ବା କେଉଁଠାରେ ? ଯଦି ସେହି କାଳସମା ରାଜକୁମାର ପ୍ରେମପାଶରେ ଆବଦ୍ଧ ହେବାକୁ କପାଳେ ଲେଖାଥିବ ତାହାହେଲେ ଯେତେ କୌଶଳ କଲେ ସୁଦ୍ଧା ସମସ୍ତ ନିଷ୍ଫଳ ହେବ । ଚିତ୍ରପଟରେ ଅଛି ବା କଣ ? ତାହା ଦେଖି ପ୍ରେମ ବଦ୍ଧ ହେବା ଜ୍ଞାନାନ୍ଧଙ୍କର କର୍ମ, ମୁଁ ସେପରି ଅଜ୍ଞାନ ପଶୁ ସମାନ ଲୋକ ନୁହେ । ଏହିପରି ବିବିଧ ଚିନ୍ତା-ଶୋଳୋକକ୍ଷଧାରେ ଅନ୍ଧାର ତିରୋହିତ ଏବଂ ବାଳ ରବିର କୋମଳ କିରଣରେ ଚତୁର୍ଦ୍ଦିଗ ଆଲୋକିତ ହେଲା । ରାଜସୁତ ବିକୃତ ବୁଝାଇ ସୁଦ୍ଧା ଚିତ୍ତକୁ ଚିତ୍ରଦର୍ଶନାଭିଲାଷରୁ ରହିତ କରି ପାରିଲେ ନାହିଁ । ମାନସିକ ତର୍କବିତର୍କରେ ଚିତ୍ର ଦର୍ଶନ ସ୍ଥିର ହେଲା । କୁମାର ଡରି ଡରି ଚିତ୍ର ଫିଟାଇ ସେଥିରେ ଦୃଷ୍ଟିପାତ କରନ୍ତେ ଏକାବେଳକେ ପ୍ରେମାସକ୍ତ ଓ ଆତ୍ମବିସ୍ମୃତ ହୋଇ କହିଲେ, "ବାଃ ବାଃ, କି ସୁନ୍ଦର ଛବି, ଏହା ଦେଖନ୍ତେ ମୋହର ଜ୍ଞାନରବି ଗଭୀର ପ୍ରେମସାଗରେ ଡୁବିଗଲା । ମୁଁ ବର୍ତ୍ତମାନ ହିତାହିତ ଜ୍ଞାନ ରହିତ; କଣ କରିବି କିଛି ସ୍ଥିର କରି ପାରୁନାହିଁ । ଆହାଃ, ରାଜକୁମା ଠିକ ପୂର୍ଣ୍ଣିମା ଚନ୍ଦ୍ରମାର ଉପମା ଅଟେ । ବର୍ଣ୍ଣ କି ଉଜ୍ଜ୍ୱଳ ଓ ମନୋହର, ଦେଖିଲେ ମୁନିମନ ମଧ୍ୟ ଅସ୍ଥିର ହେବ ! ପ୍ରସ୍ଫୁଟିତ କୁସୁମ ତୁଲ୍ୟ କି ସହାସ୍ୟବଦନ ! ନବ-ଜଳଦ ସଦୃଶ କି ଗାଢ଼ ନୀଳବର୍ଣ୍ଣ କୁଞ୍ଚିତ କୁନ୍ତଳ ! ଆକର୍ଣ୍ଣ ବିସ୍ତୃତ କି ସୁନ୍ଦର ନୟନ ଯୁଗଳ—ରମ୍ଭାତରୁ ପରାସ୍ତକାରୀ କି ଗୁରୁ ଉରୁ ! ଆହା, କି କମନୀୟ ଭ୍ରୂ ! କି ସୁଦୃଶ୍ୟ କକ୍ଷ ! କିବା ମନୋହର ଚିତ୍ତାକର୍ଷକ ବକ୍ଷ ! ମୁକ୍ତାମାଳା ଜିଣି କି ଉଜ୍ଜ୍ୱଳ ଦନ୍ତଶ୍ରେଣୀ ! ରାଜକୁମାରୀ ସର୍ବାଙ୍ଗ ସୁନ୍ଦରୀ ଓ ମନୋହାରୀ ଅଟେ । ଏହାର ଶରୀରର କୌଣସି ସ୍ଥାନରେ କଳଙ୍କର ଚିହ୍ନମାତ୍ର ନାହିଁ । ସୁନ୍ଦରୀର ସୌନ୍ଦର୍ଯ୍ୟ ବିଷୟ ଭାବି୨ ରାଜତନୟର ହୃଦୟ ଅଥୟ ଏବଂ ପ୍ରେମାନଳେ ଦଗ୍ଧ ହେଲା । ପ୍ରେମସନ୍ତପ୍ତ ରାଜସୁତ ବ୍ୟାକୁଳଚିତ୍ତ ହୋଇ ପୁଣି କହିଲେ—ହେ ବିଧାତା ! ତୁମ୍ଭେ କି ନିଜେ ଏ

Digitized by PPRACHIN, SOA

ରାଜଦୁହିତାକୁ କୋଟି୨ ସୁନ୍ଦରୀଙ୍କର ସୌନ୍ଦର୍ଯ୍ୟ ପ୍ରଦାନ କରି ସ୍ୱହସ୍ତେ ନିର୍ମାଣ କରିଅଛ ? ଜଣକଠାରେ ଏତେ ଅନୁଗ୍ରହ ପ୍ରଦର୍ଶନ ଲକ୍ଷ ଲକ୍ଷ ଜୀବ ବିନାଶର କାରଣ ହେଲା । ଏଥିରେ ତୁମ୍ଭର ଲାଭ ବା କଣ ? ଅଳ୍ପ କ୍ଷଣ ହେଲା ମୁଁ ନିଜେ ଯୁବକର ଦୁର୍ଗତି ସ୍ୱଚକ୍ଷୁରେ ଦେଖି ସୁଦ୍ଧା ଚିତ୍ରଦର୍ଶନେ ବିଚଳିତ ମତି ହୋଇ କୁପ୍ରବୃତ୍ତିର ନିବୃତ୍ତି କରି ପାରୁନାହିଁ, ତେବେ ବୃଥା ଗର୍ବଭରବଶ ହୋଇ ଅପରଙ୍କୁ ଅଜ୍ଞାନ ବୋଲି ନିନ୍ଦା କରୁଥିଲି କିଣ ? ବର୍ତ୍ତମାନ ମୋହର ଜ୍ଞାନ କେଉଁଠାକୁ ପଳାୟନ କଲା । ଏହା କହି ରାଜନନ୍ଦନ ପୁଣି ଥରେ ଚିତ୍ରଦର୍ଶନପୂର୍ବକ ରାଜକନ୍ୟାକୁ ଲକ୍ଷ କରି କହିଲେ, ଗୋ ଭୁବନମୋହିନି, ତୁମ୍ଭେ ସୁନ୍ଦରୀ ଶିରୋମଣି ହୋଇ ସୁଦ୍ଧା ସ୍ୱୀୟ କଠିନ ପଣ ବଶତଃ ନରରକ୍ତ ଦର୍ଶନପ୍ରିୟା ନିର୍ଦ୍ଦୟା ବୋଲି ଅଖ୍ୟାତି ଲଭିଛ, ମୁଁ ତୁମ୍ଭର କ୍ରୂର ବ୍ୟବହାର ସ୍ୱଚକ୍ଷୁରେ ଦେଖି ପୁଣି ତୁମ୍ଭର ପ୍ରେମାସକ୍ତ ହେଲି, ଏଥିରେ ଈଶ୍ୱରଙ୍କର ଅଭିମତ କଣ ସେ ଜାଣନ୍ତି, ମାତ୍ର ମୋହର ଦୃଢ଼ବିଶ୍ୱାସ, ମୁଁ ଯୁକ୍ତିରେ ତୁମ୍ଭର ଗର୍ବନାଶ ଓ ବିବାହଦ୍ୱାରା ସ୍ୱବଶ କରି ନିରୀହ ହତ୍ୟା ହ୍ରାସ ଏବଂ ତୁମ୍ଭର ଅପଯଶ ଶେଷ କରିବି । ଦୈବାତ୍ ପରାସ୍ତ ଓ ନିହତ ହେଲେ ଖେଦ ନୁହେ, କାରଣ ମୋହର ଅବସ୍ଥା ନିତାନ୍ତ ଶୋଚନୀୟ । ପୁଣି ତୁମ୍ଭର ପ୍ରଣୟ କାଳାନଳ ପ୍ରାୟ ହୃଦୟ ଦହନ କରୁଅଛି, ତୁମ୍ଭର ବିରହେ କ୍ଷଣମାତ୍ର ମନ ଥୟ ନାହିଁ; ଅତ ଏବ ଉଭୟ ସଙ୍କଟାପନ୍ନ ଜୀବ ତୁମ୍ଭ ବିରହରେ ଧାରଣ କରିବା କଠିନ; ଏଣୁ ପରୀକ୍ଷାସ୍ଥଳେ ଶୀଘ୍ର ଉପସ୍ଥିତ ହେବା ନିତାନ୍ତ ପ୍ରୟୋଜନ । ଏହିପରି ଚିନ୍ତାମଗ୍ନ ଯୁବରାଜ ଧୀରେ୨ ଗମନକରି ବସାରେ ବିରାଜମାନ ହେଲେ ।

ବର୍ଷୀୟସୀ ତାହାଙ୍କୁ ଦେଖି ଖୁସିହୋଇ କହିଲା, "ସୁତ ! ତୁମ୍ଭଙ୍କୁ ରାତ୍ରିରୁ ଅନୁପସ୍ଥିତ ଦେଖି ମୁଁ ଅତ୍ୟନ୍ତ ଭାବିତ ଥିଲି, ଏତେ ବିଳମ୍ବର କାରଣ କଣ?" କୁମାର କହିଲେ, "ପଥଭ୍ରାନ୍ତ ହୋଇ ନଗରର ବାହାରେ ଗୋଟିଏ ପ୍ରାନ୍ତରକୁ ଚାଲି ଯାଇଥିଲି, ରାତ୍ରିର ଅନ୍ଧକାରରେ ଆସିବାକୁ ଅସମର୍ଥ ହୋଇ ସେହିଠାରେ ରାତ୍ରିଯାପନ କଲି ।" ପରେ ବୃଦ୍ଧା ପଚାରିବାରୁ କମରୁଜ୍‌ମାନ ନିହତ ରାଜନନ୍ଦନର ଶୋଚନୀୟ ହତ୍ୟା ବିବରଣ ଶୁଣାଇ ପରେ ତାହାର ରକ୍ଷକଠାରୁ ଶୁଣିଥିବା କଥାମାନ ଶୁଣାଇ ଚିତ୍ରପଟ ଦେଖାଇ

Digitized by PPRACHIN, SOA

ପଚାରିଲେ "ଏହି ମନୋହର ଛବି ଅନୁରୂପ କି ସେହି ରମଣୀର ରୂପ ଅଟେ ?" ଚିତ୍ର ଦେଖି ବୃଦ୍ଧା ମସ୍ତକରେ କରାଘାତ କରି କହିଲେ, "ଛି ଛି ଏଟା ତାହାର ପ୍ରତିମା, ଚନ୍ଦ୍ରସମା ସେହି ରାଜଜେମାର ପଦାଙ୍ଗୁଳିର ଉପମା ଦେବାର ଯୋଗ୍ୟ ନୁହେ । ତାହାର ଅଲୌକିକ ଲାବଣ୍ୟ କିମ୍ବା ତାହାର ପ୍ରତିବିମ୍ବ ଥରେ ଦେଖିଥିଲେ ଏ ନଗଣ୍ୟ ଚିତ୍ରକୁ ତାହାର ବୋଲି ଗଣ୍ୟ କରନ୍ତ ନାହିଁ । ମୁଁ ପ୍ରଥମରୁ କହିଅଛି ପରି ତାହାର ଠିକ୍ ଚିତ୍ରାଙ୍କନ କରି ଦୂରେ ଥାଉ ସୁବର୍ଣ୍ଣଯାତ କବିକଳ୍ପନା ତାହାର ରୂପର ପ୍ରକୃତ ବର୍ଣ୍ଣନା କରି ପାରିବ ନାହିଁ ।" ତାହା ଶୁଣି ରାଜଦୂତ "ତେବେ ଆଉ ବିଳମ୍ବ କରି ଉଚିତ ନୁହେ" କହି ଯିବାକୁ ଉଦ୍ୟତ ହେଲେ । ଏହା ଦେଖି ପ୍ରବୀଣା ବୃଦ୍ଧବଣା ହୋଇ କହିଲା "ପୁତ୍ର କେଉଁଠାକୁ ଯିବାକୁ ବ୍ୟଗ୍ର ହେଉଛ ? ତୁମ୍ଭେ କି ସେହି ନିର୍ଦ୍ଦୟା ରାଜତନୟାର ମାୟାଜାଲେ ପଡିଲଣି ? ତୁମ୍ଭେ ତାହାର ସର୍ବଜନ ନିନ୍ଦିତ ନିଷ୍ଠୁରତାର ବିବରଣ ଶ୍ରବଣ ଓ ଅମାନୁଷିକ ଦୁଷ୍ଟତା ସ୍ୱଚକ୍ଷୁରେ ଦର୍ଶନକରି ସୁଦ୍ଧା ପୁଣି ସେହି କୁଲକ୍ଷଣାକୁ ମନରେ ସ୍ଥାନ ଦେଇ ପ୍ରାଣ ହରାଇବାକୁ ବସିଛ ? ଛି ବାପ ଧନ, ଏହି କୁବଚନ ଆଉ ଉଚ୍ଚାରଣ କରନା ।" କୁମାର କହିଲେ, "ମା, ତୁମ୍ଭେ ଭାବନା କର ନା, ତୁମ୍ଭ ଗୁରୁଜନମାନଙ୍କ ଆଶୀର୍ବାଦରେ ମୁଁ ସେହି କୁଳାଙ୍ଗାରର ପ୍ରଶ୍ନର ଉତ୍ତର ଦେଇ ତା'ର ଅହଙ୍କାର ଛାରଖାର କରିବି ।"

ଏହି କଥା ଶୁଣି ବୃଦ୍ଧା କ୍ରନ୍ଦନକରି କହିଲା—ପ୍ରାଣଧନ, ଅବିନୟିନ ତୁମ୍ଭଙ୍କୁ ମୋହର ରାଣ, ତୁମ୍ଭେ ସେହି ଘରବୁଡ଼ୀକୁ ମନେ ସ୍ଥାନଦିଅ ନା । ବିଦେଶରେ ସେହି ନିର୍ଦ୍ଦୟାର ପ୍ରଣୟପାଶେ ଆବଦ୍ଧ ହୋଇ ଅରକ୍ଷିତ ପରି ପ୍ରାଣ ହରାଇବାକୁ କଦାପି ପ୍ରୟାସ କରନା ।" ରାଜକୁମାର କହିଲେ ଜନନି, ତୁମ୍ଭର ବଚନ ମୁଁ ଶିରେ ଗ୍ରହଣ କଲି, କିନ୍ତୁ କପାଳ ଲିଖନ ଖଣ୍ଡନ କରି ମୋ'ର ଆୟତ୍ତାଧୀନ ନୁହେ ।" ଏହା କହି ସ୍ୱର୍ଣ୍ଣମୁଦ୍ରାପୂର୍ଣ୍ଣ ଥଳି ବୃଦ୍ଧା ହସ୍ତେ ଅର୍ପଣକରି କହିଲେ, "ମାତଃ, ମନୁଷ୍ୟର ଜୀବନ ସତତ ସଂଶୟପୂର୍ଣ୍ଣ । ଏକ୍ଷଣି ଅଛି, ପରକ୍ଷଣେ କଣ ହେବ ତାହା ଅବିଦିତ, ବିଶେଷତଃ ମୁଁ ଅତି ସଂକଟ ସ୍ଥାନ ରାଜଭବନକୁ ଯାଉଅଛି, ସେଠାରୁ ଫେରିବା ଅନିଶ୍ଚିତ

Digitized by PPRACHIN, SOA

ଅଛେ । ଯଦି ସେହିଅଡ଼େ ମୋର ମୃତ୍ୟୁ ହୁଏ ତେବେ ଏହିଧନ ହାଡ଼ିପାଣି ଖାଇବେ ଅଥବା ଦୈବ ଅନୁଗ୍ରହରେ ଯଦି ତର୍କରେ ଜୟୀ ହୋଇ ରାଜକନ୍ୟାକୁ ପ୍ରାପ୍ତ ହୁଏଁ ତାହାହେଲେ ଅଶାତୀତ ଧନ ହସ୍ତଗତ ହେବ । ଏଣୁ ଏହି ସାମାନ୍ୟ ଧନରେ ମୋହର କିଛି ପ୍ରୟୋଜନ ନୁହେ, ତୁମ୍ଭେ ଗ୍ରହଣକର ଶୋକ ସମ୍ବରଣ କର, ଅଶ୍ୱ ମଧ ପ୍ରଦାନ କଲି, ଯାହା ଇଚ୍ଛା କରିବ ।” ବୃଦ୍ଧା ମୁଦ୍ରା ଗ୍ରହଣକର ଅଶ୍ରୁପୂର୍ଣ୍ଣ ନୟନରେ କହିଲେ,“ବାବୁ ତୁମ୍ଭପ୍ରତି ମୋହର ଯେ ପ୍ରଗାଢ଼ ସ୍ନେହ ଜାତ ହୋଇଅଛି ଏହି ସାମାନ୍ୟ ଧନରେ ତାହା ପରିବର୍ତ୍ତିତ ହୋଇ ନ ପାରେ । ମାତ୍ର ଏହି ଧନ ପ୍ରଭାବେ ସମୟେ୨ ଅନେକ ଅଘଟନ ସଂଘଟନ ହୋଇଥାଏ । ବର୍ତ୍ତମାନ ତୁମ୍ଭେ କୁତାନ୍ତ ସହିତ ଯୁଦ୍ଧ କରିବାକୁ ଯିବା ନିମିତ୍ତ ଏକାନ୍ତ ଇଚ୍ଛୁକ, ଏଣୁ ମୁଁ ଏହାକୁ ତୁମ୍ଭର ମଙ୍ଗଳ ଉଦ୍ଦେଶ୍ୟରେ ସତ୍କାର୍ଯ୍ୟରେ ବ୍ୟୟ କରିବି, ସୁତରାଂ ମୋହର ଅନୁରୋଧମତେ ଆଉ କିଛିକ୍ଷଣ ଏଠାରେ ଅବସ୍ଥାନ କର, ମୁଁ ନଗରରୁ ଫେରିଆସି ସ୍ୱଚ୍ଛମନେ ବିଦାୟ ପ୍ରଦାନ କରିବି ।” ଏହା କହି ମୁଦ୍ରାଥଳୀ ହସ୍ତରେ ଧରି ଗୃହରୁ ବହିର୍ଗତ ହେଲେ ଏବଂ ନଗରସ୍ଥ ଚିକିତ୍ସାଳୟରେ ଦରିଦ୍ର ରୋଗିମାନଙ୍କର ଶୁଶ୍ରୂଷା ନିମିତ୍ତ କିଛିକିଛି ଦାନ କଲେ । ତତ୍ପରେ ଧର୍ମଶାଳାରେ ଥିବା ଅତିଥିଅଭ୍ୟାଗତମାନଙ୍କ ଭୋଜନର ସୁବନ୍ଦୋବସ୍ତ ନିମିତ୍ତ କେତେଗୁଡ଼ିଏ ମୁଦ୍ରା ପ୍ରଦାନ କଲେ । ତତ୍ପରେ ଦେବାଳୟକୁ ଯାଇ ଯାଜକ ଓ ସେବକମାନଙ୍କୁ କିଛି ଦେଇ ଯୁବରାଜଙ୍କର ଶୁଭ ମନାସି ଦେବାର୍ଚ୍ଚନ କରିବାକୁ ଅନୁରୋଧ କଲେ । ଏଥିଉତ୍ତାରୁ ନଗରସ୍ଥ ପ୍ରଧାନ ପ୍ରଧାନ ମହାପୁରୁଷଙ୍କ ଆସ୍ଥାନକୁ ଯାଇ ଶିରିନୀ ଓ ଭୋଗ ଚଢ଼ାଇ ବାଳକ ବାଳକାମାନଙ୍କୁ ଖୁଆଇ ଯୁବରାଜଙ୍କର ମଙ୍ଗଳ ମନାସିବାକୁ କହିଲେ । ଉକ୍ତ ସୁକୃତମାନ କରସାରି ଗୃହକୁ ଫେରିଆସି ଯୁବରାଜଙ୍କ ହସ୍ତରେ ଏମାମ ଜାମିନଙ୍କ (୧) ନୈବେଦ୍ୟ, ମୁଦ୍ରା ବନ୍ଧନ ଓ ଈଶ୍ୱରଙ୍କୁ ସମର୍ପଣ ପୂର୍ବକ ବିଦାୟ କଲେ ।

ରାଜତନୟ ବୃଦ୍ଧାଠାରୁ ବିଦାୟ ହୋଇ ରାଜାଳୟକୁ ଗମନ କଲେ । ସିଂହଦ୍ୱାରରେ ଉପସ୍ଥିତ ହୋଇ ଦେଖିଲେ—ଯମଦୂତସଦୃଶ ଅସ୍ତ୍ରଧାରୀ

(୧)ବିପନ୍ନବ୍ୟକ୍ତି ଏହି ମହାପୁରୁଷଙ୍କ ମୁଅଶିଷର ଶରଣାପନ୍ନ ହୋଇ ମୁକ୍ତି ଲଭନ୍ତି ।

Digitized by PPRACHIN, SOA

ଶତ ଶତ ପ୍ରହରୀଦ୍ୱାରା ତାହା ସୁରକ୍ଷିତ, ମାତ୍ର ସର୍ବସାଧାରଣଙ୍କ ପାଇଁ ଅବାରିତ ଅଟେ । ଭିତରେ ପ୍ରବେଶକାରୀଙ୍କୁ କେହି ବାରଣ କରୁନାହିଁ । ତାହା ଦେଖି ରାଜସୁତ ମଧ୍ୟ ଭିତରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେନାଧ୍ୟକ୍ଷ ତାହାଙ୍କୁ ଅପରିଚିତ ଦେଖି ପଚାରିଲେ "ଯୁବକ ! ତୁମ୍ଭେ କିଏ ? କେଉଁଠାରୁ କାହିଁକି ବା ଆସିଛ ?" ଯୁବରାଜ କହିଲେ, "ମୁଁ ରାଜସୁତ, ତୁମ୍ଭର ରାଜକୁମାରୀଙ୍କ ପ୍ରତିଜ୍ଞା ବୃତ୍ତାନ୍ତ ଶୁଣି ପ୍ରଶ୍ନସଂକ୍ରାନ୍ତ ଉତ୍ତର ଦାନରେ ତାହାଙ୍କୁ ପରାସ୍ତ ଓ ସନ୍ତତ ନିଷ୍ପାପ ରାଜସୁତଙ୍କ ରକ୍ତପାତରହିତ କରିବାକୁ କୃତସଂକଳ୍ପ ହୋଇ ବହୁ ଦୂରରୁ ଆସିଅଛି ।" ଅଧ୍ୟକ୍ଷ କହିଲେ, "ଭାଇ. ଅନେକ ଯୁବକ ସେହି କାଳ ସର୍ପିଣୀର ମହାକାଳ ସ୍ୱରୂପ ବାହ୍ୟ ରୂପରେ ମୁଗ୍ଧ ଓ ଗୃହିଣୀ କରିବାକୁ ପ୍ରଲୁବ୍ଧ ହୋଇ ଆସି ବିଦେଶରେ ନିଃସହାୟ ଭାବେ ଅକାଳେ କାଳକବଳରେ ପଡ଼ିଲେଣି । ତୁମ୍ଭେ ସେହି ଯମସଦୃଶା ଯୋଷା ପାଇବା ଆଶା ଛାଡ଼ି ସ୍ୱଦେଶକୁ ଫେରି ଯାଅ । ତୁମ୍ଭର ଏହି ନବଯୌବନ, ଅମୂଲ୍ୟ ଜୀବନ ଓ ରାଜସିଂହାସନ ଥିଲେ ଏହାକୁ ବଳି ସୁନ୍ଦରୀ ନାରୀଗଣ ସତତ ତୁମ୍ଭର ଚରଣ ସେବାରେ ଦଣ୍ଡାୟମାନ ଥିବେ ।" ରାଜନନ୍ଦନ କହିଲେ, "ଆପଣ ସଦୟ ହୋଇ ଯେଉଁ ପରାମର୍ଶ ପ୍ରଦାନ କଲେ ତାହା ସାଦରେ ଶ୍ରବଣ କରି କୃତଜ୍ଞତା ସ୍ୱୀକାର ସ୍ୱରୂପ ଶତ ଶତ ଧନ୍ୟବାଦ ଦେଉଅଛି, ମାତ୍ର ମୁଁ ଦୃଢ଼ପ୍ରତିଜ୍ଞାବଦ୍ଧ, କାମନା ସିଦ୍ଧ ନ ହେଲେ ଫେରିବି ନାହିଁ, ସେଥି ନିମିତ୍ତ ଆପଣ ଆଶୀର୍ବାଦ କରନ୍ତୁ ।" ଏହା କହି ଦରବାରରେ ଯାଇଁ ଉପସ୍ଥିତ ହେଲେ ।

ସେଠାରେ ମନ୍ତ୍ରୀ ଓ ଅନ୍ୟାନ୍ୟ ସଦସ୍ୟବେଷ୍ଟିତ ଦେବରାଜ ସଦୃଶ ଶାହେନଶାଙ୍କୁ, ବହୁମୂଲ୍ୟ ରତ୍ନଖଚିତ ହସ୍ତୀଦନ୍ତ ନିର୍ମିତ ଉଚ୍ଚସିଂହାସନେ ଉପବିଷ୍ଟ ଦେଖି ସସମ୍ଭ୍ରମେ ଅଭିବାଦନ କଲେ । ନୃପତି ଯୁବକର ଅପୂର୍ବ ଗଠନ ଓ ବହୁମୂଲ୍ୟ ମନୋହର ବସନ ଭୂଷଣ ଦେଖି ସମ୍ଭ୍ରାନ୍ତ ସନ୍ତାନ ଭାବି ସାଦର ସମ୍ଭାଷଣପୂର୍ବକ ପରିଚୟ ପଚାରିଲେ । ରାଜସୁତ ବିନୀତ ଭାବେ କହିଲେ, "ମହାଶୟ, ମୁଁ ରାଜତନୟ ଅଟେ, ଆପଣଙ୍କର ଆଶ୍ରୟ ନେବାକୁ ଆସିଅଛି, ସଦୟ ହୋଇ ସ୍ୱୀୟ କନ୍ୟା ଦାନ ପୂର୍ବକ

Digitized by PPRACHIN, SOA

ଶରଣଦାନ କଲେ, "ଆଜୀବନ ଚରଣ ସେବାରେ ନିଯୁକ୍ତ ଥିବି ।" ରାଜା ଯୁବକଙ୍କର କଥା ଶୁଣି ଦୀର୍ଘ ନିଶ୍ୱାସ ଛାଡ଼ି ମୃଦୁସ୍ୱରେ କହିଲେ, "ବତ୍ସ, ତୁମ୍ଭେ କି ସେହି କୁଲକ୍ଷଣୀର ନିଦାରୁଣ ପଣର କଥା ଶୁଣି ନାହିଁ? ଆମ୍ଭେ ଭୁକ୍ଷଣେ ସେହି ଦୁର୍ଜନେ କଥାଦେଇ ସବୁ ଥା ବ୍ୟଥା ଭୋଗ କରୁଅଛୁଁ, ସେ କୌଶଳେ ଆମ୍ଭଙ୍କୁ ସତ୍ୟେ ଆବଦ୍ଧ କରାଇ ମହା ବିପଦ ଘଟାଇ ଅଛି । ଆମ୍ଭେ ପ୍ରତିଜ୍ଞା କରି ନ ଥିଲେ ତୁମ୍ଭପରି ଯୁବକ ସହିତ ସେହି ପ୍ରଣୟିନୀ ହିନ୍ଦ୍ରକୁ ବିବାହ ଦେଇ ମହା ଆନନ୍ଦିତ ହୁଅନ୍ତୁ କିନ୍ତୁ ଅପରି-ଣାମଦୃଷ୍ଟି ସ୍ୱକୃତ ସତ୍ୟ ନିମିତ୍ତ ବର୍ତ୍ତମାନ ନିତାନ୍ତ ଅନୁତପ୍ତ ହେଉଅଛୁଁ, ସେହି କାଳାନଳର ପ୍ରେମାଭିଲାଷୀ କେତେ ରାଜସୂତ ଆସି ଅକାଳେ କାଳକବଳେ ପଡ଼ିଲେଣି, ତାହା ଚିନ୍ତା କଲେ ଦୁଃଖାନଳେ ହୃଦୟ ଦଗ୍ଧ ହେଉଅଛି । ଗତ ରାତ୍ରିରେ ସମରକନ୍ଦ ରାଜସୁତ ଏହି ଦୁଷ୍ଟାର ପ୍ରେମାସକ୍ତହୋଇ ନିଷ୍ଠୁରଭାବେ ନିହତ ହୋଇଅଛି । ସେହି ଭୟଙ୍କର, ଦୃଶ୍ୟ ତୁମ୍ଭେ ସ୍ୱଚକ୍ଷୁରେ ଦେଖିଥିବ, କିନ୍ତୁ ତୁମ୍ଭେ ସେଥିରେ ଭୀତ ନହୋଇ ବରଂ ପ୍ରେମୋନ୍ମତ୍ତ ହୋଇଅଛ ଏ ଅତି ଅଦ୍ଭୁତ କଥା । ଏକର ଦୁର୍ଘଟଣା ଦେଖି ଅନ୍ୟର ଜ୍ଞାନୋଦୟ ହେଉନାହିଁ, ଏକି ବିସ୍ମୟ ବ୍ୟାପାର ଅଟେ ! ହାୟ ଯୌବନକାଳ ବିଷମ ସମୟ । ଏ ସମୟେ କି ମନୁଷ୍ୟର କିଛିମାତ୍ର ହିତାହିତ ଜ୍ଞାନ ଥାଏନାହିଁ ? ଅତ୍ୟାଚାର, ପରଦାର, ଦୁଷ୍ଟ ବ୍ୟବହାର, ଅହଙ୍କାର ପ୍ରଭୃତି ଯୌବନକାଳର ସହଚର ଅଟନ୍ତି । ସେହିସମୟରେ ମନୁଷ୍ୟର ଧର୍ମାଧର୍ମର ବିଚାର କମ୍ପା ଇହ ପରକାଳର ସୁଖାସୁଖପ୍ରତି ନଜର ଥାଏନାହିଁ । ଭବିଷ୍ୟତକୁ ନ ଚିନ୍ତି ଯାହା ଇଚ୍ଛା ତାହା କରିଥାନ୍ତି ।

ଆମ୍ଭ ବିବେଚନାରେ ପରିଣାମଦର୍ଶୀ ସୁବିବେଚକ ଯୁବକ ମହର୍ଷିପଦ ପ୍ରାପ୍ତିର ଯୋଗ୍ୟ, କିନ୍ତୁ ଏପରି ଯୁବକ କେତେ ଜଣ ଅଛନ୍ତି ? ଏହି ଆମ୍ଭର ଘରର ଘଟଣାରୁ ଦେଖ, ଗୋଟିଏ ରମଣୀର ପାଣି ଗ୍ରହଣ ଆଶାରେ କେତେ କେତେ ମହାପ୍ରାଣୀ, ଅଜ୍ଞାନ ପତଙ୍ଗ ଅଗ୍ନିରେ ପଡ଼ି ପୋଡ଼ିଯିବା ପରି ତାହାର ପ୍ରେମାନଳେ ପଡ଼ି ପ୍ରାଣ ହରାଉ ଅଛନ୍ତି । ଯଦି ଯୁବକଙ୍କର କିଛିମାତ୍ର ଆତ୍ମଜ୍ଞାନ ଥାଆନ୍ତା ତାହାହେଲେ ଏହି ନିଦାରୁଣ ପଣ ଜାଣି ସୁଦ୍ଧା ସେ କି ପୁଣି ଏ ପରୀକ୍ଷା ସ୍ଥାନକୁ ଆସନ୍ତେ ? "ଜନ୍ତୂନାଂ ମରଣଂ

Digitized by PPRACHIN, SOA

ଉସ୍ମୃଂ" ଏହି ମହତୁକ୍ତି କେବଳ ଯୌବନୋନ୍ମତ୍ତ ପ୍ରେମାସକ୍ତ ମନୁଷ୍ୟ-ବ୍ୟତୀତ ଆଉ ସବୁଠାରେ ଠିକ୍ ଦୃଷ୍ଟ ହୁଏ । ହେ ନରେନ୍ଦ୍ରକୁମାର ତୁମ୍ଭର ଆକାର ପ୍ରକାରରୁ ଅତି ବିଚକ୍ଷଣ ଅଟ ବୋଲି ବୋଧ ହୁଏ; ଆଶାକରୁଁ ଆମ୍ଭର କଥା ମନୋଯୋଗ ସହିତ ଶୁଣି ତାହା ହୃଦୟଙ୍ଗମ କରିଅଛ । ଅତଏବ ଆମ୍ଭର ଉପଦେଶ ଗ୍ରହଣ କରି ନିଜ ଦେଶକୁ ଫେରି ଯାଅ । ପୁଷ୍ପମାଳା ଭ୍ରମେ ଏହି କାଳ ଭୁଜଙ୍ଗମକୁ କଦାପି ମନେ ସ୍ଥାନ ଦିଅ ନା । ଜୀବନ ଅମୂଲ୍ୟ ଧନ ଅଟେ, ତାହା ଥିଲେ କେତେ ସୁନ୍ଦରୀ ନାରୀ ତୁମ୍ଭର ସହଚରୀ ଓ ଆଜ୍ଞାକାରୀ ହେବେ । ଏହି ଛାରକୁ ବୃଥା ପ୍ରାଣ ଉପହାର ଦେବ କାହିଁକି ? ଯେ ପ୍ରେମର ମନ ଜାଣେନାହିଁ ସେହି ଅକିଞ୍ଚନଠାରେ ପ୍ରେମାର୍ପଣ ନିତାନ୍ତ ନିଷ୍ପ୍ରୟୋଜନ । ତୁମ୍ଭଙ୍କୁ ଦେଖି ମୋ ମନେ ଦୟା ଓ ସ୍ନେହ ଜାତ ହୋଇଅଛି; ସୁତରାଂ ତୁମ୍ଭେ ଏହି କୁଅଭିଳାଷ ଛାଡ଼ି ଆଉ ଯାହା ମାଗିବ ଆମ୍ଭେ ତୁମ୍ଭର ମନୋରଥ ସିଦ୍ଧ କରିବୁଁ ବୋଲି ସତ୍ୟ କରୁଅଛୁଁ । ଆଉ କଣ ମାଗୁଛ ମାଗ ? ରାଜକୁମାର କହିଲେ, "ମୋତେ ଦେଖି ଯେଣୁ ଶ୍ରୀମନ୍ତଙ୍କ ହୃଦୟ ଦୟାସକ୍ତ ଏଣୁ ମୋହର ଭାଗ୍ୟ ରବି ଉଦିତ ଏବଂ ସର୍ବ କଷ୍ଟ ଦୂରୀଭୂତ ହେଲା ବୋଲି ଦୃଢ ବିଶ୍ୱାସ ହେଉଅଛି । ଶ୍ରୀମନ୍ତଙ୍କର ସୁଆଶିଷ ପ୍ରଭାବେ ନିର୍ବିଘ୍ନେ ନେମାଙ୍କର ପଣ ପୂରଣ କରି ତାଙ୍କର ପାଣିଗ୍ରହଣ ପୂର୍ବକ ଆଜୀବନ ଶ୍ରୀଶ୍ରୀମନ୍ତଙ୍କର ଆଜ୍ଞାପାଳନ କରି ଜୀବନ ସାର୍ଥକ କରୁଥିବି ।" ଚନେଶ୍ୱର ନିଜ କନ୍ୟାର ନିର୍ଦ୍ଦୟତା ଓ ପ୍ରଶ୍ନର କଠୋରତା ବିଷୟ ପୁଣି ଜଣାଇ ମରଣର ଭୟ ଦେଖାଇ ଅନେକ ବୁଝାଇଲେ ମାତ୍ର, 'ନାଶ୍ଛେଡ଼ବନ୍ଦ' ସେହି ରାଜକୁମାର ତାଙ୍କର ଉପଦେଶଫନ୍ଦାରେ ନଅନ୍ତ ଯୁକ୍ତିଦ୍ୱାରା ତାଙ୍କର ସମସ୍ତ ଉପଦେଶ ଖଣ୍ଡନ କଲେ । ନୃପ ଯୁବକର ଦୃଢ଼ ସଙ୍କଳ୍ପ ଦେଖି ଉପଦେଶଦ୍ୱାରା ସେଥିରୁ ରହିତ କରିବାରୁ ହତାଶ ହୋଇ ଦୁଃଖରେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, ହା ବିଧାତା, ମୋତେ ଏପରି ନୃଶଂସ, ଦୁହିତାର ପିତା କାହିଁକି କଲ ଯାହା ଯୋଗେ କେତେ ନିରୀହ ଯୁବକଙ୍କର ଅକାରଣ ହତ୍ୟା ପାପ ମୋ ମଥାରେ ଲଦିଲା । ସେ ଯାହା ହେବାର ଥିଲା ହେଲା, ବର୍ତ୍ତମାନ ଦୟାକରି ଏହି ଅତ୍ୟାଚାର ଦୂର କରିବା ସେହିକାଳ

Digitized by PPRACHIN, SOA

ସର୍ପିଣୀକୁ ମୋଠାରୁ ଅନ୍ତର କର । ହାୟ, ମୁଁ ସେହି କୁଳାଙ୍ଗାରକୁ ନିଷ୍ଠୁର ବର ଦେଇ ନ ଥିଲେ ଅଜି ଏହି ସର୍ବାଙ୍ଗସୁନ୍ଦର ରାଜକୁମାର ସଙ୍ଗେ ତାହାକୁ ବିବାହ କରାଇ ସଦା ସୁଖୀ ହୁଅନ୍ତି । ଏହି ଯୁବକର ଦର୍ଶନାବଧି ମୋ ମନରେ ତାହାପ୍ରତି ଅତି ସ୍ନେହ ଜାତ ହୋଇଅଛି । ଏମାନେ ସହଜ ଲୋକ ନୁହେଁ, ଅତି ଆର୍ଯ୍ୟ ଅଟେ; କେତେ ବୁଝାଇଲିଣି କିନ୍ତୁ ସେହି ଏକା ଜିଦ୍; ହେଉ, ସାହାଜାଦି ପାଣିଗ୍ରହଣ ବା ମରଣ । ଚଣ୍ଡାଳ ମୋର ଉପଦେଶ ମତେ ନିଜ ସଙ୍କଳ୍ପରୁ ରହିତ ହୋଇ ଅନ୍ୟ ଯାହା ଅଭିଳାଷ କରନ୍ତି। ମୁଁ ସେଥିରେ ନିରାଶ କରନ୍ତି ନାହିଁ, କିନ୍ତୁ କାହିଁ, ସେ ତ ମୋହର କଥା ମାନୁନାହାନ୍ତି । ହେଉ, ଈଶ୍ୱରଙ୍କ ଯାହା ବିଚାର, ମୁଁ ଏକାନ୍ତ ନାଚାର ଅଟେ । ସେହି ମଙ୍ଗଳମୟଙ୍କଠାରେ ଏହାର ଜୀବନ ସମର୍ପଣ କରୁଅଛି, ସେ ସର୍ବ ଆପଦରୁ ଉଦ୍ଧାର କରନ୍ତୁ । ଚୀନେଶ୍ୱର ଗଭୀର ଚିନ୍ତାପରେ ରାଜକୁମାରକୁ କହିଲେ "ହେ ନରେନ୍ଦ୍ରନନ୍ଦନ, ଆମ୍ଭେ ଅନେକ ବାରଣ କଲୁଁ କିନ୍ତୁ ତୁମ୍ଭେ ଆମ୍ଭ କଥାରେ ଧ୍ୟାନ ନ କରି ନିଜ ଜୀବନ ସଙ୍କଟାପନ୍ନ କରୁଅଛ, ଏଥିରେ ଆମ୍ଭର ଦୋଷ ନାହିଁ । ଯାଅ, ନିଜଭାଗ୍ୟ ପରୀକ୍ଷା କର, ଦୟାମୟ ସହାୟ ହୋଇ ତୁମ୍ଭର ଜୟ କରନ୍ତୁ, ଏହାହିଁ ଆମ୍ଭର ଆଶୀର୍ବାଦ ଅଟେ ।" ଏହା କହି ଜଣେ ପ୍ରହରୀକୁ ଡାକି ଯମ-ଭବନ ସଦୃଶ ପରୀକ୍ଷାସ୍ଥାନକୁ ରାଜନନ୍ଦନକୁ ନେଇ ଯିବାକୁ କହିଲେ । ସିପାହୀ ଆଦେଶ ପାଇ କୁମାରଙ୍କୁ ନେଇ ଚଳିଲେ । ଯୁବକ ଅସୀମ ସାହସୀକ ଲୋକ ଥିଲେ । ତଥାପି ପରୀକ୍ଷାଳୟକୁ ଯିବା ସମୟରେ ଭୟ ଓ ଚିନ୍ତାରେ ହୃଦୟ ଥର ଥର ହେବାକୁ ଲାଗିଲା । କେବେ ସେ ଆପଣା ବିଦ୍ୟା ବୁଦ୍ଧି ଉପରେ ନିର୍ଭର ହୋଇ ଜୟ ଆଶାରେ ମନକୁ ଦମ୍ଭ କରୁଥିଲେ, ପୁଣି କେବେ ରାଜଦୁହିତାର ନିର୍ଦ୍ଦୟତା ଓ ପ୍ରଶ୍ନର କଠୋରତା ବିଷୟ ଭାବି ନାନା ଦୁଶ୍ଚିନ୍ତାରେ ବ୍ୟାକୁଳ ହେଉଥିଲେ, ପୁଣି କେବେ ସୌଭାଗ୍ୟବଳରେ ଯୁକ୍ତିରେ ରାଜକୁମାରୀକୁ ଜୟ କରି ହଠାତ ସକଳ ଦୁଃଖରୁ ପାରହେବା ଆଶାରେ ସକଳ ଦୁର୍ଦ୍ଦଶା ବିସ୍ମୃତ ହେଉ-ଥିଲେ । ଏହିପରି ଆଶା ନିରାଶାପୂର୍ଣ୍ଣ ନାନା ଚିନ୍ତାରେ ନିମଗ୍ନ ଓ ରାଜଭବନର ନାନା ସ୍ଥାନର ଅପୂର୍ବ ସୌନ୍ଦର୍ଯ୍ୟମାନ ଦର୍ଶନ କରୁ କରୁ

Digitized by PPRACHIN, SOA

ପରୀକ୍ଷା ଭବନରେ ଉପସ୍ଥିତ ହେଲେ । ସେଠାରେ ଅନେକ ପ୍ରହରୀ ଅସ୍ତ୍ର ଧରି ଏଣେତେଣେ ବିଚରଣ କରୁଥିଲେ । ରାଜସୁତ ତାହାର ଭିତରେ ପ୍ରବିଷ୍ଟ ହୋଇ ଦେଖିଲେ ସ୍ଥାନଟି ବହୁମୂଲ୍ୟ ନାନା ସାମଗ୍ରୀରେ ସୁସଜ୍ଜିତ ଏବଂ ମନୋହର ଆଲୋକମାଳାରେ ଆଲୋକିତ ହୋଇଥିଲା । ଘରର ଚଟାଣରେ ସ୍ୱର୍ଣ୍ଣ କାରୁକୃତ ଗୋଟିଏ ଗାଲିଚା ବିସ୍ତୃତ ଏବଂ ତାହା ଉପରେ ରତ୍ନ ଜଡ଼ିତ ଛନଠା ସ୍ୱର୍ଣ୍ଣସିଂହାସନ ଓ କେତେ ଗୋଟି ମୂଲ୍ୟବାନ୍ ଆସନ ପଡ଼ିଥିଲା । ପଥପ୍ରଦର୍ଶକ ଯୁବକକୁ ଉପରୋକ୍ତ ସିଂହାସନ ସମୂହରମଧ୍ୟସ୍ଥିତସିଂହାସନ ବ୍ୟତୀତଅନ୍ୟଗୋଟିକରେଉପବେଶନ ନିମନ୍ତେ କହିଲେ । ରାଜସୁତ ଗୋଟିକରେ ଉପବିଷ୍ଟ ହୋଇ ନାନାପ୍ରକାର ଚିନ୍ତା କରିବାକୁ ଲାଗିଲେ । ଏଣେ ଚୀନେଶ୍ୱର କୁମାରଙ୍କୁ ପରୀକ୍ଷାଗାରକୁ ପଠାଇ ତାହାଙ୍କ ଜୟୋଦ୍ଦେଶ୍ୟରେ ନଗରର ସ୍ଥାନେ ସ୍ଥାନେ ଦରିଦ୍ର ଭୋଜନ ଓ ବିଦ୍ୟାଳୟର ବାଳକ ବାଳିକାଙ୍କୁ ମିଷ୍ଟାନ୍ନ ପ୍ରଦାନ ଏବଂ ସନ୍ନ୍ୟାସୀମାନଙ୍କଦ୍ୱାରା ନଗରସଂକୀର୍ତ୍ତନ, ମଠ ଓ ପାନ୍ଥଶାଳାସ୍ଥିତ ବିଦେଶୀମାନଙ୍କୁ ସୁସ୍ୱାଦୁ ଫଳମୂଳ ଭୋଜନାଦି ନାନା ଶୁଭକର୍ମ ଅନୁଷ୍ଠାନ କରାଇଲେ ।

ତଦନନ୍ତର ରାଜା ଅନ୍ତଃପୁରକୁ ଗମନ କଲେ । ତାହାର କିଛିକ୍ଷଣ ପରେ ଘଣ୍ଟା ଧ୍ୱନି ହୁଅନ୍ତେ ରାଜା କେତେକ ଜଣ ସମ୍ଭ୍ରାନ୍ତ ପାତ୍ର ଓ ମନ୍ତ୍ରୀ ସହିତ ଶୁଭାଗମନ ଏବଂ ତାଙ୍କ ପଛରେ ମୂଲ୍ୟବାନ୍ ପରିଚ୍ଛଦଧାରୀ ରାଜକୁମାରୀ ଆପାଦମସ୍ତକ ବସ୍ତ୍ରେ ଆଚ୍ଛାଦନ କରି ଅନେକ ସହଚରୀ ସହିତ ଆସି ସମସ୍ତେ ନିଜ ନିଜ ସ୍ଥାନେ ଉପବେଶନ କଲେ । ଅନନ୍ତର ରାଜାଙ୍କର ଆଜ୍ଞା ପାଇ ମନ୍ତ୍ରୀ ରାଜକୁମାରୀଙ୍କର ବିଜ୍ଞାପନ ପାଠକରି କହିଲେ, "ହେ ରାଜନନ୍ଦନ ! ଆପଣ ଅନ୍ତତଃ ଶତଥର ରାଜକନ୍ୟାଙ୍କର ପଣର ବିବରଣ ଶ୍ରବଣ ଓ ପରାସ୍ତଜନର ଦୁର୍ଦ୍ଦଶା ସ୍ୱଚକ୍ଷୁରେ ବାରମ୍ବାର ଦର୍ଶନ କରି ଅଛନ୍ତି, ବିଶେଷତଃ ମହାରାଜାଙ୍କର ବାରମ୍ବାର ବାରଣରେ ସୁଦ୍ଧା ନିଜର ଦୃଢ଼ସଂକଳ୍ପରୁ କ୍ଷାନ୍ତ ନ ହୋଇ ବଳପୂର୍ବକ ପରୀକ୍ଷା-ସ୍ଥଳରେ ଉପସ୍ଥିତ ହୋଇ ଅଛନ୍ତି । ସୌଭାଗ୍ୟକ୍ରମେ ଜୟୀ ହେଲେ ନିଶ୍ଚୟ ସମ୍ରାଟଙ୍କର ଜ୍ୱାଇଁ ହେବେ । ପ୍ରଭୁ ନ କରନ୍ତୁ, ପରାସ୍ତ ହେଲେ

Digitized by PPRACHIN, SOA

ନିର୍ଦ୍ଦୟ ଘାତକଦ୍ୱାରା ନିହତ ନିଶ୍ଚିତ ଅଟେ । ଅତଏବ ଏ କଥାକୁ ଆଉ-ଥରେ ଭଲରୂପେ ବିଚାର ଆପଣାଙ୍କୁ ଉତ୍ତର ପ୍ରଦାନରେ ଉପଯୁକ୍ତ ମନେ କଲେ ପରୀକ୍ଷା ଦିଅନ୍ତୁ, ନଚେତ୍ ସେଥିରୁ କ୍ଷାନ୍ତ ହୋଇ ସ୍ୱରାଜ୍ୟକୁ ଫେରି ଯାଆନ୍ତୁ । ଅତଃପର ପରାସ୍ତ ହେଲେ କେହି ଆପଣଙ୍କ ପ୍ରତି କରୁଣ ଦୃଷ୍ଟିପାତ କରିବ ନାହିଁ ।" କୁମାର କହିଲେ; "ସମୁଦ୍ରଜଳରେ ନିମଗ୍ନ ହୋଇ ମୁକ୍ତା ଗ୍ରହଣ ନ କରି ପ୍ରାଣ ଭୟେ ପଳାୟନକରି କାପୁରୁଷର ଲକ୍ଷଣ ଅଟେ । ମୁଁ ଏପରି ନୀଚକର୍ମଦ୍ୱାରା ନିଜର ଓ ବଂଶର ସମ୍ମାନ ହରାଇବି ନାହିଁ । ମୁଁ ଆପଣା ସଙ୍କଳ୍ପରେ ସ୍ଥିର ଓ ଅଚଳ ଅଟେ । କ୍ଷେମା ! ଦୋଷ କ୍ଷମା କର ପ୍ରଶ୍ନ ପଚାର ।" ଏହାକହି ରାଜନନ୍ଦନ ସମ୍ରାଟଙ୍କୁ ସସମ୍ମାନ ଅଭିବାଦନ କରି ସ୍ୱସ୍ଥାନେ ଉପବେଶନ କଲେ । ସମ୍ରାଟ୍ ସନ୍ତୁଷ୍ଟ ହୋଇ ଜୟୀହୁଅ ବୋଲି ଆଶୀର୍ବାଦ କଲେ ଏବଂ କୁମାରୀଙ୍କୁ ସମ୍ବୋଧନ କରି କହିଲେ, "ତୁରନ୍ଦର, ତୁମ୍ଭର ପ୍ରଶ୍ନ ପଚାର । ଈଶ୍ୱର ଅନୁଗ୍ରହପୂର୍ବକ ଯୁବରାଜଙ୍କୁ ଜୟୀ କରନ୍ତୁ, ଏହାହିଁ ଆମ୍ଭର ଆନ୍ତରିକ ଅଭିଳାଷ । ଆମ୍ଭେ ଅବିମୃଷ୍ୟକାରିତା ଯୋଗେ ତୁମ୍ଭର ଅସଙ୍ଗତ ଅନୁ-ରୋଧରେ ସମ୍ମତ ହୋଇ ମହାପାପରେ ଲିପ୍ତ ହୋଇଅଛୁ, ଈଶ୍ୱର ଆଉ ଅଧିକ ପାପଭାଗୀ ନ କରନ୍ତୁ ।"

ପିତାଙ୍କର କଥା ଶୁଣି ଦୁହିତା କୁପିତାହୋଇ କହିଲେ, "ତାତ ! ଆପଣ ଏ କି ଅନୁଚିତ କଥା କହିଲେ ? ମୁଁ କି ବଳପୂର୍ବକ କାହାରି ପ୍ରତି ଅତ୍ୟାଚାର କରୁଅଛି ? ଯେଉଁମାନେ ନିଜ କୁବୁଦ୍ଧିବଳରେ, ବଳେ ବଳେ ଆସି ପ୍ରେମଛଳେ କାଳାନଳେ ପଡ଼ି ମରନ୍ତି, ସେଥିରେ ମୋହର ଅପରାଧ କଣ ?" ତଦନନ୍ତର ଯୁବରାଜଙ୍କୁ ସମ୍ବୋଧନ କରି କହିଲେ—ଯୁବକ ବର୍ତ୍ତମାନ ମଧ୍ୟ ସମୟ ଅଛି, ନିଜ ଦୁଷ୍ପ୍ରବୃତ୍ତିର ନିବୃତ୍ତି କର, ନଚେତ୍ ତର୍କରେ ପରାସ୍ତ ପରେ ଆପତ୍ତି ଶୁଣା ଯିବ ନାହିଁ ।" ଯୁବରାଜ ମନ୍ଦ ଦମ୍ଭକରି କହିଲେ, "ବିଧୁବଦନେ ! ଆଉ ଭୟ ପ୍ରଦର୍ଶନେ ଲାଭ ନାହିଁ । ପ୍ରଶ୍ନ କର, ତୁମ୍ଭର ପିଅରଙ୍କ ଆଶୀର୍ବାଦପ୍ରଭାବେ, ଈଶ୍ୱରଙ୍କ ଦୟାରେ, ଅବଶ୍ୟ ଉତ୍ତର କରିବି ।" ଅହଙ୍କାରୀ ରାଜକୁମାରୀ ଉଚ୍ଚସ୍ୱରରେ କହିଲେ "ଶୁଣ, ପ୍ରଶ୍ନ ଶୁଣ, ଉତ୍ତର କର, ନଚେତ୍ ଆପଣା ଦୋଷେ ଆପେ ମର ।"

Digitized by PPRACHIN, SOA

ପ୍ରଥମ ପ୍ରଶ୍ନ—କେମନ୍ତ ଜୀବଟି ସେହି କ ନାମ ତାହାର,
ପୃଥିବୀର ସର୍ବସ୍ଥାନେ ଗମନ ଯାହାର ।
ସର୍ବସ୍ଥାନେ ପରିଚିତ ସକଳଙ୍କ ପ୍ରିୟ,
ଏକମାତ୍ର ଅଛେ ନାହିଁ ତାହାର ଦ୍ୱିତୀୟ ।

ରାଜନନ୍ଦନ ପ୍ରଶ୍ନ ଶୁଣି କିଛିକ୍ଷଣ ଧ୍ୟାନମଗ୍ନ ହୋଇ କହିଲେ, "ଗୋ ଅସ୍ମୃଗୁଣାଭିମାନୀ ଏଥିପାଇଁ କେତେ ମହାପ୍ରାଣୀଙ୍କର ରକ୍ତ ପାଣିପରି ଧରଣୀରେ ବହିଗଲା ? ତୁମ୍ଭ ପ୍ରଶ୍ନ ତ ବଡ଼ କଠିନ ନୁହେ ? ତାହାର ଉତ୍ତର ସର୍ବ ପ୍ରକାଶକ ଜ୍ୟୋତିଷ୍କ ସୂର୍ଯ୍ୟ ଅଛେ । ସୂର୍ଯ୍ୟ ପୃଥିବୀର ସମସ୍ତ ସ୍ଥାନେ ସମସ୍ତଙ୍କର ପରିଚିତ ଓ ପ୍ରିୟ ଅଛେ,ସେ ଦିନେ ମେଘରେ ଅଦୃଶ୍ୟ ହେଲେ ତାହାର ପୁନର୍ଦର୍ଶନ ପର୍ଯ୍ୟନ୍ତ ଲୋକେ ଅଥୟ ହୁଅନ୍ତି, ସେ ଏକମାତ୍ର ଅଛେ, ତାହାର ଦ୍ୱିତୀୟ ଅଛି କି ?" ଯୁବକର ଉତ୍ତର ଶୁଣି ରାଜା ପୁଲକିତ ଓ ସଭ୍ୟମାନେ ଆନନ୍ଦିତ ହୋଇ କରତାଳି ଦେଲେ । ତେମା ଉତ୍ତର ଶ୍ରବଣେ କିଛିମାତ୍ର ବ୍ୟସ୍ତ ନ ହୋଇ ଅନ୍ୟ ପ୍ରଶ୍ନେ ପରାସ୍ତ କରିବା ଆଶାରେ କହିଲେ:—

୨ୟ ପ୍ରଶ୍ନ—କହ ଯୁବା ଅଛି ମାତା ଏମନ୍ତ କାହାର,
ପ୍ରସବିଣ ନିଜ ସୁତ କରଇ ଆହାର ।

ରାଜନନ୍ଦନ କିଛିକ୍ଷଣ ଚିନ୍ତା କରି କହିଲେ, "ଗୋ ମାନସହାରି ସୁନ୍ଦରି ପୃଥିବୀରେ ଏମନ୍ତ ଅନେକ ସମୁଦ୍ର ଓ ବଡ଼ ବଡ଼ ନଦୀ ଅଛି, ଯହିଁରୁ କେତେକ ନଦୀ ବାହାରି ସେହିଥିରେ ପଡ଼ି ଲୀନ ହୁଏ ସୁତରାଂ ଏପରି ସମୁଦ୍ର ଓ ନଦୀ ତୁମ୍ଭର ପ୍ରଶ୍ନର ଅନୁରୂପ ମାତା ପଦବାଚ୍ୟ ଏବଂ ସେଥିରୁ ବାହାରି ପୁଣି ସେଥିରେ ମିଶିଥିବା ନଦୀ ସୁତ ଅଟନ୍ତି ।" ଏହି ଉତ୍ତର ଶୁଣି ଗର୍ବିତା ରାଜଦୁହିତାର ମଥା ଲଜ୍ଜାରେ ଅବନତ ହେଲା । ସେ ଅନେକକ୍ଷଣ ଗମ୍ଭୀର ଚିନ୍ତାରେ ନିମଗ୍ନଥାଇ ପରେ ମଥା ଉଠାଇ କହିଲେ :—

୩ୟ ପ୍ରଶ୍ନ—କହ କେଉଁ ବୃକ୍ଷେ ପତ୍ର ଅଛି ଏ ପ୍ରକାର,
ଧବଳ ଶ୍ୟାମଳ ବର୍ଣ୍ଣ ଦୁଇ ପୃଷ୍ଠେ ଯାର ।

ଏହି ପ୍ରଶ୍ନ ପରିଶ କୁଟିଳା ରାଜବାଳା ଦୁଃଶୀଳତା ଦ୍ୱାରା ରାଜନନ୍ଦନର

Digitized by PPRACHIN, SOA

ଚିତ୍ତ ବିଚଳିତ କରିବା ଅଭିପ୍ରାୟରେ ମୁଖାବରଣ ଉତ୍ତୋଳନ କରି-ଦେଲେ । ଓଢ଼ଣୀ ଉଠାମାତ୍ରେ ମେଘବିମୁକ୍ତ ଶରଚ୍ଚନ୍ଦ୍ର ସଦୃଶ ଚନ୍ଦ୍ରା-ନନରେ ପଶ୍ଚାଦ୍ଭବନ ଉଜ୍ଜ୍ୱଳ ହେଲା ଏବଂ ତାହାର ଆଲୋକରେ ସେଠାରେ ଜଳୁଥିବା ଆଲୋକମାଳା ମଇଳା ପଡ଼ିଗଲା । ମନ୍ଦ ମନୋହାରୀ କୁମାରୀର ତୀକ୍ଷ୍ଣ ସୌନ୍ଦର୍ଯ୍ୟ ତେଜ ବିଜୁଳିପରି ଝଟକି କୁମାରର ନୟନ ଧାଇଁଦେଲା ଏବଂ ପ୍ରେମାନଳ ପ୍ରବଳ କରାଇଲା । ସେ ପ୍ରେମୋନ୍ମତ୍ତ ଏବଂ ଜ୍ଞାନରହିତ ହୋଇ ବାତାହତ ପିତୁଳାପରି ସିଂହାସନରୁ ପତିତ ହେଲେ । ସଦସ୍ୟମାନେ ତାଙ୍କର ଦୁରବସ୍ଥା ଦର୍ଶନ କରି ହାହାକାର କରିବାକୁ ଲାଗିଲେ । ରାଜା ଅଧୈର୍ଯ୍ୟଭାବେ କୁମାରଙ୍କୁ କ୍ରୋଡ଼ରେ ଧାରଣକରି ମସ୍ତକରେ ଗୋଲାପ, ବେଦମୁସ୍କ ପ୍ରଭୃତି ସ୍ନିଗ୍ଧ ସୁଗନ୍ଧ ନିର୍ଯ୍ୟାସ ସେଚନ କରିବାକୁ କହିଲେ । ଆଜ୍ଞାମାନେ ମୂଲ୍ୟବାନ୍ ଜଳ ସେଚନ ହୁଅନ୍ତେ କୁମାର ଚେତନା ପାଇ ବହୁକ୍ଷଣ ଚିନ୍ତାମଗ୍ନ ଥାଇ ମନେ ମନେ କହିଲେ, "ହା ହା ! ଚନ୍ଦ୍ରବତ୍ ଉଜ୍ଜ୍ୱଳ କି ମନୋହର ମୁଖମଣ୍ଡଳ, ବିଦ୍ୟୁତ୍ ସମାନ ଜ୍ୟୋତିଷ୍ମାନ ଆକର୍ଣ୍ଣବିସ୍ତୃତ କି ସୁରମ୍ୟ ନୟନଯୁଗଳ, ମୁକ୍ତାକାନ୍ତିଜିଣା କି ସ୍ୱଚ୍ଛ ଦନ୍ତ ସକଳ, ନବଘନ ସଦୃଶ କି ଘନ ନୀଳ-ବର୍ଣ୍ଣ କୁଞ୍ଚିତ କୁନ୍ତଳ ! ଆହା କି ଶୋଭା, କି ଆଭା ସମସ୍ତ ମନ ଲୋଭା ଅଟେ ! ଏହି ଦୁର୍ଲ୍ଲଭ ରତ୍ନ ପାଇବାକୁ ମନସ୍ଥ କରି କେଉଁ ଅଜ୍ଞାନଜନ ଆପଣା ଜୀବନ ପାଇଁ ଭୟ କରି ସେଥିରୁ ବିରହିତ ହେବ ? ଏହି ଅସା-ମାନ୍ୟାରୂପବତୀ ଯୁବତୀର ପତି ହେବାକୁ ମତକର ଅସୀମ ସାହସ ଅଟେ । କାମନା ପୂର୍ଣ୍ଣକାରୀ ଦେବିଯାର ଏହାର ଦ୍ୱାରୀ କଲେ ମଧ୍ୟ ମୁଁ ଆପଣାକୁ ଇନ୍ଦ୍ରପରି ଭାଗ୍ୟବାନ୍ ମନେ କରିବି ।" ପରେ ପ୍ରକାଶ୍ୟେ କହିଲେ, "ଗୋ ସୁନ୍ଦରି, ତୁମ୍ଭେ ଯାହା ବିଶ୍ୱର ମୁହଁରୁ ଓଢ଼ଣୀ ଉଠାଇଥିଲ ତାହା ପୂର୍ଣ୍ଣ ହେଲା । ତୁମ୍ଭର ଚିତ୍ରପଟ ଦେଖି ମୁଁ ଆତ୍ମବିସ୍ମୃତ ହୋଇ ଥିଲି, ବର୍ତ୍ତମାନ ତୁମ୍ଭର ସ୍ୱରୂପ ଦର୍ଶନ କରି ମୁଁ ଜ୍ଞାନଶୂନ୍ୟ ହୋଇ ତୁମ୍ଭର ପ୍ରଶ୍ନ ବିସ୍ମରଣ କରିଅଛି ।" ଦୋଷ କ୍ଷମାକରି ଆଉ ଥରେ ପ୍ରଶ୍ନ କଲେ ମୁଁ ଚିରଋଣୀ ହେବି ।

ରାଜକନ୍ୟା କହିଲେ "ହେଉ, ଆଉ ଥରେ ପ୍ରଶ୍ନ କରୁଛି । ମୋହର,

Digitized by PPRACHIN, SOA

ଶୁଣେ ରାବ ଚନ୍ଦ୍ର ଭଳି କହିଲ ଉତ୍ତର ।
କେଉଁ ତରୁ ଗୁରୁ ପତ୍ର କରଇ ଧାରଣ
ଯେଉଁପତ୍ରେ କଳା ଧଳା ଦୁଇପାର୍ଶ୍ୱ ବର୍ଣ୍ଣ ।”

ରାଜପୁତ୍ର—“ଶୁଣ ରୂପବନ୍ତ ଭାବ କହେ ରାଜସୁତ,
ତବ ବୃକ୍ଷ ବର୍ଷ ନାମେ ଜଗତେ ଅଖ୍ୟାତ ।
ତାର ପତ୍ର ସବୁ ଦିନ ରାତ ବୋଲି ଗଣି,
ଦିନ ଶୁଭ୍ରକାନ୍ତି କୃଷ୍ଣ ଶର୍ବରୀ ବରଣ ।”
କରନ୍ତେ ଉତ୍ତର ଠିକ ନୃପତି ତନୟ,
କରତାଳ ଦେଇ ସଭ୍ୟ କଲେ ଜୟ ଜୟ ।
ମହାରାଜା ମହାହର୍ଷେ କଲ ଜୟଧ୍ୱନି,
ବୋଲେ ତୁମ୍ଭ ବର ଏହି ନୃପତି ନନ୍ଦନୀ ।
ତର୍କେ ପରାଜିତା ଜେମା ହୋଇଣ ଲଜ୍ଜିତା,
କହେ “ତାତ, କପଟ କହ ବିପରୀତ କଥା ।
ସ୍ୱୀକାର କରିବ ନାହିଁ କେବେ ପରାଜୟ,
ଅନ୍ୟ ପ୍ରଶ୍ନେ ଯୁବାକୁ ମୁଁ ଜିଣିବି ନିଶ୍ଚୟ ।
ଅବଶିଷ୍ଟ ରାତ୍ରି ମୋତେ ମିଳୁ ଅବସର,
ସକାଳେ ଦେଖିବ ତା’ର ବୁଦ୍ଧି କେତେ ଖର ।
କୁଟିଳ, ଜଟିଳ, ପ୍ରଶ୍ନ ପୁଚ୍ଛିବି ଏମନ୍ତ,
ଯାହା ଶୁଣି ଜ୍ଞାନଚ୍ୟୁତ ହେବ ବୁଦ୍ଧିଭ୍ରଷ୍ଟ ।”
ଶୁଣି ଜେମା କଥା କୋପି କହେ ଚୀନେଶ୍ୱର
ଅରେ ଦୁରନ୍ତର ତୋ’ର ପୁଣି କି ନିର୍ଦ୍ଧର ।
ଭାବକୁ କୁମାରୀ ପରି ଥିବୁ ଆଜୀବନ,
ନିର୍ଦ୍ଦୋଷଙ୍କ ରକ୍ତ ଦେଖି ତୋଷୁଥିବୁ ମନ ।
ନକେ ପାପୀୟସୀ ମୋତେ କରିଲୁ ପାପିଷ୍ଠ
ତେବେ ସୁଦ୍ଧା ହେଉ ନାହିଁ ବୋଧ ତୋ’ର ଚିତ୍ତ ।
ନିଲଜ୍ଜ ନିର୍ଦ୍ଦୟ ଅଟୁ ନାହିଁ ଧର୍ମଭୟ,
ବୃଥା ନାଶ କଲୁ କେତେ ନୃପତିତନୟ ।

Digitized by PPRACHIN, SOA

ଏ ଯୁବକ ହେବେ ତୋର ଉପଯୁକ୍ତ ବର,
ଏବେ ଆନନ୍ଦରେ ଯାଙ୍କୁ ପତିରୂପେ ବର ।
ଅନ୍ୟ କିଛୁ ଜିଜ୍ଞାସ ହେ ଯଦି ଥାଏ ମନ,
ଅବସର ନ ମିଳିବ ପୁଚ୍ଛ ଏହିକ୍ଷଣ ।
ବିପଶ୍ଚିତ ପିତାବାଣୀ ଅଭିମାନୀ ଶୁଣି,
ସବିଶେଷେ କହନ୍ତି ଶୁଣ ମୋର ପ୍ରଶ୍ନ ପୁଣି ।
କେତେ ତୋର ବିଦ୍ୟା ବୁଦ୍ଧି ଦେଖିବି ପାମର,
ଜାଣି କଲା ଚୂନ ମୁଖେ ବୋଲିବି ଏଥର ।
କହ ହେ ଯୁବକ ! ନାମ ସେହି ଜନ୍ତୁସର
ଭକ୍ଷନ୍ତି ଜଗତେ ଯାହା ସର୍ବଜାତି ନର ।
କିନ୍ତୁ ମସ୍ତକଟି ତାର କଲେ ଛେଦନ
ବିଷ ହୋଇ ନାଶେ ଜୀବ ତା କଲେ ଭକ୍ଷଣ ।

ଯୁବରାଜ ପ୍ରଶ୍ନ ଶୁଣି ଖୁସି ହୋଇ କହିଲେ, "ପ୍ରେୟସି ! ଜନ୍ତୁସଟି ପାରସୀ ଭାଷାରେ କଶମ ଅର୍ଥାତ୍ ଶପଥ ଅଟେ । ତାକୁ ହିନ୍ଦୁ, ମୁସଲମାନ, ବୌଦ୍ଧ ଖ୍ରୀଷ୍ଟାନ ପୃଥିବୀର ସମସ୍ତ ଜାତୀୟ ଲୋକେ ଭକ୍ଷଣ କରନ୍ତି କି ସମୟ ପଡ଼ିଲେ ଶପଥ କରି କଥାର ସତ୍ୟତା ପ୍ରମାଣ କରନ୍ତି, ମାତ୍ର ସେହି-କଶମର ମସ୍ତକ ଅର୍ଥାତ୍ ଆଦ୍ୟ ଅକ୍ଷର କାଫଓଡଥା "କ" ଟି ଲୋପ କଲେ ସମ ରହିଯାଏ, ସମ ବିଷକୁ କହନ୍ତି ସୁତରାଂ ବିଷକୁ ଯେ ଭକ୍ଷନ୍ତି ସେ ମରନ୍ତି ।" ଏହି ଉତ୍ତର ଶୁଣି ଅଭିମାନୀ ରାଜନନ୍ଦିନୀ ପାଗଳିନୀ ପରି ହୋଇ ରାଜାଙ୍କ ପାଦରେ ଗଡ଼ି କହିଲେ, "ପିତର, ତବ ପାଦର ଧରୁଅଛି ଦୟାକରି ସକାଳେ ଆଉ ଗୋଟିଏ ପ୍ରଶ୍ନ କରିବାକୁ ଅବସର ଦିଅ ।" ନୃପମଣି ଏହି ଆପତ୍ତି ଶୁଣି କ୍ରୋଧେ ମସ୍ତକ ଝୁଣି କହିଲେ, "ଲୋ ତାଥଣି ତୁ କି ମନେ ଏହା ଜାଣି ଅଛୁ ଯେ, ମହାପ୍ରାଣିଙ୍କର ରକ୍ତ ଚିର-କାଳ ପାଣିପରି ଧରଣୀରେ ଢାଳି କଳଙ୍କିନୀ ଓ ଧର୍ମ ନାଶିନୀ ହୋଇ ନରକଗାମିନୀ ହେବୁ । ସେହି ଗେଲବସର ପରିହାର କରି ତୋହର ନିତାନ୍ତ ଉପଯୁକ୍ତ ଏହି ରାଜପୁତ୍ରଙ୍କୁ ଶୀଘ୍ର ପତିରେ ବରଣ କର, ନହୁବା ତୋହର କିମ୍ବା ମୋହର ପ୍ରାଣ ଏହିକ୍ଷଣି ଶେଷ ହେବ ।" ଏହି

Digitized by PPRACHIN, SOA

କୁଳନାଶିନୀ ବାଘୁଣୀକୁ ଜନ୍ମ କରି ଜନନୀ ଦୁଃଖେ ପ୍ରାଣ ହରାଇ ଅଛନ୍ତି, ମୁଁ ଅବଶିଷ୍ଟ ଅଛି, ମୋତେ ଖାଇଲେ ସନ୍ତୁଷ୍ଟ ହେବ । ମୁଁ ଏହି ପାପରେ ଆଉ ଲିପ୍ତ ହେବି ନାହିଁ । ମାୟା ଭ୍ରମେ ଅଜ୍ଞାନବଶେ ମୁଁ ସତୀଂକଇ ସତତ ଅନୁତପ୍ତ ଥିଲି, ଈଶ୍ୱର ରାଜକୁମାରର କୋଟି ପରମାୟୁ ଓ ଅଧିକରୁ ଅଧିକ ସୁଖୀ କରନ୍ତୁ, ସେ ଆଜି ମୋତେ ମହାପାପରୁ ଉଦ୍ଧାର କଲେ । ସଭାସ୍ଥ ସକଳେ କହନ୍ତୁ, କୁମାର ଅମ୍ଭମାନଙ୍କର ପଣ ପୂରଣ କଲେ କି ନା? ଏବଂ ଜେମା ସତ୍ୟତା ପ୍ରତିପାଳନ ନିମିତ୍ତ ତାହାଙ୍କୁ ପତିତ୍ୱେ ବରଣ କରିବାକୁ ବାଧ୍ୟ ଅଟନ୍ତି କି ନା ?” ସଭ୍ୟମାନେ ଏକ ବଚନରେ ଉଚ୍ଚୈଃସ୍ୱରରେ କହିଲେ, “ମହାରାଜାଙ୍କର ପଣ ପୂରଣ ହୋଇ ଅଛି । ରାଜକୁମାର ପ୍ରଶ୍ନର ପ୍ରକୃତ ଉତ୍ତର କରି ଅଛନ୍ତି, ସେ ଫକୀର ଥିଲେ ମଧ୍ୟ ଜେମା ନିଜ ପ୍ରତିଜ୍ଞା ପାଳନନିମିତ୍ତ ଦ୍ରୌପଦୀଙ୍କର ଅର୍ଜୁନଙ୍କୁ ବରଣ କରିବାପରି ବରଣ କରନ୍ତେ, ମାତ୍ର ଈଶ୍ୱରଙ୍କ ଆଶୀର୍ବାଦରୁ ଏ ରାଜପୁତ୍ର ପୁଣି ବୁଦ୍ଧିମନ୍ତ ଓ ସୁଶିକ୍ଷିତ ଅଟନ୍ତି, ସୁତରାଂ ଏହାଙ୍କୁ ପତିତ୍ୱେ ବରଣ କରିବାରେ ବିଳମ୍ବ କରି ଅନୁଚିତ, ବିଳମ୍ବରେ ସଂସାରରେ ଅଖ୍ୟାତି ଏବଂ ଈଶ୍ୱରଙ୍କଠାରେ ମହାପାତକୀ ହେବା ନିଶ୍ଚିତ ଅଟେ ।

ଏହା ଶୁଣି ରାଜକୁମାରୀଙ୍କ ମୁଖ ରାଗରେ ରକ୍ତବର୍ଣ୍ଣ ହେଲା ଏବଂ ସେ ଶୋକ ଓ ଲଜ୍ଜାରେ ବାକ୍ୟହୀନ ଓ ଅଧୋବଦନ ହୋଇ କ୍ରନ୍ଦନ କରିବାକୁ ଲାଗିଲେ । ନୟନରୁ ଅଶ୍ରୁ ନୀର ଝର୍ ଝର୍ ଝରି ମୁଖମଣ୍ଡଳ ଓ ବକ୍ଷସ୍ଥଳ ତିନ୍ତିଲା । ରାଜକୁମାର ପ୍ରିୟତମାର ଅପାର ଶୋକ ଦର୍ଶନେ ଅମଙ୍ଗଳ ସୂଚନା କରି କହିଲେ, ‘ମହାରାଜ ମୋହର ଉତ୍ତର ଶ୍ରବଣେ ଜେମାଙ୍କର ମନେ ରାଗ ଜାତ ହୋଇଅଛି । ସମ୍ଭବତଃ ମୋହର ନିଧନ ତାଙ୍କର ଆନନ୍ଦବର୍ଦ୍ଧନର କାରଣ ହୋଇଥାନ୍ତା । ମୋହର ଉକ୍ତ ଦର୍ଶନ-ସୁଖରୁ ବଞ୍ଚିତ ହେଲେ ବୋଲି ଯଦି ସେ ଦୁଃଖିତ ଥାନ୍ତି ତାହାହେଲେ ମୁଁ ଆଗ୍ରହ ସହିତ ଆପଣା ଜୀବନ ତାଙ୍କୁ ସମର୍ପଣ କରୁଅଛି । ସେ ଆପଣା ହାତରେ ଯେପରି ଇଚ୍ଛା ମୋତେ ହତ୍ୟା କରନ୍ତୁ, ଏପରି ପ୍ରେୟସୀ ହସ୍ତେ ନିଧନ ମଧ୍ୟ ଅପାର ସୁଖର କାରଣ ଅଟେ ।

Digitized by PPRACHIN, SOA

ତାଙ୍କର ପତି ହେବାକୁ ମୋ'ପରି ଲୋକର ଅଭିଳାଷକରିବା ଦୁଃସାହସର କଥା ଅଟେ, ସେ ଦୟାକରି ନିଜର ଦାସ କଲେ ମଧ୍ୟ ମୁଁ ଆପଣାକୁ ସମଗ୍ର ପୃଥିବୀର ଅଧିପତି ମନେ କରନ୍ତି, ତଥାପି ତର୍କେ ପରାସ୍ତ ହେବାରୁ ଦୁଃଖିତ ହୋଇ ମୋତେ ଦାସ କରିବାରେ ଯଦି ଅସ୍ୱୀକୃତ ଥାନ୍ତି ତାହା ହେଲେ ନିଜ ସ୍ୱାର୍ଥ ନିମିତ୍ତ ତାଙ୍କର କୋମଳ ପ୍ରାଣେ କଷ୍ଟ ଦେବା ମୋହର ଅଭିପ୍ରେତ ନୁହେ । ମୁଁ ସିନା ସୌଭାଗ୍ୟକ୍ରମେ ତାଙ୍କୁ ପ୍ରାପ୍ତ ହୋଇଅଛି ସତ୍ୟ, ତଥାପି ତାଙ୍କର ମନ ରଞ୍ଜନ ନିମିତ୍ତ ସତ୍ୟ କରି ଗୋଟିଏ ପ୍ରଶ୍ନ କରୁଅଛି, ସେ ଉତ୍ତର ପ୍ରଦାନ କରି ମୋର ସ୍ୱାମିତ୍ୱରୁ ଆପଣାକୁ ମୁକ୍ତ କରନ୍ତୁ ।" ସଭ୍ୟଗଣ କୁମାରଙ୍କର ଏହି ଅପ୍ରୀତିକର ପ୍ରସ୍ତାବ ଶୁଣି ବିସ୍ମିତ ହୋଇ ମନେ ମନେ କହିଲେ, "ଏ ଲୋକଟି କି ପାଗଳ ? ପ୍ରାଣ ସଙ୍କଟାପନ୍ନ କରି ଏତେ କଷ୍ଟେ ଯାହା ପାଇଅଛି ତାହା ଅଜ୍ଞାନଙ୍କ ପରି ଅକାରଣ ହରାଇବାକୁ ବସିଅଛି । ଏ ଅତି ଉନ୍ମତ୍ତ ନ ହେଲେ ରାଜବାଳାକୁ ପ୍ରଶ୍ନେ ଜିଣିବାକୁ ଆଶା କରନ୍ତା ଭଲା ? ଟୁରାଣ୍ଡୋଟର ବୁଦ୍ଧି ଅତି ତୀକ୍ଷ୍ଣ, ତାହାକୁ ଯେତେ କଠିନ ପ୍ରଶ୍ନ କଲେ ମଧ୍ୟ ସେ ଏହି-କ୍ଷଣି ଉତ୍ତର ପ୍ରଦାନ କରି ଏହାର ମୁଖେ କଳା ଚୂନ ଦେଇ ସଭାରୁ ବାହାର କରି ନିଜ କଥାର ଠାଣ ରଖିବ ।" ସମ୍ରାଟ କହିଲେ, "ତୁମ୍ଭର ଉକ୍ତି ଭ୍ରାନ୍ତିମୂଳକ ବୋଲି ବୋଧ ହେଉଅଛି, ଯାହା କହିଲ ତାହା ଭଲରୂପେ ଭାବି ଚିନ୍ତି କହ ।" ରାଜନନ୍ଦନ କହିଲେ "ରାଜନ୍ ଅଧୀନର କଥା ଅଟଳ ଅଟେ । ଯାହା କହିଲି ପ୍ରାଣ ଗଲେ ହେଁ ତାହା ଲଙ୍ଘନ କରିବି ନାହିଁ, ଶ୍ରୀମୁଖଙ୍କ ଅନୁମତି ହେଲେ ପ୍ରଶ୍ନ ପଚାରିବି । ରାଜା କହିଲେ "ପରମ୍ପରାର, ଏଥିରେ କିଛି କହିବାର ଆମ୍ଭର ଶକ୍ତି ନାହିଁ, ମାତ୍ର ଏତିକି କହୁଅଛୁଁ ଯେ, ତୁମ୍ଭେ ବହୁ କଷ୍ଟେ ଅର୍ଜିତ ଧନ ସ୍ୱଇଚ୍ଛାରେ ଜଳରେ ନିକ୍ଷେପ କଲେ ସେଥି ନିମିତ୍ତ ଆମ୍ଭେ ଦାୟୀ ନୋହୁଁ । ଆମ୍ଭେ ଅଜ୍ଞାନକୃତ ଧୃତା ଅଗତ୍ୟା ପାଳନ କରି ବହୁ କଳୁଷିତ ହେଲୁଁ, ବର୍ତ୍ତ-ମାନ ଈଶ୍ୱରଙ୍କୁ ସାକ୍ଷୀ ରଖି ପୁନର୍ବାର ନୂତନ ସତ୍ୟ କରୁଅଛୁଁ, ଅତଃପର କୌଣସି ରାଜନନ୍ଦନଙ୍କୁ ଅକାରଣ ହତ୍ୟା କରାଇବୁଁ ନାହିଁ, ଏଥିରେ ଦୁହିତା ସନ୍ତୁଷ୍ଟା ବା ରୁଷ୍ଟା ହେଉ ସେଥିପାଇଁ ଆମ୍ଭର ଚିନ୍ତା ନାହିଁ ।

Digitized by PPRACHIN, SOA

ପରେ ଯୁବକ ଯୁବତୀଙ୍କୁ ସମ୍ବୋଧନ କରି କହିଲେ, "ଗୋ ଚନ୍ଦ୍ରାନନେ, ଯଦିଚ ମୁଁ ପ୍ରାଣପଣେ ଚେଷ୍ଟା କରି ତୁମ୍ଭଙ୍କୁ ପ୍ରାପ୍ତ ହେଲି ବିଶେଷତଃ ନୃପତିଙ୍କର ସୁବିଚାରରେ ତୁମ୍ଭର ପତି ଅଟେ, ତଥାପି ତୁମ୍ଭକୁ ବିମନା କରିବା ମୋହର କାମନା ନାହିଁ । ଯଦି ତୁମ୍ଭେ ମୋତେ କ୍ଷାନ୍ତ କରିବାକୁ ଏକାନ୍ତ ଅସମ୍ମତ ଅଟ, ତାହାହେଲେ ମୋହର ଗୋଟିଏ ପ୍ରଶ୍ନର ଉତ୍ତର କରି ଆପଣାକୁ ମୋହର ଭାର୍ଯ୍ୟାପଣରୁ ମୁକ୍ତ କରିଅ । ପ୍ରଥମେ ଅଙ୍ଗୀକାର କରି ଉତ୍ତର ପ୍ରଦାନେ ଅପାରଗ ହେଲେ ମୋତେ ନିରାଶ କରିବନାହିଁ ।" ନୃପସୁତା ଆନନ୍ଦିତା ହୋଇ କହିଲେ, "ଆମ୍ଭେ ସତ୍ୟ ସତ୍ୟ ତିନିଥର ସତ୍ୟକରି କହୁଅଛୁଁ ତୁମ୍ଭର କଥାର ଅନ୍ୟଥା ହେବ ନାହିଁ । ଏଥିରେ ପରାଜିତା ହେଲେ ନିଶ୍ଚୟ ତୁମ୍ଭଙ୍କୁ ଜୀବନର କର୍ତ୍ତୃରୂପେ ବରଣ କରି ଆଜୀବନ ତୁମ୍ଭର ଦାସୀପଣେ ଯାପନ କରିବୁଁ । ରାଜ୍ୟ-ନନ୍ଦନ ହେମାଙ୍କର ସତ୍ୟ ଶ୍ରବଣ କରି କହିଲେ ।—

ସୁନ୍ଦରି ମହତ କଥା ହସ୍ତୀ ଦନ୍ତପରି,
ତୁଣ୍ଡୁ ସତ୍ୟ ବାହାରିଲେ ଯାଏ ନାହିଁ ଫେରି
ତୁମ୍ଭେ ନିଜକୃତ ସତ୍ୟ ଅବଶ୍ୟ ପାଳିବ,
ଗିରି ଟଳିପାରେ ତବ କଥା ନ ଟଳିବ ।
ଏଣୁ ମନ ଦମ୍ଭକରି କହୁଛି ପ୍ରଶନ,
ଉତ୍ତରରେ ଅକ୍ଷମ ହେଲେ ପାଳ ସ୍ୱବଚନ ।
କିଏ ପିତା ତା'ର ପୁଣି କେଉଁ ଦେଶେ ଘର
କି ନାମ ଅଟଇ ସେହି ଯୁବରାଜଙ୍କର ।
ସହିଲେ କଷଣ ଯେତେ ବଳଇ ବଚନ,
ଭିକ୍ଷାଦ୍ୱାରା ରକ୍ଷାକଲେ ଆପଣା ଜୀବନ ।
କିନ୍ତୁ ପିତାମାତାଙ୍କର ଆଶୀର୍ବାଦବଳେ,
ଅଧୁନା ଅଟନ୍ତି ମହାସୁଖୀ ଭୂମଣ୍ଡଳେ ।

ଏହି ପ୍ରଶ୍ନ ଶୁଣି ରାଜନନ୍ଦିନୀ ମହାସଙ୍କଟେ ପଡ଼ିଲେ । ସେ ଅନେକ ଭାବ ଚିନ୍ତି ଏତିକ ସ୍ଥିର କଲେ ଯେ, ହେଉ ନ ହେଉ ଏହି ପ୍ରଶ୍ନରେ ଯୁବକ ନିଜର ପରିଚୟ ପଚାରି ଅଛନ୍ତି, କିନ୍ତୁ ସେ ଅଜ୍ଞାତ କୁଳଶୀଳ

Digitized by PPRACHIN, SOA

ତାଙ୍କର ନାମ, ଧାମ, ପିତାଙ୍କର ବିବରଣ କିପରି କହିବ । "ହେଉ ବର୍ତ୍ତ-
ମାନ ସମୟ ନାହିଁ ସକାଳେ ଦେଖାଯିବ ।" ପରେ ପ୍ରକାଶେ କହିଲେ,
"ଯୁବରାଜ, ତୁମ୍ଭର ପ୍ରଶ୍ନ ତ ବଡ଼ କଠିନ ନୁହେ । ଆମ୍ଭେ ଅକ୍ଳେଶେ
ଉତ୍ତର ଦେଇପାରିବୁଁ ମାତ୍ର ବର୍ତ୍ତମାନ କ୍ଳାନ୍ତ ହୋଇଅଛୁ ସକାଳେ କହିବୁଁ ।"
ରାଜକୁମାର କହିଲେ "ବାଃ ପରବେଳେ ତର ତର ନିଜବେଳେ ଡେରି
କର, ହେଉ ତୁମ୍ଭର ଖାତିରକରି ଆମ୍ଭର ଶ୍ରେୟସ୍କର, ଅତଏବ ତାହାହି
ହେଉ । ମାତ୍ର ସକାଳେ ଉତ୍ତରକରି ନ ପାରିଲେ ଯେପରି ମତାନ୍ତର ନ
ହୁଏ ।" ରାଜା କହିଲେ, "ତୁରନ୍ଦର, ଏ ରାଜଦରବାର ଅଟେ । ଏଠାରେ
ବାରମ୍ବାର ଅଙ୍ଗୀକାର ଭଙ୍ଗକରି ଦୁରାଗ୍ରହ ଅଟେ । ସକାଳେ ଆଉ କଳ-
କୌଶଳ ଚଳିବନାହିଁ, ନିଶ୍ଚୟ ବିବାହ କରିବାକୁ ହେବ । ଏମନ୍ତ
ରୂପବନ୍ତ, ସର୍ବଗୁଣାଳଙ୍କୃତ ସୁପଣ୍ଡିତ, ରାଜପୁତ୍ର ପାତ୍ର ପାଇ ଯଦି ତୁମ୍ଭେ
ଏହାଙ୍କ ସହିତ ବିବାହରେ ଅସମ୍ମତ ହୁଅ ତାହାହେଲେ ତୁମ୍ଭପରି ମୂର୍ଖ
ଜଗତରେ ନାହିଁ ।" ଏହା କହି ନରେଶ ସଭାଭଙ୍ଗର ଆଦେଶ ଦେଇ
ଯୁବରାଜଙ୍କୁ ସଙ୍ଗେ ନେଇ ଦିବାନଖାସକୁ ଗଲେ । ସେଠାରେ ତାଙ୍କୁ
ଅତି ସମ୍ମାନ ସହିତ ଖାସ ଆସନରେ ଆପଣା ନିକଟରେ ବସାଇ କିଛିକ୍ଷଣ
କଥୋପକଥନ ପରେ କହିଲେ, ହାୟ ! ନରେନ୍ଦ୍ରନନ୍ଦନ ତୁମ୍ଭେ ଏଡ଼େ
ସରଳ, ତୁମ୍ଭର ସରଳତା ଦର୍ଶନକରି ଆମ୍ଭେ ଆଚମ୍ବିତ ହେଲୁଁ । ତୁମ୍ଭେ
ପ୍ରାଣପଣ ଶ୍ରମକରି ଦୁର୍ଲ୍ଲଭରତ୍ନ ହସ୍ତେ ଧାରଣକରି ଅଜ୍ଞାନ ହୋଇ
ହରାଇଦେଲ ।" କମରୁଜମାନ ସଗର୍ବେ କହିଲେ, "ମହାଭାଗ, ଆପଣ
ବୃଥା ଚିନ୍ତା କରୁଅଛନ୍ତି, ମୋହର ପ୍ରଶ୍ନ ଜେମାଙ୍କର ଜ୍ଞାନସୀମାର ବାହାର
ଅଟେ । ମୁଁ ଆପଣାର ପରିଚୟ ଗୁପ୍ତରଖିଛି, ଅପରିଚିତର ବୃତ୍ତାନ୍ତ ସେ
କେମନ୍ତେ ପ୍ରକାଶ କରିପାରିବେ । ରାଜା ଗୂଢ଼ବୃତ୍ତାନ୍ତ ଅବଗତହୋଇ
ସନ୍ତୁଷ୍ଟ ହେଲେ ଏବଂ ଆହାର ସମୟ ଗତ ହେଉଥିବାରୁ ନାନାପ୍ରକାର
ଉପାଦେୟ ଖାଦ୍ୟ ଦ୍ରବ୍ୟ ଆଣାଇ ଭୋଜନେ ବସିଲେ । ସେମାନେ ନିଶ୍ଚିନ୍ତେ
ଭୋଜନ ଓ କଥୋପକଥନ କରନ୍ତୁ, ବର୍ତ୍ତମାନ ଆମ୍ଭେମାନେ ଜେମାଙ୍କର
ପ୍ରକୋଷ୍ଠକୁ ଯାଇ ତାଙ୍କର ଅବସ୍ଥା କିପରି ଅଟେ ଦର୍ଶନ କରିବୁଁ । ସେ
ତର୍କେ ପରାଜିତା ହୋଇ ଲଜ୍ଜା ଓ ଶୋକେ ମ୍ଳାନମୁଖେ ସହଚରୀଗଣ

Digitized by PPRACHIN, SOA

ସହିତ ନିଜ ସ୍ଥାନରୁ ଫେରି ଆସି କ୍ରୋଧେ ମୁଖାବରଣ ଓ ଶରୀରାଭରଣ ଏଣେ ତେଣେ ଫିଙ୍ଗି ଧରଣୀରେ ଗଡ଼ାଗଡ଼ି ଦେଇ ଅଭିମାନେ କ୍ରନ୍ଦନ କରିବାକୁ ଲାଗିଲେ । ନୟନରୁ ଅନର୍ଗଳ ଲୋତକ ପ୍ରବାହିତ ହେଲା । ସଖିଗଣ ନାନାପ୍ରକାର ସାନ୍ତ୍ୱନା ବଚନେ ଧୈର୍ଯ୍ୟ କରାଇ ପାରିଲେ ନାହିଁ । ଅଭିମାନିନୀ ସାନ୍ତ୍ୱନା ବାଣୀ ଶୁଣି କହିଲା, "ତୁମ୍ଭେମାନେ ମୋହର କଟାଘାରେ ଲୁଣପାଣି ପକାଉଛ କାହିଁକି । ତୁମ୍ଭମାନଙ୍କର ବଚନ ? ଚନ୍ଦନ ମୋହର ତାପିତ ପ୍ରାଣକୁ ଶୀତଳ ନ କରି ବରଂ ମରିଚ ସଦୃଶ ଅଧିକ ଯାତନା ଦେଉଅଛି । ଓହୋ! ମୋହର ଦୁଃଖାନଳ କୌଣସି ପ୍ରକାରେ ଶୀତଳ ହେଉ ନାହିଁ । ସକାଳେ କଳାମୁଖ ନେଇ ସଭାରେ କପରି ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ ହେବି । ମୋହର ନାମ, ସମ୍ଭ୍ରମ ସମସ୍ତ ବିଲୁପ୍ତ ହେଲା । ଜଣେ ଅପରିଚିତ ମୋହର ଗର୍ବ ଖର୍ବ କରି ସମସ୍ତଙ୍କ-କର୍ତ୍ତୃକ ସମ୍ମାନିତ ହୋଇଅଛି । ରାଜନନ୍ଦନକୁ ପ୍ରେମାବଦ୍ଧ ଓ ବିପନ୍ନ ଦେଖି ସମସ୍ତେ ବିଷଣ୍ଣ ଥିଲେ, ମାତ୍ର ତାହାର ସୁସ୍ଥତା ଓ ମୋହର ଅବନତିରେ ନୃପତି ପର୍ଯ୍ୟନ୍ତ ଆନନ୍ଦରେ ମାତି ଜୟ ଜୟ କରୁଅଛନ୍ତି; ପିତାଙ୍କ କଥାରୁ ଭଲରୂପେ ଜଣାଗଲା ଯେ, ସେ ବହୁଦିନ ପୋଷିତ ଶତ୍ରୁତା ସାଧିବାକୁ ପ୍ରସ୍ତୁତ ଅଛନ୍ତି ସତ୍ୟ, ବିଧି ବାମହେଲେ ମିତ୍ର ମଧ୍ୟ ବିପରୀତ ବ୍ୟବହାର କରେ । ବର୍ତ୍ତମାନ ସମସ୍ତେ ମୋହର ବିପକ୍ଷ, ମୁଁ ଏକାକୀ ଅଟେ, କେହି ଗୋଟିଏ ମୋହର ସପକ୍ଷ ନୁହନ୍ତି । ସୁତରାଂ ଦୁରବସ୍ଥାପନ୍ନ, ହୀନମାନ ଜୀବନ ଆଉ ଧାରଣ କରିବି ନାହିଁ । ଏହି ଜଞ୍ଜାଳ ଜୀବନପାଇଁ ସିନା ଏତେ ଗଞ୍ଜଣା ସହିବାକୁ ହେଉଅଛି, ଏହା ବିନାଶ କଲେ ସମସ୍ତ ଯାତନା ଦୂର ହେବ । ହା ବିଧାତା, ତୁମ୍ଭ ମନରେ ଏତେ କପଟ ଥିଲା, ତୁମ୍ଭେ ଚନ୍ଦ୍ରସମ୍ରାଟ ଦୁହିତାକୁ ସର୍ବଗୁଣେ ଜଗତ-ଖ୍ୟାତା କରାଇ ଶେଷେ ଅପମାନିତା କରାଇ ନିଧନ କରିବାକୁ ଇଚ୍ଛା କରିଅଛ । ଅତି ଗର୍ବ ବିନାଶର କାରଣ ଅଟେ, ମୋହର ଅହଂକାର ମୋତେ ଏତେ ହତାଦର ଓ ଛାରଖାର କଲା ।

ଜଣେ ବିଚକ୍ଷଣା ସଖୀ ଜେମାର ଦୁର୍ଦ୍ଦଶା ଦେଖି କୌଶଳେ ତାହାର ଶୋକ ଦୂର କରିବା ନିମିତ୍ତ କୋମଳରେ କହିଲା । ସଖି ବଡ଼ ବିସ୍ମୟ କଥା, ତୁମ୍ଭେ ଏଡ଼େ ବୁଦ୍ଧିମତୀ, ଯୁବରାଜ ଏପରି କଣ ପ୍ରଶ୍ନ ପଚାରିଛି ଯେ

Digitized by PPRACHIN, SOA

ତାହାର ଉତ୍ତର କରି ନ ପାରିବ ଭାବି ଛଟପଟ ହେଉଛି । ଯୁବତୀ କହିଲା, "ବିପତ୍ତି ପଡ଼ିଲେ ଏହିମତ ହୁଏ । ରାଜତନୟ ବିସ୍ମୟଜନକ ପ୍ରଶ୍ନ ଅର୍ଥାତ୍ ନିଜର ପରିଚୟ ପଚାରୁଛନ୍ତି, ମୁଁ ସର୍ବଜ୍ଞ ତ ନୁହେଁ ଯେ, ଜଣେ ଅଜ୍ଞାତ କୁଳଶୀଳ ଲୋକର ପିତା ମାତା ଘର ଦ୍ୱାରର ଖବର କହିବି । ସଖୀର ସମସ୍ତେ ନିର୍ବୁଦ୍ଧିତା ବଶତଃ ହେଉ ବା ମୋହର ଅପକ୍ଷତା ହେତୁ ହେଉ ତାହାର ଏହି ଅନୁପଯୁକ୍ତ ପ୍ରଶ୍ନରେ ବାଧା ଦେଲେ ନାହିଁ । ବିଶେଷତଃ ସେ ଯେଉଁ ପ୍ରଶ୍ନ ପଚାରିବ ମୁଁ ସେଥିର ଉତ୍ତର କରିବି, ନ ପାରିଲେ ବିନା ଆପତ୍ତିରେ ତାହାକୁ ବରରୂପେ ବରିବି ବୋଲି ସତ୍ୟ ସତ୍ୟ ତିନିବାର ସତ୍ୟ କରିଅଛି, ସୁତରାଂ ତାହା ଲଙ୍ଘନ କରି ନ ପାରି ଏହି ଦୁର୍ଗତି ଭୋଗୁଅଛି । ସଖୀ କହିଲା, "ନ ବୁଝି ନ ସୁଝି କାହିଁକି ଅଙ୍ଗୀକାର କରି ପକାଇଲ ? ଯାହାହେଉ ବର୍ତ୍ତମାନ କିପରି ସମ୍ମାନରକ୍ଷା ହେବ ତାହାର ଉପାୟ ଚିନ୍ତା କରିବା ଉଚିତ ।" ରାଜକନ୍ୟା କହିଲେ, ଆଉ ଉପାୟ କିଣ । ତାହା ସଙ୍ଗେ ଲୋକ ଜନ ଥିଲେ ତାଙ୍କୁ ବନ୍ଧୁ ଲାଞ୍ଚ ଦେଇ ତାଙ୍କଠାରୁ ସମସ୍ତ କଥା ବୁଝିପାରନ୍ତି, କିନ୍ତୁ ସେ ଏକମାତ୍ର, ସଙ୍ଗେ ପାତ୍ର ନା ମିତ୍ର, ଆପେ ମୁହଁରେ କହୁଛି—ମୁଁ ରାଜକୁମାର, କିନ୍ତୁ ଅବସ୍ଥା ଏପରି ହୀନତର ଯେ ଦେଖିଲେ ମୋ ଘରର ମେହେନ୍ତର (୧) ଅପେକ୍ଷା ମଧ୍ୟ ଦରିଦ୍ର ବୋଧ ହେଉଛି । ସେ ଯାହା ହେଉ ବର୍ତ୍ତମାନ ସମ୍ମାନ ରକ୍ଷା ନିମିତ୍ତ ବିଷପାନ ଦ୍ୱାରା ଆପଣା ନିଧନ କରିବାକୁ ଇଚ୍ଛା କରିଅଛି, ଏଥିରେ ଭଗବାନଙ୍କର ଯେ ବିଚାର ।" ସଖୀ କହିଲା ଛି ଛି ଏପରି କୁକଥା ଆଉ ତୁଣ୍ଡରେ ଆଣିବ ନାହିଁ ।

ଜୟର ଉପାୟ କର, ଯଦି ନ ପାର ତାହା ହେଲେ ଏହି ରୂପବାନ ଗୁଣବାନ୍ ବିଦ୍ୱାନ ଯୁବକ ତ ନିତାନ୍ତ ଅଯୋଗ୍ୟ ପାତ୍ର ନୁହନ୍ତି, ଏହାଙ୍କୁ ବରରୂପେ ବରଣ କରି ପରମସୁଖ ଭୋଗ କର । ସଖୀ କଥା ଶୁଣି ରାଜସୁତା କହିଲେ, "ସଖି ତୁମର ମତ ଉପଯୁକ୍ତ ଅଟେ । ଏହି ରାଜପୁତ୍ର ଉପଯୁକ୍ତ ପାତ୍ର ଅଟନ୍ତି । ଏହାଙ୍କର ପ୍ରଥମ ଦର୍ଶନେ ମୋହର ମନେ ପ୍ରେମ ଓ ଦୟା ଜାତ ହୋଇ ଥିଲା । ଏହାପୂର୍ବେ ମୋହର ମନେ ପୁରୁଷଙ୍କ

(୧) ହାଡ଼ି ।

Digitized by PPRACHIN, SOA

ପ୍ରତି ଏପରି ଦୟାଭାବ କେବେ ଘଟି ନ ଥିଲା । ମୁଁ ଏହାଙ୍କର ମଙ୍ଗଳ ନିମିତ୍ତ ଈଶ୍ୱରଙ୍କଠାରେ ପ୍ରାର୍ଥନା କରି ଥିଲି ମାତ୍ର ତାଙ୍କର ଜୟରେ ସମସ୍ତଙ୍କର ଧନ୍ୟ ଧନ୍ୟ ବଚନ ମୋର ହୃଦୟରେ ବାଣ ବର୍ଷଣ ଏବଂ ଏହାଙ୍କ ପ୍ରତି ଈର୍ଷାପନ୍ନ କଲା । ହାୟ ହାୟ ହେ ହତଭାଗ୍ୟ କେଉଁଠାରୁ ଆସି ମୋହର ମାନ, ମହତ୍ତ୍ୱ ସବୁ ଅପହୃତ କରି ସ୍ୱାମୀ ହୋଇଅଛି, ଏହି ଦୁର୍ଭାବନା ମୋତେ କଠୋର ଯାତନା ଦେଉଛି ।" ଏହା କହି ମସ୍ତକର କେଶ ଓ ଅଙ୍ଗର ଅବଶିଷ୍ଟ ବାସ ଏବଂ ବେଶ ଛିନ୍ନ ଭିନ୍ନ କରି ଉଚ୍ଚୈଃ-ସ୍ୱରେ କ୍ରନ୍ଦନ କରିବାକୁ ଲାଗିଲେ । ସଖିଗଣ ତାଙ୍କୁ ଅତ୍ୟନ୍ତ ଶୋକାକୁଳା ଦେଖି ବ୍ୟାକୁଳ ହୋଇ ପରସ୍ପରରେ ସାନ୍ତ୍ୱନାର ଉପାୟ ଚିନ୍ତିବାକୁ ଲାଗିଲେ ।

ଏଣେ ଯୁବରାଜ ଭୋଜନାନ୍ତେ ନିଜ ଶୟନଗୃହକୁ ଯିବା ନିମନ୍ତେ ମହାରାଜଙ୍କଠାରୁ ବିଦାୟ ହୋଇ ଆସୁ ଆସୁ ବାଟରେ ମନୋରଥ ସିଦ୍ଧିର ଆଶାରେ ବିବିଧ ସୁଖକର ଚିନ୍ତା କରୁ କରୁ କହିଲେ, "ଯାହାହେଉ ଏତେ ଦିନେ ଭାଗ୍ୟଦେବୀ ସୁପ୍ରସନ୍ନା ହୋଇ ମୋହର ସକଳ ଯାତନା ଖଣ୍ଡନର ଉପାୟ କରିଅଛନ୍ତି । ମୁଁ ଶୀଘ୍ର ଅପୂର୍ବ ସୁନ୍ଦରୀ ଚୀନକୁମାରୀର ପାଣିଗ୍ରହଣ କରି ଅପାର ସୁଖ ଭୋଗ କରିବି । ମୁଁ ତାହାର ମନତୋଷ ନିମିତ୍ତ ବେଶ୍ ଉପାୟ ଚିନ୍ତି ଗୋଟାଏ କଠିଣ ପ୍ରଶ୍ନ ପଚାରିଅଛି । ସେ ପ୍ରତ୍ୟୁଷରେ କିଣ, ବର୍ଷଶେଷରେ ସୁଦ୍ଧା ତାହାର ଉତ୍ତର କରି ପାରିବ ନାହିଁ । ବରଂ ଉତ୍ତର ଚିନ୍ତାରେ ତାହାର ରୂପ ଅନେକ ହ୍ରାସ ହୋଇଯିବ, ସୁତରାଂ ଅକ୍ଳେଶରେ ପରିଣୟ କାର୍ଯ୍ୟ ଶେଷ ହେବ । ଏହିପରି ଗଭୀର ସୁଖ ଚିନ୍ତାମଗ୍ନ ରାଜନନ୍ଦନ ଶୟନ ଭବନରେ ପହଞ୍ଚି ଅତ୍ୟନ୍ତ ବିସ୍ମୟ ସହିତ ଦେଖିଲେ ଯେ, ତାଙ୍କର ପର୍ଯ୍ୟଙ୍କରେ ଗୋଟିଏ ଅତି ରୂପବତୀ ଯୁବତୀ ବସିଅଛି । ଏହି ସୁନ୍ଦରୀର ଅଙ୍ଗ ମଣିମାଣିକ୍ୟ ଜଡ଼ିତ ବିବିଧ ଆଭରଣରେ ଓ ବହୁ-ମୂଲ୍ୟ ମନୋହର ବସନରେ ଭୂଷିତ । ସୁନୀଳ କେଶ ନାନାଜାତୀୟ ସୁବାସିତ ପୁଷ୍ପରେ ମଣ୍ଡିତ ଓ ସୌରଭିତ । ମସ୍ତକରେ ହୀରକନିର୍ମିତ ମଥାମଣି ପ୍ରଦୀପ୍ତ । ରାଜସୁତ ଏହି ଅଦ୍ଭୁତ ଦୃଶ୍ୟ ଦେଖି ଗୃହରେ ଶାରଦୀୟ ଚନ୍ଦ୍ର ଉଦିତ ବୋଲି ମନେ କରିଥିଲେ, ମାତ୍ର ପରେ କାମିନୀ ବୋଲି ଜାଣି,

Digitized by PPRACHIN, SOA

ଅର୍ଦ୍ଧଯାମିନୀରେ ଏହି ମାନସହାରିଣୀ ରମଣୀ ଏକାକିନୀ କାହିଁକି ଏଠାରେ ବସିଛି ନ ଜାଣି ଶଙ୍କିତ ହେଲେ । ରମଣୀ କୁମାରଙ୍କୁ ବିସ୍ମିତ ଓ ଶଙ୍କିତ ଦେଖି ତାଙ୍କର ଭୟ ଦୂର କରିବା ପାଇଁ ପଲ୍ୟଙ୍କରୁ ଦଣ୍ଡାୟମାନ ହୋଇ ଅଭିବାଦନ ପୂର୍ବକ କହିଲେ, "ଯୁବରାଜ ! ତୁମ୍ଭେ ଏହି ଅର୍ଦ୍ଧ-ନିଶିରେ ମୋତେ ଏଠାରେ ଏକାକିନୀ ବସିଥିବାର ଦେଖି ସନ୍ଦେହ ହେତୁ ଚମତ୍କୃତ ହୋଇଅଛ, ମାତ୍ର ମୋହର ଆଗମନର କାରଣ ଜାଣିଲେ, ଅନେକ ଅଧିକ ବିସ୍ମିତ ହେବ । ତୁମ୍ଭେ ଅବଶ୍ୟ ଶୁଣିଥିବ, ଏହି ରାଜ-ପୁରୀରେ ଦୁରନ୍ତ ଖୋଜାମାନେ ପ୍ରହରୀ, ଅପରିଚିତା ସ୍ତ୍ରୀ ପୁରୁଷଙ୍କର ଏକଥେ ଉପବେଶନ ଦୂରେ ଥାଉ ସାକ୍ଷାତ୍ ମଧ କରି ଦିଅନ୍ତି ନାହିଁ । କେହି ଏପରି କରିବାର ଜଣାଗଲେ ସେହିକ୍ଷଣି ମାରି ଦିଅନ୍ତି । ମୁଁ ମୃତ୍ୟୁକୁ ଭୟ ନ କରି ତୁମ୍ଭର ମଙ୍ଗଳ ଉଦ୍ଦେଶ୍ୟରେ ଏତେ ରାତିରେ ଏଠାକୁ ଆସିଛି' ତାହା ଜାଣିଲେ ମୁଁ ଯେ ତୁମ୍ଭର କେଡ଼େ ହିତକାଂକ୍ଷୀ ତାହା ଅବଶ୍ୟ ଜାଣିପାରିବ ଏବଂ ମୋହର ଉପଦେଶମତେ କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେବ ନାହିଁ।

ରାଜକୁମାର ତାହାର କଥାଶୁଣି ପଲ୍ୟଙ୍କରେ ଆପଣା ପାର୍ଶ୍ୱରେ ବସାଇଲେ ମଦାଳସୀ ପ୍ରକ୍ଷେ ବସି କହିଲା, ଆସିବାର କାରଣ ଜ୍ଞାପନପୂର୍ବେ ମୋହର କଥାରେ ପ୍ରତ୍ୟୟ ଜନ୍ମାଇବା ନିମନ୍ତେ ମୁଁ ନିଜର ସଂକ୍ଷିପ୍ତ ପରିଚୟ ଦେବାକୁ ଇଚ୍ଛା କରେ, ଅନୁଗ୍ରହ କରି ଶୁଣିବା ହୁଅନ୍ତୁ ।

ଚନେଶ୍ୱରଙ୍କର କୈକାବାଦ ନାମରେ ଗୋଟିଏ ବୃହତ୍ କରଦ-ରାଜ୍ୟ ଅଛି । ଏହି ହତଭାଗିନୀ ସେଠାର ରାଜନନ୍ଦନୀ । କେତେକବର୍ଷ ପୂର୍ବେ ମୋହର ତାତ ଗର୍ବୋନ୍ମତ୍ତ ହୋଇ ସମ୍ରାଟଙ୍କ ଅଧୀନତା ଅସ୍ୱୀକାର ପୂର୍ବକ କର୍ଦ୍ଧାରିତ କର ଦେବାକୁ ଅସମ୍ମତ ହେଲେ । ଏହି ଉଦ୍ଧତତାର ବାର୍ତ୍ତା ପାଇ ସମ୍ରାଟ କୁପିତ ହୋଇ ତାଙ୍କର ଦମନ ନିମନ୍ତେ ବହୁ ସୈନ୍ୟ ପ୍ରେରଣ କଲେ ।

ସମ୍ରାଟଙ୍କର ସୁଶିକ୍ଷିତ, ସୁସଜ୍ଜିତ ଅପରିମିତ ସୈନ୍ୟ ତୁଳନାରେ ପିତାଙ୍କର ସୈନ୍ୟ ଏକ ବାଲୁକାକଣା ପ୍ରମାଣ ଥିଲେ, ତଥାପି ପିତା କୁବୁଦ୍ଧିବଶତଃ ଯୁଦ୍ଧରେ ପ୍ରବୃତ୍ତ ହୋଇ ମହାରଥୀ ଚନସେନାପତି

Digitized by PPRACHIN, SOA

କର୍ତ୍ତୃକ, ପରାଜିତ ଓ ନିହତ ହେଲେ । ମୃତ୍ୟୁକାଳରେ କେତେକ ବିଶ୍ୱସ୍ତ ଭୃତ୍ୟଙ୍କୁ କହିଲେ, "ମୋ ପରେ ମୋହର ପୁତ୍ର କନ୍ୟା ଓ ପରିବାରର ଅନ୍ୟାନ୍ୟ ସମସ୍ତଙ୍କୁ ସମୁଦ୍ରରେ ନିକ୍ଷେପ କରି ଅତି କଷ୍ଟକର ଶତ୍ରୁର ଦାସତ୍ୱ ଶୃଙ୍ଖଳରେ ପଡ଼ିବାରୁ ଉଦ୍ଧାର କରିବ ।" ଏଣୁ ତାଙ୍କ ଅନ୍ତେ ତାଙ୍କର ଆଦେଶମତେ, ମୋହର ଦୁଇ ସହୋଦର ଏକ ସହୋଦରୀ ଓ ଜନନୀ ସହିତ ମୋତେ ସମୁଦ୍ର ଜଳରେ ନିକ୍ଷେପ କଲେ । ଆମ୍ଭେମାନେ ସମୁଦ୍ର ଜଳରେ ଏଣେ ତେଣେ ଭାସିବାକୁ ଲାଗିଲୁଁ । ଆମ୍ଭମାନଙ୍କର ଦୁର୍ଗତି ଦେଖି ଶତ୍ରୁ ସେନାପତି ସଦୟ ହୋଇ, ଆମ୍ଭମାନଙ୍କର ଉଦ୍ଧାର ନିମିତ୍ତ ବହୁଧନ ପୁରସ୍କାର ଦେବାର ଅଙ୍ଗୀକାର କରିବାରୁ ଧନ ଲୁବ୍ଧ କେତେକ ସାହସୀ ସୈନ୍ୟ ଅଶ୍ୱାରୋହଣରେ ଜଳରେ ଝାମ୍ପ ଦେଇ ବହୁ-କଷ୍ଟରେ ଆମ୍ଭ ତିନିଜଣଙ୍କ ଉଦ୍ଧାର କଲେ । ଯହିଁରେ ଏକମାତ୍ର ମୁଁ କୁଳାଙ୍ଗାରୀ ଜୀବିତ ଥିଲି । ସେନାପତି ଯୁଦ୍ଧ ସ୍ଥାନରୁ ବାହୁଡ଼ି ନୃପତିଙ୍କ ଠାରେ ମୋତେ ଭେଟିକଲେ । ନରେଶ୍ୱର ମୋତେ ନେଇ ସ୍ୱୀୟ କୁମାରୀର ସହଚରୀ କରାଇଲେ । ତଦବଧି ମୁଁ କୁମାରୀଠାରେ ଦାସୀଗିରିରେ ନିଯୁକ୍ତ ଅଛି । ରାଜକୁମାରୀ ଅପର ସହଚରୀଙ୍କ ଅପେକ୍ଷା ମୋତେ ଅଧିକ ପ୍ରିୟ ମଣନ୍ତି ଏବଂ ବିଶ୍ୱାସକରି ଆପଣା ମନର ସକଳ କଥା ଫିଟାଇ ମୋତେ କହନ୍ତି । ମୃଜରୀ ଆପଣା ପରିଚୟ ପ୍ରଦାନକରି ପୁଣି କହିଲେ, 'ରାଜକୁମାର ମୁଁ ଯେ ଏତେଗୁଡ଼ିଏ କଥା କହିଲି ସେଥିରେ ଆପଣଙ୍କର କିଛି ଉପକାର ନାହିଁ କେବଳ ଦାସୀଙ୍କାନେ ମୋହର କଥା କର୍ଣ୍ଣେ ଗ୍ରହଣ କରିବେ ନାହିଁ ବୋଲି ନିଜ ପରିଚୟ ଦେଲି । ଯେ ଯାହାକୁ ସ୍ନେହ କରେ ତାହାର କୁଅଭିପ୍ରାୟ କଥା ଶୁଣିଲେ ଖାତିର କରେ ନାହିଁ । ମୁଁ ଖତ. କହିବି ସତ କିନ୍ତୁ ତୁମ୍ଭେ ତାହା ସତ୍ୟ ବୋଲି ପ୍ରତ୍ୟୟକରିବ ବୋଲି ବିଶ୍ୱାସ ହେଉନାହିଁ ।" ରାଜସୁତ ଏହି ପ୍ରହେଳିକା ବୁଝି ନ ପାରି ବ୍ୟସ୍ତହୋଇ କହିଲେ, "ପ୍ରିୟେ ଯାହା କହିବାକୁ ଅଛି ଶୀଘ୍ର କହ, ତୁମ୍ଭର କଥାରେ ମୋହର ମଥାଘୂର୍ଣ୍ଣିତ ଓ ମନ ଚମକିତ ହୋଇଅଛି ।" ମୃଜରୀ ଅଶ୍ରୁବର୍ଷଣ କରି କହିଲା ହେ ରାଜନନ୍ଦନ ! ସେ ନିଦାରୁଣ କଥା ମୁଖରେ ଉଚ୍ଚାରଣ କରିବାକୁ ଗଲେ ହୃଦୟ ବିଦୀର୍ଣ୍ଣ ହେଉଅଛି । ତୁମ୍ଭେ ଯାହାକୁ ପାଇବାପାଇଁ

Digitized by PPRACHIN, SOA

ଦୁର୍ଲ୍ଲଭ ଜୀବନ ପଣ କରିଥିଲି ଏବଂ ଯାହା ଲାଗି ଶଯ୍ୟା ଭୋଜନ ଛାଡ଼ି ଅବଧି ଲଗି ବସିଛି ସେହି ପ୍ରଣୟଘାତିନୀ, କଳଙ୍କିନୀ, ନରରକ୍ତପାୟିନୀ ଡାକିନୀ ପରିଜନ୍ମର ପ୍ରତିହିଂସା ଗ୍ରହଣପାଇଁ ତୁମ୍ଭର ପ୍ରାଣସଂହାର ନିମିତ୍ତ ଦୃଢ଼ ସଂକଳ୍ପ କରିଅଛି । ମୁଁ ତାହାର କୁପ୍ରବୃତ୍ତିର ନିବୃତ୍ତି ଓ ପ୍ରେମସଞ୍ଚାର ନିମିତ୍ତ ତୁମ୍ଭର ରୂପ ଓ ଗୁଣର ବିଶେଷ ସୁଖ୍ୟାତି କରି କହିଲି,'ସଖି ଏହି ଗୁଣବନ୍ତ ରାଜପୁତ୍ର ତୁମ୍ଭର ପ୍ରଣୟାସକ୍ତ ହୋଇ ବହୁକଷ୍ଟ ସହି ଏଠାକୁ ଆସି ତୁମ୍ଭର ଅତି ଶକ୍ତ ପ୍ରଶ୍ନର ଉତ୍ତର ଦେଇଅଛି, ତୁମ୍ଭେ ପରଜନ୍ମର ପ୍ରତିକାର ପାଇଁ ତାହାପ୍ରତି ଅସଦ୍‌ବ୍ୟବହାର ନ କରି ବରଂ କରୁଣ ହୋଇ ପ୍ରେମ ଦାନ କର । ଏଥିରେ ଯଶଃ ଚତୁର୍ଦ୍ଦିଗରେ ବିସ୍ତୀର୍ଣ୍ଣ ହେବ ଏବଂ ତୁମ୍ଭଙ୍କୁ ଧନ୍ୟ ଧନ୍ୟ କହିବେ । ମୋହର ଏହି ହିତବଚନ ହୁତାଶନରେ ଘୃତ ପ୍ରଦାନବତ୍ ତାହାର କୋପାନଳ ଦ୍ୱିଗୁଣ କଲା । ସେ ମୁଖ ବିକଟ କରି କହିଲା, "ସଖୀ ତାହାର କଣ ଗୁଣ ଦେଖି ତୁମ୍ଭର ମନ ତାହାଠାରେ ଲାଖିଗଲା । ଆମ୍ଭମାନଙ୍କ ଭଳି ତାହାର ଅଧିକ କିଛି ଗୁଣ ନାହିଁ । ଏପରି ଲୋକର ନିଧନରେ ମୋ ମନ ସୁପ୍ରସନ୍ନ ଭିନ୍ନ ଟିକିଏ ମାତ୍ର ବିଷଣ୍ଣ ହେବ ନାହିଁ । ନିଜ ମାନ ସମ୍ଭ୍ରମ ରକ୍ଷାପାଇଁ ତାକୁ ବିନାଶ କିମ୍ବା ଆତ୍ମନାଶ କରିବି । ପରେ ଜଣେ ବିଶ୍ୱସ୍ତ ଦାସୀକୁ ଡାକି ପ୍ରତ୍ୟୁଷରେ ତୁମ୍ଭର ବିନାଶ ନିମିତ୍ତ ଆଦେଶ ଦେଲା ।"

ରାଜକୁମାର ଏହି ଭୟଙ୍କର ସମାଚାର ଶୁଣି ହାହାକାର କରି କହିଲେ, "ହେ ମାନବଭକ୍ଷିଣି ଡାକିନି ! ତୁ ମନମୋହିନୀ ରମଣୀ ରୂପେ ଜନ୍ମିଲୁ କାହିଁକି ? ପରମାଂସାଶୀ ରାକ୍ଷସୀ ହୋଇ ଜନ୍ମିଥିଲେ, ଦୟାସାଗର ଜନେଶ୍ୱର ଅପାର ଲୋକାପବାଦରୁ ଉଦ୍ଧାର ପାଇଥାନ୍ତେ । ଦେବତା-ସଦୃଶ ଜନେଶଙ୍କ ଔରସରେ ତୁହି ବିଷଧାରିଣୀଟାକୁ ବିଧାତା କାହିଁକି ଜାତ କରି ତାଙ୍କର ନିର୍ଦ୍ଦୋଷ ଚରିତ୍ରକୁ କଳୁଷିତ କରୁଅଛନ୍ତି । ଏହି ଗୁଣପାଇଁ ପରା ସଭାରେ ମୁଁ 'ନିର୍ଦ୍ଦୋଷୀ' ବୋଲି ଭଜା ହେଉଥିଲୁ ! ତୈମୁର ସନ୍ତାନ କମରୁଜମାନ୍ ତୋହର କଣ ଲୋକସାନ୍ କରିଅଛି ଯେ,ବର୍ତ୍ତମାନ ତାହାର ନିଧନପାଇଁ ଏତେ ଉଦ୍ୟୋଗ ହୋଇଅଛୁ । ଛି,ଛି ସ୍ତ୍ରୀ ଜାତି ଭିତରେ କ୍ରୂରମତି ଓ ବିଶ୍ୱାସଘାତିନୀ, ଅଧିକାର ପାଇଲେ କାହାର

Digitized by PPRACHIN, SOA

ଯନ୍ତ୍ର କରିବାରେ ତାଙ୍କର ଭୟ ଝିତ ଥାଏ ନାହିଁ,ଯେ ନଷ୍ଟ ରେ ! ତୋର ଏ କ ମନ୍ଦ ବୃତ୍ତି?ଏ ଅଯଥା ଅତ୍ୟାଚାର କେତେକାଳ କରୁଥିବୁ, ଦିନେ କାଳକବଳରେ ପଡ଼ି ନିଶ୍ଚୟ ମରିବୁ, ନରକପ୍ରହରୀ ତୋହର କେଶ ଧରି ଅନେକ ତାଡ଼ନାକରି ଯମପୁରୀକୁ ଘେନିଯିବେ । ତେତେବେଳେ ସୌନ୍ଦର୍ଯ୍ୟ ଛଳ, ଧନବଳ କମ୍ବା ବୁଦ୍ଧି କୌଶଳ କିଛି ଚଳିବ ନାହିଁ । କେବଳ ହା ମଲି ନରକକୁ ଗଲି ବୋଲି ରଡ଼ି ଛାଡ଼ୁଥିବୁ । ହା ଭଗବାନ ! ତୁମ୍ଭର କ ଅଭୂତ ବିଧାନ ! ଯଣକେ ଦରିଦ୍ର ଫକୀରକୁ ସିଂହାସନ ପ୍ରଦାନ ଓ ରାଜାକୁ ଅନ୍ନ ବସ୍ତ୍ରହୀନ ହୀନମାନ କରୁଅଛ । କିଛିକ୍ଷଣ ପୂର୍ବେ ମୁଁ କଣ ଥିଲି, କଣ ହେଲି, ପୁଣି କଣ ହେବି ବୋଲି ଶୁଣିଲି । ପ୍ରଭୁ ମୁଁ ନିତାନ୍ତ ଅରକ୍ଷିତ ଜଣେ କାଙ୍ଗାଳକୁ ବଳ । ମୁଁ ନିତାନ୍ତ ଦୁର୍ଦ୍ଦଶାଗ୍ରସ୍ତ, ତୁମ୍ଭେ ରକ୍ଷା ନ କଲେ ନିଶ୍ଚୟ ନିହତ ହେବି ।"

ଛଇଲା କୁମାରଙ୍କ ଦୁଃଖବାଣୀ ଦେଖି ମନ୍ଦ ଧରିଲି ଭାବ, ସନ୍ତୁଷ୍ଟା-ହୋଇ ପ୍ରକାଶ୍ୟେ କହିଲି, 'ରାଜସୁତ ! ଆଉ ଭାବତ ହୁଅନା ଏହି ଦାସୀ ତୁମ୍ଭର ଦୁଃଖ ନାଶିବାକୁ ପ୍ରସ୍ତୁତ ଅଛି । ଦୟାସାଗର ଈଶ୍ୱର ତୁମ୍ଭର ଅନୁକୂଳ ହୋଇ ଦୁଃଖାର୍ଣ୍ଣବରୁ ଉଦ୍ଧାରପାଇଁ ମୋତେ ପଠାଇଅଛନ୍ତି । ମୁଁ ତୁମ୍ଭର ଅବାଧେ ପଳାୟନର ଉପାୟ କରିଅଛି, ପ୍ରହରୀମାନେ ମୋହର ଅନୁଗତ, ବିଶେଷତଃ ଧନ ପ୍ରଦାନଦ୍ୱାରା ଅଧିକ ବଶୀଭୂତ କରି ଅଛି, ସୁତରାଂ ତୁମ୍ଭର ପଳାୟନରେ ସେମାନେ ବ୍ୟାଘାତ ଜନ୍ମାଇବେନାହି ମୁଁ ମଧ୍ୟ ତୁମ୍ଭସଙ୍ଗେ ଗମନୋଦ୍ୟତା, କାରଣ ଦାସୀତ୍ୱ ଯନ୍ତ୍ରଣା ସହି ସହି ବିରକ୍ତ ହୋଇଅଛି, ପୁଣି ମୁଁ ରହସ୍ୟ ଭେଦକରି ତୁମ୍ଭଙ୍କୁ ପଳାୟନର ମନ୍ତ୍ରଣା ଦେଇଅଛି ବୋଲି ଅନୁମାନକରି ରାଜକୁମାରୀ ଅନେକ ବୋଲଣା ଓ ଗଞ୍ଜନା କରିବ । ଏଣୁ ତୁମ୍ଭସଙ୍ଗେ ପଳାୟନ ନିମିତ୍ତ ମୁଁ ଯୋଡ଼ାଏ ଘୋଡ଼ା ପ୍ରସ୍ତୁତ ରଖିଅଛି, ଦୁହେଁ ଘୋଡ଼ାରୋହଣେ ବର୍ଲାସ ଦେଶକୁ ଗମନ କରିବୁ ,ସେଠାର ଅଧୀଶ୍ୱର ଆଲିଗଡ଼ ଅତି ସଜ୍ଜନ, କରୁଣାନ୍ତଃ କରଣର ଲୋକ ଅଟନ୍ତି । ଆହୁରି ପୁଣି ସେ ମୋହର ଆତ୍ମୀୟ ମୋତେ ଦେଖି ଅତିଶୟ ଆହ୍ଲାଦିତହୋଇ ତୁମ୍ଭଙ୍କୁ ଯଥୋଚିତ ସମ୍ମାନିତ ଓ ପୁର-ସ୍କୃତ କରିବେ । ମୁଁ ଅଭାଗିନୀ ଚିରଦୁଃଖିନୀ ରାଜନନ୍ଦିନୀର ଦାସୀପଣେ

Digitized by PPRACHIN, SOA

ବନ୍ଧନୀରୂପେ ଏଠାରେ ଅଛି, ସେଠାକୁ ଗଲେ ସ୍ୱାଧୀନା ହେବ, ତୁମ୍ଭେ ମଧ୍ୟ କୌଣସି ରୂପବତୀ, ଗୁଣବତୀ ଯୁବତୀ,ଯେ କି ତୁମ୍ଭର ପ୍ରାଣଘାତୀ ନ ହୋଇ ନିରନ୍ତର ପାଦସେବାରେ ବ୍ରତୀ ଥିବ, ତାହାର ପାଣିଗ୍ରହଣ କରି ସୁଖରେ ଓ ନିଶ୍ଚିନ୍ତରେ କାଳଯାପନ କରୁଥିବ । ରାଜସୁତ ଉଠ, ଆଉ ବିଳମ୍ବ କରିବା ଉଚିତ ନୁହେ । ଶୀଘ୍ର ନଗରରୁ ବହିଷ୍କୃତ ହେବା ।

ରାଜନନ୍ଦନ କହିଲେ, "ସୁନ୍ଦରି, ତୁମ୍ଭର ସଦ୍‌ଗୁଣ ଓ ସକରୁଣ ବ୍ୟବହାର ନିମିତ୍ତ ମୁଁ ତୁମ୍ଭଠାରେ ଚିରଋଣୀ ଓ କ୍ରୀତଦାସ ହୋଇଅଛି । ଉକ୍ତ ଋଣ ପରିଶୋଧ ପାଇଁ ତୁମ୍ଭଙ୍କୁ ନେଇ ତୁମ୍ଭର ଅଭୀପ୍ସିତ ଅଳଙ୍ଗଡ଼ଠାରେ ଛାଡ଼ି ଦେବାକୁ ମୋହର ଏକାନ୍ତ ଇଚ୍ଛା । କିନ୍ତୁ ହେ ଗୁଣବତି, ନୃପତିଙ୍କୁ ନ କହି ପ୍ରସ୍ଥାନ କଲେ ସେ ଏବଂ ଅନ୍ୟାନ୍ୟ ଲୋକେ ମଧ୍ୟ ମନେକରିବେ "ମୁଁ କେବଳ ତୁମ୍ଭଙ୍କୁ ହରଣ କରିବା କାରଣ ଏ ସ୍ଥାନକୁ ଆଗମନ କରିଥିଲି । ଏହି ଦୁର୍ନାମରଟନା ମୃତ୍ୟୁ ଯାତନାକୁ ବଳିଯିବ । ବିଶେଷତଃ ରାଜତନୟା ମୋହର ମନନାରି ଓ ନୟନର ତାରା ଅଟେ, ତାହାର ଅଦର୍ଶନେ ମୁଁ କ୍ଷଣମାତ୍ର ବଞ୍ଚିବି ନାହିଁ, ସୁତରାଂ ଜୀବଶୂନ୍ୟ ପିଣ୍ଡ ଯେନି ପଳାଇ କି ନିସ୍ତାର ପାଇବି ? ଯଦି ସେ ନିଷ୍ଠୁର ହୋଇ ପ୍ରାଣସଂହାର କରେ, ତାହା ହେଲେ ମୁଁ ସକଳ ଆପଦରୁ ଉଦ୍ଧାର ପାଇଲି ବୋଲି ମନେ କରିବି ।

କାମିନୀ ନିଦାରୁଣ ବାଣୀ ଶୁଣି କ୍ରନ୍ଦନ କରୁ୨ ପୁଣି କହିଲା, "ହେ କୁମାର ତୁମ୍ଭର ଏକି ଚମତ୍କାର ପ୍ରତିଜ୍ଞା ? ତୁମ୍ଭେ ମଦନୋନ୍ମତ୍ତ ହୋଇ ନିଜର ଦୁର୍ଲ୍ଲଭ ଜୀବନ ନଷ୍ଟ କରନା । ଯେ ତୁମ୍ଭର ବିଦ୍ୱେଷୀ ତାହାର ପ୍ରେମ ପ୍ରତ୍ୟାଶୀ ହୋଇ ନିଜ ପ୍ରେୟସୀ କରିବାକୁ ମନାସି ଅଛ, ଏହା କି ତୁମ୍ଭର ଉପଯୁକ୍ତ ବୁଦ୍ଧି । ରାଜକନ୍ୟା ଅତୁଲ ସୌନ୍ଦର୍ଯ୍ୟସମ୍ପନ୍ନା ସତ୍ୟ କିନ୍ତୁ ଅତି କୁଟିଳମନା ଅଟେ । ତାହାର ମନରେ କରୁଣା ଆଦୌ ନାହିଁ, ସୁତରାଂ ହେ ଯୁବରାଜ ! ଏ ଦାସୀର ପ୍ରସ୍ତାବରେ ନାରାଜ ନ ହୋଇ ଏ ଯମ ଭବନ ପରିତ୍ୟାଗ ପୂର୍ବକ ଦାସୀସଙ୍ଗେ ପ୍ରସ୍ଥାନ କର । ମୁଁ ସୌନ୍ଦର୍ଯ୍ୟରେ ରାଜଦୁହିତାର ପ୍ରତିଯୋଗିତାକରି ପାରିବି କି ନା କହି ନ ପାରେ, ମାତ୍ର ଅନ୍ୟସମସ୍ତ ମହତ୍ ଗୁଣରେ ସେ ମୋହର ସମକକ୍ଷ ନୁହେ । ମୁଁ

Digitized by PPRACHIN, SOA

ଆଜୀବନ ଦାସୀପଣ କରି ତୁମ୍ଭର ମନ ପ୍ରସନ୍ନ କରୁଥିବି ? ଅତଏବ ମୋହର କଥାରେ ସଙ୍ଗି, ତାହାର ବାହାର ଲୋଭରୁ ମନ ଭାଙ୍ଗି, ପ୍ରତାରଣା ସ୍ଥାନ ଲଙ୍ଘି ପଳାୟନ କର ।”

ରାଜକୁମାର କହିଲେ, “ସଖି ଏଠାରେ ମୋହର ମନଭୃଙ୍ଗ ଆଶା-ମକରନ୍ଦ ପାନେ ମତ୍ତ ଏବଂ ପଦ ପ୍ରେମଶୃଙ୍ଖଳରେ ଜଡ଼ିତ, ସୁତରାଂ ମୁଁ କପରି ତୁମ୍ଭ ସହିତ ପଳାୟନରେ ଉପଯୁକ୍ତ ହେବି । ରାଜକନ୍ୟା ମୋ ପ୍ରତି ଏତେ ବିଦ୍ୱେଷ କରୁଥିଲେହେଁ ତାହାର ପ୍ରଣୟପାଶ ମୋ ଚରଣରେ ଜଡ଼ିତ ହୋଇ ବିବଶ କରିଥିବାରୁ ମୁଁ ପଳାୟନରେ ସାହାସ କରିପାରୁ ନାହିଁ । ଅତଏବ ଗୋ ଚନ୍ଦ୍ରବଦନା ! ମୋ ପାଇଁ ଆଉ ବୃଥା ଭାବନ କରି କୋମଳ ପ୍ରାଣରେ ଯାତନା ଦିଅନା । ତୁମ୍ଭେ ମୋହର ଦୁଃଖ ନାଶ ପାଇଁ ଚେଷ୍ଟା କରୁଛ, କିନ୍ତୁ ଅଦୃଷ୍ଟଲିଖନ ମେଣ୍ଟନ କରିବା ତୁମ୍ଭର ଆୟତ୍ତାଧୀନ ନୁହେ । ବିଧାତା ରାଜଦୁହିତା ହସ୍ତେ ମୋହର ନିଧନ ସଙ୍କଳ୍ପ କରିଥିଲେ । ତୁମ୍ଭର ଯତ୍ନ ଅକାରଣ, ଏଣୁ ମୋ ପାଇଁ ଅଧିକ ଚିନ୍ତିତ ହେବା ତୁମ୍ଭର ଅନୁଚିତ ।” ବନିତା ଆଶା ବିବର୍ଜିତ କଥା ଶୁଣି କୁପିତା ହୋଇ କହିଲା, “ଯଦି ମୋହର କଥା ମିଠା ଲାଗିଲା ତେବେ ଏହିଠାରେ ରହିଥା, ଏପରି ସୁଖକର ସ୍ଥାନ କେଉଁଠାରେ ମିଳିବ ? ଏହିଠାରେ ରହି କ୍ରୂରର ଅସ୍ତ୍ରାଘାତରେ ଜୀବନ ହରାଇ ଶରୀର ମୃତ୍ତି-କାରେ ମିଳାଇ ଦିଅ । ମୁଁ ବାହାରିଲି” ସୁନ୍ଦରୀ ଏହା କହି ରାଗରେ ଥର ଥର ପ୍ରସ୍ଥାନ କଲା ।

ତାହାର ଗମନପରେ କମରୁଜମାନ ବିସ୍ମୟାପନ୍ନ ହୋଇ ବିଷଣ୍ଣଭାବେ କିଛିକ୍ଷଣ ଅବସ୍ଥାନ କଲେ । ପରେ ବର୍ଷାଗମେ ମାନସର ହଂସାକୁଳ ହେବା ସଦୃଶ ତାଙ୍କ ମନ ବିବିଧ ଭାବସଙ୍କୁଳ ହେଲା । ସେ ମନେ ମନେ କହିଲେ, “ଏକି ଅଦ୍ଭୁତ କଥା ଶୁଣିଲି” ଯହିଁରେ ମୋର ମନ ଆଦୌ ମାନୁନାହିଁ ରାଜନନ୍ଦିନୀ ଅହଂକାରିଣୀ ସତ୍ୟ କିନ୍ତୁ ଏଡ଼େ ବିଶ୍ୱାସଘାତିନୀ ବୋଲି ବୋଧ ହେଉ ନାହିଁ । ଗୋ ରାଜସୁତା ତୁମ୍ଭର ପତି ବଦାନ୍ୟତା, ପର-ଦୁଃଖ କାତରତା ନିମିତ୍ତ ଜଗତ୍‌ଖ୍ୟାତ, ତୁମ୍ଭେ ଏମନ୍ତ ପୁଣ୍ୟଚରିତ୍ର ପିତାର ଦୁହିତା ହୋଇ ବିନାପରାଧରେ ଅଜ୍ଞାତ ଭାବେ ଅତିଥିକୁ ହତ୍ୟା

Digitized by PPRACHIN, SOA

କର ନିଜନାମ ଦୂଷିତ କରିବ, ମୋତେ ପ୍ରତ୍ୟୟ ହେଉନାହିଁ । ହେ ସୁନ୍ଦର ! ଈଶ୍ୱର ତୁମ୍ଭଙ୍କୁ ଅଲୌକସାମାନ୍ୟ ସୌନ୍ଦର୍ଯ୍ୟ ପ୍ରଦାନ କରି ସୁଖ୍ୟାତିର ଉଚ୍ଚାସନେ ବସାଇ ଅଛନ୍ତି, ତୁମ୍ଭେ କି ସତ୍ୟ ଅବିବେକୀ ହୋଇ ଜଣେ ଅଶ୍ରିତକୁ ନିହତ କରାଇ ଆପଣାର ଅଖ୍ୟାତି କରିବ ? ହେ ବନ୍ଧୁ-ବଦନା, ମୁଁ ତ ତୁମ୍ଭ ପ୍ରେମର କ୍ରୀତଦାସ ଏଣୁ ତୁମ୍ଭର ଯଦ୍ୱା ବାସନା ତାହା କର । ମୁଁ ଆଉ ବୃଥା ଭାବନା କରିବ ନାହିଁ । ଏଥିରେ ସୁଖ ନାହିଁ କି? ଶାନ୍ତି ନାହିଁ । ତେବେ ବୃଥା ଚିନ୍ତା ଚିନ୍ତି ପ୍ରାଣକୁ ବେଦନା ଦେବି କାହିଁକି ? ପୂର୍ବରୁ ମନ ପ୍ରାଣ ତୁମ୍ଭଙ୍କୁ ସମର୍ପଣ କରିଅଛି, ତୁମ୍ଭେ ନିଜ ଦାସପଣେ ବରଣ କିମ୍ବା ନିଧନ କର, ସେଥିରେ ମୋର ଶୋଚନା ଅକାରଣ, କାରଣ ଯାହାର ଧନ ସେ ଯତନେ ରଖିବା ରୁଚିରେ ଦେଉ ସେଥିରେ ମୋହର ଭାବନା କଣ ? ଏହିପରି ଆଶା ଓ ନିରାଶାଜନକ ଚିନ୍ତାରେ କମ-ରୁଜମାନ ରାତ୍ରି ଯାପନ କଲେ । ପ୍ରଦୋଷକାଳରେ ବାଦ୍ୟ ନିର୍ଘୋଷ ସଭା ଆରମ୍ଭର ସଙ୍କେତ ଦେଲା । ରାଜନନ୍ଦନ ଗାତ୍ରୋତ୍ଥାନ କରି ବସି ଅଛନ୍ତି, ଏମନ୍ତ ସମୟରେ ଛଅଜଣ କୁଳୀନ ସଭ୍ୟ ତାଙ୍କୁ ସଭାକୁ ନେଇ ଯିବାକୁ ଆସିଲେ । ରାଜ ପୁତ୍ର ଚିନ୍ତିତରେ ସେମାନଙ୍କ ସହିତ ସଭାକୁ ଗମନକଲେ ସେ ଏତେ ସଂଶୟଯୁକ୍ତ ହୋଇଥିଲେ ଯେ, ଗମନକାଳରେ ନିଜ ପଦ-ଶବ୍ଦ ଘାତକର ମନେକରି ଚମକିତ ହୋଇ ଏଣେ ତେଣେ ଦୃଷ୍ଟିପାତ କରୁଥିଲେ । ଏହିପରି ଶଙ୍କିତ ମନରେ ସେ ସଭାରେ ଉପନୀତ ହେଲେ । ସେଠାରେ ସୋପାନ ଶ୍ରେଣୀରେ ସଭ୍ୟଗଣ ସମାସୀନ ଓ ମନ୍ତ୍ରୀ ନିଜ ଆସନରେ ଆସୀନ ହୋଇ ମହାରାଜାଙ୍କ ସୁଭାଗମନର ଅପେକ୍ଷା କରୁଥିଲେ, ଏହି ସମୟରେ କମରୁଜମାନ ସେଠାରେ ପହଞ୍ଚି ମନ୍ତ୍ରୀଙ୍କ ସଙ୍କେତ ମତେ ଗୋଟିଏ ଆସନରେ ବସିଲେ, ମାତ୍ର ଅବଧି ତାଙ୍କର ଭୟ ଦୂର ହେଉ ନ ଥିଲା । ଘାତକ ଆସୁଛି ନା କଣ? ଦେଖିବାକୁ ସେ କ୍ଷଣେ କ୍ଷଣେ ଏଣେ ତେଣେ ଦୃଷ୍ଟି ପତନ କରୁଥିଲେ । ଅଳ୍ପକ୍ଷଣ ପରେ ଅନ୍ତଃପୁରର ଦ୍ୱାର ଉଦ୍ଘାଟିତ ହେଲା ଏବଂ ଚନେଶ୍ୱର କନ୍ୟା ସହିତ ଶୁଭାଗମନକଲେ ଯୁବରାଜଙ୍କ ସହିତ ସମସ୍ତେ ସସମ୍ଭ୍ରମେ ଦଣ୍ଡାୟମାନ ହୋଇ ସମ୍ରାଟଙ୍କୁ ଅଭିବାଦନ କଲେ । ରାଜା ପ୍ରସନ୍ନ ହୋଇ ଯୁବରାଜଙ୍କୁ ବସାଇ ଆଉ ସମସ୍ତଙ୍କୁ

Digitized by PPRACHIN, SOA

ବସିବାକୁ କହିଲେ । ସମସ୍ତେ ଉପବେଶନ କରନ୍ତେ ମନ୍ତ୍ରୀ ଦଣ୍ଡାୟମାନ ହୋଇ କୁମାରୀଙ୍କୁ ସମ୍ବୋଧନ କରି କହିଲେ ରାଜସୂତେ ନିଜ ପ୍ରତିଜ୍ଞା ମତେ ଯୁବରାଜଙ୍କ ସହିତ ବିବାହର ସମ୍ମତି ପ୍ରଦାନ କମ୍ବା ତାଙ୍କ ପ୍ରଶ୍ନର ଉତ୍ତର ଦାନରେ ନିଜର ସମ୍ମାନ ରକ୍ଷାକର, କୁମାରୀ କଦାପି ଉତ୍ତର କରି ପାରିବେ ନାହିଁ ଭାବି ରାଜା ସଦାଶେୟ କହିଲେ, "ବତ୍ସ ଉତ୍ତର ପ୍ରଦାନ ନିମିତ୍ତ ତୁମ୍ଭେ ଯେଉଁ ସମୟ ଧାର୍ଯ୍ୟ କରିଥିଲ ତାହା ଉପସ୍ଥିତ ଶୀଘ୍ରଉତ୍ତର ପ୍ରଦାନ କର । କିନ୍ତୁ ପ୍ରଶ୍ନ ଯେପରି କଠିନ ତୁମ୍ଭେ ଅଜୀବନ ଚେଷ୍ଟା କଲେ ସୁଦ୍ଧା ତାହାର ଉତ୍ତର ପ୍ରଦାନ କରିବ ବୋଲି ମୋର ଅନୁମାନ ହେଉନାହିଁ, ସୁତରାଂ ସ୍ୱୀୟ ସମ୍ମାନରକ୍ଷା ନିମିତ୍ତ ଆଉ ସେ କଥା ଉତ୍ଥାପନ ନ କରି ଆମ୍ଭର ଉପଦେଶ ଗ୍ରହଣ ପୂର୍ବକ ଏହାଙ୍କ ସହିତ ବିବାହ ନିମିତ୍ତ ଅନୁମତି ପ୍ରଦାନ କର, ଆମ୍ଭର ଆଶୀର୍ବାଦ ଗ୍ରହଣ ଓ ସୁଖ୍ୟାତି ଅର୍ଜନ କର । ତୁରନ୍ଦର ପିତାଙ୍କ କଥା ଶୁଣି ବିକଟ ସ୍ୱରରେ କହିଲେ, "ପିତୃର ଆପଣ ଆଉ ସେହି କଥା ମୁହଁରୁ ବାହାର କରନ୍ତୁ ନାହିଁ ଏହି ରାଜସୁତ ଅତି ଗର୍ବିତ ଆପେ ଅତି ବୁଦ୍ଧିମାନ୍‌ବୋଲି ଅଭିମାନ କରୁଅଛି । ମାତ୍ର ମୋହର ବୁଦ୍ଧିର ପରିଧି ସେ ଅବଧି ଜାଣି ନାହିଁ । ମୁଁ ଅବଲମ୍ବେ ଏହାର ଗର୍ବ ଖର୍ବ କରି ଆପଣଙ୍କ ଦ୍ୱାରା ହତାଦର ପୂର୍ବକ ବାହାର କରାଇବି । ଏ ପୁଣି ଥରେ ପ୍ରଶ୍ନ କହନ୍ତୁ ମୁଁ ଉତ୍ତର ପ୍ରଦାନ କରିବି । ଯୁବରାଜ କହିଲେ—

"ଶୁଣ ଗୋ ପ୍ରେୟସୀ ମୋର ପ୍ରଶ୍ନ ଆଉ ଥରେ
ତାହା ପୁଣି କହୁଅଛି ସର୍ବ ସମକ୍ଷରେ ।
କେଉଁ ରାଜାଙ୍କର ସୁତ କାହିଁ ଘର ଦ୍ୱାର
କିବା ନାମ ତାର କହ ଯଦି କହି ପାର ।
ସହୁଛି ଅପାର ଦୁଃଖ ନାହିଁ ତା କଳନା
ଦିନ ରାତି ସହୁଅଛି କ୍ଷୁଧାର ଯାତନା ।
ପିତାମାତାଙ୍କର ଦେଖି କ୍ଷୁଧାର କ୍ଷଣ
ଭିକ୍ଷା ବୃତ୍ତି କଲେ ତାଙ୍କ ସନ୍ତୋଷ କାରଣ ।

Digitized by PPRACHIN, SOA

ଅଧୁନା ତାଙ୍କର ସ୍ନେହପୂର୍ଣ୍ଣ ଆଶୀର୍ବାଦେ
ଲଭିଲେ ବହୁଳ ସୁଖ ବିଭୁଙ୍କ ପ୍ରସାଦେ ।"

ଶୁଣି ପ୍ରଶ୍ନ ଉଚ୍ଚୈଃସ୍ବରେ କହେ ରୂପବତୀ
"ଅସ୍ତ୍ରାଖାନ ଅଧୀଶ୍ବର ତୈମୁର ନୃପତି
ତାଙ୍କ ପୁଅ ନାମ ତାର କମରୁଜମାନ
ଅଟଇ ଉତ୍ତର ଏହି ପ୍ରଶ୍ନପାଇଁ ଜାଣ ।

ସହି ନାହିଁ କେତେ ଦୁଃଖ ନଜ ଗର୍ବ ପାଇ
ଭିକ୍ଷା ମାଗି ବୁଲୁଥିଲା ନାନା ସ୍ଥାନେ ଯାଇ ।
ଦୟାଶୀଳ ପ୍ରଭୁ ଦୟା କରି ତାର ପ୍ରତି
ଦେଇଛନ୍ତି ମହାସୁଖ ତାହାକୁ ସଂପ୍ରତି ।
କହେ ଯୁବା ହେଲା କିବା ନାହିଁ ଏ ଉତ୍ତର
ଯାହା କହିବାର ଅଛି କହ ତୁ ସତ୍ବର ।

ଉତ୍ତର ଶୁଣନ୍ତେ ରାଜନନ୍ଦନ ମୂର୍ଚ୍ଛିତ
ଜ୍ଞାନଚ୍ୟୁତ ହୋଇ ସ୍ଥିର ହେଲେ ଭୂପତିତ ।
ଯୁବାର ଦୁର୍ଦ୍ଦଶା ଦେଖି ଅଧିର ନୃପତି
ହାହାକାରେ ଆଲିଙ୍ଗନ କରିଲେ ଝଟିତି ।
କେହି ସଭ୍ୟ ବେଦମୁସ୍କ ଗୋଲାପର ଜଳ
କେହି ଶିରେ ଢାଳଦେଲେ ସୁଶୀତଳ ଜଳ ।

କେହି ଆଣି ସୁଙ୍ଘାଇଲେ ସୁଗନ୍ଧ ଅତର,
ଯୁବାର ଚେତନା ପାଇଁ ହୋଇ ଝରତର ।
ସର୍ବେ ସାଧ୍ୟ ଅନୁରୂପେ କରିଲେ ଯତନ
ତେବେ ଯାଇଁ ଯୁବରାଜ ହେଲେ ସଚେତନ ।
ସଜ୍ଞାପାଇ ଯୁବା ବୋଲେ ଶୁଣ ରୂପବତି,
ଭ୍ରମଯୁକ୍ତ ଅଟେ ତୁମ୍ଭ ଉତ୍ତର ସମ୍ପ୍ରତି ।
ମହାସୁଖି ଭାବୁଥିଲ ତୈମୁର ନନ୍ଦନେ
କିନ୍ତୁ ତାହାପରି ଦୁଃଖୀ ଥିବେ କି ଭୁବନେ ?

Digitized by PPRACHIN, SOA

ଅତ୍ୟନ୍ତ ବିପନ୍ନ ହୋଇ ଏଠି ଆସିଥିଲ
ତୁମ୍ଭ ପ୍ରେମେ ପଡ଼ି ମହାକଷ୍ଟରେ ପଡ଼ିଲ ।
ଅଧୁନା ଅଛଇ ତାର ଦୁର୍ଦ୍ଦଶା ଅପାର
କିଛିକ୍ଷଣେ ତଡ଼ାଯିବ ହୋଇ ନାରଖାର ।
ମହାରତ୍ନ କଷ୍ଟେ କଲା ଯେ ଦୁଃଖୀ ଅର୍ଜନ
ତାହାଠାରୁ ବଳପୂର୍ବେ ତା କର ହରଣ ।
ବେକେ ହାତ ଦେଇ ତାକୁ କରିଲେ ବାହାର
ତାର ଦୁଃଖୁଁ ବଳ ଦୁଃଖ ହେବ ଆଉ କା'ର ।
ଅତିକଷ୍ଟେ ଚନ୍ଦ୍ର ମୁଖୀ ଅଛି ମୁହିଁ ପାଇ
ସେଥିରୁ ବଞ୍ଚିତ କରି ଦେଲେ ଘଉଡ଼ାଇ ।
ସଂସାର ବାହାର ହେବ ମୋର ବିଡ଼ମ୍ବନା
କାହିଁ ଠିକ ହେଲା କହ ତୁମ୍ଭର ବର୍ଣ୍ଣନା ।
ଶୁଣି ରୂପବତୀ ହସି ହସି କହେ ଶୁଣ
ଆଉଠାରେ ଦେଖାଇବ ଚତୁରତା ଗୁଣ ।
ଅଧୁନା ଯେପରି ତବ ହୋଇଥାଉ ଦଶା
ଅଥବା ପଶ୍ଚାତେ ଯାହା ଲଭିବ ଦୁର୍ଦ୍ଦଶା ।
ସେଥିପାଇଁ ହେବ ନାହିଁ ଉତ୍ତରଟି ଭୁଲ
ପ୍ରଶ୍ନକାଳେ ତବ ସୁଖ ଥିଲା ଯେ ଅତୁଳ ।
ଜାଣିଲି ତୁମ୍ଭଙ୍କୁ ତୁମ୍ଭ ସମ୍ପର୍କ ଭଙ୍ଗିଲି
ଏହିକ୍ଷଣି ତଦ୍ଧପାରେ କିନ୍ତୁ କ୍ଷମାକଲି ।
ଅପାର ପିତାଙ୍କ ସ୍ନେହ ଅଛି ତୁମ୍ଭ ପରେ
ଏଣୁ ସନମତ ହେଲି ମୁହିଁ ବିବାହରେ ।
ଆଶାର ଅତୀତ ବାଣୀ ଜେମା ମୁଖୁଁ ଶୁଣି
ଉଲ୍ଲାସେ ଆକୁଳ ହୋଇ କହନ୍ତି ନୃପଣି ।
ଦୀର୍ଘଜୀବୀ ହୋଇ ବତ୍ସେ ଲଭ ଗୋ ସୁଖ୍ୟାତି
ଦୂରକଲ ମୋର ବହୁଦିନର ଦୁର୍ଗତି ।
ମହାସୁଖୀ ହେବ ଦେଖି ବଧୂବେଶେ ତୋତେ

Digitized by PPRACHIN, SOA

ଏହା ଦେଖିବାର ଆଶା ଥିଲା ନାହିଁ ମୋତେ ।
ତୁମ୍ଭ କଥା ଶୁଣି ହେଲି ଖୁସି ଅତିଶୟ
ଆଉ ଏକ କଥା କହି ଫେଡ଼ ମୋ ସଂଶୟ ।
କୁମାରଙ୍କ ପରିଚୟ ପାଇଁ କି କୌଶଳ
କଲ କହ କରି ପୂର୍ଣ୍ଣ ମୋର କୁତୂହଳ ।
ନନ୍ଦିନୀ କହିଲେ ତାହା ଜାଣିବାରପାଇଁ
ମୋର ଗୁଣ ଜ୍ଞାନ କିଛି ବ୍ୟୟ ହୋଇ ନାହିଁ ।
କେବଳ ମୋହର ସଖୀ ଗତ କାଶି ଯାଇ
କୁମାରଙ୍କ ପାଶୁ ଥିଲା ପରିଚୟ ପାଇ ।
ସେଠୁ ଆସି କହିଥିଲା ସକଳ ବୃତ୍ତାନ୍ତ
ତାହାଠାରୁ ଶୁଣି ମୁହିଁ କହିଲି ହେ ତାତ ।
ଏଥିରେ ମୋହର ଲେଶମାତ୍ର ଗୁଣ ନାହିଁ
ଶୁଣାଇଲି ସତ୍ୟ ଥିଲା ଯାହା ତବଠାଇଁ ।

ରାଜନନ୍ଦିନୀଙ୍କ କଥା ଶୁଣି ଯୁବରାଜ ମହାହର୍ଷେ କହିଲେ, "ହେ ଗୋ ଗୁଣବତି ! ତୁମ୍ଭର ଏହି ସଦ୍‌ଗୁଣର ମୁଁ ଅକିଞ୍ଚନ କଣ ସୁଖ୍ୟାତି କରିବି ? ତୁମ୍ଭେ ଏଡ଼େ କରୁଣ, ତାହା ପୂର୍ବେ ମୋତେ ଜଣା ନ ଥିଲା । ହାୟ ମୁଁ ଅଜ୍ଞାନ କ୍ରମେ ତୁମ୍ଭର କେତେ ନିନ୍ଦା ଓ ଗ୍ଲାନି କରିଅଛି । ତୁମ୍ଭର ସଖୀର ପ୍ରତାରଣାରେ ପଡ଼ି ତୁମ୍ଭଙ୍କୁ କେତେ ଘୃଣା ବାଣୀ କହିଅଛି । ବର୍ତ୍ତମାନ ଆଶାକରେଁ ତୁମ୍ଭେ ଯେପରି ଦୟା କରି ମୋତେ ନିଜ ଦାସ-ତ୍ୱରେ ଗ୍ରହଣ କରିଅଛ, ସେହିପରି ଦୟା କରି ଅଜ୍ଞାନାକୃତ ଦୋଷ ମାର୍ଜନା କରିବ ।"

କୁମାରୀ କହିଲେ, "କାନ୍ତ, ସେ କଥାପାଇଁ ତୁମ୍ଭର ବ୍ୟସ୍ତ ହୋ ଅନାବଶ୍ୟକ । ଏପରି ଘଟଣା ପ୍ରାୟ ଘଟିଥାଏ । ଲୋକେ ପଛରେ ରାଜାଙ୍କୁ ମଧ୍ୟରେ' ପଦ କହୁଥାନ୍ତି । ମୁଁ କି ତୁମ୍ଭଙ୍କୁ ଗୁରପଦ କହି ନାହିଁ ? ଏହିପରି ସୁଖକର କଥୋପକଥନ ସମୟରେ ଜେମାଙ୍କର ଦୁଇପାର୍ଶ୍ୱରେ ଦଣ୍ଡାୟମାନା ସଖୀ ଦ୍ୱୟଙ୍କ ମଧ୍ୟରୁ ଜଣେ ସଭାର ମଧ୍ୟସ୍ଥଳକୁ ଆସି, ମୁଖାବରଣ ଉନ୍ମୋଚନ

Digitized by PPRACHIN, SOA

ପୂର୍ବାଙ୍କ ବିକଟ ଦୃଷ୍ଟିରେ ଚତୁର୍ଦ୍ଦିଗକୁ ଚାହିଁବାକୁ ଲାଗିଲା । ଏ ସ୍ତ୍ରୀଟିପାଠକଙ୍କର ଅପରିଚିତା ନୁହେ । ଏ ଗତ ରାତ୍ରିରେ ଯୁବରାଜଙ୍କ ସହିତ ସାକ୍ଷାତ କରି ତାଙ୍କୁ ପଳାୟନ ନିମିତ୍ତ ପ୍ରଲୋଭିତ କରିଥିବା ଯୁବତୀ ଅଟେ । ସୁନ୍ଦରୀ କିଛୁକ୍ଷଣ ନିଶ୍ଚଳ ଓ ମୌନ ଭାବରେ ଛିଡ଼ା ହୋଇ ପରେ କ୍ଷୀଣସ୍ୱରରେ ଜେମାଙ୍କୁ ସମ୍ବୋଧନ କରି କହିଲା, "ସଖି, କୁମାରଙ୍କ ପରିଚୟ ଜାଣି ତୁମ୍ଭଙ୍କୁ କହିବା ଅଭିପ୍ରାୟରେ ମୁଁ ତାଙ୍କ ଶୟନାଗାରକୁ ଯାଇ ନ ଥିଲି । ଯୌବନ ଓ ପରାଧୀନତାର ଯନ୍ତ୍ରଣା ସହ୍ୟ କରି ନ ପାରି ସେଥିରୁ ଉଦ୍ଧାର ପାଇଁ ତୁମ୍ଭଙ୍କୁ ଫାଙ୍କିଦେଇ, କୁମାରଙ୍କୁ ଘେନି ପଳାୟନ କରିବା ମୋର ବାସନା ଥିଲା । ନିଜ କାମନା ପୂର୍ଣ୍ଣ ନିମିତ୍ତ ଏହାଙ୍କୁ ଯଥାସାଧ୍ୟ କୁହାଶୁଣା ଓ ତୁମ୍ଭପ୍ରତି ଘୃଣା ଜନ୍ମାଇବା ନିମିତ୍ତ ତୁମ୍ଭର ଅନେକ ନିନ୍ଦା କଲି । ମାତ୍ର ଏ ଧୀରଚିତ୍ତ ଓ ସ୍ଥିର ବୁଦ୍ଧିର ଲୋକ ମୋର ପ୍ରତାରଣାରେ, ସ୍ୱୀୟ କାମନାରୁ ବିମନ ହେଲେ ନାହିଁ । ମୁଁ ବିପ୍ରଲବ୍ଧା ଓ କ୍ରୋଧାନ୍ଧା ହୋଇ ସେଠାରୁ ବାହାରି ଆସି, ରାଜସୁତଙ୍କୁ ତୁମ୍ଭ ମିଳନରୁ ବଞ୍ଚିତ କରିବାପାଇଁ ତୁମ୍ଭଙ୍କୁ ତାଙ୍କର ନାମ ଧାମ କହି ଦୃଢ଼ରୂପେ ବିଶ୍ୱାସ କରିଥିଲି, ତୁମ୍ଭେ ଯେପରି ପୁରୁଷ ବିଦ୍ୱେଷୀ ଏହାଙ୍କ ପରିଚୟ ଜାଣିଲେ ସକାଳେ ଉତ୍ତର ପ୍ରଦାନ ପୂର୍ବକ ନିରାଶ କରି ତଡ଼ି ଦେବ ଏବଂ ସେତେବେଳେ ଅକ୍ଲେଶରେ ମୋ'ର ଅଭିଲାଷ ପୂର୍ଣ୍ଣ ହେବ । ହାୟ ତୁମ୍ଭେ ନାମ ଜାଣି ଏହାଙ୍କୁ ପରାସ୍ତ କରି ନିଜ ସମ୍ମାନ ରକ୍ଷା କଲ, କିନ୍ତୁ ମନକୁ ତାଙ୍କର ପ୍ରେମ ବନ୍ଧନରୁ ମୁକ୍ତ କରିବାକୁ ଅଶକ୍ତ ହେବାରୁ ମୋହର ମନୋରଥ ଚୂର୍ଣ୍ଣିଭୂତ ହେଲା । ସୁତରାଂ ଆଉ ଏହି ସନ୍ତପ୍ତ ପ୍ରାଣ ଧାରଣ କରି ବୃଥା ଗଞ୍ଜନା ସହ୍ୟ କରିବି ନାହିଁ, ଅତଏବ ହେ ମରଣ ତୋତେ ଆତ୍ମସମର୍ପଣ ପୂର୍ବକ ଶରଣ ମାଗୁଅଛି, ତୁ ଆଶ୍ରୟ ପ୍ରଦାନ କରି ମୋର ଏହି ଦୁର୍ବହ ଯୌବନ ଯାତନା ନିବାରଣ କର ।"ଏହାକହି ବସ୍ତ୍ର ଭିତରୁ ଅସ୍ତ୍ର ବାହାରକରି ବକ୍ଷସ୍ଥଳେ ଆଘାତ ପୂର୍ବକ ସମସ୍ତଙ୍କୁ ଭୀତ ଓ ଚମକୃତ କରାଇ ଭୂପତିତ ହେଲା, ତାହାର ବକ୍ଷ ସ୍ଥଳରୁ ପ୍ରବଳ ରକ୍ତସ୍ରୋତ ପ୍ରବାହିତ ହେଉ ଥିବାର ଦେଖି ନୃପତି ହାହାକାର କରିବାକୁ ଲାଗିଲେ । ରାଜସୁତା ଅତି ଦୁଃଖିତା ହୋଇ ସିଂହାସନରୁ ଉଠି ସଖୀ

Digitized by PPRACHIN, SOA

ନିକଟକୁ ଯାଇ ତାହାଙ୍କୁ କ୍ରୋଡ଼ରେ ଧରି କ୍ରନ୍ଦନ କରି କହିଲେ "ହା ସଖି, ତୁମର ଏକ ଭେଲକି ? ମୋହର ବିବାହର ଉପକ୍ରମ ଦେଖି ଅତିଶୟ ଦୁଃଖିନୀ ହୋଇ ପ୍ରାଣ ହରାଇଲ । ଯିତ ମୋହର କାନ୍ତଠାରେ ତୁମ୍ଭେ ଯଦି ଏକାନ୍ତ ଅସକ୍ତ ହୋଇଥିଲ ତାହା ଆଗନ୍ତୁ ପ୍ରକାଶକରି କହିଲ ନାହିଁ କାହିଁକି ? ମୁଁ ପ୍ରଥମେ ତୁମ୍ଭ ମନ ତୃପ୍ତ କରାଇ ତାହାପରେ ନିଜ ବିଷୟ ଭାବିଥାନ୍ତି । କିନ୍ତୁ ହାୟ୍ ତୁମ୍ଭେ ଆପଣା ମନକଥା ମୋତେ ନ କହି ମୋ ମନରେ ବ୍ୟଥା ଦେଇ ବିଦାୟ ହେଉଛ ।" ଯୁବତୀ ଅତି କଷ୍ଟେ କହିଲା ସଖି, ମୋ ପାଇଁ ଭିନ୍ନ ହୋଇ କୋମଳ ପ୍ରାଣକୁ ଯାତନା ଦିଅ ନା, ମୁଁ ଅଭାଗିନୀ ଦାସୀହି ଶୃଙ୍ଖଳାରୁ ମୁକ୍ତ ଓ ମଦନ ହାତରୁ ନିସ୍ତାରିତ ହେବା ନିମିତ୍ତ ଆତ୍ମହତ୍ୟା କରିଅଛି । ତୁମ୍ଭର ମୋପାଇଁ ଦୁଃଖିତ ହେବା ଅନାବଶ୍ୟକ ଅଟେ ।" ଏହି କଥା କହୁଁ କହୁଁ ବାଲା ସଂସାରରୁ ଚାଲି ଗଲା । ତାହାର ମରଣରେ ସମସ୍ତଙ୍କ ମନରେ ଅତ୍ୟନ୍ତ ଶୋକହେଲା । ରାଜା ଓ ରାଜକନ୍ୟା ବିଶେଷ କ୍ରନ୍ଦନ କରି,ଶବ ସଂସ୍କାରର ଆଦେଶ କଲେ । ପ୍ରଧାନ ପ୍ରଧାନ ସଦସ୍ୟମାନଙ୍କ ଦ୍ୱାରା ତାହାର ସମାଧି ହେଲା ପରେ ପାରତ୍ରିକ ସଦ୍‌ଗତି ନିମିତ୍ତ ଯାଗ ଯଜ୍ଞ ପ୍ରଭୃତି ପୁଣ୍ୟ କର୍ମମାନ କରାଇଲେ ।

ଅନନ୍ତର ରାଜକନ୍ୟାର ବିବାହର ମହା ଆୟୋଜନ ହେବାକୁ ଲାଗିଲା; ନଗର ପରିଷ୍କାର ହୋଇ ବିବିଧ ରଙ୍ଗର ପତାକାଶ୍ରେଣୀରେ ଭୂଷିତ ଏବଂ ମନୋହର ତୋରଣରାଜିରେ ସୁଶୋଭିତ ହେଲା । ତୁରୀ, ଭେରୀ ଆଦି ଅଗଣିତ ବାଦ୍ୟଧ୍ୱନିରେ ନଗର ପୂର୍ଣ୍ଣ ଓ ଅତିଉଜ୍ଜ୍ୱଳ ଆଲୋକମାଳାରେ ଆଲୋକିତ ହୋଇ ନାଗରିକମାନଙ୍କୁ ପୁଲକିତ କରୁଅଛି । ନାନା ପ୍ରକାର ଅଗ୍ନିକ୍ରୀଡ଼ା ଲାଗିଥିବାରୁ ତାହା ଦେଖିବା ଲାଗି ଲୋକେ ଧଡ଼ାଧଡ଼ି ହେଉଛନ୍ତି । କାହିଁ ଅନାରର ସ୍ତ୍ରୀଯୃ ମୃଦୁଙ୍କାର ଓ ଷୀଣା ଲୋକଦ୍ୱାରା ଦର୍ଶକର ମନରେ ମହାସୁଖ ଜାତ କରୁଅଛି । କାହିଁ ମହାତାପମହାପ୍ରତାପରେ ଜଳି ରାତ୍ରିର ଅନ୍ଧାର ଲୋପ କରୁଅଛି, କାହିଁ ଗଜବାଣ ଅତି ହାଣରେ ଘନଘନ ଗର୍ଜନ କରି ଭୁବନ କମ୍ପମାନ କରୁଅଛି,କାହିଁ ଅଗ୍ନିମାନତାରାର ନାନାବର୍ଣ୍ଣ ସୌନ୍ଦର୍ଯ୍ୟଛଟା ଲୋକଙ୍କର ଆଖିର ପଡା ପିଟାଉଅଛି ।

Digitized by PPRACHIN, SOA

କାହିଁ ହାବେଲୀ ବାଣର ଘନ ଘନ ସ୍ୱନ ଓ ତୀକ୍ଷ୍ଣଜ୍ୟୋତି ଦର୍ଶକଙ୍କ ମନରେ ମହାତ୍ମୀତ କରାଉ ଅଛି । ପୁଣି କାହିଁ ଚର୍କୀ ଖରତର ଘୂରି ଘୂରି ଧୂପ ମନୋହର ଅଗ୍ନିକଣା ଉଦ୍ଗାର ଦର୍ଶକର ମନ ନୟନ ହରି ନେଉଅଛି । ନୃତ୍ୟଗୀତର ଆଡ଼ମ୍ବର ବଚନାତୀତ ଅଟେ । କେଉଁଠାରେ ଦେଶୀ ଯାତ୍ରୀୱାଲାମାନେ ରାମଲୀଳା, କୃଷ୍ଣଲୀଳା ବହୁ ସଙ୍ଗ ପ୍ରଭୃତି ନାଟରେ ଭୁଲାଇ ଦର୍ଶକଙ୍କର ହାଟ ବସାଇ ଅଛନ୍ତି । କାହିଁ ବା ପାଲାୱାଲାମାନଙ୍କ ଉଦ୍‌କଣ୍ଠରେ (୧) ବ୍ୟସ୍ତ ହୋଇ ଲୋକେ ଅଲ୍ଲା ଅଲ୍ଲା ଡାକୁଅଛନ୍ତି । କାହିଁ ନାଟ୍ୟଶାଳାରେ ଅର୍ଥାତ୍ ଥିଏଟର ଘରେ, ଭୁବନ୍ଦର ନାମକ ନୂତନ ଥିଏଟରର ଅଭିନୟ ଅସଂଖ୍ୟ ଦର୍ଶକଙ୍କର ମନ ଆଥୟ କରୁଅଛି । ସଂକ୍ଷେପତଃ ଚୀନସମ୍ରାଟଙ୍କର ଏକମାତ୍ର ଗେହ୍ଲା କନ୍ୟାର ବିବାହ ଆଡ଼ମ୍ବର ବର୍ଣ୍ଣନା କରିବାର ସାଧ କାହାର ? ରାଜା ବରପକ୍ଷ, ମନ୍ତ୍ରୀ କନ୍ୟାପକ୍ଷ ହୋଇ ଅତି ଧୂମ୍‌ଧାମ୍ ସହିତ ବିବାହ କର୍ମ ସମ୍ପନ୍ନ କଲେ । ନେମାଙ୍କର ପୁରୁଷଙ୍କ ପ୍ରତି ଯେଉଁ ଅନାଦର ଭାବ ଥିଲା ପତିଙ୍କର ଗୁଣଦର୍ଶନରେ ତାହା ଦୂର ହେଲା । ପତିଙ୍କର ପ୍ରୀତି ନିମିତ୍ତ ସେ ସତତ ବ୍ୟାପୃତ ଥିଲେ । କୁମାର ମଧ ତାହାଙ୍କୁ ଅପାର ପ୍ରେମ କରି ଅଧିକ ବଶୀଭୂତ କରୁଥିଲେ ।

ଏହିପରି କଏଦିନ ପରେ ଚୀନେଶ୍ୱର ତୈମୁର ରାଜାଙ୍କୁ ବିବାହର ସୁସମ୍ବାଦ ଜ୍ଞାପକ ପତ୍ର ଲେଖି, ବୃଦ୍ଧା ରାଣୀ ସହିତ ଚୀନକୁ ଆସିବାନିମିତ୍ତ ଅନୁରୋଧପୂର୍ବକ ଦୂତ ପ୍ରେରଣ କଲେ । ଏହି ଶୁଭସମ୍ବାଦ ଶୁଣି ବାର୍ଲସ ଅଧୀଶ୍ୱର କାଲଙ୍ଗର ଆନନ୍ଦିତ ହୋଇ ତୈମୁର ଓ ତାଙ୍କର ରାଣୀଙ୍କୁ ଶୁଣାଇଲେ । ସେମାନେ ପୁତ୍ରଙ୍କର ଗମନାବଧି ତାଙ୍କର କୌଣସି ଖବର ନ ଶୁଣି ଅତ୍ୟନ୍ତ ଭାବିତ ଥିଲେ, ବର୍ତ୍ତମାନ ସ୍ୱପ୍ନାତୀତ ସୁସମ୍ବାଦ ଶୁଣି କେତେଦୂର ଯେ ଆନନ୍ଦିତ ହେଲେ ତାହା ବର୍ଣ୍ଣନାତୀତ ଅଟେ ଏବଂ ଶୀଘ୍ର ଚୀନରାଜ୍ୟକୁ ଯିବାନିମିତ୍ତ କାଲଙ୍ଗରଙ୍କର ଅନୁମତି ଚାହିଁଲେ । କାଲଙ୍ଗର ସେମାନଙ୍କୁ ଏକାକୀ ନ ଛାଡ଼ି ଚୀନେଶ୍ୱରଙ୍କର ପ୍ରୀତିନିମିତ୍ତ ଅନେକ ଗୁଡ଼ାଏ ସୈନ୍ୟ ସାମନ୍ତ ଘେନି ତୈମୁର ଓ ତାଙ୍କର ରାଣୀସହିତ

(୧) ବଡ଼ପାଟି ବା ଉଚ୍ଚସ୍ୱର ।

Digitized by PPRACHIN, SOA

ଚୀନକୁ ଯାତ୍ରା କଲେ ଏବଂ ଅଳ୍ପଦିନରେ କୁଶଳରେ ଚୀନରେ ପହୁଞ୍ଚିଲେ । କମରୁଜ୍ଜମାନ ମାତା ପିତାଙ୍କର ଆଗମନ ବାର୍ତ୍ତା ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇ ସେମାନଙ୍କୁ ସସମ୍ମାନରେ ପାଛୋଟି ଆଣିବା ପାଇଁ ବହୁ ସୈନ୍ୟ ସାମନ୍ତ ପରିବେଷ୍ଟିତ ହୋଇ ଅତି ଆଡ଼ମ୍ବର ସହିତ ନଗରର ବାହାରେ କତିପୁରକୁ ଗଲେ । ବୃଦ୍ଧ ରାଜଦମ୍ପତି ପୁତ୍ରର ଅଭାବନୀୟ ସୌଭାଗ୍ୟ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ଯୁବରାଜ ଭକ୍ତିଭରେ ପିତା ମାତାଙ୍କ ପଦ୍ମରେ ପ୍ରଣିପାତ କଲେ । ରାଜାରାଣୀ ପୁତ୍ରକୁ ସସ୍ନେହରେ ଆଲିଙ୍ଗନ କରି ଆନନ୍ଦାଶ୍ରୁ ବର୍ଷଣ କଲେ । କମରୁଜ୍ଜମାନ ଦର୍ଶନ ଦେଇ ପିତା-ମାତାଙ୍କୁ ପରିତୃପ୍ତ କରାଇ କୃତଜ୍ଞତା ଜ୍ଞାପନନିମିତ୍ତ ତୁରନ୍ତ କାଲିଙ୍ଗର ନୃପତିଙ୍କଠାରେ ଉପସ୍ଥିତହୋଇ ସସମ୍ଭ୍ରମରେ ଅଭିବାଦନ କରି କହିଲେ, "ନରେଶ୍ୱର ଆପଣଙ୍କର ଦୟାର ପାରାନ୍ତର ନାହିଁ, ଆପଣ ଅପରିଚିତ ସମ୍ବନ୍ଧେ ଯେଉଁ ସଦ୍‌ବ୍ୟବହାର କରି ଅଛନ୍ତି ବିଶେଷତଃ ମୋର ପିତା-ମାତାଙ୍କୁ ଆଶ୍ରୟ ଦେଇ ଯେଉଁ ସହାନୁଭୂତି ଦେଖାଇ ଅଛନ୍ତି ସେଥି ନିମିତ୍ତ ମୁଁ ଚିରଋଣୀ ପୁଣି ଆପଣ ସ୍ୱୀୟ ସୌଜନ୍ୟତା ପ୍ରଯୁକ୍ତ ନିଜ ସୁଖ ଶାନ୍ତି ଛାଡ଼ି ଏତେ କଷ୍ଟ କରି ସେମାନଙ୍କ ସହିତ ଏଠାକୁ ଯେ ଆସିଲେ ଏହି ମହଦୁପକାରର ପ୍ରତ୍ୟୁପକାର ମୋହର କ୍ଷମତାର ବାହାର ଅଟେ; କେବଳ କୃତଜ୍ଞତା ପ୍ରକାଶକ କୋଟି କୋଟି ଜୁହାର ଦେଉଅଛୁ ।" କାଲିଙ୍ଗର କହିଲେ, "ତୁମ୍ଭମାନଙ୍କର ଅପରିଚିତତା ଯୋଗୁଁ ଆମ୍ଭର ଯଥୋଚିତ ଅଭ୍ୟର୍ଥନାରେ ତ୍ରୁଟିର ଭଞ୍ଜଣାନିମିତ୍ତ ଆମ୍ଭେ ଏଠାକୁ ଆସିଅଛୁଁ, ଏଥିରେ ତୁମ୍ଭ ପ୍ରତି ଉପକାର କଣ ?"

ଅନନ୍ତର ଯୁବରାଜ କାଲିଙ୍ଗର ଓ ସ୍ୱୀୟ ପିତା ମାତାଙ୍କୁ ନେଇ ଚୀନେଶ୍ୱରଙ୍କ ସହିତ ସାକ୍ଷାତ କରାଇଲେ, ଚୀନସମ୍ରାଟ୍ ସେମାନଙ୍କ ସହିତ କର-ମର୍ଦ୍ଦନପୂର୍ବକ ସସମ୍ମାନରେ ଉତ୍କୃଷ୍ଟ ଆସନରେ ବସାଇ ଅନେକ କ୍ଷଣ ପର୍ଯ୍ୟନ୍ତ ସଦାଳାପଦ୍ୱାରା ପରିତୋଷ କରାଇ ସେମାନଙ୍କ ରହିବାର ଉପଯୁକ୍ତ ସ୍ଥାନ ନିର୍ଦ୍ଦେଶପୂର୍ବକ ଗୃହକୁ ଓ ପ୍ରହରୀ ସହିତ ବିଦାୟ କଲେ । ବିଦାୟ ସମୟରେ ତୈମୂରଙ୍କୁ କହିଲେ, ସମ୍ପ୍ରତି କାର୍ମପତି ତୁମ୍ଭର ବିବାଦ ହୋଇ ଅନେକ କଷ୍ଟ ଦେଇଅଛି ସେହି ଦୁର୍ମତିକୁ ଉପଯୁକ୍ତ ଶାସ୍ତି

ହେବାନମିତ୍ର ଆମ୍ଭେ ଅଧୀନସ୍ଥ ନୃପତିମାନଙ୍କୁ ସୈନ୍ୟ ସହିତ ଉପସ୍ଥିତ ହେବାକୁ ପତ୍ର ଲେଖୁଅଛୁ । ସେମାନେ ଏକତ୍ରିତ ହେବା ପର୍ଯ୍ୟନ୍ତ ଆପଣମାନେ ଏଠାରେ ସ୍ୱଚ୍ଛନ୍ଦରେ ଅବସ୍ଥାନ କରନ୍ତୁ । ଚାଲିଙ୍ଗଙ୍କ ମଧ୍ୟ ଚୀନେଶ୍ୱରଙ୍କ ଖାତିରରେ ବହୁ ସୈନ୍ୟ ସହିତ ଶୀଘ୍ର ଉପସ୍ଥିତ ହେବା ନିମିତ୍ତ ନିଜ ସେନାପତିଙ୍କୁ ପତ୍ର ଲେଖିଲେ । ବନ୍ଧ୍ୟାପନ ପ୍ରସ୍ତୁତ ହୁଅନ୍ତେ ନାରାୟଣ ରାମଙ୍କର ସାହାଯ୍ୟାର୍ଥ ସୁଗ୍ରୀବଙ୍କ ଅସଂଖ୍ୟ ଭଲ୍ଲୁକ ମର୍କଟ ସୈନ୍ୟ ସଦୃଶ ତୈମୁରଙ୍କ ସାହାଯ୍ୟ ପାଇଁ ଚତୁର୍ଦ୍ଦିଗରୁ ଆଗତ ଅଗଣିତ ଚୀନ ସୈନ୍ୟ ଗୋଟିଏ ବିସ୍ତୃତ ସ୍ଥାନରେ ଏକତ୍ରିତ ହେଲେ । ଚୀନସମ୍ରାଟ୍ ଯୁଦ୍ଧର ସମସ୍ତ ଆୟୋଜନ କରି ଦେବାରୁ ବିଦାୟ ନେଇ ଉପରୋକ୍ତ ଗଣନାତୀତ ସୈନ୍ୟ ସହିତ କାର୍ଜମ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରି କେନାନ ଖାସ୍ ଗଡ, ସମରକନ୍ଦ ପ୍ରଭୃତି ଜୟ କରି କାର୍ଜମର ନିକଟରେ ପହୁଞ୍ଚିଲେ । ଦୁର୍ଦ୍ଧର୍ଷ କାର୍ଜମେଶ୍ୱର ମହାସମରର ଖବର ଶୁଣି କିଛିମାତ୍ର ଅଧୀର ନ ହୋଇ ଶୀଘ୍ର ଶ୍ରୀରଲକ୍ଷ ସୈନ୍ୟ ସଂଗ୍ରହପୂର୍ବକ ଶତ୍ରୁଙ୍କ ଗତି ରୋଧନମିତ୍ତ ପୁତ୍ର ସହିତ ଦୁର୍ଗରୁ ବାହାରି କିଛି ଦୂର ଅଗ୍ରସର ହେଲେ । ଦୁଇଦଳ କୋଜଣ୍ଡିଠାରେ ଭେଟାଭେଟି ହୋଇ ବହୁ ଦୂରବ୍ୟାପୀ ଅବସ୍ଥାନପୂର୍ବକ କୁରୁକ୍ଷେତ୍ରକୁ ବଳ ଭୟଙ୍କର ଦୃଶ୍ୟ ଜାତ କରାଇଲେ, କ୍ରମେ ଭୟଙ୍କର ଯୁଦ୍ଧର ଆରମ୍ଭ ହେଲା, ଉଭୟ ପକ୍ଷରୁ ଅସଂଖ୍ୟ ସୈନ୍ୟ କଟାକଟି ହେଲେ । ଶେଷେ କାର୍ଜମ ସମ୍ରାଟ୍ ଦୁରଦୃଷ୍ଟ ବଶତଃ ପୁତ୍ର ସହିତ ନିହତ ହେଲେ, ରାଜାଙ୍କର ନିଧନରେ ସୈନ୍ୟ ମାନେ ଉଚ୍ଛନ୍ନ ହୋଇ ଊର୍ଦ୍ଧ୍ୱଶ୍ୱାସରେ ପଳାୟନ କଲେ । ସୁଶିକ୍ଷିତ ଚୀନ ସୈନ୍ୟ ସେମାନଙ୍କର ପଶ୍ଚାତ୍ ଧାବନକରି ଅନେକଙ୍କୁ ଛେଦନ କଲେ । ଏହିପରି ଅକ୍ଲେଶରେ ତୈମୁର ଯୁଦ୍ଧ ଜୟୀ ହୋଇ ଚୀନେଶ୍ୱରଙ୍କ ନିକଟକୁ ଏହି ଶୁଭ ସମ୍ବାଦ ପଠାଇଲେ ଏବଂ ଯୁବରାଜ କମରୁଜମାନଙ୍କୁ ଏଠାର ସିଂହାସନରେ ବସାଇ ଚାଲିଙ୍ଗଙ୍କ ସହିତ ସରକଶୀୟା ଆଡକୁ ଅଭିଯାନ କଲେ । ସରକଶୀୟମାନେ ପୂର୍ବେ ସରକସ ଅର୍ଥାତ୍ ରାଜଦ୍ରୋହୀ ହୋଇ କାର୍ଜମ ରାଜାଙ୍କ ସଙ୍ଗେ ଯୋଗ ଦେଇ ଥିଲେ ବୋଲି ସେମାନଙ୍କୁ ଯଥୋଚିତ ଶାସ୍ତି ପ୍ରଦାନ ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ।

Digitized by PPRACHIN, SOA

ସଂରକ୍ଷଣୀୟମାନେ ଖୁଡ ନ ହୋଇ ପୂର୍ବବତ୍ ଅହଂକାର ଏବଂ ଔଦ୍ଧତ୍ୟ ସହିତ ଯୁଦ୍ଧ କଲେ ମାତ୍ର ପର୍ବତରେ ଠେଲା ପଡ ଅପେ ଚୂର୍ଣ୍ଣ ହେବା ପରି ଅସଂଖ୍ୟ ଚୀନ ସୈନ୍ୟଙ୍କଦ୍ୱାରା ଲକ୍ଷଲକ୍ଷ ଲୋକେ ହତାହତ ହେଲେ, ଅବଶିଷ୍ଟ ପ୍ରଜାମାନେ ଉଦ୍ଧାରର ଉପାୟ ନ ଦେଖି ଅସ୍ତ୍ରନକ୍ଷେପ ପୂର୍ବକ କ୍ଷମା ପ୍ରାର୍ଥନା କଲେ, ତେଣୁ ତୈମୁର ସେମାନଙ୍କୁ କ୍ଷମାଦେଇ ଯୁଦ୍ଧରୁ ଅବସର ପାଇ ସେଠାରେ ଶାସନନମିତ୍ତ ଜଣେ ପ୍ରତିଧି ନଯୋଗପୂର୍ବକ କାର୍ଜମକୁ ବାହୁଡ ଅସିଲେ । ଏଠାରେ ଅସି ଆନନ୍ଦର ସହିତ ଅବଗତ ହେଲେ, ଚୀନରୁ ତାଙ୍କର ମହିଷୀ ବଧୂ ଗୋଟିଏ ପୌତ୍ର ସହିତ ଅନେକ ଦନରୁ ଏଠାକୁ ଅସିଲେଣି ଏବଂ ଏଠାକୁ ଆସି ଭୂରନରଙ୍କର ଆହୁରି ଗୋଟିଏ ଅତି ସୁନ୍ଦର ପୁତ୍ର ଜାତ ହୋଇ ଅଛି । ତୈମୁର ପୁତ୍ର ପୁତ୍ରବଧୂ ଓ ପୌତ୍ର ଦୁହିଁଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ । ଯୁଦ୍ଧଜୟ ଓ ପୌତ୍ରଦ୍ୱୟ ପ୍ରାପ୍ତିରେ ବୃଦ୍ଧ ସମ୍ରାଟ୍ ଅତ୍ୟନ୍ତ ଆନନ୍ଦିତ ହୋଇ ନଗରରେ ମହାମହୋତ୍ସବ କରାଇଲେ । କେତେକ ଦନ ପର୍ଯ୍ୟନ୍ତ ଉତ୍ସବର ଧୂମ ଧାମ୍ ରହିଲା । ପରେ କାଲଙ୍ଗର ଅନେକ ଦନରୁ ସ୍ୱୀୟ ରାଜ୍ୟ ଛାଡ଼ି ଥିବାରୁ ସ୍ୱରାଜ୍ୟକୁ ଫେର ଯିବାକୁ ବ୍ୟସ୍ତ ହେଲେ । ତୈମୁର ଓ କମରୁଜ୍ମାନବନ୍ଧୁ ମୂଲ୍ୟ ରତ୍ନାଦ ଉପହାର ଦେଇ ତାଙ୍କର ଅଲୌକିକ ଉପକାରର ଯଥେଷ୍ଟ ପ୍ରଶଂସା କର ବଶେଷ କୃତଜ୍ଞତା ସ୍ୱୀକାରପୂର୍ବକ ସସମ୍ମାନରେ ବଦାୟ କଲେ ।

ଅନନ୍ତର କେତେକ ଦନ ମହାସୁଖରେ ଅତବାହିତ କଲାପରେ ଚୀନ ସମ୍ରାଟ୍ ଅତ୍ୟନ୍ତ ବୃଦ୍ଧ ଓ ରାଜକାର୍ଯ୍ୟରେ ଅସମର୍ଥ ହୋଇଥିବାରୁ କମରୁଜ୍ମାନଙ୍କର ଜ୍ୟେଷ୍ଠ ପୁତ୍ରକୁ ଚୀନର ଭବଷ୍ୟତ ସମ୍ରାଟ୍ ମନୋନୀତ କର ତାହାଙ୍କୁ ସିଂହାସନରେ ଅଭଷିକ୍ତ କରାଇବା ନମନ୍ତେ କାର୍ଜମରୁ ଆଣିବା ପାଇଁ ବହୁସୈନ୍ୟ ସହିତ ସ୍ୱୀୟ ମନ୍ତ୍ରୀଙ୍କୁ କମରୁଜ୍ମାନଙ୍କ ନକଟକୁ ପଠାଇଲେ । ଯୁବରାଜ ଚୀନସମ୍ରାଟଙ୍କର ଅନୁରୋଧ ତୈମୁରସାହାଙ୍କୁ ଜଣାଇବାରୁ ସେ ଅତ୍ୟନ୍ତ ଆନନ୍ଦସହିତ ତାହା ଅନୁମୋଦନ କର ଜ୍ୟେଷ୍ଠ ପୌତ୍ରକୁ ଚୀନ ପ୍ରେରଣ ଓ କନଷ୍ଠକୁ ଆପଣାର ସମଗ୍ର ସାମ୍ରାଜ୍ୟର ଯୁବରାଜ ନର୍ବାଚନପୂର୍ବକ କମରୁଜ୍ମାନଙ୍କୁ କାର୍ଜମ ଶାସନର ଭାର

Digitized by PPRACHIN, SOA

ଅର୍ପଣ କରି ମହୃଷୀ ସହିତ ଆପଣା ମୌରସି ରାଜ୍ୟ ଅସ୍ତ୍ରାଖାନକୁ ଯାଇ ସୁଖାସନରେ କାଳ କଟାଇବାକୁ ଲାଗିଲେ ।

ଧାତ୍ରୀ ଏହି ଗଳ୍ପ ଶେଷ କରି ରାଜକନ୍ୟା ବଦରୁଲବଦରଠାରୁ ଅନୁକୂଳ ମନ୍ତବ୍ୟ ଶ୍ରବଣ ଆଶାରେ ତାଙ୍କ ମୁହଁକୁ ଚାହିଁ ରହିଲେ, କିନ୍ତୁ ରୂପଯୌବନ ଅହଙ୍କାରୀ, ପୁରୁଷ ବିଦ୍ୱେଷୀ ଷୋଡ଼ଶୀ ପୁରୁଷଙ୍କ ଦୁର୍ଭାଗ୍ୟ ପ୍ରକାଶକରି ନାନାପ୍ରକାର ଅନୁପଯୁକ୍ତ ମତ ବ୍ୟକ୍ତ କଲେ । ଧାତ୍ରୀ କନ୍ୟାର ଅଣ୍ଟୁଆ କଥା ଶୁଣି ମନେ ବିରକ୍ତ ହୋଇ ପ୍ରକାଶ୍ୟରେ କହିଲେ, "ଆସ୍ତେ କେମା, ଏଥର ମୁଁ ପୁରୁଷଙ୍କର ସଚ୍ଚରିତ୍ରତା ପ୍ରେମିକତା ପ୍ରଭୃତିର ସର୍ବାଙ୍ଗ ସୁନ୍ଦର ଅନ୍ୟ ଗୋଟିଏ ମନୋହର ଗଳ୍ପ ଶୁଣାଉଛି, ଦେଖାଯିବ ଏଥର ପୁରୁଷଙ୍କର କେଉଁ ଦୋଷ ବାହାର କରିବ, ଏହାକହି ଆତ୍ମଗୁଣା ଭିମାନିନୀ ରାଜନନ୍ଦିନୀର ଅନୁମତିର ଅପେକ୍ଷା ନ କରି ଧାତ୍ରୀ ଦମିସ୍କାଧିପତି ବଦରୁଦ୍ଦୀନର କାହାଣୀ ଆରମ୍ଭ କରିଦେଲେ ।

(ରାଜା ବଦରୁଦ୍ଦୀନ ଓ ତାଙ୍କର ମନ୍ତ୍ରୀର କଥା)

ସୁନ୍ଦରି ! ଅନେକଦିନ ପୂର୍ବେ ଦମିସ୍କ ରାଜ୍ୟରେ ସର୍ବଗୁଣାଳଙ୍କୃତ, ନ୍ୟାୟବନ୍ତ, ସୁପଣ୍ଡିତ ବଦରୁଦ୍ଦୀନ ନାମରେ ଜଣେ ରାଜା ଥିଲେ । ତାଙ୍କର ପ୍ରବୀଣ, ବିଚକ୍ଷଣ, ଅତାଉଲମୁଲ୍କ ନାମରେ ଜଣେ ମନ୍ତ୍ରୀ ଥିଲେ । ଏହି ମନ୍ତ୍ରୀ ସ୍ୱୀୟ ବିଚକ୍ଷଣତା, ପରୋପକାରିତା ଓ ଅପକ୍ଷପାତିତା ନିମିତ୍ତ ରାଜାଙ୍କର ପ୍ରିୟ ଓ ପ୍ରଜାଙ୍କର ପୂଜନୀୟ ହୋଇଥିଲେ । କିନ୍ତୁ ଏ ସର୍ବଦା ହାସ୍ୟ ପରିହାସ ଶୂନ୍ୟ, ଗାମ୍ଭୀର୍ଯ୍ୟ ପୂର୍ଣ୍ଣ ଥିବାରୁ ଲୋକେ ଏହାଙ୍କୁ ବିମର୍ଷମନ୍ତ୍ରୀ କହୁଥିଲେ । ଦିନେ ନୃପତି ପ୍ରଫୁଲ୍ଲମନରେ, ହସ ହସ ବଦନରେ ମନ୍ତ୍ରୀଙ୍କୁ ପରିହାସ ବଚନ କହିଲେ । ମନ୍ତ୍ରୀ ତାହା ଶୁଣି କୌତୁକାବିଷ୍ଟ ବା ଆନନ୍ଦିତ ନ ହୋଇ ବାଜେ ଲୋକର କଥା ପରି ଅମନେ ଯୋଗିତା-ସହିତ ତାହା ଶୁଣିଲେ । ନରେଶ ମନ୍ତ୍ରୀଙ୍କର ଏତାଦୃଶ ଉଦାସ ଭାବଦେଖି ବିଶେଷ ରୁଷ୍ଟ ହୋଇ କହିଲେ, "ମନ୍ତ୍ରୀନ୍ ? ତୁମ୍ଭେ ଦଶବର୍ଷକାଳ ଆମ୍ଭର ଦରବାରରେ ମନ୍ତ୍ରୀ କର୍ମ କରୁଅଛ, ଏଥିମଧ୍ୟରେ ଭ୍ରମରେ ହେବା ଥରେ ମାତ୍ର ତୁମ୍ଭଙ୍କୁ ହାସ୍ୟ କରିବାର ଦେଖିଲୁ ନାହିଁ । ଏହାର କାରଣ କଣ ?

Digitized by PPRACHIN, SOA

ତୁମ୍ଭେ କି ପ୍ରକାର ଲୋକ, କ୍ରୀଡ଼ା କୌତୁକ, ହାସ୍ୟ ପରିହାସ ମନୁଷ୍ୟ ଜୀବନର ସରସ ଜିନିଷ ? ତୁମ୍ଭେ ଏକାବେଳକେ ତାହା ରହିତ କିପରି ସର୍ବଦା ବିମର୍ଷ ମନରେ ଦିନ ଯାପନ କରୁଅଛ ? ଉଲ୍ଲାସହୀନ ଜନ ଶବ ସମାନ, ତାହାସଙ୍ଗରେ କଥୋପକଥନକାରୀ ମନୁଷ୍ୟ ମଧ୍ୟ କୁକୁର, ଶୃଗାଳ ପ୍ରଭୃତି ପଶୁ ସମ ନ ଅଟେ ।" ତେବେ କି ଆମ୍ଭେ କୁକୁର ଶୃଗାଳ? ମନ୍ତ୍ରୀ ରାଜାଙ୍କର କଥା ଶୁଣି କୃତାଞ୍ଜଳି ହୋଇ କହିଲେ "ଜଗନ୍ନାଥ, ଶ୍ରୀମୁଖଙ୍କର କଥା ଶିରୋଧାର୍ଯ୍ୟ ମାତ୍ର ଦାସର ବିଶ୍ୱାସ ସଂସାର ଅସାର ଏବଂ ଚିନ୍ତାର ଭଣ୍ଡାର ଅଟେ । ସଂସାରୀମାନେ ଚିନ୍ତାର ଅଧୀନ, ମନୁଷ୍ୟର ଗୋଟିଏ ମାତ୍ର ମନ ସେଥିରେ ସର୍ବଦା ଚିନ୍ତା ବିରାଜମାନ, ସୁତରାଂ ସେଥିରେ ଆଉ ସ୍ଥାନ କାହିଁ ଯେ, ଉଲ୍ଲାସ ଧାରଣ କରିବ ।" ରାଜା କହିଲେ, "ମନ୍ତ୍ରୀନ୍, ତୁମ୍ଭର ଧାରଣା ଚମତ୍କାର ଅଟେ । ତୁମ୍ଭ ମନରେ ସୁଖଶାନ୍ତି ନାହିଁ ବୋଲି ସଂସାରଯାକରେ କାହିଁକି ନ ଥିବ ? ତୁମ୍ଭେ କୌଣସି ବିଶେଷ ଦୋଷନିମିତ୍ତ ଈଶ୍ୱରଙ୍କର ବକ୍ରଦୃଷ୍ଟିରେ ପଡ଼ି ସକଳ ସନ୍ତୋଷ ରହିତ ସଦା ବିରସ ଅଛ ବୋଲି ସଂସାରର ସମସ୍ତେ ଯେ ସେହିପରି ଅଛନ୍ତି ତାହା କାହୁଁ ଜାଣିଲ ? ତୁମ୍ଭେ କାହାର କିଛି ଧାରି ବା ଅପକାର କରି ଅଛ ବୋଲି ସର୍ବଦା ମୋହଦାର (୧) ପରି ବିରସ ଅଛ, ଅପରର କି ଦରକାର ଯେ ତୁମ୍ଭ ପରି ଶୁଷ୍କ ବ୍ୟବହାର କରିବ। ସଂସାରରେ ତୁମ୍ଭେ ଏକା ବିଷଣ୍ଣ, ଆଉ ସମସ୍ତେ ନିଶ୍ଚିନ୍ତ ଓ ସୁପ୍ରସନ୍ନ ଅଟନ୍ତି ।" ମନ୍ତ୍ରୀ ସବିନୟରେ କହିଲେ ମହାଭାଗ, ଦାସର କଥାରେ ରାଗ ହେବେ ନାହିଁ । ଅଧୀନ ନିଶ୍ଚୟ କରି କହୁଅଛି ଯେ, ମନୁଷ୍ୟ ମାତ୍ରେ ଅସୁଖୀ, ଚିନ୍ତାନଳ ସମସ୍ତଙ୍କୁ କଳବଳ କରୁଅଛି । ଆପଣ ବାହ୍ୟ ଅବସ୍ଥା ଦର୍ଶନ କରି ଯଦି ମନୁଷ୍ୟଙ୍କୁ ପ୍ରଫୁଲ୍ଲ ମନ ଓ ଚିନ୍ତା ଶୂନ୍ୟ ମନେ କରିଥାନ୍ତି, ତାହା ଆପଣଙ୍କର ଭ୍ରମ, କାରଣ ପରର କଥା ଛାଡ଼ି ଆପଣ ନିଜର କଥା ଭାବି ଦେଖନ୍ତୁ, ପରମେଶ୍ୱରଙ୍କ ଆଶୀର୍ବାଦରେ ଆପଣଙ୍କର କିଛି ଅଭାବ ନାହିଁ । ଆପଣ ରାଜରାଜେଶ୍ୱର କୋଟିଏ ନର ଆପଣଙ୍କର ତାବେଦାର ତଥାପି ମୁଁ ମନେକରେଁ ଆପଣଙ୍କର ମନ ସ୍ଥିର ଓ ନିଶ୍ଚିନ୍ତ

(୧) ମଲ୍ଲଜୀବ ।

Digitized by PPRACHIN, SOA

ନୁହେଁ ।” ରାଜା କହିଲେ, ଏ ବିଷୟରେ ଆମ୍ଭ ସହିତ ସାଧାରଣଙ୍କ ତୁଳନା ହୋଇ ନ ପାରେ, କାରଣ ଆମ୍ଭେ ଚତୁର୍ଦ୍ଦିଗ ଶତ୍ରୁବେଷ୍ଟିତ ପୁଣି ଅସଂଖ୍ୟ ପ୍ରଜାଙ୍କର ଦୁଃଖାସୁଖର ଭାର ଆମ୍ଭ ମସ୍ତକରେ ସ୍ଥାପିତ ସୁତରାଂ ଆମ୍ଭେ ନିଶ୍ଚିନ୍ତ ହେବା ମହାକଷ୍ଟ । ସାଧାରଣ ପ୍ରଜାଙ୍କର ସୁଖରେ ଏପରି ତ କୌଣସି ବାଧା ନାହିଁ ସେ ନିଶ୍ଚିନ୍ତ ଥିବେ ନାହିଁ କାହିଁକି ?” ମନ୍ତ୍ରୀ କହିଲେ, “ଆପଣଙ୍କୁ ଯେପରି ରାଜ୍ୟସାକର ଚିନ୍ତା ଲାଗିଅଛି ଆହ୍ମାନଙ୍କୁ ମଧ୍ୟ ଅନ୍ତତଃ ଦୁଇଗୃର ଜଣଙ୍କର ଚିନ୍ତା କରିବାକୁ ହେଉଅଛି, ଯାହାର କେହି ନାହିଁ ତାହାର କେବଳ ପେଟ ଚିନ୍ତା ମଧ୍ୟ ତାକୁ ଥୟ ଦେଉ ନାହିଁ ଏଣୁ ଦେଖନ୍ତୁ ସଂସାରରେ ସମସ୍ତେ କଣ୍ଠ ନା କଣ୍ଠ ଚିନ୍ତାଯୁକ୍ତ, କେହି ନିଶ୍ଚିନ୍ତ ନୁହେଁ ।”

ଏହିପରି ନାନା ତର୍କ ବିତର୍କରେ ରାଜା ମନ୍ତ୍ରୀଙ୍କୁ ପରାସ୍ତ କରିବାକୁ ଅଶକ୍ତ ହୋଇ ବିରକ୍ତ ଭାବରେ କହିଲେ, “ସଂସାରେ ସମସ୍ତେ ଦୁଃଖୀନଥାନ୍ତୁ ପଛକେ ତଥାପି ତୁମ୍ଭ ପରି କେହି ଗଭୀର ଶୋକାନ୍ୱିତ, ବିମର୍ଷଚିତ୍ତ ସଦା ଦୁଃଖିତ ନ ଥିବେ । ସେ ଯାହାହେଉ ତୁମ୍ଭେ ଯେ ସଦା ଶୋକ-ଯୁକ୍ତ ଓ ଆନନ୍ଦରହିତ ଦେଖାଯାଉଛ ଏଥିରେ କୌଣସି ଦୃଢ଼ କାରଣ ଥାଇପାରେ, ତାହା କଣ ? ଶୀଘ୍ର ବର୍ଣ୍ଣନ କର ।” ମନ୍ତ୍ରୀ କହିଲେ, “ମହାରାଜାଙ୍କର ଆଜ୍ଞା ଅବଜ୍ଞା ହୋଇ ନ ପାରେ ସୁତରାଂ ତାହା ପାଳନ ନିମିତ୍ତ ବନ୍ଧୁ ହୀନର ହୃଦନିହିତ ଗୁପ୍ତବୃତ୍ତାନ୍ତ ଶ୍ରୀମୁରେ ନିବେଦନ କରୁଅଛି, ଏଥିରୁ ଦାସର ସଦା ବିଷର୍ଣ୍ଣର କାରଣ ହଜୁରଙ୍କରପ୍ରତୀତ୍ୟମାନ ହେବ ।” ଏହା କହି ମନ୍ତ୍ରୀ ନିଜ ବିବରଣ ନିମ୍ନରେ ବର୍ଣ୍ଣନ କଲେ ।

(ମନ୍ତ୍ରୀ ଅତାଉଲମୂଲୁକଙ୍କର କଥା ।)

ମନ୍ତ୍ରୀ କହିଲେ, “ମହାରାଜ, ବାଗଦାଦ ନଗରରେ ଖ୍ୱାଜା ମହାସୀନ ନାମରେ ଜଣେ ଧନବନ୍ତ ବଡ଼ ବଣିକ ଥିଲେ, ଏହି ଭାଗ୍ୟହୀନ ତାଙ୍କର ଏକମାତ୍ର ସନ୍ତାନ ଅଟେ । ପିତା ବାଲ୍ୟାବସ୍ଥାରୁ ମୋ'ର ବିଦ୍ୟା ଶିକ୍ଷାର ସୁବ୍ୟବସ୍ଥା କରାଇ ଅନେକ ସୁପଣ୍ଡିତଦ୍ୱାରା କୋରାନ୍, ବିଜ୍ଞାନ, ନ୍ୟାୟ, ଦର୍ଶନ, ଆଇନ ପ୍ରଭୃତି ଶାସ୍ତ୍ରରେ ସୁବିଦ୍ୱାନ୍ କରାଇ ବାଣିଜ୍ୟ ବ୍ୟବସାୟରେ ବିଚକ୍ଷଣ କରାଇବା ଉଦ୍ଦେଶ୍ୟରେ ଅଶୀଯ୍ଯା ମହାଦେଶର

Digitized by PPRACHIN, SOA

ବିଭିନ୍ନ ଅଂଶରେ ପ୍ରଚଳିତ ଭିନ୍ନ ଭିନ୍ନ ଭାଷାମାନ ଶିକ୍ଷା କରାଇଲେ । କିନ୍ତୁ ମୋହର ଏତେଗୁଡ଼ିଏ ବିଦ୍ୟାର୍ଜନ ଗର୍ଦ୍ଦଭପୃଷ୍ଠରେ ପୁସ୍ତକ ଲଦନ ପରି ହେଲା, ଅର୍ଥାତ୍ ବିଦ୍ୟାଧ୍ୟୟନଦ୍ୱାରା ମୋହର ହିତାହିତ ଜ୍ଞାନ ଜନ୍ମିଲା ନାହିଁ ମୁଁ ସୁନୀତିସମ୍ପନ୍ନ ହୋଇ ବରଂ ଅସଦାଚରଣ ଅବଲମ୍ବନ କଲି । ପିତା ମୋତେ ଏତାଦୃଶ ଦୁଷ୍ଟଚରିତ୍ର ଓ କୁକର୍ମେ ପ୍ରବୃତ୍ତ ଦେଖି ଅତ୍ୟନ୍ତ ଦୁଃଖିତ ହୋଇ ମୋତେ ସେଥିରୁ ନିବୃତ୍ତ କରିବାନିମନ୍ତେ ବହୁତ ଉପଦେଶ ଦେଲେ । ମାତ୍ର ସେତେବେଳେ ମୋହର ନବଯୌବନ ଏହି ବିଷମକାଳରେ ଅନ୍ୟ ଧନୀ ସନ୍ତାନମାନେ ଯେପରି ବିବେକହୀନ ଓ ଅବାଧ ଥାଇ ଗୁରୁଜନଙ୍କର ହିତ ବଚନ ଅସାର ପ୍ରଳାପ ମନେ କରି ସେଥିରେ ଧ୍ୟାନ ନ ଦେଇ ନିଜ କଦାଚରଣରେ ନିମଗ୍ନ ଥାନ୍ତି; ମୁଁ ମଧ୍ୟ ସେହିପରି କରୁଥିଲି ଏବଂ ପିତାଙ୍କ କଥାକୁ ବାତୁଳତା ଜ୍ଞାନ-କରି, ତାଙ୍କ କଥାର ଅନ୍ୟଥା କରୁଥିଲି ଏହିପରି କେତେକ ଦିନ-ପରେ ଦିନେ ମୁଁ ମଦମତ୍ତ ହୋଇ ଉଦ୍ୟାନରେ ଇତସ୍ତତଃ ଗସ୍ତ କରୁଅଛି ଅକସ୍ମାତ୍ ତାତ ମୋ ନିକଟରେ ଉପସ୍ଥିତ ହୋଇ କହିଲେ, “ହାୟ ! ଏହି ଦୁର୍ବୃତ୍ତ କୁପୁତ୍ରନିମନ୍ତେ ମୁଁ ନିଜର ଭବିଷ୍ୟତ୍ ଭାବନା ବିସ୍ମୃତ ହୋଇ କେତେ ଅସତ୍ ଉପାୟରେ ଧନ ସଞ୍ଚୟ କରି-ଅଛି ବିଶେଷତଃ ଏହି କୁସନ୍ତାନକୁ ଧନବାନ୍ କରିବା ଧ୍ୟାନରେ ମୋହର ଏକା ପିତା ମାତାଙ୍କଠାରୁ ଜାତ ଭଗ୍ନୀଗଣଙ୍କୁ ତାଙ୍କର ପ୍ରାପ୍ୟ ପୈତୃକ ସମ୍ପତ୍ତିରୁ ଅନ୍ୟାୟ ଶଠତାଦ୍ୱାରା ବଞ୍ଚିତ କରିଅଛି । ହାୟ ! ହାୟ ! ସେହି ଅଂଶୀଦାର, ହକଦାରମାନଙ୍କୁ ପ୍ରବଞ୍ଚନାଦ୍ୱାରା ନା, ଦାବି ପତ୍ରରେ ସ୍ୱାକ୍ଷର କରାଇ ନେବା ପରେ ନିର୍ଦ୍ଦୟପୂର୍ଣ୍ଣ କର୍କଶ ବଚନ ଦ୍ୱାରା ଗୃହରୁ ବାହାର କରିବା ସମୟରେ ସେମାନେ ବ୍ୟାକୁଳ ଭାବେ କ୍ରନ୍ଦନ ପୂର୍ବକ ଯେଉଁ ନିଦାରୁଣ ଅଭିଶାପ ପ୍ରଦାନ କରିଥିଲେ, ତାହାର ଫଳ ସ୍ୱରୂପ କୁଳାଙ୍ଗାର ପୁତ୍ରକୁ ବ୍ୟବହାର ଓ ଅନ୍ୟ କେତେକ ବିପଦପାତ ଦ୍ୱାରା ସଂସାରର କଠୋର ଯାତନା ଭୋଗକରୁଅଛି, ଅଧିକ ପରକାଳତ ଅଛି ନଜାଣି ସେଠାରେ କେତେ ଯନ୍ତ୍ରଣା ଭୋଗିବି? ଭଗବାନ ମୁଁ ସ୍ୱକୃତ ପାପ ନିମିତ୍ତ ଅନୁତାପ କରି ଭଗ୍ନୀଗଣଙ୍କର ପ୍ରାପ୍ୟ

Digitized by PPRACHIN, SOA

ସେମାନଙ୍କୁ ପ୍ରତ୍ୟର୍ପଣ କରିବାନିମିତ୍ତ ଦୃଢ଼ ପ୍ରତିଜ୍ଞା କରୁଅଛି, ତୁମ୍ଭେ ସକରୁଣ ହୋଇ ମୋହର ଦୋଷ ମାର୍ଜନ କର ।” ପରେ ମୋତେ କହିଲେ, “ରେ କୁଲାଙ୍ଗାର, ଏ ପର୍ଯ୍ୟନ୍ତ ମୁଁ ତୋହର କୁବ୍ୟବହାର ଦୂର-କରିବା ନିମିତ୍ତ ବାରମ୍ବାର କହି ଥକ୍କିତ ହେଲି, ମାତ୍ର ତୁ ସେଥିରେ କର୍ଣ୍ଣପାତ ନ କରି ବରଂ ଆପଣାର କ୍ଷଣିକ ସୁଖକର ଦୁଷ୍କରବୃତ୍ତି ସାଧନ-ପକ୍ଷରେ ମୋତେ କଣ୍ଟକ ମନେ କରି ମୋର ମରଣ ଚାହୁଁ ଥିଲୁ । ବର୍ତ୍ତମାନ ତୋହର ଇଚ୍ଛା ପୂରଣ ପ୍ରାପ୍ତ, କୃତାନ୍ତ ମୋହର ସନ୍ନିକଟସ୍ଥ, ମୁଁ ଶୀଘ୍ର ମୃତ୍ୟୁମୁଖେ ପତିତ ହେବି । ତୁ ନିଷ୍କଣ୍ଟକରେ ବହୁଧନ ପ୍ରାପ୍ତ ହେବୁ କିନ୍ତୁ ସାବଧାନ ! କଦାପି ଅପବ୍ୟୟର ବଶବର୍ତ୍ତୀ ହେବୁ ନାହିଁ, ତାହା କଲେ ସର୍ବ ସମ୍ପତ୍ତି ବିନାଶ କରି ଶେଷେ କ୍ଲେଶ ପାଇବୁ । ଏହି ଶେଷ ଅଦେଶ ମାନିବୁ ବୋଲି ମୋର ବିଶ୍ୱାସ, ଯଦି ଏକାନ୍ତ ତାହା ନ ମାନି ସର୍ବସ୍ୱାନ୍ତ ହେଉ ତାହା ହେଲେ ନିଜ ବଂଶସମ୍ମାନ ବିସ୍ମୃତ ହୋଇ ଭିକ୍ଷାନିମିତ୍ତ କଦାପି ପରଠାରେ ହସ୍ତ ପ୍ରସାରଣ କରିବୁ ନାହିଁ । ଭିକ୍ଷାଦ୍ୱାରା ଜୀବିକା-ଅର୍ଜନ ଅପେକ୍ଷା ମରଣ ସହସ୍ର ଗୁଣରେ ଉତ୍ତମ ଅଟେ, ସୁତରାଂ ତୁମ୍ଭର ସେପରି ଦୁର୍ଦ୍ଦଶା ହେଲେ ତୁମ୍ଭେ ଉଦ୍ୟାନ ମଧ୍ୟସ୍ଥିତ ଏହି ଯେ ତରୁବର ଦେଖୁଅଛ, ତାହାର ଡାଳରେ ରଜ୍ଜୁ ବନ୍ଧନପୂର୍ବକ ନିଜ ଗଳଦେଶରେ ଦେଇ ଆତ୍ମହତ୍ୟା କରିବ ।”

ଅନନ୍ତର ପିତା ତାଙ୍କର ଭଗ୍ନୀଗଣଙ୍କୁ ଆମନ୍ତ୍ରଣ କରି ଅଣାଇ ସେମାନ-ଙ୍କର ବେଶ୍ ଚର୍ଚ୍ଚା କରି ବିଦାୟ ସମୟରେ ସେମାନଙ୍କର ପ୍ରାପ୍ୟ ପୈତୃକ ଧନ ପ୍ରଦାନ କଲେ, ବର୍ତ୍ତମାନ ମୋହର ପିଉସୀମାନେ ସେମାନଙ୍କର ସ୍ୱାମୀ ଅର୍ଜିତ ଧନରେ ମହାସୁଖରେ ଥିଲେ, ଏହି ସାମାନ୍ୟ ସମ୍ପତ୍ତି ପାଇଁ ଆତୁର ଥିଲେ ନାହିଁ । ତଥାପି ବାପଘରର ପେଜ ତୋରାଣିରେ ଢେର ଥର ଆଶା, ସେଥିରୁ ମଣାଏ ପାଇଲେ ମଧ୍ୟ ସେ ସନ୍ତୋଷ ପାଏ, ସେହିପରି ସେମାନେ ଆପଣାଆପଣାର ଲୁପ୍ତ ପୈତୃକ ଧନ ପ୍ରାପ୍ତ ହୋଇ ମହାଆନନ୍ଦରେ ଗୃହକୁ ଗମନ କଲେ । ମହାଭାଗ ପିତାଙ୍କର ଭଗ୍ନୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ପୈତୃକ ଧନରୁ ପ୍ରଥମେ ପ୍ରବଞ୍ଚନାଦ୍ୱାରା ବଞ୍ଚିତ-କରିବା ଦୋଷରେ ଏ ଦାସ ଅଶେଷ କ୍ଲେଶ ଭୋଗ କରୁଅଛି ।

Digitized by PPRACHIN, SOA

ମାତ୍ର ଯଦି ସେମାନେ ସେଥିରୁ ଏକାବେଳକେ ନିବୃତ୍ତ ହୋଇଥାନ୍ତେ, ତାହାହେଲେ ମୋତର ଯେ କି ଦଶା ହୋଇଥାନ୍ତା ତାହା ବୋଲିବା ବାହୁଲ୍ୟ । ସେ ଯାହାହେଉ ତାପରେ ଶୀଘ୍ର ପିତା ପରଲୋକ ଗମନ କଲେ, ମୁଁ ଅତି ଧୂମ୍‌ଧାମ୍ ସହିତ ତାଙ୍କର ପ୍ରେତକର୍ମ କଲି । ପରେ ଧନାଗାରକୁ ଯାଇ ପ୍ରଚୁର ଧନ ଜମା ଥିବାର ଦେଖି ଏତେ ଧନ କଣ କରିବି ଭାବିବାକୁ ଲାଗିଲି ଏବଂ "ଅଳ୍ପ ହାତ ସଳଖ ହେବାରୁ" ପିତାଙ୍କର ଉପଦେଶ ଭୁଲିଯାଇ ଧନ ଶୀଘ୍ର ଅପବ୍ୟୟ ନିମିତ୍ତ ମନ ଚଞ୍ଚଳ ହେଲା । ମୁଁ ଅନେକ ଟଙ୍କା ଖରଚ କରି ଶୀଘ୍ର ଗୋଟିଏ ଅଏସ ମହଲ ନିର୍ମାଣ କରିଥିଲି ଏବଂ ଅନେକଗୁଡ଼ିଏ ଦାସଦାସୀ ଖରିଦ କରି ଅଣାଇ ସେମାନଙ୍କ ଭୋଜନାଦିର ବ୍ୟୟ ବଢ଼ାଇ ଦେଲି । ଏହି ବ୍ୟୟରେ ତୃପ୍ତ ନ ହୋଇ ବହୁ ବ୍ୟୟର ପଥ ଉଦ୍‌ଘାଟନକାରୀ ଭୁଚ୍ଛା ତୋଷାମଦିଆ ସହରର ପ୍ରଧାନ ଲୁଚ୍ଚା ଓ ଲମ୍ପଟିଅମାନଙ୍କୁ ଜୁଟାଇ ସେମାନଙ୍କ ପରାମର୍ଶରେ ରାତିଦିନ ଗୀତ ବାଦ୍ୟ ଶ୍ରବଣ ବେଶ୍ୟାନାଚ ଦର୍ଶନ ମଦ୍ୟ ପାନ ବାରଣ୍ଡୀ-ଗମନ, ହୋଟେଲରେ ଭୋଜନ ପ୍ରଭୃତି ଦୁଷ୍କର୍ମମାନଙ୍କରେ ପିତାଙ୍କର ବହୁଯତ୍ନ ସଞ୍ଚିତ ଧନ ଅକାତରେ ଅପବ୍ୟୟଦ୍ୱାରା ଉଡ଼ାଇ ଅଳ୍ପଦିନରେ ଫକୀର ହେଲି । ତୋଷାମଦ ବଚନଦ୍ୱାରା ମୋତେ ଇନ୍ଦ୍ରାସନରେ ବସାଉଥିବା ବନ୍ଧୁଗଣ ଏବଂ ଦାସଦାସୀ ମୋହର ଦୈନ୍ୟ ଦେଖି ନଶାନଶି ପଳାୟନ କଲେ । ଏହିପରି ଦୁର୍ଦ୍ଦଶା ଦେଖି ମୁଁ ନିଶ୍ଚିନ୍ତ ନିଦ୍ରାରୁ ସଚେତ ହୋଇ ପିତାଙ୍କର ଉପଦେଶ ଲଙ୍ଘନ କରିଥିବା ଯୋଗେ ଅନୁତାପିତ ହେବାକୁ ଲାଗିଲି, କିନ୍ତୁ ଅତି ଅଳ୍ପ କଣ ଯେ ସାବଧାନ ହେଲେ କଷ୍ଟ ମୋଚନ ହୁଅନ୍ତା । ଧନଶୂନ୍ୟ ହୋଇ ଉଦରାନ୍ନ ନିମିତ୍ତ ଉପାୟ ଚିନ୍ତି-ବାକୁ ଲାଗିଲି ଏବଂ ଅତି ଆଦରରେ ପାଳିତ ହୋଇଥିବାରୁ କାୟିକ ପରିଶ୍ରମରେ ଆପଣାକୁ ଏକାନ୍ତ ଅନୁପଯୁକ୍ତ ମନେ କରି ଭିକ୍ଷାବୃତ୍ତି ଅବ-ଲମ୍ବନ ନିମିତ୍ତ ମନ ବଳାଇଲି । ମାତ୍ର ଏହି ହୀନକର୍ମ କରିବାକୁ ପିତା ବାରଣ କରି କଦାନରେ ଯାହା କରିବାକୁ ଆଦେଶ କରିଥିଲେ ତାହା ସ୍ମରଣପୂର୍ବକ ଖଣ୍ଡେ ରଜ୍ଜୁ ସହିତ ଉଦ୍ୟାନକୁ ଗମନ କଲି ଏବଂ ପିତାଙ୍କର ସଙ୍କେତିତ ବୃକ୍ଷମୂଳରେ ଉପସ୍ଥିତ ହୋଇ ଡାଳରେ

Digitized by PPRACHIN, SOA

ରଜ୍ଜୁ ପକାଇ ଗଳାରେ ଫାଶି ଲଗାଇ ଝୁଲି ପଡ଼ିଲି ମାତ୍ର ମୋହର ଭାରରେ ଡାଳ ଭାଙ୍ଗିଯିବାରୁ ମୃତ୍ୟୁରୁ ବଞ୍ଚିତ ହୋଇ ଅତ୍ୟନ୍ତ ଦୁଃଖିତ ହେଲି । ଏହି ସମୟରେ ଝର ଝର ହୋଇ କୌଣସି ଦ୍ରବ୍ୟ ଝଡ଼ୁଥିବାର ସ୍ୱର ଶୁଣି ଏଣେ ତେଣେ ଚାହିଁ ଦେଖିଲି । ଶାଖାର ଭଗ୍ନ ସ୍ଥାନରୁ ସ୍ୱର୍ଣ୍ଣ-ମୁଦ୍ରା ଓ ମୋତି ମାଣିକ୍ୟ ରତ୍ନମାନ ପଡୁଅଛି । ଏହା ଦେଖି ଈଶ୍ୱରଙ୍କର ଅସୀମ ଦୟା ନିମିତ୍ତ ଶତ୨ ଧନ୍ୟବାଦ ପ୍ରଦାନପୂର୍ବକ ଗଳାରୁ ରଜ୍ଜୁ ବାହାର କରି ତାହା ସଂଗ୍ରହ କଲି । ପରେ ଲୋଭପରବଶ ହୋଇ ଆଉ କିଛି ଧନ ଥିବା ମନେ କରି ବୃକ୍ଷରେ ଚଢ଼ି ଦେଖିଲି ଭଗ୍ନସ୍ଥାନରୁ ଗଣ୍ଡି ପର୍ଯ୍ୟନ୍ତ ଡାଳର ଅବଶିଷ୍ଟ ଅଂଶ ଫୋରଡ଼ ହୋଇ ସେଥିରେ ଅନେକ ଧନ ସଞ୍ଚିତ ଅଛି । ତାହା ବାହାର କରି ଆଣି ମନେ୨ ଭାବିଲି, ସ୍ନେହମୟ ତାତ, ମୋତେ ଦୁଷ୍କର୍ମରୁ ରହିତ କରିବା ନିମିତ୍ତ ଅନେକ ଉପଦେଶ ଦେଇ ମୋତେ ଅସତ୍ ପଥରୁ ଫେରାଇବାରୁ ହତାଶ ହୋଇ ମମତା ଯୋଗେ ଏହି କୌଶଳ କରି ଅଛନ୍ତି । ମୁଁ ଘରର ଧନ ଅବିମୃଷ୍ୟ-କାରିତା ଯୋଗେ ଅପବ୍ୟୟ କରିସାରି କଷ୍ଟ ପାଇବାପରେ ଏହି ଧନ ପାଇଲେ ତାହାର ଆଦରକରି ସାବଧାନରେ ଚଳିବି ମନେ କରି ତାହା ଏଠାରେ ରଖିଥିଲେ ଏବଂ କାଷ୍ଠଶୂନ୍ୟ ଡାଳରେ ଝୁଲିଲେ ତାହା ଭାଙ୍ଗିଯିବ ସ୍ଥିର କରି ଗଳାରେ ଦୌଡ଼ି ଦେଇ ଏହି ଡାଳରେ ଝୁଲି ମରିବାର ଆଦେଶ କରିଥିଲେ । ଆହା ପିତୃସ୍ନେହ କିବା ଅନୁପମ, ଯମଘରକୁ ଯାଉଁ ଯାଉଁ ମୁଁ କୁଳାଙ୍ଗାରର ସୁଖ ପାଇଁ ଏହି କୌଶଳ କର୍ମ କରି ଯାଇଅଛନ୍ତି । ଯାହାହେଉ ମୁଁ ଆଉ କୁବୁଦ୍ଧିବଶତଃ କୁକର୍ମରେ ଆସକ୍ତ ନ ହୋଇ ନିଜ ଜାତୀୟ ବ୍ୟବସାୟ ଅବଲମ୍ବନପୂର୍ବକ ସାବଧାନରେ ଚଳିବି ।

ଏହି ସମୟରେ ପିତାଙ୍କର ସଙ୍ଗୀ ଦୁଇଜଣ ରତ୍ନବଣିକ ବାଣିଜ୍ୟ ପାଇଁ ବିଦେଶକୁ ଯାଉଥିବାର ଶୁଣି ସେମାନଙ୍କ ସଙ୍ଗେ ଅଂଶୀଦାର ହୋଇ ବାଣିଜ୍ୟ ଦ୍ରବ୍ୟ କ୍ରୟପୂର୍ବକ ବାଣିଜ୍ୟ ନିମିତ୍ତ ବହିର୍ଗତ ହୋଇ ସ୍ଥଳ-ପଥରେ ବସୋରାରେ ଉପସ୍ଥିତ ହେଲୁଁ । ସେଠାରେ କେତେକ ଦିନ ଅବସ୍ଥାନ ଓ ବାଣିଜ୍ୟ ଦ୍ରବ୍ୟ ଆଦାନ ପ୍ରଦାନପୂର୍ବକ ଜାହାଜରେ ଚଢ଼ି ଜଳପଥରେ ଅର୍ମଜ ଅଭିମୁଖେ ଯାତ୍ରା କଲୁଁ । ଅନୁକୂଳ ପବନ ଯୋଗେ

Digitized by PPRACHIN, SOA

ଅସ୍ମମାନଙ୍କର ଜାହାଜ ଅବାଧରେ ଚାଲି ଅଳ୍ପଦିନରେ ଆର୍ମଜର ନିକଟ-ବର୍ତ୍ତୀ ହେଲା, ରାତି ପାହିଲେ ଅସ୍ମେମାନେ ଆର୍ମଜ ନଗରରେ ପହଞ୍ଚିବୁଁ ଏହି ସୁସମ୍ବାଦ କାପ୍ତାନଠାରୁ ଅବଗତ ହୋଇ ସମସ୍ତେ ଆନନ୍ଦିତ ହୋଇ ମହୋଲ୍ଲାସରେ ପାନ ଭୋଜନ କଲୁଁ । ଅହାରାନ୍ତେ ମୁଁ ଶୟନ ସ୍ଥାନକୁ ଯାଇ ଘୋର ନିଦ୍ରିତ ହୋଇଅଛି ଏମନ୍ତ ସମୟେ ପାପିଷ୍ଠ ବଣିକଦ୍ଵୟ ମୋତେ ସେହି ନିଦ୍ରାବସ୍ଥାରେ ଜଳରେ ଫିଙ୍ଗି ଦେଲେ । ସେହି ଘୋର ଅନ୍ଧକାର ରାତ୍ରିରେ ମୁଁ ଅକୂଳ ମହାର୍ଣ୍ଣବରେ ପଡ଼ି ଜୀବନ ଆଶା ଛାଡ଼ି ତରଙ୍ଗ ଦ୍ଵାରା ଏଣେ ତେଣେ ଭାସିବାକୁ ଲାଗିଲି । ଏହି ଦୁର୍ଦ୍ଦଶାରେ ମୋହର କିଛିମାତ୍ର ଜୀବନ ଆଶା ରହିଲା ନାହିଁ, କିନ୍ତୁ ବିପଦ୍‌ବନ୍ଧୁ କୃପାସିନ୍ଧୁ ଜଗଦ୍‌ବନ୍ଧୁ ଅନୁକୂଳ ହେବାରୁ ଗୋଟିଏ ପ୍ରବଳ ତରଙ୍ଗ ମୋତେ ବହିଆଣି କୂଳରେ ଗୋଟିଏ ପର୍ବତର ପାଦଦେଶରେ ପକାଇ ଦେଲା । ମୁଁ ସେଠାରେ ଅତି କଷ୍ଟରେ ରାତ୍ରି କଟାଇ ସକାଳ ହୁଅନ୍ତେ ଧୀରେ ଧୀରେ ପର୍ବତ ଉପରେ ଚଢ଼ି ଦେଖିଲି—ସେଠାରେ କେତେକ ଲୋକ ସ୍ଫଟିକ ପ୍ରସ୍ତର ସଂଗ୍ରହ କରୁଅଛନ୍ତି । ମୁଁ ସେମାନଙ୍କ ନିକଟକୁ ଯାଇ ନିଜ ଦୁର୍ଦ୍ଦଶା ଜଣାଇ କିଛି ଖାଇବାକୁ ମାଗିବାରୁ ସେମାନେ ମୋ ନିମନ୍ତେ ଅତ୍ୟନ୍ତ ଦୁଃଖିତ ହେଲେ ଏବଂ ସଙ୍ଗେ ଆଣିଥିବା ଇତରଜାତୀୟ ଅରୁଚିକର ଖାଦ୍ୟ ଦ୍ରବ୍ୟ ପ୍ରଦାନ କଲେ, ମୁଁ ଅତ୍ୟନ୍ତ କ୍ଷୁଧାତୁର-ବଶତଃ ସେହି ସବୁ ଦ୍ରବ୍ୟ ଅମୃତବତ୍ ଭୋଜନ କଲି । ପରେ ସେମାନେ ନିଜ କାର୍ଯ୍ୟ ସାରି ଯିବା ସମୟରେ ମୋତେ ସଙ୍ଗେ ସହରକୁ ଘେନିଗଲେ, ମୁଁ ଆଶ୍ରୟ ନିମନ୍ତେ ପାନ୍ଥଶାଳାକୁ ଗମନ କଲି ଏବଂ ସେଠାକୁ ଯାଇ ଦେଖିଲି—ମୋହର ଜଣେ ଅଂଶୀଦାର ସେଠାରେ ବସିଅଛି । ତାହାକୁ ଦେଖି ସଦୟ ବ୍ୟବହାର ପାଇବାର ଆଶା କରିଥିଲି । ମାତ୍ର ମୁଁ ମରିଯାଇ ଥିବି ବୋଲି ତାହାର ଧାରଣା ଥିଲା, ବର୍ତ୍ତମାନ ମୋତେ ଜୀବିତ ଅବସ୍ଥାରେ ଉପସ୍ଥିତ ଦେଖି ବିସ୍ମିତ ହୋଇ ମୋତେ କଥା ନ କହି ତ୍ରସ୍ତ ଓ ବ୍ୟସ୍ତ ଭାବରେ ସେଠାରୁ ପ୍ରସ୍ଥାନ କଲା । କିଛି କ୍ଷଣପରେ ଅନ୍ୟ ଅଂଶୀଦାର ସଙ୍ଗେ ମିଳିତ ହୋଇ ପୁଣି ସେଠାକୁ ଆସିଲା । ଉଭୟେ ମୋ ସଙ୍ଗେ କିଛି ଆଳାପ ନ କରି ଅପରିଚିତ ପରି ଛିଡ଼ାହୋଇ

Digitized by PPRACHIN, SOA

ରହିଲେ । ମୁଁ ବର୍ତ୍ତମାନ ସେମାନଙ୍କର ଏହି ଅନାସ୍ଥା ଭାବ ଦର୍ଶନ ଓ ବିଗତ ଅଦୃଷ୍ଟର ସ୍ମରଣ କରି କ୍ରୋଧାନ୍ୱିତ ହୋଇ କହିଲି, "ରେ ଦୁରାତ୍ମାଗଣ, ତୁମ୍ଭେମାନେ ମୋତେ ନିର୍ଧନ କରିଅଛ ଭାବି ପ୍ରଫୁଲ୍ଲମନ ହୋଇଅଛ କିନ୍ତୁ ଜାଣ ନା, 'ଯାହାକୁ ରଖିବେ ଅନନ୍ତ । ତାର କି କରିବେ ବଳବନ୍ତ ।' ମୁଁ ଈଶ୍ୱରଙ୍କ ଦୟାରେ ଜୀବିତ ଅଛି ଏବଂ ତୁମ୍ଭ ଖଣ୍ଡମାନଙ୍କ ସହିତ ଆଉ ଯୋଡ଼ି କାରବାର କରିବାକୁ ଇଚ୍ଛୁକ ନୁହେଁ ସୁତରାଂ ତୁମ୍ଭେମାନେ ମୋହର ସମସ୍ତ ଧନ ପ୍ରତ୍ୟର୍ପଣ କର ।" ସେହି ନିର୍ଲଜ୍ଜ ପରଧନାପହାରକ ନରାଧମଦ୍ୱୟ, ମୋହର କଥା ଶୁଣି ସତର୍କ ହୋଇ ଚୋର ଚୋର ବୋଲି ଚିତ୍କାର କରି ପ୍ରତାରଣା ସହିତ ମୋତେ ତିରସ୍କାର କରିବାକୁ ଲାଗିଲେ । ସେତିକରେ ତୃପ୍ତ ନ ହୋଇ ମୋତେ ଧରି ନିର୍ଘାତ ପଦାଘାତ କଲେ । ଦର୍ଶକବୃନ୍ଦ ତାଙ୍କର ନିଷ୍ଠୁରତା ଦେଖି ସଦୟ ହୋଇ ସେମାନଙ୍କୁ ଧରାଧରି କରି ମୋତେ ଉଦ୍ଧାର କଲେ । ମୁଁ ଏକାକୀ ସେ ଦୁହିଙ୍କୁ ବଳରେ ନ ପାରି ପ୍ରତିହିଂସା ଗ୍ରହଣରେ ଅଶକ୍ତ ହୋଇ କାଜିଙ୍କ ନିକଟକୁ ଯାଉଅଛି ବୋଲି କହି ସେଠାରୁ ଚାଲିଗଲି । ସେହି ଦୁଇ ଚତୁର ମୋର ଧମକରେ ଅଧୀର ହୋଇ ମୋହର ବହିରୁ କେତେଗୁଡ଼ିଏ ଉତ୍କୃଷ୍ଟତର ରତ୍ନ ବାଛି ନେଇ ମୋହର ଆଗେ କାଜିଠାରେ ପହଞ୍ଚି ଉପହାର ଦେଇ କହିଲେ, "ବିଚାରକ ମହାଶୟ ! ଆପଣ ନ୍ୟାୟରେ ବୃହସ୍ପତି ସଦୃଶ ନିରପେକ୍ଷ ଅଟନ୍ତି । କୌଣସି ପ୍ରତାରକ ପ୍ରବଞ୍ଚନାଦ୍ୱାରା ଆପଣଙ୍କ ବିବେକ ବଶୀ କରି ନ ପାରେ । ଆମ୍ଭେମାନେ ବିଦେଶୀ, ଗତ ନିଶୀରେ ଏଠାକୁ ଆସିଅଛୁଁ; ଏଠାରେ କାହାରି ସଙ୍ଗେ ବେଶୀ ପରିଚୟ ନୋହୁ । ଜଣେ ପ୍ରବଞ୍ଚକର ଚକ୍ରାନ୍ତରେ ଆସନ୍ନ ବିପଦର ଭୟ ହେତୁ ଆପଣଙ୍କଠାରେ ଶରଣାପନ୍ନ ହେଲୁଁ । ଆପଣ ସାକ୍ଷାତ ଧର୍ମାବତାର, ସେହି ପ୍ରବଞ୍ଚକର ଅତ୍ୟାଚାରରୁ ଆମ୍ଭ-ମାନଙ୍କର ଧନ ପ୍ରାଣ ରକ୍ଷା କରନ୍ତୁ ।" କାଜି ପଚାରିଲେ, "ସେ ଠକ ଏବେ କେଉଁଠାରେ ଅଛନ୍ତି ?" ବଣିକଦ୍ୱୟ କହିଲେ, "ସେହି ଜୁଆଚୋର ଆମ୍ଭମାନଙ୍କର ଅପରିଚିତ, ଅକସ୍ମାତ୍ ପାନ୍ଥଶାଳାରେ ଉପସ୍ଥିତ ହୋଇ ପ୍ରକାଶ୍ୟରେ ଆମ୍ଭମାନଙ୍କର ସର୍ବସ୍ୱ ଅପହରଣ କରିବାକୁ ପ୍ରସ୍ତୁତ ଅଛି ।"

Digitized by PPRACHIN, SOA

ପ୍ରତାରକଦ୍ୱୟ ମିଥ୍ୟାପୂର୍ଣ୍ଣ ବିନୟ ବଚନଦ୍ୱାରା କାଜିଙ୍କର ହୃଦ୍‌ବୋଧ କରୁଅଛନ୍ତି, ଏହି ସମୟରେ ମୁଁ ବିଚାରାଳୟରେ ଉପସ୍ଥିତ ହେଲି । ମୋତେ ଦେଖି ପ୍ରତାରଣାଯୁକ୍ତ ଭୟ ସହିତ ଚିତ୍କାର କରି କହିଲେ, "ଧର୍ମାବତାର, ଦୁରାଚାରର ଦାମ୍ଭିକତା ଦେଖନ୍ତୁ, ପୁଣି କି ଚକ୍ରାନ୍ତ ସ୍ଥିରୀକୃତ କରି ଏଠାରେ ଉପସ୍ଥିତ ହୋଇଅଛି । ହେ ଧର୍ମାବତାର ! ଧର୍ମର ଦୋହାଇ ଏହି ଦୁରାଚାରର ପ୍ରତାରଣାରୁ ଅମ୍ଭମାନଙ୍କୁ ଉଦ୍ଧାର କରନ୍ତୁ ।" ମୁଁ ସେମାନଙ୍କ ଅବେଦନ ଖଣ୍ଡନାର୍ଥ ଉପଯୁକ୍ତ ଉତ୍ତର ଦେବାପାଇଁ କାଜିଙ୍କ ସମ୍ମୁଖରେ ଛିଡ଼ା ହେଲି । ମାତ୍ର ଧରାବାସୀ ସମସ୍ତେ ଧନ ପ୍ରୟାସୀ, ଧନୀର କଥା ଶୁଣିବାକୁ ସମସ୍ତେ ଖୁସି ପାଆନ୍ତି, ନିର୍ଦ୍ଧନୀ ମନତୋଷ ତୋଷାମୋଦବାଣୀ ଯେତେ କହିଲେ ସୁଦ୍ଧା କେହି ଶୁଣିବାକୁ ଚାହାନ୍ତି ନାହିଁ । ଏଥିପାଇଁ ଲୋକେ କହନ୍ତି, "ରଙ୍କ କଥା ବାଙ୍କେ ଯାଏ, ତାହା ଶୁଣିବାକୁ କେହି ନ ଚାହେଁ ।" ମୋହର ସେହି ଅବସ୍ଥା କାଜି ଠକଙ୍କଠାରୁ ପୂର୍ଣ୍ଣ ଗ୍ରାସ ଲାଞ୍ଚ ଗିଳିଅଛନ୍ତି ସୁତରାଂ ମୁଁ ସେମାନଙ୍କ ବିରୁଦ୍ଧରେ ଯେତେ ସତ କଥା କହିଲି ସବୁ ଏଡ଼ି ଦେଇ ମୋତେ କାରାଗାରକୁ ତଡ଼ି ଦେଲେ, ଠକ ଦୁହେଁ ଜୟ ପତାକା ଉଡ଼ାଇ ଆନନ୍ଦରେ ପ୍ରସ୍ଥାନ କଲେ । ମୁଁ ଶୃଙ୍ଖଳାବଦ୍ଧ ହୋଇ କାରାଗାରକୁ ଯାଇ ନାନାପ୍ରକାର କଷ୍ଟଭୋଗ କରିବାକୁ ଲାଗିଲି, କୌଣସିକାଳେ ଉଦ୍ଧାର ହେବି ବୋଲି ଆଶା ରହିଲା ନାହିଁ । ମନୁଷ୍ୟ ସିନା ଧନୀ ଦରିଦ୍ର ମଧ୍ୟରେ ପ୍ରଭେଦ କରି ସରଳ ଓ କୁଟିଳ ବ୍ୟବହାର କରିଥାନ୍ତି, ମାତ୍ର ଈଶ୍ୱରଙ୍କଠାରେ ତ ସେପରି ପକ୍ଷପାତ ବିଚାର ନାହିଁ, ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ, ବିଶେଷତଃ ନିର୍ଦ୍ଦୋଷ ନିଃସହାୟ ପ୍ରତି ଦେବ ସହାୟ ହୋଇ ତାକୁ କଷ୍ଟରୁ ଉଦ୍ଧାର କରନ୍ତି । ମୁଁ ସହାୟହୀନ ଓ ବନ୍ଧୁ ଶୂନ୍ୟ ହୋଇ ଉଦ୍ଧାରରୁ ହତାଶ ହୋଇଥିଲେହେଁ ସେହି ଜଗଦୀଶ ମୋହର ଉଦ୍ଧାରର ଉପାୟ କରି ଦେଲେ, ଯେଉଁ କୁଲିମାନେ ମୋତେ ପର୍ବତରୁ ସହରକୁ ଆଣିଥିଲେ ସେମାନେ ମୋହର ଦୁର୍ଘଟନାର ଖବର ପାଇ, କାଜିଙ୍କଠାରେ ଉପସ୍ଥିତ ହୋଇ ପ୍ରକୃତ ବିବରଣ ଜଣାଇଲେ, ସେମାନଙ୍କ କଥାରେ ବିଚାରପତି ଟେକି କଥା ଉପରକୁ ଉଠିଲେ, ଅମଙ୍ଗଳର ଭୀତ କରି ମୋତେ

Digitized by PPRACHIN, SOA

ମୁକ୍ତି ଦେଲେ ଏବଂ କୁଲିମାନଙ୍କୁ ମଧ୍ୟ କିଛି କିଛି ଲକ୍ଷ ଦେଇ ବିଦାୟ କଲେ ।

ମୁଁ ଏହି ଆପଦରୁ ଉଦ୍ଧାର ପାଇ, କୃତଜ୍ଞତା ସୂଚକ ଈଶ୍ୱରଙ୍କୁ ଶତ ଶତ ଧନ୍ୟବାଦ ଦେଇ, ପରେ ଅନ୍ନାଭାବରେ ବିଶେଷ କଷ୍ଟ ପାଇ ଜୀବିକା ଅର୍ଜନରେ ଉପାୟ ଅନ୍ୱେଷଣ ନିମିତ୍ତ ନଗରର ବାହାରକୁ ଗମନ କଲି ।

ସୌଭାଗ୍ୟକ୍ରମେ ସିଂହଦ୍ୱାର ନିକଟରେ ସିରାଜକୁ ଯାଉଥିବା ଏକ ବଣିକ ସମ୍ପ୍ରଦାୟର ସରଦାର ସଙ୍ଗେ ଭେଟ ହେବାରୁ କେବଳ ଅନ୍ନ-ବସ୍ତ୍ରରେ ଦାସତ୍ୱ ସ୍ୱୀକାର କରି ତାଙ୍କ ସଙ୍ଗେ ସିରାଜ ଅଭିମୁଖେ ଯାତ୍ରା କଲି କିୟଦ୍ଦିନରେ ଶିରାଜରେ କୁଶଳରେ ପହଞ୍ଚି ବଣିକମାନଙ୍କଠାରୁ ବିଦାୟ ହୋଇ ପାନ୍ଥଶାଳାରେ ଅବସ୍ଥାନ କଲି ।

ପାନ୍ଥଶାଳାରେ ରହି କୁଲିକର୍ମଦ୍ୱାରା ଜୀବିକା ନିର୍ବାହ କରିବାକୁ ଲାଗିଲି, ଏହିଭାବରେ କେତେଦିନ ଗତ ପରେ ଦିନେ କର୍ମ ସ୍ଥାନରୁ ବସାକୁ ଫେରିଯିବା ସମୟରେ ଶୁଭ୍ର ପରିଚ୍ଛଦଧାରୀ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସହିତ ପଥରେ ସାକ୍ଷାତ ହେଲା । ସେ ମୋହର ଆକାର ପ୍ରକାର ଦେଖି ମନରେ କଣ ଭାବି କହିଲେ, "ତୁମ୍ଭର ଆକୃତି ନୀଚ ଜାତିପରି ବୋଧ ହେଉନାହିଁ । ତେବେ ତୁମ୍ଭର ଏ ହୀନ ଅବସ୍ଥା କାହିଁକି ?" ମୁଁ କହିଲି, "ମହାଶୟ, ମୋହର ବୃତ୍ତାନ୍ତ ଅଦ୍ଭୁତ ଅଟେ, ଆପଣ ତାହା ଶୁଣିଲେ ଅତ୍ୟନ୍ତ ଓ ଦୁଃଖିତ ହେବେ ସୁତରାଂ ତାହା ଶୁଣିବାକୁ ଇଚ୍ଛା କରନ୍ତୁ ନାହିଁ । କିନ୍ତୁ ସେ ତୃପ୍ତ ନ ହୋଇ ତାହା ଶୁଣିବା ନିମିତ୍ତ ଆଗ୍ରହାନ୍ୱିତ ହୋଇ ନିତାନ୍ତ ଅନୁରୋଧ କରିବାରୁ ମୁଁ ଆଦ୍ୟୋପାନ୍ତ ତାବତ ବୃତ୍ତାନ୍ତ ଶୁଣାଇଲି ।" ସେ ସମସ୍ତ ବିବରଣ ଶୁଣି ମୋହର ନାମ ଓ ବୟସ ପଚାରିଲେ । ମୁଁ କହିଲି, "ମହାଶୟ, ମୋହର ନାମ ହୋସେନ, ବୟସ କୋଡ଼ିଏ ବର୍ଷ ଅଟେ ।" ମୋହର ନାମ ଶ୍ରବଣ କରି ସେ ସୁପ୍ରସନ୍ନ ହୋଇ କହିଲେ, "ହୋସେନ, କୁଲି ପେଶା ତୁମ୍ଭର ଯୋଗ୍ୟ ବ୍ୟବସାୟ ନୁହେ । ଏଥିତେ ତୁମ୍ଭର ଦୁର୍ଦ୍ଦଶା ମୋଚନ ହେବ ନାହିଁ । ଆମ୍ଭେ ରାଜ ଦରବାରରେ ଭୃତ୍ୟଗଣଙ୍କର ସରଦାର ଅଟୁଁ । ସେଠାର ଗୃହକାର୍ଯ୍ୟ, ମୋହର ଅଧୀନ-

Digitized by PPRACHIN, SOA

ଅଛନ୍ତି । ବର୍ତ୍ତମାନ ରାଜାଙ୍କର ଶଯ୍ୟାଗାରରେ ଜଣେ କର୍ମଚାରୀର କର୍ମ ଖାଲି ଅଛି । ତୁମ୍ଭର ଯଦି ଉକ୍ତ କର୍ମ କରିବାକୁ ମନ ଥାଏ ଆମ୍ଭ ସହିତ ଚାଲ, ସେଥିରେ ନିଯୁକ୍ତ କରିବୁ, କାରଣ ତୁମ୍ଭେ ଉକ୍ତ କର୍ମର ଉପଯୁକ୍ତ ଅଛ, ବେତନ ମଧ୍ୟ ଯଥେଷ୍ଟ ମିଳିବ । ମୁଁ ତାଙ୍କର ସହାନୁଭୂତିର ପ୍ରଶଂସା କରି ଯିବାକୁ ସମ୍ମତ ହେବାରୁ ସେ ମୋତେ ସଙ୍ଗେ ଘେନିଯାଇ ଭଲ ବସ୍ତ୍ର ପିନ୍ଧାଇ ରାଜାଙ୍କର ଶଯ୍ୟା ସଜାଇବା କାର୍ଯ୍ୟରେ ନିଯୁକ୍ତ କଲେ । ମୁଁ ସେହି କାର୍ଯ୍ୟ ସୁସମ୍ପନ୍ନ କରୁଥିବାର ଦେଖି ରାଜା ସୁପ୍ରସନ୍ନ ହେଲେ । ଏହିପରି କେତେଦିନ ସୁଖ ଓ ସ୍ୱଚ୍ଛନ୍ଦରେ କଟିଗଲାପରେ ଦିନେ ମୁଁ ନିଜ କାର୍ଯ୍ୟ ସାରି ଅପରାହ୍ଣ ସମୟରେ ପୁରୀ ମଧ୍ୟସ୍ଥିତ ଉଦ୍ୟାନରେ ଭ୍ରମଣ ଓ ସେଠାରେ ବିଭିନ୍ନ ଜାତୀୟ ବୃକ୍ଷମାନଙ୍କର ଶୋଭା ଦର୍ଶନ କରୁ’ ଗୋଟିଏ ପୁଷ୍କରିଣୀ ତଟରେ ଉପସ୍ଥିତ ହେଲି । ଏହି ପୁଷ୍କରିଣୀ ସ୍ୱଚ୍ଛ ଜଳରେ ପରିପୂର୍ଣ୍ଣ ଏବଂ ହଂସ, ଚକ୍ରବାକ, ଚକ୍ରବାକୀ, ଶରାଳୀ, କାଦମ୍ବ ପ୍ରଭୃତି ମନୋହର ପକ୍ଷୀମାନଙ୍କରେ ପୂର୍ଣ୍ଣ. ସେମାନଙ୍କ ଗମ୍ଭୀର ନିଃସ୍ୱନରେ ଶବ୍ଦାୟମାନ ହୋଇ ମୋହର ମନ ଏମନ୍ତ ଆକର୍ଷଣ କଲା ଯେ, ସେଠାରୁ ଅଗକୁ ଯିବାକୁ ଆଉ ଇଚ୍ଛା ହେଲା ନାହିଁ । ମୁଁ ସେଠାରେ ଶଙ୍ଖ ମର୍ମର ନିର୍ମିତ ପାବଚ୍ଛରେ ବସି ପକ୍ଷୀମାନଙ୍କର କୂଜନ ଶ୍ରବଣ ଜଳର ଶୋଭା ଏବଂ ସେଥିରେ ବିଭିନ୍ନ ବର୍ଣ୍ଣର ମତ୍ସ୍ୟମାନଙ୍କର ସନ୍ତରଣ ଦର୍ଶନରେ ଏପରି ନିମଗ୍ନ ହେଲି ଯେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମୋତେ ସମୟ ଜଣାଗଲା ନାହିଁ । ସୂର୍ଯ୍ୟାସ୍ତ ପରେ କ୍ରମେ ଅନ୍ଧକାର ହେବାରୁ ମୋହର ଜ୍ଞାନୋଦୟ ହେଲା, ମୁଁ ପ୍ରାଣଭୟରେ ସେଠାରୁ ଶୀଘ୍ର ପଳାୟନ କରିବାକୁ ଇଚ୍ଛା କଲି, ମାତ୍ର ପ୍ରହରୀମାନଙ୍କ ଦୃଷ୍ଟିରେ ପଡ଼ିବାଭୟରେ ବେଗେ ଦୌଡ଼ି ପାରିଲି ନାହିଁ । ଏହି ଉଦ୍ୟାନ ପୁରୀର ମଧ୍ୟସ୍ଥିତ ଥିବାରୁ ଅନ୍ତଃପୁରବାସିନୀ ରମଣୀଗଣ ସାୟଂ ସମୀରଣ ସେବନ ନିମିତ୍ତ ସନ୍ଧ୍ୟା ସମୟରେ ଏଥିରେ ଭ୍ରମଣ କରୁଥିଲେ ଏଥି ନିମିତ୍ତ ଗୋଧୂଳି ପରେ ପୁରୁଷଙ୍କର ଏହି ଉଦ୍ୟାନରେ ପ୍ରବେଶ ନିଷେଧ ଥିଲା, କେହି ଅଜ୍ଞାତ ବା ଔଦ୍ଧତ୍ୟ ଭାବରେ ସେହି ସମୟରେ ଏଠାକୁ ଆସିଲେ ପ୍ରହରୀଙ୍କଦ୍ୱାରା ଧୃତ ହୋଇ ନିହତ ହେବାର ନିୟମ ଥିଲା । ସେ ଯାହାହେଉ ମୁଁ ଏହିପରି ଭୟାତୁର ହୋଇ

Digitized by PPRACHIN, SOA

ଉଦ୍ୟାନର ବାହାରକୁ ପଳାୟନ କରୁଅଛି ଏମନ୍ତ ସମୟରେ ଅପସରାକୁ ବଳି ଗୋଟିଏ ସୁନ୍ଦରୀ ନାରୀ ମୋହର ବାଟ ଓଗାଳି ଛିଡା ହେଲା, ମୁଁ ଶଙ୍କାକୁଳିତପଣତଃ ତାହା ପ୍ରତି ଦୃଷ୍ଟିପାତ ନ କରି କରି ପେରି ଅଗ୍ରସର ହେବାରୁ ଯୁବତୀ ମୋହର ହସ୍ତ ଧରି କହିଲା, "ହେ ଯୁବକ ! ତୁମ୍ଭେ ଏତେବେଗରେ କେଉଁଠାକୁ ପଳାୟନ କରୁଛ ।" ମୁଁ କହିଲି, "ସୁନ୍ଦରି, ତୁମ୍ଭେ କି ଦେଖୁନା, କାଳପରି ଶତଶତ ମାଡ଼ି ଆସୁଅଛି, ଦୟାକରି ମୋତେ ଛାଡ଼ିଦିଅ, ମୁଁ ପଳାୟନ କରି ମରଣରୁ ତ୍ରାଣ ପାଏଁ ।" କାମିନୀ କହିଲା, "ତୁ ମ୍ଭେ ଯେଉଁ ଯାମିନୀଭୟରେ ଭୀତ ହୋଇ ପଳାୟନ କରୁଅଛ ତାହା ତ ଅଗତ, ସୁତରାଂ ତୁମ୍ଭର ପଳାୟନ ବ୍ୟର୍ଥ, ତୁମ୍ଭେ ନିଶ୍ଚୟ ପ୍ରହରୀଦ୍ୱାରା ନିହତ ହେବ ।" ଯୁବତୀର କଥା ଶୁଣି ମୋହର ମଥା ଘୁରିଗଲା ଏବଂ ଦଶଦିଗ ମୋହର ଚକ୍ଷୁରେ ଅନ୍ଧାର ଦିଶିଲା, ମୁଁ ଜୀବନରୁ ନିରାଶ ହୋଇ ଅଶ୍ରୁପୂର୍ଣ୍ଣ ନୟନରେ ତାହା ଆଡ଼କୁ ଚାହିଁ କାତର ବଚନରେ କହିଲି, " ତେବେ କି ମୁଁ ନିଶ୍ଚୟ ମଲି ?" ଯୁବତୀ ମୋହର କାତରତା ଦେଖି ହାସ୍ୟ କରି କହିଲା, "ତୁମ୍ଭର ଛାର ଜୀବନପାଇଁ ଏତେ ଡର ? ଏହି ଗୃହନୀର ଛଟକ, ଫୁଲର ମହକ, ମୋ ପରି ସଙ୍ଗୀଲୋକ ପାଇ ତୁମ୍ଭେ କି ଭଳି ଯୁବକ ଯେ ପୁଲକ ନ ହୋଇ ଅନ୍ତର ଶୋକ କରୁଅଛ । ଭବିଷ୍ୟତ ଚିନ୍ତାଗ୍ରସ୍ତ ହୋଇ ଏହି ସୁଯୋଗରୁ ବଞ୍ଚିତ ହୁଅ ନାହିଁ, ଯାହା ହେବାର ଥିବ ପଛେ ହେବ, ବର୍ତ୍ତମାନ ଆସ ଜଲ୍ଦିରେ ମୋ ସହ ଉଦ୍ୟାନ ବିହାର କରି ଅପାର ସୁଖ ଲାଭ କର ।" ଯୁବତୀର ଅଚିନ୍ତନୀୟ ସଦୟ କଥା ଶୁଣି ନିଜ ଅଦୃଷ୍ଟ ଅତି ବଳିଷ୍ଠମଣି ହୃଷ୍ଟଚିତ୍ତରେ ତାହାର ହସ୍ତ ଧରି ପକାଇଲି । ହାତ ଧରିବା ମାତ୍ରେ ଛଇଳା "ମୋତେ ଧରିଲା ଧରିଲା," ବୋଲି" କଡ ଛାଡ଼ିଲା । ତାହାର ଘୋର ଚିତ୍କାର ଶୁଣି କେଉଁଠାରେ ଥିଲେ କେ ଜାଣି ଅନ୍ତର ଦଶବାରଟି ରୂପବତୀ ଯୁବତୀ ବେଗେ ଆସି ଯୁଟି ଗଲେ । ସେମାନେ ଏକକୁ ଏକ ବଳି ସୁନ୍ଦରୀ ଓ ଚତୁରୀ । ତାହାଙ୍କୁ ଦେଖି ମୋହର ମନ ଭୟରେ ଓ ପ୍ରେମରେ ଥରି ଥରି ହୋଇ ଥରିବାକୁ ଲାଗିଲା ରମଣୀଗଣ ପ୍ରଥମେ ମୋତେ କିଛି ନ କହି ନିଜ ସଖୀକୁ ଶଙ୍କିତା ଦେଖି ହାସ୍ୟ ପରିହାସ କରିବାକୁ ଲାଗିଲେ । ଗୋଟିଏ କହିଲା, "କି ଲୋ, କେଳି

Digitized by PPRACHIN, SOA

ହାୟ ! ତୋର ଏତେ ଶୃଙ୍ଖଳା କାହିଁକି ? ବସ୍ତ୍ରଖଣ୍ଡାକୁ ବାନ୍ଧି ଓଗାଳ ରଖି ଏହିକ୍ଷଣି କେତେ ସୁକୁମାରୀ ହୋଇ ପଡ଼ୁଛୁ ।” ଆଉ ଗୋଟିଏ କହିଲା ମଣା, ସେ କେବଳ କୌତୁକ କରୁଥିଲା ସିନା, ଏତେ ସରଳ ହେବ ବୋଲି ତାହାକୁ ଜଣାଥିଲା କି ?” ପ୍ରଥମା ସୁନ୍ଦରୀ କହିଲା, “ଛି ଛି, ପୁରୁଷ ସଙ୍ଗ କ୍ରୀଡ଼ା କୌତୁକ ଭାରି ବିଷମ ବ୍ୟାପାର, ତାହା କରି ପଛେ ଡର ଏତେ ସର ହେଲ, ପୂର୍ବେ ଜାଣିଥିଲେ କେବେହେଁ ବାନ୍ଧି ଓଗାଳ ଥାନ୍ତି ନାହିଁ ।” ଅତଃପର ଇନ୍ଦ୍ରର ସଭାରେ ଇନ୍ଦ୍ରକୁ ବେଢ଼ି ଛିଡ଼ା ହୋଇଥିବା ପରୀଙ୍କ ପରି ସେମାନେ ମୋହର ଚୌପାଖେ ଘେରି ଛିଡ଼ା ହୋଇ ନାନାପ୍ରକାର ରଙ୍ଗରସ ପରିହାସ କରିବାକୁ ଲାଗିଲେ । ଗୋଟିଏ କହିଲା, “ଆହା ! ଯୁବକଟି ବଡ଼ ପ୍ରେମିକ, ଏପରି ଲୋକ ମୋତେ ମିଳିଲେ ମୁଁ ସବୁ ଦୁଃଖ ପାସୋରି, ଯାତନା ପୂର୍ଣ୍ଣ ସଂସାରକୁ ସ୍ୱର୍ଗ ଅପେକ୍ଷା ଅଧିକ ସୁଖକର ମଣନ୍ତି ।” ଆଉ ଗୋଟିଏ ସୁନ୍ଦରୀ କହିଲା “ମୁଁ ଏହି ଅମୂଲ୍ୟ ରତନକୁ ନିର୍ଜନରେ ପାଇଥିଲେ କ୍ରୀଡାକାରୀ ପରି ରଡ଼ି ନ ଛାଡି ମନ ଭରି ପ୍ରେମଙ୍କର ଥାନ୍ତି । ଆଉ ଜଣେ କହିଲା, “ଆହା ! କି ମନ ଲୋଭା, ଶୋଭା ଯୌବନଶିରୀ ମନ ହରି ନେଉଛି, କିନ୍ତୁ ପ୍ରଭାତରେ ଯମଦୂତ ଖୋଜାଙ୍କ ହାତରେ ପଡ଼ି ନିହତ ହେବ ଭାବି ମୋ ମନ ଦୁଃଖରେ ଘାରି ହେଉଛି ।” ଏହିପରି ସେମାନେ ନାନାପ୍ରକାର ଅର୍ଥପୂର୍ଣ୍ଣ କଥା କହୁଥାନ୍ତି, ମୁଁ ସେମାନଙ୍କର ରଙ୍ଗ ଢ଼ଙ୍ଗ ଦେଖି ତାଟକା ହୋଇ ପିତୁଳା ପରି ଛିଡ଼ା ହୋଇଥାଏଁ ।

ଅନନ୍ତର ଗୋଟିଏ ଯୁବତୀ ଆଉ ଗୋଟିକୁ ରାଜକୁମାରୀ ସମ୍ବୋଧନ କରି କହିଲା, “ଜେମା, ତୁମ୍ଭେ ଏହି ଯୁବକ ସମ୍ବନ୍ଧରେ କଣ କରିବାକୁ ପସନ୍ଦ କରୁଛ, ଏହାକୁ ପ୍ରହରୀଙ୍କ ଜିମାରେ ଦେବ ନା ଏହିଠାରେ ଛାଡି ଯିବ ?” ରାଜକୁମାରୀ କିଛି ନ କହୁଣୁ କେଳକାରୀ ଯେ ପ୍ରଥମେ ମୋତେ ବାନ୍ଧି ଘେରିଥିଲା କହିଲା, “ଆହା ! ଜେମା, ତାହା କର ନା, ଲୋକଟି ବୃଥାରେ ନାଶ ହେବ, ମୋର କଥା ଘେନାକର ଅନ୍ତଃପୁରକୁ ଘେନି ଯିବାକୁ ଅଙ୍ଗୀକର, ତାହା ହେଲେ ଗରିବର ଜୀବନ ବଞ୍ଚିଯିବ ଏବଂ ଆମ୍ଭମାନଙ୍କର ଦଣ୍ଡ ମହାସୁଖରେ ରାତ୍ରି କଟିବ ।” ଜେମାସମ୍ବୋଧିତା ସୁନ୍ଦରୀ କହିଲା, “ସହରର ପୁରୁଷଙ୍କର ସ୍ୱପ୍ନାଦୃଷ୍ଟ ସ୍ୱର୍ଗକୁ ବଳ ସୁଶୋଭିତ

Digitized by PPRACHIN, SOA

ମୋହର ବିଳାସ ଭବନ ତୁମ୍ଭେ ଏହାକୁ ଦେଖାଇବାକୁ ମନେକରୁ ଅଛ, ତୁମ୍ଭର ଅନୁରୋଧ ଖଣ୍ଡନ ହୋଇ ନ ପାରେ । ହେଉ, ଏହାକୁ ସଙ୍ଗେ ଘେନି ଆସ । ଆଦେଶ ମାତ୍ରେ ଜଣେ ସହଚରୀ ନାରୀଙ୍କ ପୋଷାକ ଆଣି ମୋତେ ପିନ୍ଧାଇ ନାରୀବେଶ କରି ପୁରୀ ମଧ୍ୟକୁ ଘେନିଗଲା । ମୁଁ ସେଠାକୁ ଯାଇ ଦେଖିଲି, ଗୃହ ଅତି ପ୍ରଶସ୍ତ ଓ ଇନ୍ଦ୍ର ଭବନ ପରି ସୁସଜ୍ଜିତ ଏବଂ ସ୍ୱଚ୍ଛ ଓ ସୁଗନ୍ଧଯୁକ୍ତ ଅନେକମାଳାରେ ଆଲୋକିତ ଓ ସୁରଭିତ । ଗୃହର ଚତୁର୍ଦ୍ଦିଗରେ ରତ୍ନ ଭୂଷିତ ଆସନମାନ ସ୍ଥାପିତ ଓ ମଧ୍ୟସ୍ଥଳରେ ଅପୂର୍ବ ଶିଳ୍ପକର୍ମକୃତ ଅତି ସୁନ୍ଦର କୋଡ଼ିଏଟି ଆସନ ବୃତ୍ତାକାରରେ ସ୍ଥାପିତ ଓ କେନ୍ଦ୍ରସ୍ଥଳରେ ଗୋଟିଏ ଉଚ୍ଚ ସିଂହାସନ ନିହିତ ଥିଲା ।" ରାଜକୁମାରୀ ସିଂହାସନରେ ବସି ସମସ୍ତଙ୍କୁ ବସିବାକୁ କହିଲେ । ସମସ୍ତେ ବସିବା ପରେ ମୋତେ ଛିଡ଼ା ହୋଇ ଥିବାର ଦେଖି ଗୋଟିଏ ଆସନରେ ବସିବାକୁ ମଧ୍ୟ ସଦୟ ଭାବରେ କହିଲେ, ମୁଁ ତାଙ୍କର ଏହି ଦୟାର କୃତଜ୍ଞତା ସ୍ୱୀକାର କରି ଗୋଟିଏ ଆସନରେ ବସିଗଲି ।

ଅନନ୍ତର ଛଅଜଣ ପରିଚାରିକା ବହୁତପ୍ରକାର ଖାଦ୍ୟ ଓ ପାନୀୟ ଦ୍ରବ୍ୟ ଆଣି ଖାଦ୍ୟାସନରେ ସଜାଇବାରୁ ସେମାନେ ସଖୀଗଣ ସହିତ ମୋତେ ମଧ୍ୟ ସଙ୍ଗେ ଘେନି ଆହାର କଲେ । ଆହାରାନ୍ତେ ସମସ୍ତେ କଥୋପ-କଥନ ଓ କୌତୁକରେ ମାତିଲେ । ଏହି ସମୟରେ କେଳିକାମିନୀ ନାମ ଧାରିଣୀ ମୋହର ସମ୍ମୁଖରେ ବସି ପ୍ରୀତିପୂର୍ଣ୍ଣ ନୟନରେ ଏକଧ୍ୟାନରେ ମୋ ଆଡ଼କୁ ଚାହିଁବାକୁ ଲାଗିଲା, ମୁଁ ମଧ୍ୟ ପ୍ରେମୋନ୍ମତ୍ତ ହୋଇ ଅନିମେଷ ଭାବରେ ତାହାର ମୁହଁ ଉପରେ ଦୃଷ୍ଟିପାତ କରୁଥିଲି । ଏହି ପ୍ରକାର ଦେଖାଦେଖି ଦେଖି ସମସ୍ତେ ଆମ୍ଭ ଦୁହିଙ୍କୁ ଦେଖିବାକୁ ଲାଗିଲେ । ରାଜକନ୍ୟା ସୁପ୍ରସନ୍ନରେ କହିଲେ, "ହୋସେନ, ତୁମ୍ଭେ ଗୁପ୍ତ ଭାବରେ ସଖୀଙ୍କ ଚେହେରା ଦେଖୁଛ କାହିଁକି ? ଆମ୍ଭମାନଙ୍କୁ ପ୍ରେମାଧୀନା ମନେକରି ଲଜ୍ଜା ଛାଡି ଯାହାକୁ ଇଚ୍ଛା ତା ସହିତ ପ୍ରକାଶ୍ୟ ଭାବରେ ପ୍ରେମାଳାପ କରି ଚିତ୍ତ ତୋଷ କର । ଭଲକରି କହ ଦେଖି, ଆମ୍ଭମାନଙ୍କ ମଧ୍ୟରେ କାହାକୁ ଦେଖି ତୁମ୍ଭ ଆଖି ଲାଖି ଯାଉଛି ଅର୍ଥାତ୍ କାହାକୁ ଅଧିକ ସୁନ୍ଦରୀ ବୋଲି ମନେ କରୁଅଛ ?" ରାଜଦୁହିତାର କଥା ମୋତେ ଅତି-

Digitized by PPRACHIN, SOA

ବଡ଼ାଣ୍ଠରେ ପକାଇଲା । ସମସ୍ତେ ଷୋଡ଼ଶୀରୂପସୀ,ଜଣକୁ ପ୍ରଶଂସାକଲେ ଅପର ସମସ୍ତେ ରୋଷିବେ ଭାବି କିଛି କହି ପାରିଲି ନାହିଁ । ବିଶେଷତଃ କେଲିକାରିଣୀ, ମୋହର ଅତି ମନୋହାରିଣୀ, ମାତ୍ର ତାହା ବଖାଣିଲେ, ବାଲେ ରାଜନନ୍ଦନୀଙ୍କର ଦ୍ୱେଷ ପ୍ରଯୁକ୍ତ କ୍ରୋଧାଗ୍ନି ଉତ୍ତେଜିତ ହୋଇ ମୋତେ ଭସ୍ମୀଭୂତ କରିବ.ଭାବି ବ୍ୟଥିତ ହେବାକୁ ଲାଗିଲି । ଏହି ଜଟିଳ ପ୍ରଶ୍ନର ଉତ୍ତର ପ୍ରଦାନ ନିମିତ୍ତ ମୋତେ ଘୋର ଚିନ୍ତିତ ଦେଖି, ରାଜ-କନ୍ୟା ପୁଣି କହିଲା, "ହୋସେନ, ତୁମ୍ଭେ ଏତେ ଭାବୁଛ କଣ ? ତୁମ୍ଭ ବିବେଚନାରେ ଯେ ଅଧିକ ରୂପସୀ ତାହା ନିର୍ଭୟରେ ପ୍ରକାଶି କହି ଦିଅ, ସେଥିରେ ଆମ୍ଭେ କେହି ରୁଷ୍ଟ ବା ଅସନ୍ତୁଷ୍ଟ ହେବୁ ନାହିଁ ।" ମୁଁ କହିଲି, "ଜୋ ନେମା ତୁମ୍ଭେ ରୂପେ ଓ ଗୁଣେ ଭୁବନରେ ଅନୁପମା ଅଟ, ପୂର୍ଣ୍ଣିମା ଚନ୍ଦ୍ରମାର ଜ୍ୟୋତ୍ସ୍ନା ତୁମ୍ଭ ସୌନ୍ଦର୍ଯ୍ୟ ଦର୍ଶନରେ କାଳିମାପଡ଼ିଯିବ । ତୁମ୍ଭର ଅଲୋକସାମାନ୍ୟ ସୌନ୍ଦର୍ଯ୍ୟ ସହିତ ସଖିମାନଙ୍କର ସୌନ୍ଦର୍ଯ୍ୟ କି ତୁଳନା ହୋଇ ପାରିବ ?" ରାଜକନ୍ୟାର ମନରକ୍ଷା ନିମିତ୍ତ ଏହି ଶୃଙ୍ଗୁକଥା କହିଲି ସତ କିନ୍ତୁ ସେହି ମୁହୂର୍ତ୍ତରେ କେଳିକାରୀ ପ୍ରତି ପ୍ରେମପୂର୍ଣ୍ଣ ଦୃଷ୍ଟିପାତ କଲି । ରାଜକୁମାରୀ ତାହା ଦେଖି ମୋହର ମନର ଭାବ ବୁଝି ପାରି ଉପହାସ୍ୟ କରି କହିଲେ,"ହୋସେନ,ମୁଖ ନିସୃତ ବଚନ ଏକ ପ୍ରକାର, ମନର ଭାବ ଅନ୍ୟ ପ୍ରକାର । ମୁହଁଦେଖା, ମନରଖା କଥା ମୋହର ଦରକାର ନାହିଁ । ଆମ୍ଭମାନଙ୍କ ମଧ୍ୟରେ ଯାହା ପ୍ରତି ତୁମ୍ଭର ଅଧିକ ପ୍ରୀତି ହୋଇ ଅଛି ତାହା ମନ ପିଠାଇ କହିଦିଅ,ସେଥିରେ ଆମ୍ଭେଅସନ୍ତୁଷ୍ଟ ନ ହୋଇ ବରଂ ସନ୍ତୁଷ୍ଟ ହେବୁଁ ।" ରାଜକନ୍ୟାର କଥାଶୁଣି ସଖୀଗଣ ବିଶେଷତଃ କେଳିକାରୀ ତାହାଙ୍କୁହିଁ ଅଧିକ ସୁନ୍ଦରୀ କହିବ ଆଶାକରି କହି କହି ବେଳି ଉଚ୍ଛନ୍ନ କଲେ ।

ମୁଁ ସେମାନଙ୍କର ଅନୁରୋଧରେ ବାଧହୋଇ ଈଶ୍ୱରଙ୍କ ଅନୁଗ୍ରହ-ଉପରେ ଧ୍ୟାନ ରଖି ରାଜକନ୍ୟାକୁ ସମ୍ବୋଧନ କରି କହିଲି, " ଗୋ ସୁନ୍ଦରି ! ତୁମ୍ଭେ ଦୟାକରି ଅଭୟ ଦେଲ ଏଣୁ ମୁଁ ମନ ଖୋଲି କହୁଅଛି, ଏଠାରେ ଜଣକୁ ଜଣେ ବଳି ସୁନ୍ଦରୀ ଅଟେ, ପୁଣି ତୁମ୍ଭେ ତ ରାଜକୁ-ମାରୀ, ଅପର ତୁମ୍ଭ ପରି ଗୋରୀ ହେବେ ଏହା ମୁଁ କିପରି କହି ପାରିବି ମାତ୍ର

Digitized by PPRACHIN, SOA

କେଳକାରୀ ପ୍ରଥମେ ମୋହର ମନ ଶୋଷକର ଥିବାରୁ ବର୍ତ୍ତମାନ ଅନ୍ୟ କେହୁ ମୋ ଚକ୍ଷୁରେ ତତ୍ତୁଲ୍ୟ ସୁନ୍ଦରୀ ଦେଖା ଯାଉନାହିଁ । ଏହୁ କଥା ଶୁଣି ରମଣୀମାନେ ଉଚ୍ଚହାସ୍ୟରେ ଧରଣୀ କମ୍ପାଇ ଠେଲାଠେଲି ହୋଇ ଜଣେ ଆଉଜଣଙ୍କ ଉପରେ ଲଦା ଲଦି ହେଲେ । ମୁଁ ସେମାନଙ୍କର ଏହୁ ଅପ୍ରାକୃତ ବ୍ୟବହାର ଦେଖି ବିସ୍ମିତ ହୋଇ ମନେ୨ ଭାବିଲି, "ସମ୍ଭବତଃ ଏମାନେ ପ୍ରକୃତ ନାରୀ ନୁହନ୍ତି ଛଦ୍ମବେଶୀ ପୁରୁଷ ହେବେ ପରା !" ସେମାନଙ୍କର ଧମ୍ ଧାମ୍ କମ ହୁଅନ୍ତେ ରାଜକୁମାରୀ କହିଲେ,ହୋସେନ୍, ତୁମ୍ଭେ ରମଣୀ ଚିହ୍ନିବାରେ ନିପୁଣ ଅର୍ଥାତ୍ ରମଣୀରତ୍ନର ପରୀକ୍ଷକ ଅଛ,ତୁମ୍ଭ ନିର୍ବାଚନ ଠିକ୍ ହୋଇଅଛି କାରଣ ସହଚରୀମାନଙ୍କ ମଧ୍ୟରେ କେଳକାରୀ ଅତି ସୁନ୍ଦରୀ ବିଶେଷତଃ ଚତୁରୀ, ମୋହର ମନ ତୋଷକାରୀ ଅଟେ । ତାହାର ରୂପମାଧୁରୀ ଅପେକ୍ଷା ଗୁଣ ଯେ ଆହୁରି ଅଧିକ ପ୍ରଶଂସନୀୟ ତାହା କହିବା ବାହୁଲ୍ୟ ଅଟେ । ଅନନ୍ତର ରାଜକୁମାରୀ ଗୋଟିଏ ବାଂଶୀ ଅଣାଇ କେଳକାରୀକୁ ଦେଇ କହିଲେ, "ସଖି, ତୁମ୍ଭେ ନିଜ ରୂପରେ ନାଗରର ମନରେ ଅଧିକାର ପାଇଅଛ, ଗୁଣଦ୍ୱାରା ତାହା ଅଧିକ ବିସ୍ତାର କର । କେଳକାରୀ ବଂଶୀର ସ୍ୱର ଧରି ନିମ୍ନଗୀତ ସ୍ୱରରେ ଗାନ୍ କରୁ୨ ମୋ ପ୍ରତି ବାରମ୍ବାର ପ୍ରେମପୂର୍ଣ୍ଣ ଦୃଷ୍ଟି ପାତ କରୁଥିଲେ ।

ଗୀତ ।

ଉଲ୍ଲାସେ ଅକୁଳ ଆଜ ଅଟେ ମୋର ମନ
ସେ କୋକିଳ ପରି କରେ ମଧୁର ନିଃସ୍ୱନ ।
ବସନ୍ତେ ପୁଷ୍ପିତ ତରୁ ହୁଅନ୍ତି ଯେସନ,
ପ୍ରଫୁଲ୍ଲିତ ମନ ଆଜ ଅଟଇ ତେସନ ।
ପୂର୍ଣ୍ଣିମା ନିଶାନ୍ତେ ଯିବ ପ୍ରଫୁଲ୍ଲ ଯେ ଘର,
ଉଲ୍ଲାସେ ଅକୁଳ ମନ ହେଉଛି ମୋହର ।
ଏତେ ଆନନ୍ଦିତ ମନ ଅଟେ କି କାରଣ,
ଜାଣିଲିଣି କାନ୍ତ ମୁଖ କରି ଦରଶନ ।
ଦୀପାଲୋକ ଦେଖି ଯେହ୍ନେ ଧାବନ୍ତି ପତଙ୍ଗ,
କାନ୍ତ କାନ୍ତ ଦେଖି ତେହ୍ନେ ଧାଏଁ ମନ ଭୃଙ୍ଗ ।

Digitized by PPRACHIN, SOA

ସଖୀଗଣ ହୁଅ ସାକ୍ଷୀ ବରିଲି ଏ ବର,
ପୁଣି ସୁରାସୁର ହୁଅ ସାକ୍ଷୀ ମହେଶ୍ୱର ।
ଯୁବକଙ୍କୁ ମନ ପ୍ରାଣ କରିଲି ଅର୍ପଣ,
ଅନ୍ୟ ନରେ ନ କରିବି ପତି କଦାଚନ ।
ଦୃଢ଼ ସଂକଳ୍ପ କରୁଛି ଏ ବ୍ରତପାଳନେ,
ଜୀବ ରହୁ ଅବା ଯାଉ ନାହିଁ ଭୟ ମନେ ।
କଳିଲର କଥା ଶୁଣ ଗୋ ରମଣୀବର,
ମାନସ ସିଦ୍ଧ କରିବେ ତାଙ୍କ ମହେଶ୍ୱର ।
ପୁଣି ପୟମ୍ବର ସତ୍ୟ-ପୀରଙ୍କ ଆଶ୍ରୟ
ଧର ତାଙ୍କ ସୁଆଶୀଷେ କାର୍ଯ୍ୟ ହେବ ଜୟ ।

ମୁଁ ତାହାର ରୂପରେ ଅତ୍ୟନ୍ତ ମୋହିତ ହୋଇଥିଲି, ବର୍ତ୍ତମାନ ତାହାର ସୁମଧୁର ଗାନ ଶୁଣି ତତୋଧିକ ପ୍ରେମାସକ୍ତ ଓ ଜ୍ଞାନରହିତ ହୋଇ ଅଜ୍ଞାନ ପରି ତାହାର ଚରଣ ଧରି ଅଶେଷ ପ୍ରକାର ଅନୁନୟ ବିନୟ କରିବାକୁ ଲାଗିଲି, ସଖିଗଣ ମୋହର ଏହି ଅସ୍ୱାଭାବିକ ଭାବ ଦେଖି ମୋତେ ପାଗଳ ମଣି ହସି ହସି ଗଡ଼ିଗଲେ । ଏହାପରେ ହାସ୍ୟାଳାପ ଓ ମଧୁର ଗଳ୍ପରେ ରାତି ପାହିଗଲା, ଏହି ସମୟରେ ଗୋଟିଏ ବୃଦ୍ଧା ଆସି କହିଲା, "ରାତି ପ୍ରଭାତଲଣି, ବର୍ତ୍ତମାନ ଏହି ଯୁବକଙ୍କୁ ବାହାର କର ନଚେତ୍ ଦିନବେଳେ ଅନ୍ତଃପୁରରୁ ବାହାର କରି ଦୁଷ୍କର ହେବ ।" ଏହି କଥା ଶୁଣି ରାଜନନ୍ଦିନୀ ମୋତେ ବାହାରକୁ ନେଇ ଯିବାକୁ କହିଲେ । ବୃଦ୍ଧା ଆଦେଶ-ମତେ ମୋତେ ନାରୀ ବେଶରେ ନେଇ ବାହାରିଲେ । ଯିବା ସମୟେ ମୁଁ କେଳକାଙ୍କୁ ପ୍ରୀତି ସହିତ ଅନାଇଲି, ସେ ମଧ୍ୟ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ମୋ ପ୍ରତି ଅନାଇ ରହିଲେ । ଏହାପରେ ଦେଖାଦେଖିରେ ପ୍ରେମର ଆଦାନ ପ୍ରଦାନପୂର୍ବକ ମୁଁ କେଳକାଙ୍କୁ ମୋହର ମନ ଅର୍ପଣ କରି ବ୍ୟଥିତ ମନରେ ବୃଦ୍ଧା ସହିତ ବାହାରକୁ ଆସି ନିଜ କାର୍ଯ୍ୟସ୍ଥାନକୁ ଗଲି । ଗୃହକର ସଉଦାଗର ମୋତେ ଦେଖି ରାତିରେ ଅନୁପସ୍ଥିତିର କାରଣ ପଚାରିଲେ । ମୁଁ କହିଲି, "ମହାଶୟ, ମୋହର ଜଣେ ବନ୍ଧୁ ସପରିବାରେ ବସୋରା ଯାଉଥିବାରୁ ତାଙ୍କ ସହିତ ସାକ୍ଷାତ କରିବାକୁ ଯାଇ ତାଙ୍କର

Digitized by PPRACHIN, SOA

ଅନଟ୍ଟେଗ୍ରଧମତେ ରାତ୍ରି ସେଠାରେ ଯାପନ କଲି ।” ସେ ମୋର କଥା ସତମଣି ଆଉ କିଛି କହିଲେ ନାହିଁ ।

ଅନନ୍ତର ମୁଁ ପୂର୍ବବତ୍ ନିଜ କାର୍ଯ୍ୟରେ ବ୍ୟାପୃତ ହେଲି କିନ୍ତୁ ନବ-ଜାତ ପ୍ରେମବଶତଃ ବ୍ୟଥିତ ଓ ଚିନ୍ତିତ ମନରେ ଦିନାତିପାତ କରୁଥିଲି । ଏହିପରି ସପ୍ତାହ କାଲ ଅତିବାହିତ ହେବା ପରେ ଦିନେ ମୁଁ ନିଜ କର୍ମରେ ବ୍ୟସ୍ତ ଥିବା ସମୟରେ ଜଣେ ନପୁଂସକ ମୋ’ଠାରେ ଉପସ୍ଥିତ ହୋଇ କହିଲା, “ତୁମ୍ଭର ନାମ କି ହୋସେନ୍ ?” ମୁଁ ହଁ କହନ୍ତେ ସେ ଖଣ୍ଡେ ପତ୍ର ମୋତେ ଦେଇ ପ୍ରସ୍ଥାନ କଲା । ମୁଁ ପତ୍ର ଖୋଲି ଦେଖିଲି ସେଥିରେ ଲେଖାଥିଲା, “ତୁମ୍ଭେ ଆଜ ସନ୍ଧ୍ୟାପରେ ବଗିଚାରେ ନିଶ୍ଚୟ ଉପସ୍ଥିତ ହେବ, ତାହାହେଲେ ସୁନ୍ଦରୀ ବୋଲି ଯାହାକୁ ପ୍ରେମ କରି ଥିଲ ତାହାର ସାକ୍ଷାତ ପାଇବ ।” କେଉଁକାଳେ ମୋ ପ୍ରତି ସନ୍ତୁଷ୍ଟ ବୋଲି ମୋହର ବିଶ୍ୱାସ ଥିଲା କିନ୍ତୁ ଆଶାତୀତ ଅନୁଗ୍ରହ କରିବ ବୋଲି ଭାବି ନ ଥିଲି । ବର୍ତ୍ତମାନ ପତ୍ର ପାଇ ତାହାକୁ ସାମ୍ରାଜ୍ୟ ଲାଭର ସନନ୍ଦ ମଣି ଅତିଶୟ ଆନନ୍ଦିତ ହେଲି ଏବଂ ଉତ୍କଣ୍ଠିତ ମନରେ ସନ୍ଧ୍ୟାଗମର ପ୍ରତୀକ୍ଷା-କରିବାକୁ ଲାଗିଲି । ଗୋଧୂଳି ସମୟରେ ବଗିଚାରେ ପହଞ୍ଚି ଗୃତକପରି ରାତ୍ରିର ଅପେକ୍ଷା କରୁଥିଲି । କ୍ରମେ କ୍ରମେ ଅନ୍ଧକାର ହେଲା । ଗୋଟି ଚତୁର୍ଦ୍ଦିଗ ଆଲୋକିତ କରି ସେଠାରେ ଉପସ୍ଥିତ ହେଲେ । ମୁଁ ତାଙ୍କୁ ଦେଖି କ୍ଷଣେ ମଦନପ୍ରିୟା ମୋପ୍ରତି ସୁଦୟା କରି ଦର୍ଶନ ଦେଲେ ଭାବି ଅଧୈର୍ଯ୍ୟ ଭାବରେ ଚରଣ ଧାରଣ କଲି । ସୁନ୍ଦରୀ ମୋତେ ସପ୍ରେମରେ ଭୂମିରୁ ଉତ୍ତୋଳନ କରି କହିଲେ, “ହୋସେନ୍, ତୁମ୍ଭେ ସେ ଦିନ ଦେଖି-ଥିବା; ରାଜକୁମାରୀ ପ୍ରଭୃତି ସମସ୍ତ ସୁନ୍ଦରୀ ଅପେକ୍ଷା ମୁଁ କି ପ୍ରକୃତରେ ଅଧିକ ସୁନ୍ଦରୀ ?” ମୁଁ କହିଲି, “ଗୋ ଚନ୍ଦ୍ରମୁଖି, ସେ କେତେଜଣ ମାତ୍ର କଣ, ସମସ୍ତ ଭୂମଣ୍ଡଳର ସୁନ୍ଦରୀଙ୍କର ଯେ ତୁମ୍ଭେ ମୁକୁଟମଣି ଅଟ ସେଥିରେ ସନ୍ଦେହ ନାହିଁ । ପ୍ରଥମ ଦର୍ଶନ ଦିନରୁ ତୁମ୍ଭର ଅଲୋକସାମାନ୍ୟ ସୌନ୍ଦର୍ଯ୍ୟ ଛବି ମୋହର ହୃଦପଟରେ ଅଙ୍କିତ ହୋଇଅଛି । ସେହି ଦିନରୁ ଶୟନରେ ସ୍ୱପନରେ ଅନୁକ୍ଷଣ ତୁମ୍ଭଙ୍କୁ ଧ୍ୟାନ ଓ ତୁମ୍ଭର ଚନ୍ଦ୍ରାନନ ଦର୍ଶନ ଲାଗି ବ୍ୟସ୍ତ ହେଉଥିଲି । ଆଜ ତୁମ୍ଭର ଅନୁଗ୍ରହପୂର୍ଣ୍ଣ ପତ୍ର ପାଇ

Digitized by PPRACHIN, SOA

ସାତିଶୟ ପ୍ରୀତ ଓ କୃତାର୍ଥ ହୋଇ ଅଛି, ତୁମ୍ଭେ ମୋର ହୃଦନିହିତ ଓ ନିତ୍ୟପୂଜିତ ଦେବତା ସଦୃଶ ଅଟ ।”

ରମଣୀ ମୋଠାରୁ ନିଜରୂପର ପ୍ରଶଂସା ଶୁଣି ଅତ୍ୟନ୍ତ ପୁଲକିତା ହୋଇ କହିଲେ, ‘ହୋସେନ, ତୁମ୍ଭେ ନବୀନ, ସୁଚତୁର, ପ୍ରେମର ସୁପାତ୍ର ଓ ପୁରୁଷ ମଧ୍ୟେ ସାର ଅଟ । ମୋହର ରୂପର ସମ୍ମାନ କରି ନିଜ ପ୍ରେମ ଜାଲରେ ବନ୍ଧନ କରିଅଛ । କିନ୍ତୁ ହାୟ ! ମୁଁ ବୃଥା ତୁମ୍ଭର ପ୍ରଣୟାସକ୍ତ ହୋଇ ଆପଣା ହାତରେ ଆପେ ନିହତ ହେଉଅଛି । ଖାଁକନ୍ୟା ତୁମ୍ଭର ଯୌବ-ନରେ ମୋହିତ ଓ ପ୍ରେମାସକ୍ତ ହୋଇଅଛି, ତୁମ୍ଭେ ଶୀଘ୍ର ତାହାର ବର-ରୂପରେ ବରିତ ହୋଇ ମୋତେ ବିସ୍ମୃତ ହେବ । ମୁଁ ସେତେବେଳେ ତୁମ୍ଭର ପ୍ରେମ ପ୍ରତ୍ୟାଶୀ ହେଲେ ତୁମ୍ଭେ ନିଷ୍ଠୁର ଦାସୀ ବୋଲି ଘୃଣା କରି ପାର୍ଶ୍ୱେ ବସିବାକୁ ଦେବ ନାହିଁ ।” ମୁଁ କହିଲି, “ସୁନ୍ଦରି ! ତୁମ୍ଭେ କି ମୋତେ ଲମ୍ପଟ ବୋଲି ବିଚାରଇ ? ରାଜକନ୍ୟା କି ଛାର, ଇନ୍ଦ୍ରତନୟା ହେଲେ ମଧ୍ୟ ତୁମ୍ଭକୁ ଅର୍ପିତ ମନ ତାକୁ ପ୍ରଦାନ କରିବି ନାହିଁ, ପ୍ରେମିକ ମନ ତ ସାରୁ ବାଇଗଣ ନୁହେ, ତାହା ଜଣକ ଛଡ଼ା ପାଞ୍ଚ ଜନଜଣଙ୍କୁ ଦିଆଯାଇ ନ ପାରେ ? ତୁମ୍ଭେ ମୋତେ ନିଜର ପ୍ରେମକ୍ରୀତ ଭୃତ୍ୟ ବୋଲି ଜାଣିବ ।” ଯୁବତୀ କହିଲେ, “ହୋସେନ, ଏ ବଚନ ତୁମ୍ଭର ଅଜ୍ଞତାର ପ୍ରମାଣ ଦେଉଅଛି, କାରଣ ରାଜକନ୍ୟା ତୁମ୍ଭର ପ୍ରଣୟ ପ୍ରତ୍ୟାଶୀ, ତୁମ୍ଭେ ତାହାର ମନ ନ ତୋଷି ଦାସୀକି ଭଜିଲେ ସେ କୋପାନଳରେ ତୁମ୍ଭର ପ୍ରାଣ ନାଶି ମୋହର ସର୍ବସ୍ୱ ବିନାଶିବ ଅତଏବ ଯଦି ତୁମ୍ଭେ ପ୍ରକୃତରେ ମୋହର ପ୍ରେମାସକ୍ତ ହୋଇ ଥାଅ ତେବେ ମୋହର ଉପଦେଶମତେ ସେଥିରୁ ବିରତ ହୋଇ ରାଜକନ୍ୟା ଠାରେ ଅନୁରକ୍ତ ହୋଇ ନିଜ ସମ୍ମାନ ବର୍ଦ୍ଧିତ ଓ ମୋହର ଆସନ୍ନ ବିପଦ ବିଦୂରିତ କର ।” ମୁଁ ତାଙ୍କର ନିଦାରୁଣ ବଚନ ଶୁଣି ଅଶ୍ରୁପୂର୍ଣ୍ଣ ଲୋଚ-ନରେ କହିଲି, “ପ୍ରେୟସି ତୁମ୍ଭର ଅନିଷ୍ଟାଶଙ୍କା ନିବାରଣ ନିମିତ୍ତ ମୁଁ ସଂସାର ବିରାଗୀ ହୋଇ ଯୋଗୀ ବେଶରେ ଦେଶାନ୍ତରୀ ହେବି ଏବଂ ତୁମ୍ଭ ବିରହରେ ବନେ ବନେ ବିଚରଣ କରି ଅବଶେଷରେ ପ୍ରାଣ ତ୍ୟାଗପୂର୍ବକ କଠୋର ଯନ୍ତ୍ରଣାରୁ ଉଦ୍ଧାର ପାଇବି, ତୁମ୍ଭେ ଆଉ ଚିନ୍ତିତ ନ ହୋଇ ସ୍ୱଚ୍ଛନ୍ଦରେ ରାଜଗୃହରେ ରହି ପ୍ରଭୂତ ସୁଖ ଭୋଗ କର ।”

Digitized by PPRACHIN, SOA

ମୋହର କାତରୋକ୍ତି ଶୁଣି କାମିନୀ କହିଲେ, "ପ୍ରାଣକାନ୍ତ, ତୁମ୍ଭେ ଆଉ ଦୁଃଖିତ ନ ହୋଇ ସନ୍ତୁଷ୍ଟ ହୁଅ । ମୋହର ମନ ପ୍ରାଣ ତୁମ୍ଭଙ୍କୁ ଅର୍ପିତ ହେଲା । ଆଜଠାରୁ ତୁମ୍ଭେ ମୋହର ନିତ୍ୟ ପୂଜିତ କାନ୍ତ ହେଲ, ତୁମ୍ଭ ଭିନ୍ନ ଅନ୍ୟ କେହି ମୋହର ପତିରୂପରେ ଆଦୃତ ହେବେ ନାହିଁ । ତୁମ୍ଭର ପ୍ରେମ ପରୀକ୍ଷା ନିମିତ୍ତ ମୁଁ ଛଳନାଦ୍ୱାରା କେଳକାରୀ ବୋଲି ପରିଚିତ, ନଚେତ୍ ମୁଁ ନିଜେ ରାଜକନ୍ୟା, ମୋହର ନାମ ଜୁଲେଖା ।" ଏହା କହି ସୁନ୍ଦରୀ ସଖି ବୋଲି ଡାକନ୍ତେ ରାଜ କୁମାରୀ ରୂପଧାରୀ ସୁନ୍ଦରୀ ଉପସ୍ଥିତ ହେଲା, ରାଜକୁମାରୀ କହିଲେ ଏହି କେଳକାରୀ ମୋହର ଅତି ପ୍ୟାର ସହଚରୀ ଅଟେ । ବର୍ତ୍ତମାନ ତୁମ୍ଭେ ଭାବି ଦେଖ ତୁମ୍ଭର ଭାଗ୍ୟ କିପରି ପ୍ରବଳ । ତୁମ୍ଭେ ବିନାଯତ୍ନରେ ଅମୂଲ୍ୟ ରତ୍ନ ପାଇଲ କି ନା ?" ମୁଁ କହିଲି, ହେ ନରେନ୍ଦ୍ର କୁମାରି, ତୁମ୍ଭେ ଦୟାକରି ଏହି ଶରକୁ ଅପାର ସମ୍ମାନ ପ୍ରଦାନ କରିଥିବାରୁ ଶତ ଶତ ଧନ୍ୟବାଦ ପ୍ରଦାନ କରୁଅଛି, ମାତ୍ର ତୁମ୍ଭେ ଜଗନ୍ମାନ୍ୟା ରାଜକନ୍ୟା, ରାଜରାଜେଶ୍ୱର ତୁମ୍ଭ ପାଇଁ ପ୍ରାର୍ଥନା କରି ସିଦ୍ଧମନ ହେବେ କି ନାଁ, ତାହା ଭଗବାନଙ୍କୁ ଜଣା, ଅତଏବ ତୁମ୍ଭେ କିପରି ନିଜର ମାନସମ୍ଭ୍ରମ ଗ୍ରତି ଦାସର ପ୍ରେମରେ ପଡି ଅଖ୍ୟାତି ଲଭିବାକୁ ମନେ କରୁଛ ଏହାର କାରଣ ମୁଁ ବୁଝିପାରୁ ନାହିଁ । କୁମାରୀ କହିଲେ, "ପ୍ରାଣନାଥ, ଯାହା କହିଲ ତାହା ତ ସତ ଅଟେ, ମାତ୍ର କୌଣସି ଶ୍ରେଷ୍ଠ ପ୍ରେମିକର ଏହି ମହଦୁକ୍ତି ତୁମ୍ଭର ମତର ବିପରୀତ ଅଟେ, ତାହା କହୁଅଛି ଶୁଣ, ତୁମ୍ଭର ଭ୍ରମସଂଶୋଧିତ ଏବଂ ମୋହର କଥା ସତ ବୋଲି ପ୍ରତୀତ ହେବ । ଉକ୍ତି—

ଭୋକକାଳ କି ବାଗର ଅମିଳା ଭାତ, ଧୋବା ଘାଟ ପାଣି କି ବାରେ ଦୂଷିତ । ଉତ୍ତମ ଶେଯ କି ଖୋଜିବ ନିଦ୍ରିତ, ପ୍ରଣୟିନୀଠାରେ କି ନୀତ ଅନୀତ ? ବିଶେଷତଃ ତୁମ୍ଭର ଆକାର ପ୍ରକାରରୁ ତୁମ୍ଭେ ମହତ୍ କୁଳରେ ଜାତ ବୋଲି ମୋହର ପ୍ରତ୍ୟୟ ହେଉଅଛି । ତୁମ୍ଭେ ରସିକରଞ୍ଜନ, ରମଣୀରଞ୍ଜନ ଓ ଯୁବତୀଭୂଷଣ ଅଟ, ତୁମ୍ଭର ଶରଣାପନ୍ନ ହେଲେ ସମସ୍ତ ଯନ୍ତ୍ରଣାରୁ ତ୍ରାଣ ପାଇବି ଭାବି ଆତ୍ମ ସମର୍ପଣ କଲି, ‹ଣିକ ସଂସାରର ଅପର ଯୁବାଗଣଙ୍କୁ ତୁମ୍ଭର ତୁଳନାରେ ଅତି ସାମାନ୍ୟ ବୋଲି ଜ୍ଞାନ-

Digitized by PPRACHIN, SOA

କରିବି । ମୋହର କଥା ପ୍ରକୃତ ଅଟେ, ତୁମ୍ଭେ ନିଶ୍ଚିନ୍ତ ହୁଅ ।" ଏହିପରି ମଧୁର କଥୋପକଥନେ ଫୁଲବାଗାନେ, ରାତ୍ରି ଶେଷ ପ୍ରାୟ ହେବାରୁ କେଳିକାଶୀ ରାଜକୁମାରୀଙ୍କୁ କହିଲା, "ସୁନ୍ଦରି, ରାତ୍ରି ଶେଷ ହେଲାଣି । ପୂର୍ବଦିଗ ରଞ୍ଜିତ କରି ଊଷାଦେବୀ ଉଦିତ ହେଲେଣି ନାଗରଙ୍କଠାରୁ ବିଦାୟ ନେଇ ଅନ୍ତଃପୁରକୁ ଯିବା ଚାଲ ।" ସଖୀକଥା ଶୁଣି ସୁନ୍ଦରୀ ମୋହର ହାତ ଧରି ଅଶ୍ରୁପୂର୍ଣ୍ଣ ନୟନରେ କହିଲେ, "ପ୍ରାଣନାଥ ଦାସୀକୃତ ଅପରାଧ କ୍ଷମା କରି ବର୍ତ୍ତମାନ ବିଦାୟ ଦେଇ ନିଜ ସ୍ଥାନକୁ ଗମନ କର, ମୋହର ପ୍ରେମୋପହାର ଶୀଘ୍ର ପାଇବ । ପ୍ରିୟତମା ଏହି କଥା କହି ନିଜର ଆନ୍ତରିକ ଦୃଢ଼ ପ୍ରେମ ଜଣାଇବା ଉଦ୍ଦେଶ୍ୟରେ ମୋହର ମଙ୍ଗଳ ମନାସି ଉର୍ଦ୍ଦୁ ଗଜଲ୍‌ଟି ଗାଇଲେ ।

ଗଜଲ୍ ।

ଆଛପ୍ୟାରେ ଖୋଦାୟେ ଦୋ ଯାହାନ୍‌କୁ ମୈଁ ତୁମେ ସଅଁପି
ହବବେଖାଲକେ କଅନୋ ମକାନ୍‌କୁ ମେଁ ତୁମେଁ ସଅଁପେ ।
ଅବାବକତେ ଉମର ଉସମାନେହ ଏଦରଗ୍‌ରେ ଯ୍ୟାରେ କୋ,
ଯୋନାବେ ଫାତେମାହ ସନୋହୁସନକୁମେ ତୁମେଁ ସଅଁପି ।
ଯୋହେଁ ସବ୍‌ଅଓଲିୟା କେ ଅଓଲିୟା ଆଓରପେରୋଁକେ ମୁରସଲ,
ଓହିମହେବୁବେ ସୋଭହାଁ ଜଅସେ ସମଦାଁକୁ ତୁମେଁ ସଅଁପେ ।
ଢମାମୀ ହିନ୍ଦକେ ସାହା ହରେକନ୍ଧଗ୍ରେକେମା ଓ୍ୟା,
ମୋଇନୁଦିନେ ଅଜମେଁଙ୍କୁଅଁ ଏ ଯାନାତୁମେଁ ସଅଁପି ।
ଓତ୍ରେଶୈକେହରଏକଧରମେଁ କରାମତ ଯିନକାହଏ ମସହୁର,
ଜମାଲୁଦୀନ ବୋଖାରୀ କେ ହୁଆ ପରମେଁ ତୁମେଁ ସଅଁପି ।
ତୁଫଥୟେଲେ ସୟିଦେବାହାଦର ଫଜଲସେ ଅପ୍‌ନେ ଉ ଏଦାବର,
ଖିସଁସେରଖେ ଅ ଏ ହଲବର ଉସେମେଁନେତୁମେଁ ସଅଁପି ।
ରହେ ଅଲ୍ଲାହା କାସାୟା ବୁନ୍‌ବରଗୋଁ କହୁଆତୁମପର,
ଇସି ଉମିଦେ ପରଆରେ ହିନ୍ଦରଗୋକୁ ତୁମେଁ ସଅଁପି ।

ମହାଭାଗ ଗଜଲଟିର ପ୍ରୀତିପୂର୍ଣ୍ଣଭାବ ଓ ପ୍ରେୟସୀର ସୁମଧୁର ସ୍ୱର ମୋହର ହୃଦୟରେ ଅବଧି ଅଙ୍କିତ ଅଛି, ଅତ୍ୟନ୍ତ ଆନନ୍ଦ ସମୟରେ ମଧ୍ୟ ମନେ-

Digitized by PPRACHIN, SOA

ପଡ଼ିଲେ ପ୍ରିୟାର ସରଳ ଓ ଅକପଟ ପ୍ରେମର ଛବି ମୋହର ଚକ୍ଷୁ ଉପରେ ନାଚି ଉଠେ ଏବଂ ତାହାର ବିଚ୍ଛେଦ ଜନିତ ନିଦାରୁଣ କଷ୍ଟ ମୋହର ମନରେ ଜାତ ହୋଇ ସମସ୍ତ ସୁଖ ଦୁଃଖଭୂତ କରିଦିଏ ଏବଂ ହଠାତ୍ ମୁହଁରେ ବିଷାଦର ଚିହ୍ନ ଲକ୍ଷିତ ହୁଏ ।

ସୁନ୍ଦରୀ ରଜନୀରେ ଗାଇ ମୋତେ ଈଶ୍ୱରଙ୍କୁ ସମର୍ପଣ କରି ଅନ୍ତଃପୁରକୁ ଗମନୋଦ୍ୟତା ହୁଅନ୍ତେ ବିରହ ଯାତନା ମନେ କରି ମୁଁ ବିରସ ହେଲି । ମୋହର ଶୁଷ୍କମୁଖ ଦେଖି ରମଣୀ ଗଦ୍‌ଗଦ୍‌ହୃଦ ହୋଇ ଅଶ୍ରୁପୂର୍ଣ୍ଣ ନୟନରେ କିଛିକ୍ଷଣ ମୋ ଆଡ଼କୁ ଅନାଇଁ ରହିଲେ, ପରେ ଅଞ୍ଚଳରେ ଅଶ୍ରୁଜଳ ପୋଛି ମୋହର ପ୍ରବୋଧ ନିମିତ୍ତ ରସକୁଲ୍ୟା ଶବ୍ଦର ନମ୍ର ଗୀତ ଗାଇ ସଖୀସଙ୍ଗେ ପ୍ରସ୍ଥାନ କଲେ । ଗୀତ—

ହରଧର ନାଥ, କରେ ବିନତି,
ଉଷା ହେଲା ମୋତେ ଛାଡ଼ ଝଟତି ।
ସଖିଗଣ ଉଠି ଘରେ ଖୋଜିବେ,
ନ ପାଇଲେ ପିତାଠାରେ କହିବେ ।
ରାଜାପାଇ ସେ ସମ୍ବାଦ ଯେ ।
ମୋର ବନ୍ଧ ତବ ବନ୍ଧନ ସାଧିଣ ଘଟାଇବେ ପରମାଦ ଯେ । (୧)
ବିଚ୍ଛେଦର କଥା ମନେ ପଡ଼ିଲେ,
ହୃଦ ପୋଡ଼ିଯାଏ ଦୁଃଖ ଅନଳେ ।
ଅହା ପୋଡ଼ଯାଉ ବିଧି ନିୟମ,
ପରାଧୀନ ଜନ୍ମ ନାରୀ କରମ ।
ସ୍ୱାଧୀନତା ଥିଲେ ମୋର ଯେ ।
ଦୁଃଖୀଥାନ୍ତି ତବ ଚରଣ ସେବାରେ ଲାଗିରହି ନିରନ୍ତର ଯେ । (୨)
ପୁରୁଷ ଗୃହିଁଲେ ଶତ ସୁନ୍ଦରୀ,
ନିଜ ପସନ୍ଦରେ ନେବେ ଆଦରି ।
ମାତ୍ର ନାରୀଙ୍କର ଏକମାତର,
ସ୍ୱାମୀ ହେବ ତାହା ବାଛିବେ ପର ।
କେଡ଼େ ଅନ୍ୟାୟ ବିଚାର ଯେ ।

Digitized by PPRACHIN, SOA

ନିଜ ପସନ୍ଦର ସ୍ୱାମୀଙ୍କି ବରିବା ନାହିଁ ନାରୀ ଅଧିକାର ଯେ । (୩)
ଦମୟନ୍ତୀ ସୀତା ଖୋଦେଜା ସତୀ, (୧)
ସାବିତ୍ରୀ ପଦ୍ମିନୀ ଆଦି ଯୁବତୀ ।
ନିଜ ପସନ୍ଦରେ ଚଳିଣ ପତି,
ତାଙ୍କଭି ସବିଶ ପ୍ରେମରେ ମାତି ।
ଆନେ ଦେଲେ ନାହିଁ ମତି ଯେ ।
ତେଣୁ ସତୀ ଶ୍ରେଷ୍ଠା ବୋଲିଣ ଜଗତେ ହେଉଛି ତାଙ୍କ ସୁଖ୍ୟାତି ଯେ ।
ସ୍ୱୟମ୍ବର ପ୍ରଥା ଯେ ଦିନୁ ଗଲା,
ନାରୀ ସମାଜରେ ପାପ ଘୋଟିଲା ।
ଇଚ୍ଛା ଅନୁରୂପ ପତିଙ୍କୁ ଛାଡ଼ି,
ପର ନିର୍ବାଚିତ ପୁରୁଷେ ପଡ଼ି ।
ତୃପ୍ତ ନୋହେ ନାରୀ ମନ ଯେ ।
ପତିପତ୍ନୀ ପରସ୍ପରେ ମନାନ୍ତର ଲାଗିଥାଏ ଅନୁକ୍ଷଣ ଯେ । (୫)
ଆନନ୍ଦେ ବରିଲି ତୁମ୍ଭଙ୍କୁ ବର,
ଲୋକ ଲଜ୍ଜା ଭୟେ ଥରେ ଅନ୍ତର ।
ଜନକ ଜାଣିଲେ ମୋର ଏ ଗୁଣ,
ସନ୍ତୋଷ ହେବେ କି ରାଗିବେ ପୁଣ,
ଯାହା ହେବ ହେଉଥାଉ ଯେ ।
ତୁମ୍ଭର ରମଣୀ ହେବି ଏହି ବ୍ରତେ ଜୀବ ରହୁ ଅବା ଯାଉ ଯେ । (୬)
ବିନା ବଳଲାରେ ନିଜ ଇଚ୍ଛାରେ,

(୧) ଏ ମହାତ୍ମା ମହମ୍ମଦଙ୍କର ପ୍ରିୟତମା ପତ୍ନୀ, ନିଜର ପତିବ୍ରତା ଗୁଣ-ନିମିତ୍ତ ଆରବରେ ବିଖ୍ୟାତ, ସେ ଏପରି ସ୍ୱାମୀଭକ୍ତା ଥିଲେ ଯେ, ମହମ୍ମଦଙ୍କର ପରିତୋଷ ନିମିତ୍ତ ନିଜର କୋଟି୨ ଟଙ୍କାର ପୈତୃକ ସମ୍ପତ୍ତି ଦରିଦ୍ରମାନଙ୍କୁ ବଣ୍ଟନ କରି ଖଣ୍ଡେ ଚଟିକମ୍ବଳ ପରିଧାନ-ପୂର୍ବକ କ୍ରମାନ୍ୱୟରେ ତିନି୨ ଦିନ ଉପାସ ଥାଇ ସ୍ୱାମୀ ସହିତ ଈଶ୍ୱର-ଉପାସନାରେ କାଳକ୍ଷେପଣ କରୁଥିଲେ ଏବଂ ସ୍ୱାମୀଙ୍କ ସନ୍ତୋଷ ନିମିତ୍ତ ଏହି କଷ୍ଟାଳୁ କଷ୍ଟ ବୋଲି ମଣୁ ନ ଥିଲେ ।

Digitized by PPRACHIN, SOA

ମନ ପ୍ରାଣ ଦେଇ ତୁମ୍ଭ ଠାରେ ।
ଟଳିଲେ ଟଳିବ ଅଟଳ ଗିରି,
କିନ୍ତୁ ନ ଟଳିବ ଗିରି ମୋହର ।
ପୁଣି ମୁଁ କରୁଛି ସତ୍ୟ ଯେ ।
ସାଧ୍ୱୀ ଶ୍ରେଷ୍ଠା ହେବି ସାଦରେ ପାଳଣ ପତିବ୍ରତା ମହାବ୍ରତ ଯେ । (୭)
ହରଷରେ ନାଥ, ହଅ ମେଲାଣି,
ଜୀବ ଥିଲେ ଦେଖା କରିବ ପୁଣି ।
ତୁମ୍ଭର ପବିତ୍ର ପ୍ରେମ ବନ୍ଧନେ,
ବନ୍ଧା ହେଲି ଦାସୀ ଜାଣିବ ମନେ ।
ଏକଥା ଭୁଲିବ ନାହିଁ ଯେ ।
କୌଳିକ ସମ୍ମାନ ଜାତୀୟ ଗୌରବ ଖଣ୍ଡିଲି ତୁମ୍ଭର ପାଇଁ ଯେ । (୮)
ଏତେ କହି ପ୍ରିୟା ହେଲେ ଅନ୍ତର,
ବିରହେ ବ୍ୟାକୁଳ ହେଲା ଅନ୍ତର ।
ଏକଧ୍ୟାନେ ଥିଲି ଉଆସେ ଚାହିଁ
ପଳାଯିବାନେ ପାଦ ଚଳିଲା ନାହିଁ ।
ବହୁକ୍ଷଣେ ହେଲା ଜ୍ଞାନ ଯେ ।
ଜୀବନ ଭୟରେ ଉଦ୍ୟାନୁ ପଳାଇ ଗଲି ନିଜକର୍ମ ସ୍ଥାନ ଯେ । (୯)

ଏଥର କର୍ତ୍ତବ୍ୟକର୍ମରେ ଆଦୌ ମନ ଲାଗିଲା ନାହିଁ । ସବୁବେଳେ ସୁନ୍ଦରୀର ଚାରୁ ବଦନ ଓ ସୁମିଷ୍ଟ ବଚନ ମନେ ପଡ଼ି ମନ ଉଚ୍ଚାଟନ କରୁଥିଲା । ପ୍ରେୟସୀର ପ୍ରେମୋପହାର ଅର୍ଥାତ୍ ମିଳନ ସମାଚାର ପାଇବା ଅପେକ୍ଷାରେ ତିନିଦିନ ଅଧୈର୍ଯ୍ୟ ଭାବରେ ଯାପନ କଲି, ମାତ୍ର ମନ୍ଦାଦୃଷ୍ଟ ବଶତଃ କୌଣସି ସୁସମାଚାର ନ ପାଇ ବରଂ ଚତୁର୍ଥ ଦିନ ରାଜକୁମାରୀ ଅତ୍ୟନ୍ତ ପୀଡ଼ିତା ଥିବାର ଅମଙ୍ଗଳ ଖବର ଶୁଣି ଅତ୍ୟନ୍ତ କାତର ହୋଇ ତାହାର ଶୀଘ୍ର ଆରୋଗ୍ୟ ନିମିତ୍ତ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବାକୁ ଲାଗିଲି । ବର୍ତ୍ତମାନ ମୋହର ଅଦୃଷ୍ଟ ସମ୍ପୂର୍ଣ୍ଣ ଦୁର୍ଦ୍ଦଶା-ଗ୍ରସ୍ତ, ସୁନା ଛୁଇଁଲେ ତାମ୍ବା ହୁଆ ହେଉଥିଲା । ମୋହର ରାଜକୁମାରୀ-ନିମିତ୍ତ ଆରୋଗ୍ୟ କାମନା ଶୀଘ୍ର ବିପରୀତ ଫଳ ଜନମାଇଲା, ଅର୍ଥାତ୍

Digitized by PPRACHIN, SOA

ତାହାର ପରଦିନ ଅତ୍ୟନ୍ତ ଦୁଃଖର ସହିତ ଶୁଣିଲି ଯେ, ରାଜବାଳା ମାନବଲୀଳା ସମ୍ବରଣ କଲେ । ଏହି ଦୁଃଖ ଜନକ ବାର୍ତ୍ତା ଶୁଣି ମୁଁ କାତର ସହିତ କ୍ରନ୍ଦନ କରିବାକୁ ଲାଗିଲି । ଅଳ୍ପକ୍ଷଣପରେ ସାହାଜାଦୀର ଶବ ସମାଧି କରିବାର ଆଜ୍ଞା ପ୍ରଚାରିତ ହୁଅନ୍ତେ ମନ୍ତ୍ରୀ ସନ୍ତ୍ରୀ (୧) ହାକିମ ହୁକମା, ଆମୀରଠାରୁ ସରକାରୀ ଶ୍ରେଷ୍ଠ ଚାକରାଣୀ ପର୍ଯ୍ୟନ୍ତ ସମସ୍ତେ ମୁଣ୍ଡରୁ ଅଣ୍ଟା ପର୍ଯ୍ୟନ୍ତ କଳା ବସ୍ତ୍ର ଦେଲେ ଏବଂ ଶବ ବାହାରକୁ ଆସନ୍ତେ ନଗ୍ନପାଦରେ ମୁଖ,ଛାତି ଏବଂ ହୃଦୟ ଚିରି ହା ହା ରବ କରି ଶବର ଆଗେ ଗମନ କଲେ । ମୁଁ ମଧ୍ୟ ସେମାନଙ୍କର ସଙ୍ଗେ ଥିଲି, ଅକୃତ୍ରିମ ଶୋକ-ଯୋଗେ ମୋହର ଦଶା ସମସ୍ତଙ୍କ ଅପେକ୍ଷା ଅଧିକ ମନ୍ଦ ହୋଇଥିଲା । ପ୍ରିୟାର ମରଣ ହେତୁ ମୁଁ ଅତି ଦୁଃଖିତ ହୋଇ ସମସ୍ତ ଶରୀର ଚିରି ପକାଇବାରୁ ସେଥିରୁ ଝର ଝର ହୋଇ ରକ୍ତ ଝରିବାକୁ ଲାଗିଲା । ଆମ୍ଭମାନଙ୍କ ପଛରେ ଉଚ୍ଚପଦସ୍ଥ ମୌଲବୀ ଓ ପୁରୋହିତ ଗଣ ରାଜ-କନ୍ୟାର ଶୋକରେ ରଚିତ ନାମ୍ଭ ଗଜଲ୍‌ଟି ଗାନ କରି ଶୋକର ପରିମାଣ ଶତଗୁଣ ବର୍ଦ୍ଧନ କରୁଥିଲେ, ଉକ୍ତ ଗଜଲ ଅନୁବାଦ କରୁଅଛି ସେଥିରୁ ସେ ଦିନର ଦୁଃଖ ବିବରଣ ପାଠକଙ୍କର ସମ୍ପୂର୍ଣ୍ଣ ହୃଦୟଙ୍ଗମ ହେବ ।

ଗଜଲ୍

ସାହାକ କଯ୍ୟାଲଖୋଲଖୋ ମେଁ ଅହେଓ୍ୟାଲ୍ ବେକରାରୀ,
ହୋଗଇର୍ କେ ଗମ୍‌ମେଁ କଏସା ହଯ୍ୟେ ଉନ୍‌କାହାଲ୍ ଖ୍ୱାରୀ ।
ବେଗମ୍ କ ହାଲେ ଅବତର୍ ଗମ୍‌ମେଁ ହୋଇହଯ୍ୟେ ଏକବାର୍,
ଗଡ଼କର୍ ଯମୀନ୍‌କେଉପର କରତୀହେଁ ଅହୋଜାରୀ ।
ମାତମ୍ ମେଁ ମୋଯ୍ୟେସରକୁ କ ହ୍ୱେଁ ପେଚେରସା ସୋ ଏଲ,
ହଯ୍ୟେଗମ୍‌କେମେଁ ଉନ୍ ସବ୍‌କୀ କେ ଅଖୋଁ ସେ ଖୁନେ ଜାରୀ ।
ଦେଖଲାକେ ଦରଦେ ଦଲକୋ କହେତହେଏ କୋଇନାରୀ
ମେଁ ଯ ଓଁ ଉସଦେଉଅର ଯୀଯାଏ ମେରୀ ପିଆରୀ ।
ଦେଖା ଯାନାଜା ଯିସନେ ବୋଲ୍ଲୁ ପୁକାର କରକେ,

---

(୧) ସନ୍ତ୍ରୀ—ପ୍ରହରୀ

Digitized by PPRACHIN, SOA

ହୁମୀଦେହଲ କ ଲେକର ପାଣ୍ଡହସ୍ତେ ଏ ବିଗ୍ରିସ୍ତ ।
କସ୍ୟାଖୁବେନଓ-ପଓ୍ୱାନ ଥି ଇସ୍କ ହାସ୍ତେ ଅପ୍ସୋଷ୍
କ୍ଷସ୍କ ବୂରନପଇନେ ହସ୍ତେ ଇସ୍କୁ ପାନ୍ସେ ମାସ୍ତ ।
ମେର ଖ ଶ୍ରବେହାଲତ ଯେ ଦେଖେତେ ତୁମ୍ ଉସ୍ତୁ ଅଖାତ,
ଅଫ୍ସୋଷ୍ କରକେ କହେତ୍ କର ଗହେମ୍ ଇସ୍ପେବାସ୍ତ ।
ଉଦ୍ହନ କହାଲ୍ ତୁମସେ କ । ମେଁ ଜଲଲ୍ ବୋଲେଁ,
କାହେତା ଥା ସେ୍କେ ହକଶା ହାଃ ମର୍ଗଇ କୁମାସ୍ତ ।

ସେମାନଙ୍କ ପଛରେ ରାଜବଂଶୀୟ ଯୁବକଙ୍କର କାନ୍ଧରେ ଶବ ସିନ୍ଧୁକ ଥିଲା । ଶବର ପଛରେ ଦଳେ୨ ନାରୀ ନଗ୍ନରେ ହେଦ ଚସ୍ତ ହା କୁମାସ୍ତ ହା କୁମାସ୍ତ ଶବ୍ଦ କରି ଚାଲୁଥିଲେ ଏହିଭାବରେ ଗୋରସ୍ଥାନକୁ ଗଲା, ତତ୍ପରେ କଣ ହେଲା ମୋତେ ଜଣାନାହିଁ । କାରଣ ମୋତେ ସର୍ବାପେକ୍ଷା ଅଧିକ କାତର ଏବଂ ମୋହର ସର୍ବ ଶରୀର ରୁଧିରମୟ ଦେଖି ଉଦ୍ୟାଧକ୍ଷ ମୋତେ ଡାକ୍ତରଖାନାକୁ ପଠାଇଦେଲେ । ସେଠାରେ ଔଷଧ ଦ୍ୱାରା ମୋହର ଶରୀର ଆରୋଗ୍ୟ ହେଲା ସତ, ମାତ୍ର ହୃଦୟବେଦନା ଅଧିକତର ପ୍ରବଳହୋଇ ମୋତେ ଦୁର୍ବଳ କରି ପକାଇଲା । ମୁଁ ଶେଯରେ ନିଶ୍ଚେଷ୍ଟଭାବରେ ପଡ଼ି ରାଜକନ୍ୟାର ଅନୁପମ ପ୍ରେମ ଓ ଅସାଧାରଣ ସଦ୍‌ଗୁଣ ମନେକରି ସବୁବେଳେ ଝୁରି ହେଉଥାଏଁ । ରୁଧିର ମୋହର ଶରୀରରୁ ବହିବାର ବନ୍ଦ ହୋଇ ଚକ୍ଷୁରୁ ଅଶ୍ରୁରୂପେ ସବୁବେଳେ ବହୁଥାଏ । ଏହିପରି ଗଭୀର ଶୋକରେ ଅଧୈର୍ଯ୍ୟ ଭାବରେ ଦୁଇ ତିନିଦିନ ଅତିକଷ୍ଟରେ କଟାଇଲି, ମାତ୍ର ମନର ବ୍ୟାକୁଳତା ଯୋଗେ ଆଉ ସେଠାରେ ରହି ନ ପାରି ଅନ୍ୟସ୍ଥାନକୁ ଯିବାପାଇଁ ରାତ୍ର ସମୟରେ ସେଠାରୁ ବାହାରି ପ୍ରଥମେ ପ୍ରିୟାର ମିଳନ ସ୍ଥାନ ଉଦ୍ୟାନକୁ ଯାଇ ଧୈର୍ଯ୍ୟ ଧରି ନ ପାରି ସୁନ୍ଦରୀର ଗୁଣ ବଖାଣି ନାରୀଙ୍କ ପରି ବାହୁନି କହିଲି, ଗୋ ରାଜନନ୍ଦିନି, ତୁମ୍ଭେ ଦାସର ଉଚ୍ଛାଭିଲାଷ ପୂରଣ କରିବାକୁ ଆଶ୍ୱାସ ଦେଇ ବିନାଦୋଷରେ ନିରାଶ କରି କେଉଁଠାରେ ଲୁଚି ରହିଲ । ଗୋ ପ୍ରେୟସି ତୁମ୍ଭେ ଅପରିଚିତ ସମୟେ ଆପଣା ରାଜ୍ଜ ଝୁରିରେ ଅସି ମୋ ସଙ୍ଗେ ମିଶି କେତେ ମନ ତୋଷେ ମଧୁର କଥା ଭାଷି ଅସୀମ-

Digitized by PPRACHIN, SOA

ଦୟା ପ୍ରକାଶିଥିଲ, ପୁଣି ଏ ଦାସର କି ଦୋଷ ଦେଖି ହଠାତ୍ ରୁଷି ବସିଲ । ହେ ସୁନ୍ଦରି ଦାସର ବିନୟ ଶୁଣି ଦୟାଙ୍କରି ଆଉ ଥରେ ମାତ୍ର ଦେଖାଦେଇ ସକଳ ଯାତନା ଦୂର କର । ହେ ରାଜସୁତା, ତୁମ୍ଭେ ନରେନ୍ଦ୍ର ପୂଜିତା ହେବ ଏ ଅକିଞ୍ଚନ ସଙ୍ଗେ ମିଶି ଆପଣାକୁ ଦୂଷିତା କରନା ବୋଲି କେତେ ବୁଝାଇଥିଲି, ମାତ୍ର ତୁମ୍ଭେ ପ୍ରଥମେ ମୋହର ମନା ନ ମାନି ପ୍ରଣୟପୂର୍ଣ୍ଣ ଛଳନାଦ୍ୱାରା ମୋତେ ପ୍ରେମ କଣାଦାସ କରି ଶେଷରେ ମୋ ସଙ୍ଗେ ପ୍ରେମ କରିବା ଅପମାନର କଥା ବିଚାରି ଦଗା କଲ ପରି ? ହେ ରୂପବତି ! ତୁମ୍ଭର ଏ ବିବେଚନା ଯୁକ୍ତିସଙ୍ଗତ ଅଟେ, ସେଥିରେ ମୋହର ଆପତ୍ତି ନାହିଁ, କେବଳ ଏତିକି ପ୍ରାର୍ଥନା କରୁଅଛି ଯେ, ଥରେ ମାତ୍ର ଦେଖାଦେଇ ସ୍ୱଗୁରୁ ରୂପରେ ଦେଖାଇ, ସୁମଧୁର ଦୁଇ ଚାରିଟି କଥା କହି ବିଦାୟ କର, ମୁଁ ସକଳ ଦୁଃଖହାରୀ ସେହି ମୁଖଶ୍ରୀ ଦର୍ଶନ କରି ସମସ୍ତ ଚିନ୍ତା ପାଶୋରି ହୃଷ୍ଟମନରେ ବୈରାଗ୍ୟ ବେଶରେ ବନକୁ ଗମନ କରିବି । ଅଗୋ ଗୋରି ତୁମ୍ଭେ ଶୀଘ୍ର ପ୍ରେମର ଚିହ୍ନ ପଠାଇବ ବୋଲି ଅଙ୍ଗୀକାର କରିଥିଲ, ତାହା କି ପାଶୋରି ଗଲ ନା ସମ୍ଭବତଃ ତାହା ନୁହେଁ ମହତ୍‌ଜନମାନଙ୍କର ବଚନ ଅଟଳ ଅଟେ, ସେ ତାହା ପାଳନ ନିମିତ୍ତ ପ୍ରାଣପଣେ ଯତ୍ନ କରନ୍ତି, ନ ପାରିଲେ ପ୍ରାଣ ସୁଦ୍ଧା ହରାନ୍ତି । ତୁମ୍ଭେ ପ୍ରେମୋନ୍ମତ୍ତା ହୋଇ ମୋତେ ନିଜ କାନ୍ତ କରିବାକୁ ସତ୍ୟ କରିଥିଲ ମାତ୍ର ଶେଷରେ ତାହା ସମ୍ପନ୍ନ କରିବାକୁ ଅଶକ୍ତ ହୋଇ ନିଶ୍ଚୟ ପ୍ରାଣ ଉତ୍ସର୍ଗ କରିଅଛ । ହାୟ ! ମୋହର ମନ୍ଦାଦୃଷ୍ଟ ଯୋଗେ ଏହି ଅନିଷ୍ଟ ଜାତ ହୋଇଅଛି ସୁତରାଂ ମୁଁ ହତଭାଗାର ଏଠାରେ ଆଉ ରହି ଏହି ପୋଡ଼ା ମୁହଁ କାହାରିକୁ ଦେଖାଇବାର ଦରକାର ନାହିଁ । ହେ ସୁମୁଖି ତୁମ୍ଭର ଆତ୍ମାର ସଦ୍‌ଗତି ଓ ପରକାଳରେ ତୁମ୍ଭ ସହିତ ପୁନର୍ମିଳନ-କାମନାରେ ପରମାତ୍ମାଙ୍କୁ ଅର୍ଚ୍ଚନା କରିବା ନିମିତ୍ତ ଯାଉଅଛି । ଏହା କହି ସେଠାରୁ ବାହାରିଲି ମାତ୍ର ଏତାଦୃଶ ଶୋକାକୁଳ ହୋଇଥିଲି ଯେ, କେଉଁ ଠାକୁ ଯାଉଛି ନ ଜାଣି ଅନିଶ୍ଚିତ ଭାବରେ ଗମନ କରୁଥିଲି । ଏହି ଭାବରେ ସମସ୍ତ ଶର୍ବରୀ ଗମନ କରି ସକାଳେ ବିଶ୍ରାମ ନିମିତ୍ତ ଗୋଟିଏ ବୃକ୍ଷ ମୂଳରେ ବସି ଶୀତଳ ବାୟୁ ସେବନ କରିବାକୁ ଲାଗିଲି । କିୟତ୍-

Digitized by PPRACHIN, SOA

କ୍ଷଣ ପରେ ଜୀର୍ଣ୍ଣ ଓ ମଳିନ ବସ୍ତ୍ରାଚ୍ଛାଦିତ ଯଷ୍ଟାଧୃତ ଜଣେ ଯୁବା ପୁରୁଷ ମୋ ନିକଟରେ ଉପସ୍ଥିତ ହୋଇ ଗୋଟିଏ ତାଳମ୍ବ ମୋ ହସ୍ତରେ ଦେଇ କିଛି ପାଇବା ଆଶାରେ ନମ୍ରଭାବ ବିଶିଷ୍ଟ ପାରସୀ ଗୀତ ଗାନକଲା ।

ଗୀତ

ଅଟେ ଏ ସଂସାର ଅନିତ୍ୟ ଅସାର
କେବଳ ଦୁଃଖ ଭଣ୍ଡାର,
ଏଥି ମଧ୍ୟସ୍ଥିତ ସକଳ ଅସ୍ଥିର
କିଛିହିଁ ନୁହେ କାହାର ।
କାଲି ଥିଲା ଯାହା ଆଜି ଖୋଜ ଆହା
ମିଳୁନାହିଁ ତା ସନ୍ଧାନ,
ଏ ଭଳି ଅନିତ୍ୟ ସଂସାରେ ମଗନ
ହୁଅନ୍ତି ମୂର୍ଖ ଅଜ୍ଞାନ ।
ଜ୍ଞାନୀ ଜନଗଣ ଦେଖି ଅସ୍ଥିରତା
କରନ୍ତି ନାହିଁ ମମତା,
ଉଦାସୀନ ହୋଇ ଏଥୁଁ ଦୂରେ ରହି
ଭଜନ୍ତି ସଦା ବିଧାତା ।
ନ ପଡ଼ ସଂସାର ମାୟାରୂପ ଜାଲେ
ଶେଷେ ହେବ କଲବଲ,
ଥରେ ପଡ଼ିଗଲେ ନ ହେବ ଉଦ୍ଧାର
ଲଗାଇବ ଯେତେ ବଳ ।
ଭବ ମହାର୍ଣ୍ଣବ ଅଟଇ ଅପାର
ଦେଖାଯାଉନାହିଁ ପାର,
ଲୋଭ, ମୋହ,ମଦ ହିଂସା କ୍ରୋଧ ରୂପେ
ବହେ ତହିଁ ଯେ ସମୀର ।

କ୍ରମଶଃ

ଏହିଠାରୁ କରିଲି କ୍ରମଶଃ, ତୃତୀୟ ଖଣ୍ଡେ ଚାହିଁ ବସ ।
ଯେଉଁଥିରେ ହେବ ବହୁ ଶେଷ, ତା ପଢ଼ି ଲଭିବ ସନ୍ତୋଷ ।

Digitized by PPRACHIN, SOA

ବିଜ୍ଞାପନ ।

ସ୍କୁଲ୍ ଯୋଗ୍ୟ ପୁସ୍ତକାବଳୀ ।

ଧାତ୍ରୀପ୍ରଣାଳୀ	ଟ ୦।୵	ଗଳ୍ପସ୍ୱଳ୍ପ ୧ମ ଭାଗ	ଟ ୧୲
ଉତ୍କଳକାହାଣୀ	ଟ ୦୳	,, ୨ୟ ଭାଗ	ଟ ୧୲
ଅଦର୍ଶନାରୀ	ଟ ୦।୵	ଛମାଣ ଆଠଗୁଣ୍ଠ	ଟ ୧୲
ଧ୍ରୁବଚରିତ	ଟ ୦।	ଲଛମା	ଟ ୧୲
ଉତ୍କଳଲକ୍ଷ୍ମୀ	ଟ ୦।	ପ୍ରାୟଶ୍ଚିତ୍ତ	ଟ ୧୲
ଅଯୋଧ୍ୟାଦୃଶ୍ୟ	ଟ ୦।	ଗ୍ରନ୍ଥୋପଯୋଗୀ ଉପକଥା	ଟ ୦୴
ଅହଲ୍ୟାସ୍ତବ	ଟ ୦/	ଫୁଲ	ଟ ୦୵
ପ୍ରଣୟବଲ୍ଲରୀ	ଟ ୧।	ଦୂନମୂଷିକୋଦ୍ଭବ	ଟ ୦୵୬
ତପସ୍ୱିନୀ	ଟ ୧୲	ପୁଷ୍ପମାଳା	ଟ ୦୳୵
କନକଲତା	ଟ ୦୳୵	ପୂଜାଫୁଲ	ଟ ୦।/
ତରଙ୍ଗିଣୀ	ଟ ୦୵	ଫକୀରମୋହନଙ୍କ ଜୀବନୀ	ଟ ୧।
କଥାଲହରୀ	ଟ ୦୳୶	ବୌଦ୍ଧାବତାର	ଟ ୧।
ଜୟଦ୍ରଥ ବଧ	ଟ ୦।/	ମାମୁଁ	ଟ ୧୴
ସିଦ୍ଧିସୋପାନ	ଟ ୦୳	ସମବାୟ ଋଣସମିତି	ଟ ୦୶
ଜନନୀ	ଟ ୦୳	ମଧୁସୂଦନ ଗ୍ରନ୍ଥାବଳୀ	ଟ ୦୲
ବୈଜ୍ଞାନିକପ୍ରଶ୍ନ	ଟ ୦୵	ପ୍ରବନ୍ଧମାଳା	ଟ ୦୳
କାଳିଦାସଙ୍କଥା	ଟ ୦।	ବସନ୍ତଗାଥା	ଟ ୦।
ନୂପୁର	ଟ ୧୲	କୁସୁମାଞ୍ଜଳି	ଟ ୦।/
ବ୍ରହ୍ମଚର୍ଯ୍ୟ	ଟ ୦୳୵	ଶକୁନ୍ତଳା	ଟ ୦୳
ସଂଯମସାଧନା	ଟ ୦୳	ଷର୍ମିଷ୍ଠା	ଟ ୦।୵
ଅବସରବାସରେ	ଟ ୧୳	ଗୁଲେଲ୍ ବର୍ଣ୍ଣେଲ୍	ଟ ୦୳
ଉତ୍କଳ ଭ୍ରମଣ	ଟ ୦।	ନୀତିମଞ୍ଜରୀ	ଟ ୦।
କିଲଦରବଂଶ	ଟ ୦୧୲	ଧର୍ମପଦ	ଟ ୦୶

ପ୍ରାପ୍ତିସ୍ଥାନ:—ଶ୍ରୀରାଧାରମଣ ପୁସ୍ତକାଳୟ,

କାଲୁବଜାର, ପୋଃ ଅଃ ଗୃହନୀଟୌଳ, କଟକ ।

Printed by H.M. Dutta, Dutta Press, Cuttack

Digitized by PPRACHIN, SOA